# ଧରିତ୍ରୀ
DHARITRI

୪୭

ଭୁବନେଶ୍ୱର, ବୁଧବାର, ନଭେମ୍ବର ୨୫/୨୦୨୦ (୧୬ ପୃଷ୍ଠା) | Bhubaneswar, Wednesday, November 25/2020 | ★★★★★★

୪୭ଶ ଭାଗ ୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-


# ନ୍ୟାୟ ନ ପାଇଲେ ଆତ୍ମାହୁତି

## ପରୀ ପାଇଁ ନ୍ୟାୟ ଭିକ୍ଷା

**ଭୁବନେଶ୍ୱର,୨୪।୧୧(ବ୍ୟୁରୋ)**

ଆମ ୫ବର୍ଷର ଝିଅକୁ ମାରିଦେଲେ। ତା’ ଆଖି, କିଡ୍‌ନୀ କାଢ଼ିନେଲେ। ଘଟଣାକୁ ୫ମାସ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ପୋଲିସ ଜାଣିଶୁଣି ଗିରଫ କରୁନାହିଁ। ଝିଅକୁ ନ୍ୟାୟ ନ ମିଳିବାରୁ ଆମେ ଆତ୍ମାହୁତି କରୁଛୁ ବୋଲି କହି ମଙ୍ଗଳବାର ବିଧାନସଭା ବାହାରେ ଦେହରେ କିରୋସିନ ଢାଳି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି ନୟାଗଡ଼ ଜିଲା ଯଦୁପୁର ଅଞ୍ଚଳର ଦମ୍ପତି ଅଶୋକ ସାହୁ ଏବଂ ସୌଦାମିନୀ। ଉଚ୍ଚ ସୁରକ୍ଷା ବଳୟ ମଧ୍ୟରେ ବିଧାନସଭା ଶୀତ ଅଧିବେଶନ ଚାଲିଥିବାବେଳେ ଦମ୍ପତିଙ୍କ ଆତ୍ମାହୁତି ଉଦ୍ୟମ ସମସ୍ତଙ୍କୁ ଚକିତ କରିଦେଇଛି। ତେବେ ଉପସ୍ଥିତ ପୋଲିସ ତତ୍‌କ୍ଷଣାତ୍ ଉଭୟଙ୍କୁ ଉଦ୍ଧାର ☞ପୃଷ୍ଠା-୪

## ଆଜି ବିବୃତି ରଖିବେ ଗୃହ ରାଷ୍ଟ୍ରମନ୍ତ୍ରୀ

**ଭୁବନେଶ୍ୱର,୨୪।୧୧(ବ୍ୟୁରୋ)**

ଶୀତକାଳୀନ ଅଧିବେଶନ ଚାଲିଥିବାବେଳେ ମଙ୍ଗଳବାର ବିଧାନସଭା ମୁଖ୍ୟ ଫାଟକ ଆଗରେ ନୟାଗଡ଼ ଜିଲା ଯଦୁପୁର ଅଞ୍ଚଳର ଏକ ଦମ୍ପତି ଆତ୍ମାହୁତି ଉଦ୍ୟମ କରିଛନ୍ତି। ୫ବର୍ଷର ଝିଅକୁ ହତ୍ୟା କରାଯିବା ଘଟଣାରେ ଅଭିଯୁକ୍ତଙ୍କୁ ମନ୍ତ୍ରୀ ଅରୁଣ କୁମାର ସାହୁ ସୁରକ୍ଷା ଦେଉଥିବା ଉକ୍ତ ଦମ୍ପତି ଅଭିଯୋଗ କରିବା ପରେ ଘଟଣାକୁ ନେଇ ଏବେ ରାଜନୀତି ଜୋର ଧରିଛି। ☞ପୃଷ୍ଠା-୪



ବିଧାନସଭା ସମ୍ମୁଖରେ ଆତ୍ମାହୁତି ଉଦ୍ୟମ କରିଥିବା ନୟାଗଡ଼ ଜିଲା ଯଦୁପୁର ଅଞ୍ଚଳର ଦମ୍ପତି ଅଶୋକ ସାହୁ ଏବଂ ସୌଦାମିନୀ।






## ଆଉ ୪୩ ଆପ୍ ବ୍ୟାନ୍

**ନୂଆଦିଲ୍ଲୀ,୨୪।୧୧**

ଦେଶର ସଂହତି ଏବଂ ସାର୍ବଭୌମତ୍ୱ ପ୍ରତି ବିପଦ ସୃଷ୍ଟି କରୁଥିବା ୪୩ ବିଦେଶୀ ମୋବାଇଲ ଆପ୍ଲିକେଶନକୁ ସରକାର ମଙ୍ଗଳବାର ବ୍ୟାନ୍ କରିଛନ୍ତି। ଇଲେକ୍‌ଟ୍ରୋନିକ୍ସ ଏବଂ ଇନ୍‌ଫରମେଶନ ଟେକ୍ନୋଲୋଜି ମନ୍ତ୍ରଣାଳୟ ପକ୍ଷରୁ ଏଭଳି କଠୋର କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଛି। ବ୍ଲକ୍ ହୋଇଥିବା ଆପ୍‌ଗୁଡ଼ିକ ମଧ୍ୟରେ ଆଲିବାବା ୱାର୍କବେଞ୍ଚ, ଆଲି ଏକ୍ସପ୍ରେସ, ଆଲିପେ କ୍ୟାଶିଅର, କ୍ୟାମ୍‌କାର୍ଡ ଏବଂ ୱିଡେଟ୍ ସାମିଲ ରହିଛି। ଏହି କାର୍ଯ୍ୟାନୁଷ୍ଠାନ ନେଇ ଲୋକମାନଙ୍କୁ ଅବଗତ କରାଯାଇଛି। ଇଣ୍ଡିଆନ ସାଇବର କ୍ରାଇମ କୋଅର୍ଡିନେଶନ ସେଣ୍ଟର ଏ ସଂକ୍ରାନ୍ତ ଏକ ବିସ୍ତୃତ ରିପୋର୍ଟ ସରକାର ପ୍ରଦାନ କରିଛନ୍ତି। ଚଳିତ ବର୍ଷ ଜୁନ ୨୯ରେ ପ୍ରଥମେ ୯ ଚାଇନା ଆପ୍ ବିରୋଧରେ ସରକାର ବ୍ୟାନ୍ ଲଗାଇଥିଲେ। ସେହିଭଳି ସେପ୍ଟେମ୍ବର ୨ରେ ☞ପୃଷ୍ଠା-୪

## ମାଡ଼ିଗଲା ଡମ୍ଫର: ୬ ମୃତ

**ନୟାଗଡ଼ ଅଫିସ,୨୪।୧୧**

- ମୃତଦେହ ରଖି ରାସ୍ତାରୋକୋ
- ଶରଣକୁଳରେ ଉତ୍ତେଜନା

ନୟାଗଡ଼ ଜିଲା ଶରଣକୁଳଠାରେ ମଙ୍ଗଳବାର ଏକ ଡମ୍ଫର ପୃଥକ୍ ସ୍ଥାନରେ ଦୁର୍ଘଟଣା ଘଟାଇଛି। ଏଥିରେ ୬ଜଣଙ୍କର ମୃତ୍ୟୁ ଘଟିଛି। ସେମାନେ ହେଲେ ଶରଣକୁଳ ଗୁଡିଆସାହିର ରାଜେଶ ମହାପାତ୍ର (୧୭), ସୁଆରସାହିର ନୀଳକଣ୍ଠ ମହାରଣା (୮୦) ଓ ନାତୁଣୀ କାଜଲ ମହାରଣା (୧୫), ନରେନ୍ଦ୍ରପୁରର ସୁବାସିନୀ ସାହୁ (୪୨), ସରୋଜିନୀ ସାହୁ (୩୫) ଓ ପଦ୍ମଲୋଚନ ସାହୁ (୩୦)। ଏହା ଜଣାପଡିବା ପରେ ଶରଣକୁଳରେ ଉତ୍ତେଜନା ଦେଖାଦେଇଥିଲା। ଲୋକେ ନୟାଗଡ଼-ଓଡ଼ଗାଁ ରାସ୍ତାରେ ମୃତଦେହ ରଖି ଅପରାହ୍ନ ୩ଟାରୁ ରାସ୍ତାରୋକୋ କରିଥିଲେ। ଏହି ସୁଯୋଗରେ ☞ପୃଷ୍ଠା-୪

## ଲଗାତର ୫ ଦିନ ଲାଗି ତେଲ ଦର ବୃଦ୍ଧି

ପେଟ୍ରୋଲ ୬, ଡିଜେଲ ୧୭ ପଇସା ବଢ଼ିଲା



**ଭୁବନେଶ୍ୱର,୨୪।୧୧**

ପେଟ୍ରୋଲ ଏବଂ ଡିଜେଲ ଦର ବୃଦ୍ଧି ଲୋକଙ୍କ ଲାଗି ବର୍ତ୍ତମାନ ଚିନ୍ତାର କାରଣ ପାଲଟିଛି। ଗତ ୫ ଦିନ ହେବ ତେଲ ଦର ବୃଦ୍ଧି ଥମିବାର ନାଁ ନେଉନାହିଁ। ମଙ୍ଗଳବାର ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୬ ପଇସା ବୃଦ୍ଧି ପାଇ ୮୨.୧୯ ଟଙ୍କା ଛୁଇଁଛି। ସେହିଭଳି ଏଠାରେ ଡିଜେଲ ଦର ୧୭ ପଇସା ବଢ଼ିବା ଯୋଗୁ ଲୋକଙ୍କୁ ୭୭.୭୬ ଟଙ୍କା ଦେବାକୁ ପଡୁଛି। ଗତ ୨ ମାସ ହେବ ତେଲ ଦରରେ କୌଣସି ପରିବର୍ତ୍ତନ ହୋଇ ନ ଥିଲା। ☞ପୃଷ୍ଠା-୪

**ଆଇଆଇଏଫ୍‌ଏଲ୍ ଚୋରି ଘଟଣାରେ ସଂସ୍ଥା କର୍ମଚାରୀ ହିଁ ମୁଖ୍ୟ ଅଭିଯୁକ୍ତ!**





**ଆଜିର ସମ୍ପାଦକୀୟ**

ଗୋଟିଏ ପିଲା ପାଇଁ


# ସମ୍ପର୍କ ଲୁଚାଇବାକୁ ୫୦ କୋଟି

କୌଣସି ଦେଶର ପ୍ରିନ୍ସେସ୍ ବା ରାଜକୁମାରୀଙ୍କ କଥା ଶୁଣିଲେ ଆମକୁ ପରୀ ରାଇଜର କାହାଣୀ ଭଳି ଲାଗେ। ରାଜକୀୟ ପ୍ରାସାଦରେ ସେମାନଙ୍କ ଚାକଚକ୍ୟ ଓ ଆଡ଼ମ୍ବରପୂର୍ଣ୍ଣ ଜୀବନକୁ ନେଇ ଅନେକ ବିଷୟ ଜାଣିବା ପାଇଁ ମନରେ ଉତ୍କଣ୍ଠା ଓ ଉତ୍ସୁକତା ଜାଗ୍ରତ ହୋଇଥାଏ। ମନେହୁଏ ଯେପରି କି ଜଣେ ପ୍ରିନ୍ସେସ୍‌ଙ୍କ କୌଣସି ଅଭାବ ବା ଅସୁବିଧା ନ ଥିବ। ତେବେ ଆମ ଧାରଣାକୁ ଭୁଲ୍ ପ୍ରମାଣିତ କରିବା ଲାଗି ପର୍ଯ୍ୟାପ୍ତ ତଥ୍ୟ ନିକଟରେ ପ୍ରଘଟ ହୋଇଛି। ଜୋର୍ଡାନ ରାଜକୁମାରୀ ତଥା ଦୁବାଇ ଶାସକ ଶେଖ୍ ମହମ୍ମଦ ବିନ୍ ରସିଦ୍ ଅଲ୍ ମକ୍‌ତୁମଙ୍କ ଷଷ୍ଠ ସ୍ତ୍ରୀ ପ୍ରିନ୍ସେସ୍ ହୟା ବିଣ୍ଟ ହୁସେନ୍ ତାଙ୍କ ବ୍ରିଟିଶ୍ ବଡିଗାର୍ଡ ରସେଲ୍ ଫ୍ଲାୱାର୍ସଙ୍କୁ ପ୍ରେମ କରୁଥିଲେ। ଉଭୟଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ଗଢ଼ି ଉଠିଥିଲା। ଏହି ସମ୍ବନ୍ଧକୁ ଲୁଚାଇବାକୁ ଯାଇ ପ୍ରିନ୍ସେସ୍ ହୟା ରସେଲ୍ ଓ ଅନ୍ୟ ୩ ବଡିଗାର୍ଡଙ୍କୁ ପ୍ରାୟ ୫୦ କୋଟି ଟଙ୍କା ଲାଞ୍ଚ ଦେଇଥିଲେ। ଲଣ୍ଡନ ହାଇକୋର୍ଟରେ ପୂର୍ବତନ ସ୍ୱାମୀ ଶେଖ୍‌ଙ୍କ ବିରୋଧରେ ହୟାଙ୍କ ମାମଲା ଚାଲିଥିବାବେଳେ ଏହି ଗୁପ୍ତ କଥା ବାହାରକୁ ଆସିଛି।



ରସେଲ୍ ଫ୍ଲାୱାର୍ସ

ପ୍ରିନ୍ସେସ୍ ହୟା ବିଣ୍ଟ ହୁସେନ୍

## ବଡିଗାର୍ଡଙ୍କୁ ପ୍ରିନ୍ସେସ୍ ହୟା ଲାଞ୍ଚ ଦେଇଥିଲେ

**ଲଣ୍ଡନ,୨୪।୧୧**

୪୬ ବର୍ଷୀୟା ପ୍ରିନ୍ସେସ୍ ହୟା ବିଣ୍ଟ ହୁସେନ୍ ହେଉଛନ୍ତି ଜୋର୍ଡାନ୍ ରାଜା ହୁସେନ ଓ ତାଙ୍କ ତୃତୀୟ ସ୍ତ୍ରୀ କ୍ୱିନ୍ ଆଲିଆଙ୍କ ଝିଅ ତଥା କିଙ୍ଗ୍ ଅବ୍‌ଦୁଲ୍ଲା ଦ୍ୱିତୀୟଙ୍କ ସାବତ ଭଉଣୀ। ୧୯୭୪ ଜୁଲାଇ ୧୫ରେ ଜନ୍ମିତ ହୟା ଅକ୍ସଫୋର୍ଡ ୟୁନିଭର୍ସିଟିରୁ ପାଠପଢ଼ା ଶେଷ କରିଥିଲେ। ସେ ୨୦୦୦ ସିଡ୍‌ନୀ ସମର ଅଲିମ୍ପିକ୍ସରେ ଭାଗ ନେଇଥିଲେ। ଇଣ୍ଟରନ୍ୟାଶନାଲ ଫେଡେରେଶନ୍ ଫର୍ ଇକ୍ୱେଷ୍ଟ୍ରିଆନ୍ ସ୍ପୋର୍ଟ୍ସ (ଏଫ୍‌ଇଆଇ)ର ଦୁଇଥର ପ୍ରେସିଡେଣ୍ଟ ହୋଇଥିଲେ। ସେ ଅନେକ ଦାତବ୍ୟ କାର୍ଯ୍ୟକ୍ରମରେ ସମ୍ପୃକ୍ତ ରହିଥାନ୍ତି। ୨୦୦୪ ଏପ୍ରିଲ ☞ପୃଷ୍ଠା-୪




**ବିବାହ ଲାଗି ଧର୍ମ ପରିବର୍ତ୍ତନ ବିରୋଧରେ ଅଧାଦେଶକୁ ମଞ୍ଜୁରୀ**

ୟୁପି ସରକାର ବିବାହ ଲାଗି ଧର୍ମ ପରିବର୍ତ୍ତନକୁ ବିରୋଧରେ ଏକ ଚିଠା ଅଧାଦେଶକୁ ମଙ୍ଗଳବାର ମଞ୍ଜୁରୀ ଦେଇଛନ୍ତି। ଫଳରେ ଏହି ଆଇନ ଭାଙ୍ଗିଲେ ୧୦ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଭୋଗିବାକୁ ପଡ଼ିବ। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଥିବା ସରକାରୀ ମୁଖପାତ୍ର କହିଛନ୍ତି। ଲଭ୍ ଜିହାଦ୍‌କୁ ରୋକିବା ଲାଗି ହରିୟାଣା, ମଧ୍ୟପ୍ରଦେଶ ମଧ ଏଭଳି ଆଇନ ଆଣିବେ ।


# କ୍ଷମତା ହସ୍ତାନ୍ତର ପାଇଁ ଟ୍ରମ୍ପ୍ ରାଜି

ୱାଶିଂଟନ,୨୪।୧୧(ପି.ଟି.)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶେଷରେ ପ୍ରେସିଡେଣ୍ଟ ଇଲେକ୍ଟ ଜୋ ବାଇଡେନ୍‌ଙ୍କୁ କ୍ଷମତା ହସ୍ତାନ୍ତର ପାଇଁ ରାଜି ହୋଇଛନ୍ତି। ମିଶିଗାନ୍ ଷ୍ଟେଟ୍ ନିର୍ବାଚିତ ରାଷ୍ଟ୍ରପତି ବାଇଡେନ୍‌ଙ୍କୁ ବିଜୟୀ ଘୋଷଣା କରିବା ପରେ ଏହି ବରିଷ୍ଠ ଡେମୋକ୍ରାଟ୍‌ଙ୍କ ଶପଥ ଗ୍ରହଣ ପାଇଁ ପଥ ଉନ୍ମୁକ୍ତ ହୋଇଛି। ଟ୍ରାଞ୍ଜିଶନ ପାଇଁ ଟ୍ରମ୍ପ୍ ରାଜି ହେବା ନେଇ ଜେନେରାଲ ସର୍ଭିସେସ୍ ଆଡମିନିଷ୍ଟ୍ରେଶନ୍ (ଜିଏସ୍ଏ)

## ଟ୍ରାଞ୍ଜିଶନ ହେବ, ମାମଲା ବି ଚାଲିବ: ଟ୍ରମ୍ପ୍

ପକ୍ଷରୁ କରାଯାଇଥିବା ଘୋଷଣାର ଅର୍ଥ ହେଉଛି ବାଇଡେନ୍‌ଙ୍କୁ ଏବେ ସୁରକ୍ଷା ବ୍ରିଫିଙ୍ଗ୍ କରାଯିବ। ଜାନୁୟାରୀ ୨୦ରେ ବାଇଡେନ୍ ୪୬ତମ ରାଷ୍ଟ୍ରପତି ଭାବେ ଶପଥ ନେବା ପୂର୍ବରୁ ମଧ ସେ ପ୍ରୋଟୋକଲ ଅନୁସାରେ



ନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନ୍

ସରକାରୀ କାର୍ଯ୍ୟ ସମ୍ପାଦନ କରିପାରିବେ। ଏହି ନିଷ୍ପତ୍ତିକୁ ବାଇଡେନ୍ ଟିମ୍ ସ୍ୱାଗତ କରିଛି। ମହାମାରୀ ନିୟନ୍ତ୍ରଣ ଓ ଦେଶର ଅର୍ଥନୀତିକୁ ଟ୍ରାକ୍‌କୁ ଫେରାଇ ଆଣିବାରେ ଏହା ସହାୟକ ହେବ ବୋଲି ଏକ ବିବୃତିରେ କୁହାଯାଇଛି।

୨୦୨୦ ନଭେମ୍ବର ୩ରେ ଆମେରିକାରେ ସାଧାରଣ ନିର୍ବାଚନ ହୋଇଥିଲା। ଏଥିରେ ଜୋ ବାଇଡେନ୍ ରାଷ୍ଟ୍ରପତି ଓ ତାଙ୍କ ରନିଂମେଟ୍ କମଲା ହାରିସ୍ ଉପରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ। ତେବେ ବାଇଡେନ୍ ଜାଲିଆତି କରି ଜିତିଥିବା ଦର୍ଶାଇ ରିପବ୍ଲିକାନ୍ ଟ୍ରମ୍ପ୍ ପରାଜୟ ସ୍ୱୀକାର କରି ନ ଥିଲେ। ଫଳରେ ନୂଆ ସରକାର ଗଠନରେ ବିଳମ୍ବ ହୋଇଛି। ଟ୍ରମ୍ପ୍ ବାଇଡେନ୍‌ଙ୍କ ବିଜୟକୁ ସ୍ୱୀକାର କରି ନ ଥିଲେ ମଧ ଟ୍ରାଞ୍ଜିଶନ (କ୍ଷମତା ହସ୍ତାନ୍ତର ପ୍ରକ୍ରିୟା) ଆରମ୍ଭ କରିବାକୁ ସୁପାରିସ କରିଛନ୍ତି। ଏନେଇ ଜିଏସ୍ଏ ପ୍ରଶାସକ ଏମିଲି ମର୍ଫି ସୋମବାର ପତ୍ର ଲେଖି ବାଇଡେନ୍‌ଙ୍କୁ ଜଣାଇଛନ୍ତି। ଟ୍ରମ୍ପ୍ ପ୍ରଶାସନ ଆନୁଷ୍ଠାନିକ ଭାବେ ଟ୍ରାଞ୍ଜିଶନ ପ୍ରକ୍ରିୟା ଲାଗି ରାଜି ହୋଇଥିବା ସେ ଏଥିରେ ଅବଗତ କରାଇଛନ୍ତି। ଏଥିସକାଶେ ୬.୩ ନିୟୁତ ଡଲାର ଖର୍ଚ୍ଚ ହେବ। ଏହା ପରେ ଟ୍ରମ୍ପ୍ ଟୁଇଟ୍ କରି କହିଛନ୍ତି, ଦେଶର ବୃହତ୍ ସ୍ୱାର୍ଥ ଦୃଷ୍ଟିରୁ ସେ ଟ୍ରାଞ୍ଜିଶନ ସପକ୍ଷରେ ଅଛନ୍ତି। ହେଲେ ଫଳାଫଳକୁ ନେଇ କୋର୍ଟରେ ଆଇନଗତ ଲଢ଼େଇ ଜାରି ରହିବ ବୋଲି ବିଦାୟୀ ରାଷ୍ଟ୍ରପତି ଟ୍ରମ୍ପ୍ ସ୍ପଷ୍ଟ କରିଛନ୍ତି। ଟ୍ରମ୍ପ୍ ନିଜ ଯୁକ୍ତି ସପକ୍ଷରେ କୌଣସି ପ୍ରମାଣ ଉପସ୍ଥାପନ କରିପାରି ନ ଥିବାରୁ ଅଧିକାଂଶ କୋର୍ଟରେ ତାଙ୍କ ପିଟିଶନ ଖାରଜ ହୋଇଯାଇଛି।

## ବାଇଡେନ୍ ବାଛିଲେ କ୍ୟାବିନେଟ ସଦସ୍ୟ



ଆଣ୍ଟୋନି ବ୍ଲିଙ୍କେନ୍



ଜନେଟ୍ ୟେଲେନ୍



ଜେକ୍ ସୁଲିଭାନ୍



ଆଭ୍ରିଲ୍ ହାଇନେସ



ଲିଣ୍ଡା ଥୋମାସ୍-ଗ୍ରିନ୍‌ଫିଲ୍ଡ



ଜନ୍ କେରି



ଆଲେଜାଣ୍ଡ୍ରୋ ମାୟୋର୍କାସ୍

**ଆଣ୍ଟୋନି ବ୍ଲିଙ୍କେନ୍** ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନ୍ ପରରାଷ୍ଟ୍ର ସଚିବ ଭାବେ ଆଣ୍ଟୋନି ବ୍ଲିଙ୍କେନ୍‌ଙ୍କୁ ବାଛିଛନ୍ତି। ୧୯୬୨ ଏପ୍ରିଲ ୧୬ରେ ଜନ୍ମିତ ବ୍ଲିଙ୍କେନ୍‌ଙ୍କ ପିଲାଦିନ ପ୍ୟାରିସ୍‌ରେ ବିତିଥିଲା। ସେ ଭଲ ଫରାସୀ କହିପାରନ୍ତି। ସେ ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମାଙ୍କ ସମୟରେ ୨୦୧୩ରୁ ୨୦୧୫ ପର୍ଯ୍ୟନ୍ତ ଜାତୀୟ ସୁରକ୍ଷା ଉପପରାମର୍ଶଦାତା ଥିଲେ। ୨୦୧୫ରୁ ୨୦୧୭ ଯାଏ ପରରାଷ୍ଟ୍ର ଉପସଚିବ ଭାବେ କାର୍ଯ୍ୟ କରିଥିଲେ। ସେହିପରି ୧୯୯୦ ଦଶକରେ ବିଲ୍ କ୍ଲିଣ୍ଟନ୍‌ଙ୍କ ହ୍ୱାଇଟ୍ ହାଉସ୍ ଷ୍ଟାଫ୍ ଭାବେ ମଧ ଦାୟିତ୍ୱ ତୁଲାଇଥିଲେ। ୨୦୧୯ରେ ବ୍ରେକ୍‌ଜିଟ୍ (ୟୁରୋପୀୟ ସଂଘରୁ ବ୍ରିଟେନ ଅଲଗା ହେବା)କୁ ନେଇ ବ୍ଲିଙ୍କେନ୍ କହିଥିଲେ, ଏହା କେବଳ କୁକୁର କାର୍‌କୁ ଧରିବା ଭଳି ନୁହେଁ। କୁକୁର କାର୍‌କୁ ଧରିବା ପରେ କାର୍ ବିପରୀତ ଦିଗରେ ଗତି କରିବା ସହ କୁକୁର ଉପରେ ମାଡ଼ିଯିବା ସଦୃଶ।

**ଜନେଟ୍ ୟେଲେନ୍** ୭୪ ବର୍ଷୀୟା ଅର୍ଥନୀତିଜ୍ଞ ଜନେଟ୍ ୟେଲେନ୍ ଆମେରିକାର ଟ୍ରେଜେରି ସେକ୍ରେଟାରି ହେବାକୁ ଯାଉଛନ୍ତି। ଏହି ପଦରେ ଆସୀନ ହେବାରେ ୟେଲେନ୍ ପ୍ରଥମ ମହିଳା। ୧୯୪୬ ଅଗଷ୍ଟ ୧୩ରେ ଜନ୍ମିତ ୟେଲେନ୍ ୨୦୧୪ରୁ ୨୦୧୮ ଯାଏ ଫେଡେରାଲ ରିଜର୍ଭର ପ୍ରଥମ ମହିଳା ଅଧକ୍ଷ ଥିଲେ। ଏହା ପୂର୍ବରୁ ୨୦୧୦ରୁ ୨୦୧୪ ପର୍ଯ୍ୟନ୍ତ ସେ ଏହାର ଉପାଧକ୍ଷ ଭାବେ କାର୍ଯ୍ୟ କରିଥିଲେ। ୟେଲେନ୍ ୧୯୮୫-୨୦୦୬ ପର୍ଯ୍ୟନ୍ତ କାଲିଫର୍ନିଆ ୟୁନିଭର୍ସିଟିରେ ପ୍ରଫେସର ଥିଲେ। ଲଣ୍ଡନ ସ୍କୁଲ ଅଫ୍ ଇକୋନୋମିକ୍ସ ଓ ହାଭାର୍ଡ ୟୁନିଭର୍ସିଟିରେ ମଧ ସେ ଅଧାପନା କରିଥିଲେ।

**ଆଲେଜାଣ୍ଡ୍ରୋ ଏନ୍. ମାୟୋର୍କାସ୍** ୧୯୫୯ ନଭେମ୍ବରରେ ଜନ୍ମିତ ଆଲେଜାଣ୍ଡ୍ରୋ ମାୟୋର୍କାସ୍ ଜଣେ କ୍ୟୁବା ବଂଶୋଦ୍ଭବ ଆମେରିକୀୟ। ପେସାରେ ଜଣେ ଆଇନଜୀବୀ। ଆପରାଧିକ ଓ ଦେୱାନୀ ମାମଲା ପରିଚାଳନାରେ ବିଚକ୍ଷଣ ୬୧ ବର୍ଷୀୟ ମାୟୋର୍କାସ୍ ଓବାମା ପ୍ରଶାସନରେ ହୋମ୍‌ଲାଣ୍ଡ ସିକ୍ୟୁରିଟି ଡେପୁଟି ସେକ୍ରେଟାରୀ ଭାବେ ୨୦୧୩ରୁ ୨୦୧୬ ପର୍ଯ୍ୟନ୍ତ ଦାୟିତ୍ୱ ତୁଲାଇଥିଲେ। ୨୦୧୯ରେ ଲାଟିନୋ ଲିଡର୍ସ ମାଗାଜିନ୍ ତାଙ୍କୁ ଆମେରିକାର ଲାଟିନୋ ସମୁଦାୟର ୧୦୧ ପ୍ରଭାବଶାଳୀ ନେତାଙ୍କ ମଧ୍ୟରୁ ଅନ୍ୟତମ ବୋଲି ଦର୍ଶାଇଥିଲା। ବାଇଡେନ୍ ତାଙ୍କୁ ହୋମ୍‌ଲାଣ୍ଡ ସେକ୍ରେଟାରି ଭାବେ ମନୋନୀତ କରିଛନ୍ତି।

**ଲିଣ୍ଡା ଥୋମାସ୍-ଗ୍ରୀନଫିଲ୍ଡ** ୧୯୫୨ରେ ଜନ୍ମିତ ଏହି କୃଷ୍ଣକାୟ ମହିଳା ୱାଶିଂଟନ ଡିସିସ୍ଥିତ ଅଲ୍‌ବ୍ରାଇଟ୍ ଷ୍ଟୋନ୍‌ବ୍ରିଜ୍ ଗ୍ରୁପ୍‌ରେ ସିନିୟର କାଉନ୍‌ସେଲର ଭାବେ କାର୍ଯ୍ୟରତ। ସେ ଓବାମା ଓ ଟ୍ରମ୍ପ୍ ପ୍ରଶାସନରେ ଆଫ୍ରିକୀୟ ବ୍ୟାପାର ବିଭାଗର ଆସିଷ୍ଟାଣ୍ଟ ସେକ୍ରେଟାରି ଭାବେ ପୂର୍ବରୁ କାର୍ଯ୍ୟ କରିଥିଲେ। ବାଇଡେନ୍ ଏବେ ଜାତିସଂଘରେ ଆମେରିକାର ପରବର୍ତ୍ତୀ ଆମ୍ବାସାଡର ୬୮ ବର୍ଷୀୟା ଲିଣ୍ଡାଙ୍କୁ ଭାବେ ବାଛିଛନ୍ତି।


**ଜନ୍ କେରି** ୧୯୪୩ ଡିସେମ୍ବର ୧୧ରେ ଜନ୍ମିତ ଜନ୍ କେରି ଆମେରିକାର ଜଣେ ବରିଷ୍ଠ ରାଜନେତା ତଥା କୁଶଳୀ କୂଟନୀତିଜ୍ଞ ଭାବେ ପରିଚିତ। ସେ ୨୦୧୩ରୁ ୨୦୧୭ ପର୍ଯ୍ୟନ୍ତ ଦେଶର ୬୮ତମ ପରରାଷ୍ଟ୍ର ସଚିବ ଥିଲେ। ପୂର୍ବତନ ନୌସେନା ଅଧିକାରୀ ତଥା ଆଇନଜୀବୀ କେରି ୨୦୦୪ ନିର୍ବାଚନରେ ଡେମୋକ୍ରାଟିକ୍ ପାର୍ଟିରୁ ରାଷ୍ଟ୍ରପତି ନିର୍ବାଚନ ଲଢ଼ିଥିଲେ। ସେ ରାଷ୍ଟ୍ରପତି ଜର୍ଜ ଡବ୍ଲ୍ୟୁ. ବୁଶ୍‌ଙ୍କଠାରୁ ପରାଜିତ ହୋଇଥିଲେ। ବାଇଡେନ୍ ଏହି ୭୬ ବର୍ଷୀୟ ନେତାଙ୍କୁ ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ରାଷ୍ଟ୍ରପତିଙ୍କ ପ୍ରତିନିଧି ଦାୟିତ୍ୱ ଦେଇଛନ୍ତି। କ୍ଲାଇମେଟ୍ ଚେଞ୍ଜ ବିରୋଧୀ ଲଢ଼େଇ ତାଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହେବ।

**ଆଭ୍ରିଲ୍ ଡାନିକା ହାଇନେସ** ଏହି ୫୧ ବର୍ଷୀୟା ମହିଳାଙ୍କୁ ଆମେରିକାର ପରବର୍ତ୍ତୀ ଜାତୀୟ ଗୋଇନ୍ଦା ବିଭାଗ ମୁଖ୍ୟ ଭାବେ ଦାୟିତ୍ୱ ଦିଆଯାଇଛି। ୧୯୬୯ ଅଗଷ୍ଟ ୨୯ରେ ଜନ୍ମିତ ଆଭ୍ରିଲ୍ ଜଣେ ଆଇନଜୀବୀ। ସେ ଓବାମା ପ୍ରଶାସନରେ ଜାତୀୟ ସୁରକ୍ଷା ଉପପରାମର୍ଶଦାତା ଭାବେ କାର୍ଯ୍ୟ କରିଥିଲେ। ଏହା ପୂର୍ବରୁ ସେ ସେଣ୍ଟ୍ରାଲ୍ ଇଣ୍ଟେଲିଜେନ୍ସ ଏଜେନ୍ସି (ସିଆଇଏ)ର ପ୍ରଥମ ମହିଳା ଉପ ନିର୍ଦ୍ଦେଶକ ମଧ ଥିଲେ।

**ଜ୍ୟାକୋବ୍ ଜେରେମିଆହ ସୁଲିଭାନ୍** ଜେକ୍ ସୁଲିଭାନ୍ ନାମରେ ପରିଚିତ ଏହି ଆମେରିକୀୟ ଅଧିକାରୀଙ୍କ ଜନ୍ମ ୧୯୭୬ ନଭେମ୍ବର ୨୮ରେ ହୋଇଥିଲା। ସେ ୨୦୧୬ରେ ଡେମୋକ୍ରାଟିକ୍ ପାର୍ଟିର ରାଷ୍ଟ୍ରପତି ପ୍ରାର୍ଥୀ ହିଲାରୀ କ୍ଲିଣ୍ଟନ୍‌ଙ୍କ କ୍ୟାମ୍ପେନ୍‌ର ବରିଷ୍ଠ ନୀତି ପରାମର୍ଶଦାତା ଥିଲେ। ହିଲାରୀ ପରରାଷ୍ଟ୍ର ସଚିବ ଥିବାବେଳେ ବୈଦେଶିକ ନୀତିରେ ନିପୁଣ ଜେକ୍‌ଙ୍କୁ ଡେପୁଟି ଚିଫ୍ ଅଫ୍ ଷ୍ଟାଫ୍ କରାଯାଇଥିଲା। ସେହିପରି ବାଇଡେନ୍‌ଙ୍କ ଉପରାଷ୍ଟ୍ରପତିତ୍ୱ ସମୟରେ ସେ ଜାତୀୟ ସୁରକ୍ଷା ପରାମର୍ଶଦାତା ଥିଲେ। ୪୩ ବର୍ଷୀୟ ଜେକ୍ ୟେଲ୍ ଲ' ସ୍କୁଲରେ ଅଧାପନା କରୁଛନ୍ତି। ତାଙ୍କୁ ବାଇଡେନ୍ ଦେଶର ପରବର୍ତ୍ତୀ ଏନ୍‌ଏସ୍ଏ ଭାବେ ବାଛିଛନ୍ତି।

## ସଂକ୍ଷେପରେ

### 'ସ୍ପୁଟନିକ୍ ଭି' ଟିକା ୯୫% ପ୍ରଭାବୀ: ରୁଷିଆ





**ପ୍ରତି ଡୋଜ୍ ୭୪୦ ଟଙ୍କାରୁ କମ୍**

**ମସ୍କୋ, ୨୪।୧୧:** ମହାମାରୀ କରୋନା ବିରୋଧରେ ସ୍ପୁଟନିକ୍ ଭି' ଟିକା ପ୍ରଥମ ଚିକିତ୍ସା ବିଜ୍ଞାନୀଙ୍କ ଦ୍ୱାରା ଅନୁମୋଦିତ ହୋଇଥିଲା। ରୁଷିଆ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସହ ଗାମାଲେୟା ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ଏହାକୁ ପ୍ରସ୍ତୁତ କରିଥିଲେ। ଏହି ଟିକା ୯୫% ପ୍ରଭାବୀ ବୋଲି ପ୍ରଥମ ଡୋଜ୍ ଆସିବାର ୪୨ ଦିନ ପରେ ରୁଷିଆ ମଙ୍ଗଳବାର ଘୋଷଣା କରିଛି। କ୍ଲିନିକାଲ ଟ୍ରାଏଲ ପରେ ୨୮ ଦିନରେ ୯୧.୪% ଓ ୪୨ ଦିନରେ ୯୫% ଏହି ଟିକା ସଫଳ ବୋଲି କୁହାଯାଇଛି। କରୋନା ବିରୋଧରେ ଲଢ଼ିବା ଲାଗି ଏଥିରେ ସମସ୍ତ ପ୍ରଭାବ ଦେଖିବାକୁ ମିଳିଛି ବୋଲି ରୁଷିଆ ସ୍ୱାସ୍ଥ୍ୟମନ୍ତ୍ରୀ ମିଖାଇଲ ମୁରାସ୍କୋ ଏକ ବିବୃତିରେ ପ୍ରକାଶ କରିଛନ୍ତି। ଏହା ବହୁ ପରୀକ୍ଷା ପରେ ଜଣାପଡ଼ିଥିବା ସେ କହିଛନ୍ତି। ଫେଜ୍-୩ କ୍ଲିନିକାଲ ଟ୍ରାଏଲ ଶେଷ ହେବା ପରେ ଏହି ଟିକାର ପ୍ରଭାବ ସମ୍ପର୍କରେ ଅଧିକ ତଥ୍ୟ ମିଳିପାରିବ ବୋଲି ସେ ମତ ଦେଇଛନ୍ତି। ସ୍ପୁଟନିକ୍ ଟିକାର ପ୍ରତିଟି ଡୋଜ୍‌ର ମୂଲ୍ୟ ବିଶ୍ୱ ବଜାରରେ ୭୪୦ ଟଙ୍କାରୁ କମ୍ ପଡ଼ିବ। କରୋନା ପ୍ରତିକାର ଲାଗି ଦୁଇଟି ଡୋଜ୍ ପ୍ରତି ବ୍ୟକ୍ତିଙ୍କୁ ଦିଆଯିବ। ଅର୍ଥାତ୍ ୨ଟି ଡୋଜ୍‌ର ମୂଲ୍ୟ ପ୍ରାୟ ୧,୪୮୦ ଟଙ୍କାରୁ କମ୍ ପଡ଼ିବ। ରୁଷିଆର ନାଗରିକଙ୍କ ଲାଗି ଏହି ଟିକା ମାଗଣାରେ ଉପଲବ୍ଧ ହେବ। ରୁଷିଆ ୨୦୨୧ ସୁଦ୍ଧା ୧୦୦ କୋଟି ରୁ ଅଧିକ ଟିକା ପ୍ରସ୍ତୁତ କରିବା ଲାଗି ଲକ୍ଷ ରଖିଛି।

### ବର୍ଷେ ବିଦେଶ ଯାଇପାରିଲେନି ମୋଦି

**ନୂଆଦିଲ୍ଲୀ,୨୪।୧୧:** ବିଦେଶ ଗସ୍ତକୁ ନେଇ ଚର୍ଚ୍ଚାରେ ରହୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚଳିତବର୍ଷ ଦେଶ ବାହାରକୁ ଯାଇପାରିଲେ ନାହିଁ। ୨୦୨୦ରେ କରୋନା ଭାଇରସ୍ ତାଙ୍କ ବିଦେଶ ଗସ୍ତରେ ବ୍ରେକ୍ ଲଗାଇଛି। ୨୦୧୪ରେ କ୍ଷମତାକୁ ଆସିବା ପରଠୁ ପ୍ରଧାନମନ୍ତ୍ରୀ ମୋଦି ସରକାରୀ କାର୍ଯ୍ୟକ୍ରମରେ ବ୍ୟୟବହୁଳ ବିଦେଶ ଗସ୍ତ କରିଆସୁଥିବାବେଳେ ବିଗତ ୩୬୫ ଦିନ ମଧ୍ୟରେ ଥରୁଟିଏ ଅନ୍ୟ ଦେଶକୁ ଯାଇନାହାନ୍ତି କି ଡିସେମ୍ବର ଶେଷ ସୁଦ୍ଧା ଯିବାର ସମ୍ଭାବନା ମଧ ନାହିଁ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍ଓ) ୱେବ୍‌ସାଇଟ୍‌ରେ ଦିଆଯାଇଥିବା ତଥ୍ୟାନୁସାରେ ପ୍ରଧାନମନ୍ତ୍ରୀ ମୋଦି ୨୦୧୪ ଜୁନ ୧୫ରୁ ୨୦୧୯ ନଭେମ୍ବର ମଧ୍ୟରେ ୯୬ ଦେଶ ବୁଲିଥିଲେ। ୨୦୧୪ରେ ମୋଦି ୮ ଦେଶ ଗସ୍ତ କରିଥିବାବେଳେ ୨୦୧୫ରେ ୨୩, ୨୦୧୬ରେ ୧୭ ଦେଶ ଯାଇଥିଲେ। ସେହିପରି ୨୦୧୭ରେ ୧୪ ଓ ୨୦୧୮ରେ ୨୦ ଓ ୨୦୧୯ରେ ୧୪ ଦେଶ ଗସ୍ତ କରିଥିଲେ। ଗତବର୍ଷ ନଭେମ୍ବରରେ ତାଙ୍କର ଶେଷ ବିଦେଶ ଗସ୍ତ ବ୍ରାଜିଲକୁ ଥିଲା।

### କଙ୍ଗନାଙ୍କୁ ହାଇକୋର୍ଟଙ୍କ ଅନ୍ତରୀଣ ସୁରକ୍ଷା



**ମୁମ୍ବାଇ, ୨୪।୧୧:** ଅଭିନେତ୍ରୀ କଙ୍ଗନା ରାଣାୱତ୍ ଏବଂ ତାଙ୍କ ଭଉଣୀ ରଙ୍ଗୋଲୀ ଚାଣ୍ଡେଲ୍‌ଙ୍କୁ ମୁମ୍ବାଇ ହାଇକୋର୍ଟ ପକ୍ଷରୁ ମଙ୍ଗଳବାର ଅନ୍ତରୀଣ ସୁରକ୍ଷା ପ୍ରଦାନ କରାଯାଇଛି। ଜାନୁୟାରୀ ୮ରେ ଦୁହେଁ ପୋଲିସ ନିକଟରେ ହାଜର ହେବାକୁ ଥିବାବେଳେ ସେମାନଙ୍କୁ ଗିରଫ କରାଯିବ ନାହିଁ ବୋଲି କୋର୍ଟ ଆଶ୍ୱାସନା ଦେଇଛନ୍ତି। ଏଥିସହ ଜାନୁୟାରୀ ୮ରେ ମୁମ୍ବାଇ ପୋଲିସ ନିକଟରେ ସେମାନେ ହାଜର ହେବା ଲାଗି ହାଇକୋର୍ଟ କହିଛନ୍ତି। ସୋସିଆଲ ମିଡିଆ ମାଧମରେ ଦୁଇ ଭଉଣୀ ସାମ୍ପ୍ରଦାୟିକ ହିଂସା ସୃଷ୍ଟିକରିବାକୁ ପ୍ରୟାସ କରୁଥିବା ଅଭିଯୋଗ କରାଯାଇଥିଲା। ମୁମ୍ବାଇର ଏକ ମାଜିଷ୍ଟ୍ରେଟ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ସେମାନଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା। କାଷ୍ଟିଂ ଡାଇରେକ୍ଟର ମୁନାୱାର ଅଲି ଏଭଳି ଅଭିଯୋଗ କରିଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଜାନୁୟାରୀ ୧୧ରେ ହାଇକୋର୍ଟ କରିବେ।

# ଟିକା ଲାଗି ଶୀତଳଭଣ୍ଡାର ସୁବିଧା କର

ନୂଆଦିଲ୍ଲୀ, ୨୪।୧୧

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କରୋନା ଟିକାର ସୁରକ୍ଷା ଓ ଏହାର ତ୍ୱରିତ ବଣ୍ଟନ ଉପରେ ମଙ୍ଗଳବାର ଜୋର୍ ଦେଇଛନ୍ତି। ସମସ୍ତଙ୍କ ଲାଗି ସୁରକ୍ଷିତ ଟିକା ସୁବିଧା ଓ ଟିକାର ସୁରକ୍ଷା ପାଇଁ ରାଜ୍ୟଗୁଡ଼ିକ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଜରୁରୀ ବୋଲି ସେ କହିଛନ୍ତି। ଟିକା ପରିଚାଳନା ନେଇ ପ୍ରତ୍ୟେକ ରାଜ୍ୟ ସରକାର ଜିଲା ଓ ବ୍ଲକସ୍ତରରେ ଟାସ୍କଫୋର୍ସ ଗଠନ କରିବା ସହ ଶୀତଳ ଭଣ୍ଡାର କରିବାକୁ ସେ ପରାମର୍ଶ ଦେଇଛନ୍ତି। ସର୍ବାଧିକ କରୋନା କବଳିତ ୮ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଭର୍ଚୁଆଲ ବୈଠକରେ ଯୋଗଦେଇ ପ୍ରଧାନମନ୍ତ୍ରୀ ଦେଶ ତଥା ରାଜ୍ୟରେ କରୋନା ସ୍ଥିତି, ପ୍ରସ୍ତୁତି ଓ ଟିକାକରଣ ନେଇ ଆଲୋଚନା କରିଛନ୍ତି।

କରୋନା ଟିକା ବଣ୍ଟନ ନେଇ ରାଜ୍ୟଗୁଡ଼ିକ ସମନ୍ୱୟ ରକ୍ଷାକରିବା ସହ ଶୀତଳ ଭଣ୍ଡାର ନିର୍ମାଣ କରିବା ଜରୁରୀ

## ମୁଖ୍ୟମନ୍ତ୍ରୀମାନଙ୍କୁ ମୋଦିଙ୍କ ପରାମର୍ଶ



ବୋଲି ମୋଦି କହିଛନ୍ତି। ଅକ୍ସଫୋର୍ଡ ଟିକା ୯୦% ପ୍ରଭାବୀ ହୋଇଥିବାବେଳେ ଟିକା ପ୍ରସ୍ତୁତକାରୀ ସଂସ୍ଥା ସେରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ଘରୋଇ ବଜାରକୁ ୫୦% ଡୋଜ୍ ଦେବାକୁ ପ୍ରତିଶ୍ରୁତି ଦେଇଛି। ହେଲେ ରାଜ୍ୟଗୁଡ଼ିକ ସଂକ୍ରମଣ ଓ ମୃତ୍ୟୁହାର କମାଇବା ଲାଗି ପ୍ରୟାସ କରିବା ଦରକାର। ପରୀକ୍ଷା ପଦ୍ଧତି ଓ ଡାଟାକୁ ସର୍ବାଧିକ ଗୁରୁତ୍ୱ ଦେବା ଲାଗି ପ୍ରଧାନମନ୍ତ୍ରୀ କହିଛନ୍ତି। ଟିକା ଆସିବା ପରେ ପ୍ରଥମେ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ଦିଆଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ପୋଲିସ ଓ ସଫେଇ କର୍ମଚାରୀ, ତୃତୀୟ ପର୍ଯ୍ୟାୟରେ ବୟସ୍କ (୫୦ ବର୍ଷରୁ ଉର୍ଦ୍ଧ୍ୱ) ଓ ଚତୁର୍ଥ ପର୍ଯ୍ୟାୟରେ ଅସୁସ୍ଥ ଲୋକଙ୍କୁ କରୋନା ଟିକା ପ୍ରଦାନ କରାଯିବ। ବୈଠକରେ ମହାରାଷ୍ଟ୍ର, କେରଳ, ପଶ୍ଚିମବଙ୍ଗ, କର୍ନାଟକ, ଉତ୍ତରପ୍ରଦେଶ, ରାଜସ୍ଥାନ ଓ ଛତିଶଗଡ଼ର ମୁଖ୍ୟମନ୍ତ୍ରୀମାନେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀମାନେ ବୈଠକରେ ସେମାନଙ୍କ ରାଜ୍ୟରେ କରୋନା ସ୍ଥିତି, ସଂକ୍ରମଣର କାରଣ ଓ ପ୍ରତିକାର ପଦକ୍ଷେପ ସମ୍ପର୍କରେ ମତ ରଖିଥିଲେ। ଦିଲ୍ଲୀରେ ପୁନଃ ସଂକ୍ରମଣ ନେଇ ମୋଦି ଚିନ୍ତା ପ୍ରକଟ କରିଥିଲେ। ପ୍ରକାଶଥାଉ କି, ବୈଠକ ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦି କେତେକ ନିର୍ଦ୍ଦେଶନାମା ଜାରି କରିଥିଲେ। ଟିକାକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲାଗି ସ୍ୱାସ୍ଥ୍ୟକର୍ମୀଙ୍କ ଡାଟାବେସ୍ ପ୍ରସ୍ତୁତ କରିବା, ସିରିଞ୍ଜ, ଛୁଞ୍ଚ, ପରିବହନ ବ୍ୟବସ୍ଥା, ଶୀତଳ ଭଣ୍ଡାର ପ୍ରସ୍ତୁତି ସମ୍ପର୍କରେ ସେ କହିଥିଲେ।

## ଅୱଧ ବିହାରୀ ମହାମେଣ୍ଟର ବାଚସ୍ପତି ପ୍ରାର୍ଥୀ



ପାଟନା, ୨୪।୧୧

ନିର୍ବାଚନ ପରେ ରାଜ୍ୟରେ ସରକାର ଗଠନ କରିବାରେ ବ୍ୟର୍ଥ ହୋଇଥିବା ବିହାର ମହାମେଣ୍ଟ ବାଚସ୍ପତି ପଦ ଲାଗି ଆର୍‌ଜେଡିର ବରିଷ୍ଠ ବିଧାୟକ ଅୱଧ ବିହାରୀ ଚୌଧରୀଙ୍କୁ ପ୍ରାର୍ଥୀ କରିଛି। ଏନ୍‌ଡିଏରୁ ବିଜୟ କୁମାର ସିହ୍ନାଙ୍କୁ ବାଚସ୍ପତି ପ୍ରାର୍ଥୀ କରାଯାଇଥିବାବେଳେ ଦୁହିଁଙ୍କ ମଧ୍ୟରେ କଡ଼ା ମୁକାବିଲା ହେବା ଆଶଙ୍କା ରହିଛି। ସଂଖ୍ୟାଗରିଷ୍ଠ ଏନ୍‌ଡିଏ ପ୍ରାର୍ଥୀ ଏଥିରେ ବାଜିମାତ୍ କରିବାର ସମ୍ଭାବନା ଥିଲେ ହେଁ ନୀତୀଶ ସରକାରର ବଳ କଷିବା ଲାଗି ଏହା ଏକ ପ୍ରୟାସ ବୋଲି କୁହାଯାଉଛି।

# ଆର୍‌ଟି-ପିସିଆର୍ ଟେଷ୍ଟ ୪୦୦ ଟଙ୍କାରେ ହେଉ

ନୂଆଦିଲ୍ଲୀ,୨୪।୧୧

ଦେଶରେ କରୋନା ସଂକ୍ରମଣ ପୁଣି ଫେରିଥିବାବେଳେ ମଙ୍ଗଳବାର ସୁପ୍ରିମ୍‌କୋର୍ଟଙ୍କ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ନୋଟିସ ଜାରି କରାଯାଇଛି। ଆର୍‌ଟି-ପିସିଆର୍ କରୋନା ଟେଷ୍ଟ ଦେଶବ୍ୟାପୀ ୪୦୦ ଟଙ୍କାରେ କରିବାକୁ ସର୍ବୋଚ୍ଚ ନ୍ୟାୟାଳୟରେ ଏକ ଆବେଦନ କରାଯାଇଥିଲା। ଏନେଇ କୋର୍ଟ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି ହୋଇଛି। ଆର୍‌ଟି-ପିସିଆର୍ କରୋନା ଟେଷ୍ଟ କମ୍ ଦାମ ହେଲେ ଏହା ଦ୍ୱାରା ଲୋକେ ଉପକୃତ ହେବା ସହିତ ଅଧିକ ନମୁନା ପରୀକ୍ଷା କରାଯାଇପାରିବ । ଫଳରେ ନୂଆ ଆକ୍ରାନ୍ତଙ୍କୁ ଚିହ୍ନଟ କରିବା ସହଜ ହୋଇପାରିବ ବୋଲି ଆଇନଜୀବୀ ଅଜୟ ଅଗ୍ରୱାଲାଙ୍କ ପକ୍ଷରୁ ହୋଇଥିବା ଆବେଦନରେ ଉଲ୍ଲେଖ କରାଯାଇଥିଲା। ଏନେଇ ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରୁ ୨ ସପ୍ତାହ ମଧ୍ୟରେ ସୁପ୍ରିମ୍‌କୋର୍ଟଙ୍କ

## କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ରିପୋର୍ଟ ତଲବ

ପକ୍ଷରୁ ଜବାବ ତଲବ କରାଯାଇଛି। ସମ୍ପ୍ରତି ଆର୍‌ଟି-ପିସିଆର୍ କରୋନା ଟେଷ୍ଟ ୯୦୦ରୁ ୨,୮୦୦ ଟଙ୍କା ମଧ୍ୟରେ କରାଯାଉଛି। ଆନ୍ଧ୍ରପ୍ରଦେଶରେ ଆର୍‌ଟି-ପିସିଆର୍ କରୋନା ଟେଷ୍ଟରେ ୧୪,୦୦ ପ୍ରତିଶତ ଲାଭ ରଖାଯାଉଥିବାବେଳେ ଦିଲ୍ଲୀରେ ବିକ୍ରେତା ୧,୨୦୦ ପ୍ରତିଶତ ଲାଭ କରୁଛନ୍ତି। ଦେଶବ୍ୟାପୀ ସମାନ ଦାମରେ ଆର୍‌ଟି-ପିସିଆର୍ କରୋନା ଟେଷ୍ଟ ପାଇଁ କରାଯାଇଥିବା ଏହି ଆବେଦନର ବିଚାର ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେ, ବିଚାରପତି ଏ.ଏସ୍. ବୋପନ୍ନା ଏବଂ ଭି. ରାମସୁବ୍ରମଣ୍ୟନଙ୍କ ଦ୍ୱାରା ଗଠିତ ଖଣ୍ଡପୀଠରେ କରାଯାଉଛି। ଦେଶର ୧୩୫ କୋଟି ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉପଯୁକ୍ତ ଦାମ ନିର୍ଦ୍ଧାରଣ ପାଇଁ ଆବେଦନରେ ଦର୍ଶାଯାଇଛି।

# ସାବାଳକ ବିବାହ ପାଇଁ ଧର୍ମ ପରିବର୍ତ୍ତନ କରିପାରିବେ: ଆଲ୍ଲାହାବାଦ୍ ହାଇକୋର୍ଟ

ପ୍ରୟାଗରାଜ,୨୪।୧୧

ସାବାଳକ ଧର୍ମ, ବର୍ଣ୍ଣ ନିର୍ବିଶେଷରେ ନିଜ ଜୀବନସାଥୀ ପସନ୍ଦ କରିପାରିବେ। ଏନେଇ ଆଲ୍ଲାହାବାଦ ହାଇକୋର୍ଟ ଏକ ମାମଲାର ବିଚାର କରି ଏଭଳି ରାୟ ଦେଇଛନ୍ତି। ଦୁଇ ଭିନ୍ନ ଭିନ୍ନ ଧର୍ମର ସାବାଳକ ବିବାହ ପାଇଁ ମଧ ଧର୍ମ ପରିବର୍ତ୍ତନ କରିପାରିବେ। ଏହା ସେମାନଙ୍କର ଅଧିକାର ବୋଲି କୋର୍ଟ କହିଛନ୍ତି। କୁଶୀନଗରର ବିଷ୍ଣୁପୁରାରେ ବାସ କରୁଥିବା ସଲାମତ୍ ଅନ୍‌ସାରୀଙ୍କୁ ପ୍ରିୟଙ୍କା ଖରବାର ନାମକ ଜଣେ ସାବାଳିକା ୨୦୧୯ ଅଗଷ୍ଟ ୧୯ରେ ବିବାହ କରିବା ପରେ ଧର୍ମ ପରିବର୍ତ୍ତନ କରି ଆଲିଆ ହୋଇଥିଲେ। ଏନେଇ ପ୍ରିୟଙ୍କାଙ୍କ ପିତା ବିଷ୍ଣୁପୁରା ଥାନାରେ ଏକ ଅପହରଣ ମାମଲା ଦାଏର କରିଥିଲେ। ଏହା ବିରୋଧରେ ସଲାମତ ଏବଂ ଅନ୍ୟ ୨ ଜଣ ମାମଲା ଖାରଜ କରିବା ଲାଗି




ହାଇକୋର୍ଟଙ୍କ ଆଶ୍ରୟ ନେଇଥିଲେ। ଏହାର ବିଚାର କରି ବିଚାରପତି ପଙ୍କଜ ନକ୍‌ଭୀ ଏବଂ ବିବେକ ଅଗ୍ରୱାଲଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ କହିଛନ୍ତି, ସାବାଳକଙ୍କ ନିଜ ପସନ୍ଦର ବିବାହରେ ପରିବାର ସଦସ୍ୟ ଅବା ଅନ୍ୟ କେହି ହସ୍ତକ୍ଷେପ କରିପାରିବେ ନାହିଁ। ସେମାନଙ୍କର ଶାନ୍ତିପୂର୍ଣ୍ଣ ବୈବାହିକ ଜୀବନରେ କେହି ବାଧା ସୃଷ୍ଟି କରି ପାରିବେ ନାହିଁ। କୋର୍ଟ ବିଚାର ସମୟରେ କୌଣସି ଧର୍ମକୁ ଦେଖେ ନାହିଁ। କୋର୍ଟ କେବଳ ସାମ୍ବିଧାନିକ ବ୍ୟବସ୍ଥା ଆଧାରରେ ବିଚାର ହିଁ କରିଥାଏ ବୋଲି ଖଣ୍ଡପୀଠ କହିଛନ୍ତି।

# ଆଜି ସ୍ଥଳଭାଗ ଛୁଇଁବ ବାତ୍ୟା

ନୂଆଦିଲ୍ଲୀ, ୨୪।୧୧

ପଶ୍ଚିମ- ଦକ୍ଷିଣ ବଙ୍ଗୋପସାଗରରେ ବାତ୍ୟା 'ନିଭାର' ବୁଧବାର ସନ୍ଧ୍ୟାରେ ତାମିଲନାଡୁ ଓ ପୁଡୁଚେରୀ ଉପକୂଳରେ ମାଡ଼ ହେବାର ଆଶଙ୍କା କରାଯାଉଛି। ଏବେ ଏହା ପୁଡୁଚେରିଠାରୁ ୪୦୦ କି.ମି. ଦୂରରେ ରହିଛି। ଫଳରେ ବୁଧବାର ଓ ଗୁରୁବାର ଆନ୍ଧ୍ରପ୍ରଦେଶ, ତାମିଲନାଡୁ ଓ ପୁଡୁଚେରୀ ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକରେ ପ୍ରବଳ ବର୍ଷା ସହ ପବନ ବହିବାର ଆଶଙ୍କା ରହିଛି। ଡିପ୍ ଡିପ୍ରେଶନରୁ ଏହା ଘୂର୍ଣ୍ଣିଝଡ଼ର ରୂପ ନେବ ବୋଲି ପାଣିପାଗ ବିଭାଗ ସତର୍କ କରାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟୁଇଟ୍ କରି ତାମିଲନାଡୁ, ପୁଡୁଚେରୀକୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ପୁଡୁଚେରୀରେ ମଙ୍ଗଳବାର ରାତି ୯ଟାରୁ ଗୁରୁବାର ସକାଳ ୬ଟା ପର୍ଯ୍ୟନ୍ତ ଜନସମାବେଶ ଉପରେ ପ୍ରଶାସନ ପକ୍ଷରୁ କଟକଣା ଲଗାଯାଇଛି।



କେବଳ ଔଷଧ, କ୍ଷୀର ବିକ୍ରିକୁ ଅନୁମତି ମିଳିଛି। ଅନ୍ୟ ଦୋକାନବଜାର ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା 'ନିଭାର' ବୁଧବାର କରାଇକେଲ ଓ ମାଲ୍ଲାପୁରମ୍ ମଧ୍ୟରେ ଲ୍ୟାଣ୍ଡଫଲ୍ କରିବାର ଆଶଙ୍କା ରହିଛି। ଏହି ସମୟରେ ତାମିଲନାଡୁ, ପୁଡୁଚେରୀ, ଆନ୍ଧ୍ରପ୍ରଦେଶ ଉପକୂଳରେ ପ୍ରବଳ ବର୍ଷା ଓ ଘଣ୍ଟା ପ୍ରତି ପ୍ରାୟ ୧୦୦ କି.ମି. ବେଗରେ ପବନ ବହିବ ବୋଲି ପାଣିପାଗ ବିଭାଗ କହିଛି। ଘର, ଗଛ, ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିବା ସହ ବିଦ୍ୟୁତ୍ ସରବରାହ ଠପ୍ ହେବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ମତ୍ସ୍ୟଜୀବୀମାନେ ସମୁଦ୍ରକୁ ନ ଯିବା ଲାଗି କୁହାଯାଇଛି। ଆନ୍ଧ୍ରରେ ଜିଲା ଅଧିକାରୀମାନେ ସତର୍କ ରହିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆର୍‌ଏଫ୍ ତାମିଲନାଡୁ ଉପକୂଳରେ ସଜାଗ ଅଛନ୍ତି। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଇ. ପାଲାନିସାମି ଗାଡ଼ି ଚଳାଚଳ ଉପରେ କଟକଣା ଲଗାଇଥିବାବେଳେ ଲୋକଙ୍କୁ ଘରୁ ନ ବାହାରିବା ଲାଗି କହିଛନ୍ତି। ୩ ରାଜ୍ୟରେ ଯୁଦ୍ଧକାଳୀନ ଭାବେ ପ୍ରସ୍ତୁତି ଚାଲିଥିବାବେଳେ ଓଡ଼ିଶାରେ ସେଭଳି ପ୍ରଭାବ ପଡ଼ିବ ନାହିଁ ବୋଲି କୁହାଯାଇଛି।

- ପୁଡୁଚେରୀଠାରୁ ୪୦୦ କି.ମି. ଦୂରରେ କେନ୍ଦ୍ରୀଭୂତ
- ଆନ୍ଧ୍ର, ତାମିଲନାଡୁ ଉପକୂଳରେ ପ୍ରବଳ ବର୍ଷା ଆଶଙ୍କା
- ସମସ୍ତ ଜିଲା ଅଧିକାରୀ ସତର୍କ ରହିବାକୁ ନିର୍ଦ୍ଦେଶ
- ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀଙ୍କୁ ପରାମର୍ଶ

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫,୯୭,୫୫,୦୧୯ | ୧୪,୦୬,୬୩୭ | ୪,୧୩,୨୬,୯୯୮ |
| ଭାରତ | ୯୧,୯୩,୯୮୨ | ୧,୩୪,୩୮୩ | ୮୬,୧୮,୪୪୫ |
| ଓଡ଼ିଶା | ୩,୧୫,୨୭୧ | ୧୬୭୧(+୫୩) | ୩,୦୭,୩୭୪ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



କୋଭିଡ୍ ନିୟମକୁ ଦୃଷ୍ଟିରେ ରଖି ଧରିତ୍ରୀର ୪୭ତମ ଜନ୍ମବାର୍ଷିକୀ ପାଳନ ଅବସରରେ ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟରେ ମଙ୍ଗଳବାର ଉପସ୍ଥିତ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଓ ଧରିତ୍ରୀ ପରିବାରବର୍ଗ।

# ଡଙ୍ଗାଭସା ଉପରେ କଟକଣା

**ଭୁବନେଶ୍ୱର, ୨୪।୧୧(ବ୍ୟୁରୋ)**

- କାର୍ତ୍ତିକ ପୂର୍ଣ୍ଣିମା, ବଡଓଷା ପାଇଁ ନିୟମ ଲାଗୁ
- ଉଲ୍ଲଂଘନ କଲେ କଠୋର କାର୍ଯ୍ୟାନୁଷ୍ଠାନ

ଆସନ୍ତା ୩୦ ତାରିଖରେ କାର୍ତ୍ତିକ ପୂର୍ଣ୍ଣିମା ଓ ବଡ଼ଓଷା ପର୍ବ ପାଳିତ ହେବ। ନଦୀ, ପୋଖରୀ କିମ୍ବା ଜଳାଶୟରେ ଡଙ୍ଗା ଭସାଇବା ଓ ବୁଡ଼ ପକାଇବା ଉପରେ ସରକାର କଟକଣା ଲଗାଇଛନ୍ତି। ଏ ନେଇ ମଙ୍ଗଳବାର ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍ଆରସି) କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। କାର୍ତ୍ତିକ ପୂର୍ଣ୍ଣିମାରେ ବଡ଼ିଭୋରରୁ ବହୁ ସଂଖ୍ୟାରେ ଲୋକମାନେ ନଦୀ, ନାଳ ଓ ପୁଷ୍କରିଣୀରେ ଡଙ୍ଗା ଭସାଇବା ସହ ବୁଡ଼ ପକାଇବା ପାଇଁ ଏକାଠି ହୋଇଥାଆନ୍ତି। କଟକ, ଭୁବନେଶ୍ୱର, ପାରାଦୀପ ଭଳି କେତେକ ସ୍ଥାନରେ କାର୍ତ୍ତିକ ପୂର୍ଣ୍ଣିମାଠାରୁ ବାଲିଯାତ୍ରା ଆରମ୍ଭ ହୋଇଥାଏ। ଏହା ବହୁସଂଖ୍ୟାରେ ଲୋକଙ୍କୁ ଆକର୍ଷିତ କରିଥାଏ। ତେବେ ଚଳିତବର୍ଷ କୋଭିଡ୍-୧୯ ମହାମାରୀ ଯୋଗୁ ଉପୁଜିଥିବା ସଙ୍କଟ ଯୋଗୁ ଏହା ଉପରେ କଟକଣା ଜାରି କରାଯାଇଛି। ଗୋଟିଏ ସ୍ଥାନରେ ଜନସମାଗମ ହେଲେ କୋଭିଡ୍ ସଂକ୍ରମଣ ବ୍ୟାପିବାର ଆଶଙ୍କା ରହିଛି। ରାଜ୍ୟରେ ଗତ ୮ ମାସ ହେବ କୋଭିଡ୍-୧୯ ମହାମାରୀ ପ୍ରକୋପ ଜାରି ରହିଛି। ଏଭଳି ପରିସ୍ଥିତିରେ ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନଦୀଘାଟ, ପୋଖରୀ କିମ୍ବା ଜଳାଶୟରେ କୌଣସି ପ୍ରକାର ଡଙ୍ଗା ଭସାଇବା କିମ୍ବା ଗାଧୋଇବାକୁ ବାରଣ କରାଯାଇଛି। ଯଦି ସରକାରଙ୍କ ଗାଇଡ୍ଲାଇନକୁ କୌଣସି ବ୍ୟକ୍ତି ଉଲ୍ଲଂଘନ କରିବେ, ତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ଏପ୍ରିଲରୁ ଅକ୍ଟୋବର ମଧ୍ୟରେ ୧.୪୭ ଲକ୍ଷ ଅଣକୋଭିଡ୍ ରୋଗୀ ମୃତ

**ଭୁବନେଶ୍ୱର,୨୪।୧୧(ବ୍ୟୁରୋ)**

- କୋଭିଡ୍ ପାଇଁ ଖର୍ଚ୍ଚ ହୋଇଛି ୨୨୩.୮୭ କୋଟି

୨୦୨୦ ଏପ୍ରିଲ୍ରୁ ଅକ୍ଟୋବର ମଧ୍ୟରେ ରାଜ୍ୟରେ ୧,୪୭,୮୭୪ଜଣ ଅଣକୋଭିଡ୍ ରୋଗୀଙ୍କ ମୃତ୍ୟୁ ହୋଇଛି। ବିଜେଡି ସଭ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ମଙ୍ଗଳବାର ବିଧାନସଭାରେ ଏହା କହିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟର କରୋନା ସଂକ୍ରମଣ କାଳରେ ସାଧାରଣ ସ୍ୱାସ୍ଥ୍ୟସେବା ଗୁରୁତର ଭାବେ ବ୍ୟାହତ ହୋଇଥିବା ବିଷୟ ସତ୍ୟ ନୁହେଁ। ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ରାଜ୍ୟର ୨୩ଟି ଜିଲାରୁ ମିଳିଥିବା ସୂଚନା ମୁତାବକ ସରକାରୀ ଓ ବେସରକାରୀ ହସ୍ପିଟାଲରେ କୋଭିଡ ପରୀକ୍ଷା,ଏହାର ମୁକାବିଲା ଓ ଆକ୍ରାନ୍ତଙ୍କୁ ମାଗଣା ଚିକିତ୍ସା ବାବଦରେ ସରକାର ୨୨୩ କୋଟି ୮୭ ଲକ୍ଷ ୮୧ ହଜାର ୮୭୬ ଟଙ୍କା ଖର୍ଚ୍ଚ ଖର୍ଚ୍ଚ କରିଛନ୍ତି। ଗଞ୍ଜାମରେ ସର୍ବାଧିକ ୨୬ କୋଟି ୪୪ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ କେନ୍ଦୁଝରରେ ୨୩ କୋଟି ୯୯ ଲକ୍ଷ, ବଲାଙ୍ଗୀରରେ ୧୪.୯୨ କୋଟି, କେନ୍ଦ୍ରାପଡାରେ ୧୦.୮କୋଟି, କୋରାପୁଟରେ ୯.୫୧ କୋଟି, କଳାହାଣ୍ଡିରେ ୧୧.୫୬ କୋଟି, ମୟୂରଭଞ୍ଜରେ ୧୭.୩ କୋଟି, ପୁରୀରେ ୧୫.୧ କୋଟି, ସୋନପୁରରେ୧୮.୫୬ କୋଟି ଟଙ୍କା ଖର୍ଚ୍ଚ ହୋଇଛି। କୋଭିଡ ଚିକିତ୍ସାରେ ହୋଇଥିବା ଖର୍ଚ୍ଚର ସମସ୍ତ ବିଲ ପ୍ରଦାନ କରିବାକୁ ସରକାର ସମସ୍ତ ଘରୋଇ ହସ୍ପିଟାଲଗୁଡିକୁ ନିର୍ଦ୍ଦେଶ ଦେଇଥିବା ମନ୍ତ୍ରୀ କହିଛନ୍ତି ।

# ହାଜତ ମୃତ୍ୟୁ ମାମଲାର ବିଚାର ବିଭାଗୀୟ ତଦନ୍ତ ହେବ

**ଭୁବନେଶ୍ୱର,୨୪।୧୧(ବ୍ୟୁରୋ)**

## ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ଇସ୍ତଫା ଦାବିକଲା କଂଗ୍ରେସ

- ୯୪% ମହିଳା ବିରୋଧୀ ହିଂସାରେ ଦଣ୍ଡ ପାଉନାହାନ୍ତି ଅଭିଯୁକ୍ତ: ଭାଜପା
- ବିରୋଧୀ ମିଛ କହୁଛନ୍ତି: ବିଜେଡି
- ବର୍ଷକରେ ରାଜ୍ୟରେ ୭ ହାଜତ ମୃତ୍ୟୁ

ପୁରୀ ଓ ସୁନ୍ଦରଗଡ଼ ବୀରମିତ୍ରପୁର ହାଜତ ମୃତ୍ୟୁ ଘଟଣାରେ ମଙ୍ଗଳବାର ବିଧାନସଭାରେ ବିବୃତି ରଖିଛନ୍ତି ଗୃହ ରାଷ୍ଟ୍ରମନ୍ତ୍ରୀ। ଉଭୟ ହାଜତ ମୃତ୍ୟୁ ଘଟଣାରେ ରାଜ୍ୟ ସରକାର ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ପ୍ରକ୍ରିୟାରେ ଏନ୍ଏଚ୍ଆର୍ସିର ସମସ୍ତ ଗାଇଡ୍ଲାଇନକୁ ଅନୁସରଣ କରାଯିବ। ପୁରୀ ଜେଏମ୍ଏଫ୍ସି ସିଦ୍ଧାର୍ଥ ମିଶ୍ରଙ୍କୁ ପୁରୀ ହାଜତ ମୃତ୍ୟୁ ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାୟିତ୍ୱ ଦିଆଯାଇଛି। ସେହିଭଳି ସୁନ୍ଦରଗଡ଼ ବୀରମିତ୍ରପୁର ହାଜତ ମୃତ୍ୟୁ ମାମଲାର ତଦନ୍ତ ଏସ୍ଡିଜେଏମ୍ ଆର୍.କେ. ପ୍ରଧାନ କରିବେ। ନ୍ୟାୟିକ ବ୍ୟବସ୍ଥା ଉପରେ ସମସ୍ତେ ବିଶ୍ୱାସ ଓ ଆସ୍ଥା ରଖିବାକୁ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଗୃହରେ ରଖିଥିବା ବିବୃତିରେ ଉଲ୍ଲେଖ କରିଛନ୍ତି। ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇନି, ବରଂ ଆଇନ ଶୃଙ୍ଖଳା ପରିସ୍ଥିତି ଶାନ୍ତିପୂର୍ଣ୍ଣ ଓ ନିୟନ୍ତ୍ରଣାଧୀନ ରହିଛି। ସରକାର ସଦାସର୍ବଦା ଆଇନଶୃଙ୍ଖଳା ରକ୍ଷା ଓ ଲୋକଙ୍କ ଧନ ଜୀବନକୁ ପ୍ରାଥମିକତା ଦେଇଆସୁଛନ୍ତି। ରାଜ୍ୟ ସରକାର ସାମ୍ବିଧାନିକ କର୍ତ୍ତବ୍ୟ ପାଳନ କରି ଆଇନଶୃଙ୍ଖଳା ରକ୍ଷା ଦିଗରେ ପ୍ରତିଶ୍ରୁତିବଦ୍ଧ। ପୋଲିସ ବିଭାଗର କଠିନ ପରିଶ୍ରମ ଲାଗି ଆଜି ରାଜ୍ୟରେ କରୋନା ନିୟନ୍ତ୍ରଣାଧିନ ରହିଛି। ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଉପରେ ପୋଲିସର ତୀକ୍ଷ୍ଣ ଦୃଷ୍ଟି ରହିଥିବାରୁ ରାଜ୍ୟରେ ସାମ୍ପ୍ରଦାୟିକ ହିଂସା ଦେଖାଯାଇନାହିଁ କି ବଡ଼ ଧରଣର ଛାତ୍ର ଅଶାନ୍ତି ମଧ୍ୟ ଦେଖାଯାଇନି। ଡକାୟତି ୫.୫%, ବଳାତ୍କାର ୧୮% ଓ ଅନ୍ୟାନ୍ୟ ଆପରାଧିକ ମାମଲାରେ ୩୦% ହ୍ରାସ ଦେଖାଯାଇଛି। ମାଓବାଦୀ ନିୟନ୍ତ୍ରଣ କ୍ଷେତ୍ରରେ ଓଡ଼ିଶା ପୋଲିସକୁ ଆଖିଦୃଶିଆ ସଫଳତା ମିଳିଛି। କଟକ ଆଇଆଇଏଫ୍ଏଲ୍ ସୁନା ଲୁଟ୍ ଘଟଣାରେ ପୋଲିସ ସଫଳତାର ସହ ଅଭିଯୁକ୍ତଙ୍କୁ ଚିହ୍ନଟ କରି ଅଟକ ରଖିଥିବା ବିଧାନସଭାରେ ଗୃହ ରାଷ୍ଟ୍ରମନ୍ତ୍ରୀ ସୂଚନା ଦେଇଛନ୍ତି। ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ବିରୋଧୀ ଆଣିଥିବା ମୁଲତବୀ ପ୍ରସ୍ତାବ ଉପରେ ବିବୃତି ରଖି ମନ୍ତ୍ରୀ ପୋଲିସର ସଫଳତା ବିଷୟରେ କହିଥିଲେ।

ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି ହାଜତ ମୃତ୍ୟୁ ପ୍ରସଙ୍ଗ ଗୃହରେ ଉଠାଇଥିଲେ। ରାଜ୍ୟ ସରକାରଙ୍କୁ ଟାର୍ଗେଟ କରି ରାଜ୍ୟରେ ବ୍ରିଟିଶ ଯୁଗ ଚାଲିଥିବା କହିଥିଲେ। ହାଜତ ମୃତ୍ୟୁ ଘଟଣାରେ ସରକାର ଅପରାଧୀଙ୍କୁ ଚତୁରତାର ସହ ଘଣ୍ଟ ଘୋଡ଼ାଉଛନ୍ତି। ଆଇନ ଅନୁଯାୟୀ ହାଜତ ମୃତ୍ୟୁ ପାଇଁ ପୋଲିସ ଦାୟୀ। ୨୦୧୯ରୁ ଇତିମଧ୍ୟରେ ଓଡ଼ିଶାରେ ୭ଟି ହାଜତ ମୃତ୍ୟୁ ଘଟିଛି। କିନ୍ତୁ ଜଣେ ହେଲେ ବି ଦୋଷୀଙ୍କୁ ଦଣ୍ଡ ଦିଆଯାଇନାହିଁ। ୨୦୧୯ ମାର୍ଚ୍ଚରୁ ୨୦୨୦ ଜାନୁୟାରୀ ମଧ୍ୟରେ ୫ହଜାରରୁ ଅଧିକ ଶିଶୁ ନିଖୋଜ ହୋଇଥିବା ବେଳେ ୬୦% ଶିଶୁଙ୍କ ଏପର୍ଯ୍ୟନ୍ତ ପତ୍ତା ମିଳୁନି। ୨୦ରୁ ଅଧିକ ଆଦିବାସୀ ନାବାଳିକା ନିର୍ଯାତନାର ଶିକାର ହୋଇଛନ୍ତି। ୯୪% ମହିଳା ବିରୋଧୀ ହିଂସାରେ ପୋଲିସ ଦୋଷୀଙ୍କୁ ଚିହ୍ନଟ କରିପାରୁନି କି ସେମାନଙ୍କୁ ନ୍ୟାୟ ମିଳିପାରୁ ନାହିଁ। ମାତ୍ର ୬% ମହିଳା ବିରୋଧୀ ହିଂସାରେ ଦୋଷୀଙ୍କୁ ଦଣ୍ଡଦେଇ ପୋଲିସ ବାହାବା ନେଉଛି। ପୁରୀ ଜିଲା ଥାନାଗୁଡ଼ିକ ଏବେ ଥାର୍ଡ ଡିଗ୍ରୀ କେନ୍ଦ୍ରରେ ପରିଣତ ହୋଇଛି। ହେଲେ ସରକାର ଘଟଣାକୁ ଚାପିବାର ଉଦ୍ୟମ ଜାରି ରଖିଥିବା ସେ କହିଥିଲେ। ଜଣେ ବିଚାରପତିଙ୍କ ଦ୍ୱାରା ଘଟଣାର ନ୍ୟାୟିକ ତଦନ୍ତ ସହ ମୁଖ୍ୟମନ୍ତ୍ରୀ ଗୃହରେ ଉତ୍ତର ରଖିବାକୁ ସେ ଦାବି କରିଥିଲେ। ସେହିଭଳି ଗତ ୬ମାସ ହେଲା ପୁରୀରେ ପୋଲିସର ଦମନଲୀଳା ଚାଲିଥିବା ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ କହିଥିଲେ। ହାଜତ ମୃତ୍ୟୁର ଶିକାର ହୋଇଥିବା କେ. ରମେଶଙ୍କ ମା’, ବାପାଙ୍କୁ ପୋଲିସ ଉଠାଇନେଇଛି। ଥାନା ଅଧିକାରୀମାନେ ସାଧାରଣ ଲୋକଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ପୁରୀ ସହରରେ ଶାନ୍ତି ଫେରାଇ ଆଣିବାକୁ ସେ ଦାବି କରିଥିଲେ। କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ଇସ୍ତଫା ଦାବି କରି ମନ୍ତ୍ରୀ ଏସି ଚାମ୍ବରରେ ବସି ବିଭାଗ ସମ୍ଭାଳୁଥିବା କହିଥିଲେ। ଗୃହ ରାଷ୍ଟ୍ରମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କ ସହ ବିଶ୍ୱାସଘାତକତା କରିଛନ୍ତି ବୋଲି ସାଲୁଜା କହିଥିଲେ। ସେହିଭଳି ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ମଧ୍ୟ ଅଖିଳେଶ୍ୱର ସିଂଙ୍କ ଉପରେ ବର୍ଷିଥିଲେ। ତାଙ୍କୁ ତୁରନ୍ତ ଗିରଫ କରିବା ସହ ପୁରୀ ହାଜତ ମୃତ୍ୟୁ ମାମଲାର ବିଚାର ବିଭାଗୀୟ ତଦନ୍ତ କରିବାକୁ ଦାବି କରିଥିଲେ। ବିହାର, ଉତ୍ତରପ୍ରଦେଶ ଠାରୁ ଓଡ଼ିଶା ପୋଲିସର ଦାଦାଗିରି ବଢ଼ିଯାଇଥିବା କଂଗ୍ରେସ ବିଧାୟକ କହିଥିଲେ। ଭାଜପା ବିଧାୟକ ଜୟନାରାୟଣ ମିଶ୍ର କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ହାଜତ ମୃତ୍ୟୁ ଘଟଣାର ତଦନ୍ତ ଦାବି କରିଥିଲେ। ଗତ ଅକ୍ଟୋବରରୁ ଭୁବନେଶ୍ୱରରେ ଲୁଟେରା ଇନିଂସ ଆରମ୍ଭ ହୋଇଛି। ୨୦୧୯ରୁ ଓଡ଼ିଶା ଅଶାନ୍ତ ରାଜ୍ୟରେ ପରିଣତ ହୋଇଛି। ପୋଲିସର ଅତ୍ୟାଚାର ରାଜ୍ୟରେ ବଢିଯାଇଥିବା ସେ କହିଥିଲେ। ଅପରପକ୍ଷେ ବିଜେଡି ବିଧାୟକ ଅମର ପ୍ରସାଦ ଶତପଥୀ, ବିଧାୟକ ଅତନୁ ସବ୍ୟସାଚୀ ନାୟକ ଓ ବିଧାୟକ ପ୍ରତାପ ଦେବ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବ୍ୟବସ୍ଥିତ ଥିବା କହିଥିଲେ। ବିରୋଧୀ ମିଛ କହୁଛନ୍ତି। କେ. ରମେଶଙ୍କ ପୋଷ୍ଟମର୍ଟମବେଳେ ତାଙ୍କ ମା’, ବାପା ହସ୍ପିଟାଲରେ ଉପସ୍ଥିତ ଥିବା ପ୍ରତାପ ଦେବ ଭାଜପାକୁ ଟାର୍ଗେଟ କରି କହିଥିଲେ।









# ପାଖେଇ ଆସୁଛି ବାତ୍ୟା ‘ନିଭାର’

**ଭୁବନେଶ୍ୱର, ୨୪।୧୧(ବ୍ୟୁରୋ)**

- ଓଡ଼ିଶା ଉପରେ ବିପଦ ନାହିଁ
- ଦକ୍ଷିଣ ଓଡ଼ିଶାରେ ହାଲୁକା ବର୍ଷା ସମ୍ଭାବନା

ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ମଙ୍ଗଳବାର ବାତ୍ୟା ‘ନିଭାର’ରେ ପରିଣତ ହୋଇଛି। ଏହା ଧୀରେଧୀରେ ଉତ୍ତର-ପଶ୍ଚିମ ଦିଗକୁ ଘଣ୍ଟା ପ୍ରତି ୨୫ କି.ମି ବେଗରେ ଗତିକରୁଛି। ଅବପାତ ପୁଡୁଚେରୀର ପୂର୍ବ-ଦକ୍ଷିଣ-ପୂର୍ବ ଦିଗରେ ୪୦୦ କି.ମି ଏବଂ ଦକ୍ଷିଣ-ପୂର୍ବ ତାମିଲନାଡୁର ୪୫୦ କି.ମି. ଦୂରରେ ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଭୟଙ୍କର ବାତ୍ୟା (ସିଭିୟର ସାଇକ୍ଲୋନିକ ଷ୍ଟର୍ମ) ରୂପ ନେବାର ସମ୍ଭାବନା ରହିଛି। ଏହା ପରେ ବାତ୍ୟା ଉତ୍ତର ପଶ୍ଚିମ ଦିଗକୁ ଗତି କରି ୨୫ ତାରିଖ ସନ୍ଧ୍ୟା ସୁଦ୍ଧା ତାମିଲନାଡୁ ଏବଂ ପୁଡୁଚେରୀ ଉପକୂଳ ଦେଇ କରାଇକାଲ ଓ ମାମଲାପୁରମ ମଧ୍ୟରେ ଗତି କରିବା ନେଇ ପୂର୍ବାନୁମାନ କରାଯାଇଛି। ପବର ବେଗ ଘଣ୍ଟାକୁ ୧୦୦ରୁ ୧୨୦ କି.ମି. ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଓଡିଶା ଉପରେ ନିଭାରର କୌଣସି ପ୍ରଭାବ ନାହିଁ। ବାତ୍ୟା ପ୍ରଭାବରେ ଆସନ୍ତା ୨୫ ଓ ୨୬ ତାରିଖରେ ଓଡିଶାର ଅଳ୍ପ କେତେକ ଜିଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ୨୫ ତାରିଖରେ କୋରାପୁଟ, ମାଲାନଗିରି, ରାୟଗଡା, ଗଜପତି, ଏବଂ ଗଞ୍ଜାମ ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୨୬ ତାରିଖରେ କୋରାପୁଟ, ମାଲାନଗିରି, ରାୟଗଡା, ଗଜପତି, କନ୍ଧମାଳ ଜିଲାର ଅଳ୍ପ କେତେକ ସ୍ଥାନ ଏବଂ ଉପକୂଳବର୍ତ୍ତୀ ଜିଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ ବିଭାଗ ପକ୍ଷରୁ ଏଲୋୱାର୍ଣ୍ଣିଂ ଜାରି କରାଯାଇଛି। ବାତ୍ୟା ଯୋଗୁ ଓଡିଶା ଉପକୂଳରେ ୬୫ରୁ ୭୫ କି.ମି. ବେଗରେ ପବନ ବହିବା ସମ୍ଭାବନା ରହିଛି। ୨୫ ତାରିଖ ଯାଏ ସମୁଦ୍ରକୁ ନ ଯିବା ଲାଗି ପାଣିପାଗ ବିଭାଗ ପକ୍ଷରୁ ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଯାଇଛି । ସମ୍ଭାବନ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଜିଲାପାଳମାନଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟ ପକ୍ଷରେ ରାଜ୍ୟରେ ଗତ ଦୁଇଦିନ ହେବ ଶୀତର ପରିମାଣ ସାମାନ୍ୟ ବୃଦ୍ଧିପାଇଛି। ଅଧିକାଂଶ ସ୍ଥାନରେ ପାରଦ ୧୫ ଡିଗ୍ରୀ ସେଲସିୟସ ତଳେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଦାରିଙ୍ଗୀବାଡିରେ ସର୍ବନିମ୍ନ ତାପମାତ୍ରା ୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀ ୧୧, ଅନୁଗୋଳ ୧୧.୬, ବାରିପଦା ୧୨, କେନ୍ଦୁଝର ୧୨.୪, ଝାରସୁଗୁଡା ୧୩.୮, ଭବାନୀପାଟଣା ୧୩.୬, ତାଳଚେର ୧୨.୫, କୋରାପୁଟ ୧୪, କଟକ ୧୪.୫, ଚାନ୍ଦବାଲି ୧୪.୮, ବାଲେଶ୍ୱର ୧୫.୨, ହୀରାକୁଦ ୧୬.୧, ସୁନ୍ଦରଗଡ ୧୬, ସମ୍ବଲପୁର ୧୬.୩, ଭୁବନେଶ୍ୱର ୧୬, ବୌଦ୍ଧ ୧୬ ଏବଂ ଏବଂ ପୁରୀରେ ସର୍ବନିମ୍ନ ତାପମାତ୍ରା ୧୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।



**ଆଜିର ମନ୍ତବ୍ୟ**

"କରୋନା ବିରୋଧରେ ଲଢ଼ିବା ଲାଗି କେନ୍ଦ୍ର ସରକାର ଜାତୀୟ ଟିକା ବଣ୍ଟନ ନୀତି ପ୍ରସ୍ତୁତ କରନ୍ତୁ।

–ଉଦ୍ଧବ ଠାକ୍‌ରେ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ: ..............................

ଜନ୍ମ ତାରିଖ: ..............................


ପ୍ରୀତମ୍ ପରିବାରବର୍ଗ


କସ୍ତୁରୀ ପରିବାରବର୍ଗ


ଶୁଭମ୍ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଧର୍ମଶାଳା: ବନ୍ଦ ହେବ ୨୭୫ ବେଆଇନ କ୍ରସର

**ଯାଜପୁର ଅଫିସ,୨୪।୧୧:** ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନରେ ଚାଲିଥିବା ୨୭୫ଟି ବେଆଇନ କ୍ରସରକୁ ୧୫ଦିନ ମଧ୍ୟରେ ବନ୍ଦ କରାଯିବ। ଏଥିପାଇଁ ଧର୍ମଶାଳା ତହସିଲଦାର, ଧର୍ମଶାଳା ଆଇଆଇସି, ଡିଏଫଓ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସପିସିବି)ର ଆଞ୍ଚଳିକ ଅଧିକାରୀ ଓ ଏମଭିଆଇଙ୍କୁ ନେଇ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯିବ। ଏହି କମିଟି ବେଆଇନ କ୍ରସରଗୁଡ଼ିକୁ ଚିହ୍ନଟ କରି ବନ୍ଦ କରିବା ଦିଗରେ ପଦକ୍ଷେପ ନେବ। ହାଇକୋର୍ଟରେ ରୁଜୁ ହୋଇଥିବା ଏକ ଜନସ୍ୱାର୍ଥ ମାମଲା ଉପରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ବିଚାରକରି ମଙ୍ଗଳବାର ଏହି ନିର୍ଦ୍ଦେଶ ଜାରି କରିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ନ୍ୟାୟ ନ ପାଇଲେ...

କରିବା ସହ ସେମାନଙ୍କଠାରୁ କିରୋସିନ ଓ ଦିଆସିଲି ଜବତ କରିଛି। ପରେ ଉଭୟଙ୍କୁ ଛାଡ଼ି ଦିଆଯାଇଥିବାବେଳେ ଏକ ଷ୍ଟେଶନ ଡାଏରୀ ଏଣ୍ଟ୍ରି କରାଯାଇ ପୋଲିସ ତଦନ୍ତ ଜାରି ରଖିଛି ବୋଲି ଡିସିପି ଉମାଶଙ୍କର ଦାସ କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଗତ ଜୁନ୍ ୧୪ରେ ଅଶୋକଙ୍କ ଝିଅ ପରୀ ଘର ନିକଟରେ ଖେଳୁଥିବାବେଳେ ନିଖୋଜ ହୋଇଯାଇଥିଲେ। ବହୁ ଖୋଜାଖୋଜି କରିବା ପରେ କୌଣସି ପତ୍ତା ମିଳି ନ ଥିଲା। ଏନେଇ ଅଶୋକ ନୟାଗଡ଼ ସଦର ଥାନାରେ ଅଭିଯୋଗ କରିଥିଲେ। ନିଖୋଜର ୧୦ଦିନ ପରେ ପରୀର ମୃତଦେହ ଅଶୋକଙ୍କ ଘର ପଛପାର୍ଶ୍ୱ ଏକ ପୋଖରୀ ନିକଟରୁ ମିଳିଥିଲା। ଅତି ନିର୍ମମ ଭାବେ କୁନି ଝିଅଟିକୁ ହତ୍ୟା କରାଯାଇଥିବା ଦେଖିବାକୁ ମିଳିଥିଲା। ଅଳ୍ପ କିଛି ଖଣ୍ଡ ହାଡ଼କୁ ଛାଡ଼ିଦେଲେ ଶରୀରର ଅଧିକାଂଶ ଭାଗ ନଷ୍ଟ ହୋଇଯାଇଥିଲା। ଏମିତିକି ପରୀର ଅଙ୍ଗ ପ୍ରତ୍ୟଙ୍ଗ କାଢି ନିଆଯିବା ସହ କେମିକାଲ ପକାଇ ମୃତ ଶରୀରକୁ ନଷ୍ଟ କରାଯାଇଥିବା ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ସଦରଥାନା ପୋଲିସ ସେହିଦିନ ଏକ ହତ୍ୟା ମାମଲା(ନଂ.୯୮/୨୦୨୦) ରୁଜୁ କରିଥିଲା। ତେବେ ଉକ୍ତ ମାମଲାରେ ପୋଲିସ ଏଯାବତ୍ ହତ୍ୟାକାରୀଙ୍କୁ ଗିରଫ କରିପାରି ନାହିଁ। ଏନେଇ ବାରମ୍ବାର ସଦର ଥାନାରେ ନେହୁରା ହୋଇଥିଲେ ମଧ୍ୟ କେହି ଶୁଣି ନ ଥିଲେ। ଏପରି କି ପରୀର ମାତାପିତା ଉପରିସ୍ଥ ପୋଲିସ ଅଧିକାରୀଙ୍କ ବାରଣ୍ଡା ମାଡ଼ିଥିଲେ ମଧ୍ୟ କେହି ତାଙ୍କ ଗୁହାରି ଶୁଣି ନ ଥିଲେ। ଅପରପକ୍ଷରେ ଅଭିଯୁକ୍ତମାନେ ତାଙ୍କୁ ଗାଁ ଛାଡ଼ି ପଳାଇବାକୁ ଧମକ ଦେଉଛନ୍ତି। ହତ୍ୟାକାଣ୍ଡ ପଛରେ ଅଙ୍ଗ, ପ୍ରତ୍ୟଙ୍ଗ ରାକେଟର ହାତ ଥିବା ନେଇ ମଧ୍ୟ ପରିବାର ପକ୍ଷରୁ ଅଭିଯୋଗ ସହ ସାଧାରଣରେ ଅନେକ ସନ୍ଦେହ ସୃଷ୍ଟି ହୋଇଥିଲା। ଏଥିରେ ମନ୍ତ୍ରୀ ଅରୁଣ ସାହୁଙ୍କ ଜଣେ ସହଯୋଗୀଙ୍କ ସମ୍ପୃକ୍ତି ଥିବାରୁ ପୋଲିସ ଜାଣି ଶୁଣି ତଦନ୍ତରେ ହେଳା କରୁଛି ବୋଲି ଦମ୍ପତି ଅଭିଯୋଗ କରିଛନ୍ତି। ଏନେଇ ମନ୍ତ୍ରୀ ଅରୁଣ ସାହୁଙ୍କୁ ପଚରାଯିବାରୁ ଏହି ଘଟଣା ସମ୍ପର୍କରେ ସେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଛନ୍ତି। ଏନେଇ ଡିସିପି ଉମାଶଙ୍କର ଦାଶଙ୍କୁ ପଚାରିବାରେ ଉକ୍ତ ଦମ୍ପତି ସାଧାରଣ ଲୋକଙ୍କ ଯିବାଆସିବା ପାଇଁ ଉଦ୍ଦିଷ୍ଟ ରାସ୍ତାରେ ଆତ୍ମାହୁତି ଉଦ୍ୟମ କରିଥିଲେ। ସେମାନଙ୍କୁ ଉଦ୍ଧାର କରାଯିବା ପରେ ଛାଡ଼ି ଦିଆଯାଇଛି ବୋଲି କହିଛନ୍ତି।

## ଆଜି ବିବୃତି ରଖିବେ...

ଏହାକୁ ନେଇ ଅପରାହ୍ନ ଅଧିବେଶନରେ ଗୃହରେ ପ୍ରବଳ ହଟ୍ଟଗୋଳ ହୋଇଥିଲା। ବିରୋଧୀଙ୍କ ପ୍ରବଳ ବିରୋଧ ପରେ ବାଚସ୍ପତି ଏହା ଉପରେ ରୁଲିଂ ଦେଇଥିଲେ। ବୁଧବାର ଏହି ପ୍ରସଙ୍ଗରେ ଗୃହ ରାଷ୍ଟ୍ରମନ୍ତ୍ରୀ ବିଧାନସଭାରେ ଉତ୍ତର ରଖିବାକୁ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ନିର୍ଦ୍ଦେଶ ଦେଇଛନ୍ତି।

ବିରୋଧୀ ଦଳ ୪ଟି ପ୍ରସଙ୍ଗ ଗୃହରେ ଉଠାଇଥିଲେ। ବିଧାନସଭା ସମ୍ମୁଖରେ ସୁରକ୍ଷା ବ୍ୟବସ୍ଥା, କିରୋସିନ ଢାଳି ଦମ୍ପତିଙ୍କ ଆତ୍ମହତ୍ୟା ଉଦ୍ୟମ, ପରୀ ହତ୍ୟାକାଣ୍ଡ ଓ ଜଣେ ମନ୍ତ୍ରୀଙ୍କ ନାମ ଏଥିରେ ରହିଛି। ଏହି ୪ଟିଯାକ ପ୍ରସଙ୍ଗରେ ଗୃହ ରାଷ୍ଟ୍ରମନ୍ତ୍ରୀ ବିସ୍ତୃତ ବିବରଣୀ ରଖିବାକୁ ବାଚସ୍ପତି ନିର୍ଦ୍ଦେଶ ଦେଇଥିଲେ। ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ଗୃହରେ ଏହି ପ୍ରସଙ୍ଗ ଉଠାଇ କହିଥିଲେ, ବିଧାନସଭା ସମ୍ମୁଖରେ ନୟାଗଡ଼ ଜିଲାର ଏକ ଦମ୍ପତି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତାଙ୍କ ଝିଅର ମୃତ୍ୟୁ ଘଟଣାରେ ବର୍ତ୍ତମାନ ସୁଦ୍ଧା କାହାକୁ ଗିରଫ କରାଯାଇନାହିଁ। ବିଧାନସଭାରେ ଆଇନ ଶୃଙ୍ଖଳା ଆଲୋଚନା ଚାଲିଥିବାବେଳେ ବାହାରେ ଏଭଳି ଘଟଣା ଘଟୁଛି। ମୁଖ୍ୟମନ୍ତ୍ରୀ ଏହା ଉପରେ ବିବୃତି ରଖିବାକୁ ସେ ଦାବି କରିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ବିଧାନସଭାର ସୁରକ୍ଷା ପ୍ରସଙ୍ଗ ଉଠାଇଥିଲେ। ବିଧାୟକମାନେ ଆଉ ସୁରକ୍ଷିତ ନୁହନ୍ତି। ବିଧାନସଭା ଭିତରେ ବିଧାୟକମାନେ ଶିଳ୍ପପତି, ଖଣି ମାଲିକ, ସରକାର ତଥା ଅଫିସରଙ୍କ ବିରୋଧରେ ବି କହୁଛନ୍ତି। ତେବେ ଗାଡ଼ିରେ ଗଲାବେଳେ ଯଦି କିଏ ବୋମା ପକାଇଲା, ତେବେ କ'ଣ ହେବ ବୋଲି ସେ ପ୍ରଶ୍ନ କରିଥିଲେ। ବିଧାୟକମାନଙ୍କୁ ସରପଞ୍ଚ ପାହ୍ୟାକୁ ଖସାଇ ଆଣିବା ପାଇଁ ସରକାର ଉଦ୍ୟମ କରୁଥିବା ଭାଜପା ବିଧାୟକ ବିଷ୍ଣୁ ସେଠୀ କହିଥିଲେ। ବିଧାନସଭା ସମ୍ମୁଖରେ ଯେଉଁ ଘଟଣା ଘଟିଲା, ସେହିଭଳି ଯଦି ମାଓବାଦୀ କି ଆତଙ୍କବାଦୀମାନେ ବୋମା ନେଇ ଆସି ପହଞ୍ଚିବେ ତେବେ କ'ଣ ହେବ ବୋଲି ସେ ପ୍ରଶ୍ନ କରିଥିଲେ। କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜା, ସୁରେଶ କୁମାର ରାଉତରାୟ, ତାରାପ୍ରସାଦ ବାହିନୀପତି, ଭାଜପା ସଦସ୍ୟ ବିଷ୍ଣୁ ସେଠୀ ଓ ମୋହନ ମାଝି ପ୍ରମୁଖ ୪୦ମିନିଟରୁ ଊର୍ଦ୍ଧ୍ୱ ସମୟ ଧରି ୪ଟି ପ୍ରସଙ୍ଗ ଉପରେ ସରକାରଙ୍କ ବିବୃତି ଦାବି କରିଥିଲେ। ପ୍ରକାଶ ଯେ, ଗତ ମୌସୁମୀ ଅଧିବେଶନ ଚାଲିଥିବାବେଳେ ବିଧାନସଭା ଆଗରେ ନୟାଗଡ଼ ଅଞ୍ଚଳର ଜଣେ ଯୁବକ ତାଙ୍କ ମା' ବେକରେ ଛୁରି ଲଗାଇ ମାରିବାକୁ ଚେଷ୍ଟା କରିଥିଲେ। ଏହାକୁ ଦେଖି ପୋଲିସ କୌଶଳକ୍ରମେ ମା'ଙ୍କୁ ରକ୍ଷା କରିପାରିଥିଲା।

## ଆଉ ୪୩ ମୋବାଇଲ...

ଆଉ ୧୧୮ ଆପ୍‌କୁ ଭାରତରୁ ନିଷେଧ କରାଯାଇଥିଲା। ସୂଚନା ଏବଂ ପ୍ରଯୁକ୍ତି ଆଇନ ଧାରା ୬୯ଏ ଅନୁସାରେ ସରକାର ଏଭଳି କାର୍ଯ୍ୟାନୁଷ୍ଠାନ ନେଇଥିବା ଜଣାପଡିଛି। ମଙ୍ଗଳବାର ବ୍ୟାନ୍ ହୋଇଥିବା ଅନ୍ୟ ଆପ୍ ମଧ୍ୟରେ ଆଲି ସପ୍ଲାୟର, ଲାଲା ମୁଭ୍ ଇଣ୍ଡିଆ, ସ୍ନାକ ଭିଡିଓ, କ୍ୟାମ୍ କାର୍ଡ, କ୍ୟାମ୍‌କାର୍ଡ ବିସିଆର,ସୋଲ୍, ଚାଇନିଜ ସୋସିଆଲ, ଡେଟ୍ ଇନ ଏସିଆ, ୱି ଡେଟ, ସିଙ୍ଗୋଲ, ଆଡୋର ଆପ୍, ଟ୍ରୁଲି ଚାଇନିଜ, ଟ୍ରୁଲି ଏସିଆନ, ଚାଇନା ଲଭ, ଡେଟ୍ ମାଇଁ ଏଜ୍, ଏସିଆନ ଡେଟ୍ ରହିଛି। ଏହାବାଦ ଫାଷ୍ଟ ୱିସ୍, ଟ୍ୟୁବିଟ, ୱିଓ୍ୱାର୍କ ଚାଇନା, ଫାଷ୍ଟ ଲଭ୍ ଲାଇଭ, ରିଲା, କ୍ୟାଶିୟର ୱାଲେଟ, ମ୍ୟାଙ୍ଗୋ ଟିଭି, ଏମ୍‌ଜି ଟିଭି, ୱି ଟିଭି, ୱି ଟିଭି ଲାଇଟ୍, ଲକି ଲାଇଭ, ଟାବାଓ ଲାଇଭ, ଡିଂ ଟକ୍, ଆଇଡେଣ୍ଟିଟି ଭି, ଆଇସୋଲାଣ୍ଡ ଟୁ, ବକ୍ସ ଷ୍ଟାର, ହିରୋଜ୍ ଇଭଲ୍‌ଭ, ହାପି ଫିସ୍, ଜେଲିପପ୍ ମ୍ୟାଚ୍, ମଞ୍ଚକିନ୍ ମ୍ୟାଚ୍ ଏବଂ କନକୁଇଷ୍ଟା ଅନ୍‌ଲାଇନ ଆପ୍‌କୁ ବ୍ୟାନ୍ କରାଯାଇଛି।

## ଲଗାତର ୫ ଦିନ...

ହେଲେ ଗତ ଶୁକ୍ରବାରଠାରୁ ତୈଳ ବିପଣନ କମ୍ପାନୀ ଇନ୍ଧନ ଦର ବଢ଼ାଇ ଚାଲିଛନ୍ତି। ଦେଶର ମେଟ୍ରୋ ସହରଗୁଡ଼ିକରେ ମଧ୍ୟ ସ୍ଥିତି ସମାନ ରହିଛି। ମଙ୍ଗଳବାର ଏହି ସହରଗୁଡିକରେ ପେଟ୍ରୋଲ ଲିଟର ୫ରୁ ୬ ପଇସା ବଢିଛି। ସେହିଭଳି ଡିଜେଲ ଦର ୧୬ରୁ ୧୭ ପଇସା ଉଚ୍ଚରେ ରହିଛି। ନୂଆଦିଲ୍ଲୀରେ ପେଟ୍ରୋଲ ୮୧.୫୯ ଟଙ୍କା ଥିବାବେଳେ ଚେନ୍ନାଇରେ ୮୪.୬୪ ଟଙ୍କା, କୋଲକାତାରେ ୮୩.୧୫ ଟଙ୍କା ଏବଂ ମୁମ୍ବାଇରେ ସର୍ବାଧିକ ୮୮.୨୯ ଟଙ୍କା ରହିଛି। ଏହାବାଦ୍ ଏହି ସହରଗୁଡିକରେ ଡିଜେଲ ଦର ଯଥାକ୍ରମେ ୭୧.୪୧ ଟଙ୍କା, ୭୬.୮୮ ଟଙ୍କା, ୭୪.୯୮ ଟଙ୍କା ଏବଂ ୭୭.୯୦ ଟଙ୍କା ରହିଛି।

## ସମ୍ପର୍କ ଲୁଚାଇବାକୁ...

୧୦ରେ ପ୍ରିନ୍ସେସ୍ ହୟା ଦୁବାଇ ଶାସକ ଶେଖ୍ ମହମ୍ମଦ ବିନ୍ ରସିଦ୍ ଅଲ୍ ମକ୍ତୁମ (୭୧)ଙ୍କୁ ବିବାହ କରି ତାଙ୍କର ଦ୍ୱିତୀୟ ଅଫିସିଆଲ୍ ସ୍ତ୍ରୀ ହୋଇଥିଲେ। ହୟାଙ୍କୁ ଛାଡ଼ିଦେଲେ ଶାସକଙ୍କ ଆହୁରି କେତେଜଣ ଅନ୍‌ଅଫିସିଆଲ ସ୍ତ୍ରୀ ଅଛନ୍ତି। ୨୦୧୯ ଫେବୃୟାରୀ ୭ରେ ଶେଖ୍ ମହମ୍ମଦ ଶାରିଆ ଆଇନ ଅନୁସାରେ ହୟାଙ୍କୁ ଛାଡ଼ପତ୍ର ଦେଇଥିଲେ। ଏପ୍ରିଲ ୧୫ରେ ହୟା ନିଜ ଦୁଇ ପିଲାଙ୍କୁ ଧରି ଦୁବାଇ ଛାଡ଼ି ଲଣ୍ଡନ ଚାଲିଯାଇଥିଲେ। ନିଜ ପିଲାଙ୍କୁ ଫେରାଇ ଆଣିବା ଲାଗି ଶେଖ୍ ମେ ୧୪ରେ ବ୍ରିଟେନ ହାଇକୋର୍ଟରେ ମାମଲା ଦାଏର କରିଥିଲେ। ଏହି ମାମଲାର ଶୁଣାଣି ଅନ୍ତର୍ଜାତୀୟ ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରିଛି। ଶୁଣାଣି ବେଳେ ଜଣାପଡ଼ିଛି ଯେ, ଶାସକଙ୍କ ସ୍ତ୍ରୀ ହୟାଙ୍କ ସହିତ ସବୁବେଳେ ଦୁଇଜଣ ବଡିଗାର୍ଡ ରହିବା ନେଇ ପଟୋକଲ୍ ଥିଲା। ଉଭୟଙ୍କ ମଧ୍ୟରୁ ବ୍ରିଟିଶ୍ ବଡିଗାର୍ଡ ରସେଲ୍ ଫ୍ଲାଓ୍ୱାର୍ସଙ୍କୁ ହୟା ପ୍ରେମ କରୁଥିଲେ। ତେଣୁ ସବୁବେଳେ ତାଙ୍କୁ ହିଁ ପାଖରେ ରଖୁଥିଲେ। ବିଦେଶ ଗସ୍ତ ସମୟରେ ହୟା ଓ ଫ୍ଲାଓ୍ୱାର୍ସଙ୍କ ରୁମ୍ ଲାଗି ଲାଗି ରହୁଥିଲା। ସେ ଫ୍ଲାଓ୍ୱାର୍ସଙ୍କ ସହିତ ଅନେକ ରାତି ବିତାଇଥିଲେ।

- ବ୍ରିଟିଶ୍ ବଡିଗାର୍ଡ ରସେଲ ଫ୍ଲାଓ୍ୱାର୍ସଙ୍କ ସହ ପ୍ରିନ୍ସେସ୍ ହୟାଙ୍କର ଥିଲା ଶାରୀରିକ ସମ୍ପର୍କ
- ମୁହଁ ବନ୍ଦ ପାଇଁ ତାଙ୍କୁ ଦାମୀ ଘଣ୍ଟା ଓ ବନ୍ଧୁକ ଉପହାର ଦେଇଥିଲେ
- ଅନ୍ୟ ୩ ଅଙ୍ଗରକ୍ଷୀଙ୍କୁ ମଧ୍ୟ ୧.୨ ନିୟୁତ ପାଉଣ୍ଡ ଲେଖାଏ ଲାଞ୍ଚ ଦେଇଥିଲେ
- ଏହି ସମ୍ପର୍କ ଯୋଗୁ ଫ୍ଲାଓ୍ୱାର୍ସଙ୍କ ୪ ବର୍ଷର ବୈବାହିକ ଜୀବନରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା
- ୨୦୧୮ରେ ଦୁବାଇ ଶାସକ ଶେଖ୍ ମହମ୍ମଦ ଅଲ୍ ମକ୍ତୁମଙ୍କଠାରୁ ବର୍ତ୍ତିବା ପାଇଁ ପ୍ରିନ୍ସେସ୍ ହୟା ଲଣ୍ଡନକୁ ଲୁଚି ପଳାଇଥିଲେ
- ୨୦୧୯ରେ ଶେଖ୍ ତାଙ୍କୁ ଛାଡ଼ପତ୍ର ଦେଇଥିଲେ

ଏହି ସମ୍ପର୍କକୁ ନେଇ କେହି ଯେମିତି ଜାଣି ନ ପାରିବେ ସେଥିଲାଗି ହୟା ସମସ୍ତ ପ୍ରକାର ଉଦ୍ୟମ କରିଥିଲେ। ୨୦୧୬ରୁ ୨୦୧୮ ପର୍ଯ୍ୟନ୍ତ ଉଭୟଙ୍କ ମଧ୍ୟରେ ଗୁପ୍ତ ପ୍ରେମ ସମ୍ପର୍କ ଚାଲିଥିଲା। ଇତିମଧ୍ୟରେ ହୟା ଫ୍ଲାଓ୍ୱାର୍ସଙ୍କ ମୁହଁ ବନ୍ଦ କରିବା ଲାଗି ତାଙ୍କୁ ୧.୨ ନିୟୁତ ପାଉଣ୍ଡ ଦେଇଥିଲେ। ସେହିପରି ଫ୍ଲାଓ୍ୱାର୍ସଙ୍କୁ ସେ ଦେଇଥିବା ଅନେକ ଦାମୀ ଉପହାର ମଧ୍ୟରେ ଥିଲା ୧୨,୦୦୦ ପାଉଣ୍ଡର ଅଡେମାର୍ସ ପିଗୁଏଟ୍ ଘଣ୍ଟା ଓ ୫୦,୦୦୦ ପାଉଣ୍ଡ ମୂଲ୍ୟର ଭିଣ୍ଟେଜ୍ ଶଟଗନ୍। ପୂର୍ବତନ ସୈନିକ ଫ୍ଲାଓ୍ୱାର୍ସ ୫ ବର୍ଷ ଧରି ହୟାଙ୍କ ସେବାରେ ଥିବାବେଳେ ୨୦୧୬ ଶେଷ ଆଡ଼କୁ ଉଭୟଙ୍କ ମଧ୍ୟରେ ଘନିଷ୍ଠତା ବଢ଼ିଥିବା ଜଣାପଡ଼ିଛି। ଅନୁରୂପ ଭାବେ ଗୁପ୍ତ ସମ୍ବନ୍ଧ ଲୁଚାଇବା ପାଇଁ ଅନ୍ୟ ୩ ବଡିଗାର୍ଡଙ୍କୁ ମଧ୍ୟ ପ୍ରିନ୍ସେସ୍ ହୟା ୧.୨ ନିୟୁତ ପାଉଣ୍ଡ ଲେଖାଏ ଦେଇଥିଲେ। ଏହି ସମସ୍ତ ଅର୍ଥର ପରିମାଣ ୫୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ। ତେବେ ସତ ସବୁଦିନ ଲୁଚିରହେ ନାହିଁ। ଦିନେ ସବୁକଥା ପଦାକୁ ଆସିଥିଲା। ଫୋନ୍‌କଲ ଓ ମେସେଜ୍‌ଗୁଡ଼ିକରୁ ଏ ସମ୍ପର୍କରେ ଜାଣିବା ପରେ ଫ୍ଲାଓ୍ୱାର୍ସଙ୍କ ସ୍ତ୍ରୀ ତାଙ୍କ ସହ ବୈବାହିକ ସମ୍ବନ୍ଧରେ ପୂର୍ଣ୍ଣଚ୍ଛେଦ ପକାଇଥିଲେ। ଶେଖ୍‌ଙ୍କ ସୁଫୋଲ୍କର ନ୍ୟୁ ମାର୍କେଟ ନିକଟ ଡଲହାମ୍ ହଲ୍(୩ ହଜାର ଏକର ଜମି ଉପରେ ବିସ୍ତୃତ ଇଷ୍ଟେଟ୍)ରେ ପ୍ରିନ୍ସେସ ହୟା ତାଙ୍କ ପ୍ରେମିକ ବଡିଗାର୍ଡଙ୍କ ସହ ରାତ୍ରିଯାପନ କରିଥିବା ଶେଖ୍ ମଧ୍ୟ ଜାଣିପାରିଥିଲେ। ଏହାକୁ ନେଇ ସେ କ୍ଷୁବ୍ଧ ହୋଇଥିଲେ। ଧରାପଡ଼ିବା ପରେ ହୟା ୨୦୧୮ରେ ଦୁବାଇରୁ ଲୁଚି ଲଣ୍ଡନ ଚାଲିଯାଇଥିଲେ। ସମ୍ପ୍ରତି ପ୍ରିନ୍ସେସ ହୟା ତାଙ୍କ ୧୧ ବର୍ଷୀୟା ଝିଅ ଓ ୭ ବର୍ଷୀୟ ପୁଅଙ୍କ ସହ ଲଣ୍ଡନର କେନ୍‌ସିଙ୍ଗ୍‌ଟନସ୍ଥିତ ଏକ ପ୍ରାସାଦରେ ରହୁଛନ୍ତି, ଯାହାର ମୂଲ୍ୟ ୮୫ ନିୟୁତ ପାଉଣ୍ଡ ହେବ।

## ମାଡ଼ିଗଲା ଡମ୍ପର:...

ଦୁର୍ଘଟଣା ଘଟାଇଥିବା ଡମ୍ପର ଡ୍ରାଇଭର ଫେରାର ହୋଇଯାଇଥିଲେ। ଶରଣକୁଳ ଥାନା ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲା। ହେଲେ ଦୀର୍ଘ ସମୟ ଧରି ପ୍ରଶାସନିକ ଅଧିକାରୀ ନ ପହଞ୍ଚିବାରୁ ଉତ୍ତେଜନା ବଢ଼ିଥିଲା। ସନ୍ଧ୍ୟା ସାଢ଼େ ୬ଟାରେ ନୟାଗଡ଼ ଉପଜିଲାପାଳ ଲଗ୍ନଜିତ ରାଉତରାୟ ଓ ଓଡଗାଁ ତହସିଲଦାର ବିଜୟିତା ସାମନ୍ତସିଂହାର ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଅଧିକାରୀମାନେ ପ୍ରତି ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡରୁ ୨ଲକ୍ଷ ଓ ରେଡ୍‌କ୍ରସରୁ ୨୦ହଜାର ଟଙ୍କା ଲେଖାଏ ଦେବାକୁ ପ୍ରତିଶ୍ରୁତି ଦେବା ପରେ ରାତି ସାଢ଼େ ୧୦ଟାରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ସୂଚନା ଅନୁସାରେ ଆର୍‌କେଡି କନ୍‌ଷ୍ଟ୍ରକ୍‌ଶନର ୩ଟି ଡମ୍ପର ଆଗପଛ ହୋଇ ଅପରାହ୍ନରେ ଶରଣକୁଳ ରାସ୍ତା ଅତିକ୍ରମ କରୁଥିଲେ। ୩ୟ ଡମ୍ପରଟି (ନଂ.ଓଡି୦୨ଇ–୬୧୬୫) ପ୍ରଥମେ ନରେନ୍ଦ୍ରପୁର ନିକଟରେ ସୁବାସିନୀ ଓ ସରୋଜିନୀଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ସେମାନଙ୍କ ଜୀବନ ଚାଲିଯାଇଥିଲା। ପରେ ଡମ୍ପରଟି ଶରଣକୁଳ ପାନ୍ଥଶାଳାଠାରେ ସୁଆର ସାହିଠାରେ ଅନ୍ୟ ୪ଜଣଙ୍କୁ ଧକ୍କା ଦେଇଥିଲା। ପଦ୍ମଲୋଚନ ନିର୍ମାଣ କାର୍ଯ୍ୟ ଚାଲୁଥିବା ରାସ୍ତାରେ ଏବଂ ନୀଳକଣ୍ଠ ଓ ନାତୁଣୀ କାଜଲ ଘର ସମ୍ମୁଖରେ ଠିଆ ହୋଇଥିଲେ। ଗୁଡିଆସାହିର ରାଜେଶ ମହାପାତ୍ର ଚାଲିକରି ଯାଉଥିଲେ। କାଜଲଙ୍କୁ ଛାଡିଦେଲେ ୩ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇସାରିଥିଲା। କାଜଲଙ୍କୁ ଗୁରତର ଅବସ୍ଥାରେ ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏଭଳି ସ୍ଥିତିରେ ଆଗରେ ଯାଉଥିବା ୨ୟ ଡମ୍ପରଟି ଲୋକଙ୍କ ରୋଷର ଶିକାର ହୋଇଥିଲା। ଏହାର ଡ୍ରାଇଭର ମାଡ଼ ଖାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଡମ୍ପର ଓ ବାଇକ୍ ଜବତ କରିଛି।


ମୃତକଙ୍କ ନିକଟରେ ଶୋକାକୁଳ ଆତ୍ମୀୟସ୍ୱଜନ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ:** ଆଜି ଆର୍ଥିକ ଉନ୍ନତି ଓ ବନ୍ଧୁମିଳନରୁ ଆନନ୍ଦ ଅନୁଭବ କରିବେ। ଭାଇ, ବନ୍ଧୁ ତଥା ପଡୋଶୀମାନଙ୍କ ସହ ସମତାଳ ଦେଇ ଚଳିବା ପାଇଁ ଚେଷ୍ଟାକଲେ ସୁଫଳ ମିଳିପାରିବ। ସହକର୍ମୀମାନଙ୍କ ସହ ବିଭିନ୍ନ ପ୍ରକାରର ଆଲୋଚନାରେ ସମୟ କଟାଇପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା କେତେକାଂଶରେ ସୁଧୁରି ଯିବା କାରଣରୁ ଖୁସୀ ରହିବେ।

**ବୃଷ:** ହସଖୁସିରେ ବନ୍ଧୁ ଓ ପ୍ରିୟଜନଙ୍କ ସହ ସମୟ ଅତିବାହିତ କରିବେ। ପରିବାରରେ ବିଭିନ୍ନ ବ୍ୟୟ ବରାଦର ଭରଣା କରିବା ସକାଶେ ବ୍ୟସ୍ତତା ବଢିଯାଇପାରେ। ଘରୋଇ କଳହକୁ ନେଇ ମନରେ ଅଶାନ୍ତି ଲାଗିରହିବ। ମହିଳାଙ୍କ ମନୋରଞ୍ଜନରେ ରୁଚି ବଳିବ।

**ମିଥୁନ:** ଆଜି ଯେଉଁ କାମରେ ହାତ ଦେବେ ସେଥିରେ ସଫଳତା ନିଶ୍ଚିତ ପାଇବେ। ମାତ୍ର ଆକସ୍ମିକ ଭାବରେ ବ୍ୟୟ ବୃଦ୍ଧି ଯୋଗୁଁ କିମ୍ବା ପରିବହନରେ ସମସ୍ୟା ହେତୁ ବ୍ୟସ୍ତ ହେବେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ବ୍ୟବସାୟୀମାନେ କୌଶଳରେ କାର୍ଯ୍ୟ ହାସଲ କରିନେବେ।

**କର୍କଟ:** ଅଧିକାଂଶ ସମୟ ତର୍କ ବିତର୍କ କାରଣରୁ କର୍ମକ୍ଷେତ୍ରରେ ଅଶାନ୍ତ ରହିବେ। ସଭାସମିତି କିମ୍ବା ଅଫିସରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ଶୁଭ ଖବର ଶୁଣି ଖୁସି ହେବେ ଏବଂ ପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ଆଜିର ପ୍ରତ୍ୟୁଷ ଯାତ୍ରା ଓ ମାଙ୍ଗଳିକ କାମରୁ ଖୁସି ରହିବେ।

**ସିଂହ:** ପରିସ୍ଥିତିରେ ପଡି ନିକଟ ସମ୍ପର୍କୀୟଙ୍କ ସକାଶେ ବ୍ୟୟ କରିବାକୁ ବାଧ୍ୟ ହେବେ। ବକେୟା ଅର୍ଥ ଆଦାୟ କରିବାରେ ବିଭିନ୍ନ କୌଶଳ ଅବଲମ୍ବନ କରିବାକୁ ପଡିପାରେ। ଅଫିସରେ ଉଚ୍ଚବର୍ଗର ବ୍ୟକ୍ତିଙ୍କ ଦ୍ୱାରା ସହଯୋଗ ପାଇବେ। ସ୍ତ୍ରୀଙ୍କ ସହ ମନାନ୍ତର କିମ୍ବା ବାଣିଜ୍ୟ,ବ୍ୟବସାୟରେ କ୍ଷତିର ସୂଚନା ରହିଛି।

**କନ୍ୟା:** ପାରିବାରିକ ସମସ୍ୟା ନେଇ ମନରେ ଭାବପ୍ରବଣତା ସୃଷ୍ଟି ହେବ। ବାକ୍ ଅସଂଯମତା ଯୋଗୁଁ ବନ୍ଧୁଙ୍କ ସହ ମନୋମାଳିନ୍ୟ ହୋଇପାରେ। କର୍ମକ୍ଷେତ୍ରରେ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହୋଇପାରେ। ଅଫିସ୍ କାମରେ ନୀତି, ନିୟମରେ କାମ କରି ସମାଲୋଚିତ ହୋଇ ପାରନ୍ତି।

**ତୁଳା:** ନୂତନ ପରିବେଶ ଓ ପାରିପାର୍ଶ୍ୱିକ ସ୍ଥିତିର ପରିବର୍ତ୍ତନ ମନକୁ ସାମୟିକ ସରସ ସୁନ୍ଦର କରିବ। ପାରିବାରିକ ଜୀବନରେ କେତେକ ବ୍ୟତିକ୍ରମ ରହିଥିଲେ ମଧ୍ୟ କିଛି ଅସୁବିଧା ହେବ ନାହିଁ। ବ୍ୟବସାୟରେ ଅଭୂତପୂର୍ବ ସଫଳତା ପାଇବେ। ମାଲିମକଦ୍ଦମାରେ ଆପୋଷ ଓ ସଭାସମିତିରେ ଆଲୋଚନା ଦ୍ୱାରା ସରଳ ସମାଧାନ ହୋଇଯିବ।

**ବିଛା:** ପ୍ରତ୍ୟୁଷ ଯାତ୍ରାରେ ସଫଳତା ଅବଶ୍ୟ ମିଳିବ ଓ ଜଣେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିଯିବ। ପ୍ରଶାସନିକ ସ୍ତରରେ ବ୍ୟସ୍ତତା ଦୂର ହୋଇଯିବ। ଅନୁରାଧା ନକ୍ଷତ୍ରର ଈର୍ଷା ପରାୟଣତା ହେତୁ ଓ କଠୋର ବାକ୍ୟାଳାପ କାରଣରୁ ନିଜଲୋକଙ୍କଠାରୁ ଆସ୍ଥା ହରାଇ ବସିପାରନ୍ତି। କଳା ଓ କ୍ରୀଡା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ:** ପୂର୍ବ ସମସ୍ୟା ଦୂରେଇ ଯାଇ ଥିବାରୁ ମନ ଏକପ୍ରକାର ହାଲୁକା ରହିବ। କିନ୍ତୁ କେତେକ ଘଟଣାରେ ଠିକ୍ ନିଷ୍ପତ୍ତି ନେବାରେ ସମସ୍ୟା ଦେଖାଦେଇପାରେ। ବହୁତ ଦିନରୁ ବାକି ପଡିଥିବା ଟଙ୍କା ଆଦାୟ ପାଇଁ ଅନୁକୂଳ ସୁଯୋଗ ସୃଷ୍ଟି ହେବ। କର୍ମକ୍ଷେତ୍ରରେ ସବୁକଥାକୁ ହାଲୁକା ଭାବେ ନେଲେ କ୍ଷତିରେ ପଡିବେ।


**ମକର:** ସତର୍କତାର ସହ କାମ ନ କଲେ ନିଜ ଲୋକମାନେ ଶତ୍ରୁତା କରି ବସିବେ। ଅନ୍ୟମାନଙ୍କ କଥା ରକ୍ଷା କରିବାକୁ ଯାଇ ବନ୍ଧୁଦ୍ୱାରକୁ ଗମନ କରିବେ। ଆର୍ଥିକ ଅଭିବୃଦ୍ଧି ପାଇଁ ଚେଷ୍ଟା କରି ସଫଳ ହେବେ। ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ମହିଳାମାନେ ନିଜ ଲୋକଙ୍କଠାରୁ ସମ୍ପର୍କ ହରାଇବେ।

**କୁମ୍ଭ:** ପ୍ରାତଃ ଭ୍ରମଣ ସକାଶେ ମନ ବଳାଇ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ଦୀର୍ଘ ସମୟରୁ ପ୍ରତୀକ୍ଷା କରି ପରିଶେଷରେ ପଡୋଶୀଙ୍କଠାରୁ ଶୁଭଖବର ପାଇ ଖୁସି ହେବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବାର ଆଶଙ୍କା ରହିଛି। ପୁତ୍ରକନ୍ୟାଙ୍କ ଯୋଗୁ କେତେକ ସମସ୍ୟାକୁ ନେଇ ଚିନ୍ତିତ ହେବେ।

**ମୀନ:** ନିୟମାନୁବର୍ତ୍ତିତା ଓ କାର୍ଯ୍ୟଦକ୍ଷତା କାରଣରୁ କର୍ମକ୍ଷେତ୍ରରେ ସଫଳତା ଅବଶ୍ୟ ପାଇବେ। କ୍ରୀଡା, ଚଳଚ୍ଚିତ୍ର, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜିବେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ମିଳିବ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରନ୍ତୁ।

ଆଜି କାର୍ତ୍ତିକ ଶୁକ୍ଳପକ୍ଷର ସ୍ମାର୍ତ୍ତସମ୍ମତ ଦେବୋତ୍ଥାପନୀ ବଡ ଏକାଦଶୀ ବୁଧବାର, ବକପଞ୍ଚକ ଆରମ୍ଭ, ଶ୍ରୀମନ୍ଦିରରେ ଠିଆକିଆ ବା ଲକ୍ଷ୍ମୀ ନାରାୟଣ ବେଶ, ଶରତ୍ରାସ ଆରମ୍ଭ, ଭକ୍ତ ଦାସିଆ ଜୟନ୍ତୀ, ନଭେମ୍ବର ୨୫ ତାରିଖ, ଅନ୍ତର୍ଜାତୀୟ ମହିଳା ହିଂସା ବିରୋଧୀ ଦିବସ, ରାଶିନକ୍ଷତ୍ର–ଉତ୍ତରଭାଦ୍ରବ/ମୀନ, ଧନୁ ରାଶିର ଘାତଚନ୍ଦ୍ର, କର୍କଟ ରାଶିର ଘାତବାର,ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬.୦୫ମି. ଗତେ ଘ.୦୬.୪୮ମି. ମଧ୍ୟେ, ଘ.୦୭.୩୨ମି. ଗତେ ଘ.୦୮.୧୬ମି. ମଧ୍ୟେ, ଘ. ୧୦.୨୭ମି. ଗତେ ଘ. ୧୨.୩୯ମି. ମଧ୍ୟେ ଅମୃତ ବେଳା। ଦିବା ଘ.୦୬.୪୮ ମି. ଗତେ ଘ. ୦୭.୩୨ମି. ମଧ୍ୟେ, ଘ.୦୧.୨୩ମି. ଗତେ ଘ.୦୩.୩୪ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୧୧.୩୩ମି. ଗତେ ଘ.୧୨.୫୫ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302


MATRIMONIAL

**BRIDE WANTED**

ଜଣେ ୩୫ବର୍ଷୀୟ ଶିକ୍ଷିତ ଯୁବକଙ୍କ ପାଇଁ ପାତ୍ରୀ ଆବଶ୍ୟକ। ଯୁବକ ଜଣକ ବର୍ତ୍ତମାନ ଭୁବନେଶ୍ୱରସ୍ଥିତ ଏକ ସରକାରୀ ବ୍ୟାଙ୍କରେ ମୁଖ୍ୟ ଅଧିକାରୀ ପଦବୀରେ କାର୍ଯ୍ୟରତ। ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ ଉକ୍ତ ନମ୍ବରରେ। ଫୋନ୍ ନଂ.–୯୯୦୩୯୬୪୮୭୧ (9903964871). D-19009

Brahmin boy 1989, 5'8",1/1, M.Tech,U.G.C Net Qualified,Service, P.G.T(Computer Science, DAV Nimapara). Contact- 9583335399. D-69648

**For Khandayat 6ft handsome, 32+ B-Tech only son, Presently Centre Head of VEDANTA SKILL DEVELOPMENT CENTRE, ROURKELA. Wanted a Beautiful girl from General Category. Send Bio-data, Photo. Whatsapp No:- 9861035726.** D-19037

**GROOM WANTED**

30ବୟସ୍କା 10th qualified divorce ବ୍ରାହ୍ମଣ ଝିଅଙ୍କୁ Married, Unmarried ବ୍ରାହ୍ମଣ ପୁଅ ଦରକାର। 7008080967. D-67963

Wanted DOCTOR (MD/ DM or continuing) GROOM from Khandayat/ Karan family for a Bride ( MBBS, MD continuing), 26years/ 5'4" of Khandayat family at Bhubaneswar. Father Senior Administrative Officer in State Govt . Contact: 9437696170/ 7008129433. D-19010

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

real estate

**SALE**

Buy duplex pay later at Gudiapokhari, Bhubaneswar. Bank finance available. 7327043914. D-70026

**ଭୁବନେଶ୍ୱର ଚନ୍ଦକାଛକରୁ 500mtr. near Nalanda ଓ BCST College ପାଖରେ ଘର ଉପଯୋଗୀ plot ମିଳୁଛି। Immediate registration/ possession. 8895492671, 9348870771.** D-70112

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9776974912, 7894433357. D-69200

**2000sqft. 200mtr from bypass NH corner, boundarywall, gharabari plot sale infront of DAV Public School, Kantabada, Bhubaneswar. 7008634668.** D-70110

ଭୁବନେଶ୍ୱର AMRI Hospital ପଛପଟେ yellowzone plot ନେଇ ଘର କରନ୍ତୁ। 7894216209. D-70106

**ଭୁବନେଶ୍ୱର ସୁନ୍ଦରପଦା Indus Engineering College backside ସ୍ଥିତିବାନ ପ୍ଲଟ Sqft.299/- ମିଳୁଅଛି। 7848882166.** D-70113

Booking open for 3BHK luxurious & premium flat at Surya Nagar, Bhubaneswar, Genuine buyer contact- DEEPAK- 9937329999. D-69939

East facing 2000sqft. plot for sale at Gangotri Nagar, lane-3 brokers excuse, Phone. 7978627900. D-67766

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

1200sqft. Yellowzone residential plot for sale near Palasuni, Bhubaneswar, near to NH. Price- 45.5lakhs. Contact- 8260595320, (No Brokers). D-70032

Plot near Khandagiri Paikarapur Mouza, close to tata ariana, immediate construction. 7809654182. D-70031

healthcare

Sanjibani Ayurvedic full body massage with expert lady therapist. 7064223315 D-69652

Newly open full body massage SPA in Bhubaneswar. Contact: 7205058838. D-70027

Rejuvenate and Ayurvedic full body massage by smart therapist. 9348123330. D-70028

Swarna SPA newly open positively health benefits with expert therapist. 9556978408. D-70024

Get refreshment body massage by expert therapist contact for 7205084157. D-70025

**୧୫ତମ ଜନ୍ମଦିନ ଶୁଭେଚ୍ଛା**



**ଶୁଭମ୍ ଦାସ (ସୋମ୍)**
ଶ୍ରୀରାମନଗର, ଓଲଡ୍‌ଟାଉନ୍
ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ କରନ୍ତୁ। ଏହାହିଁ ଆମ୍ଭର ବଡ଼ ଠାକୁରଙ୍କ ପାଖରେ ପ୍ରାର୍ଥନା।
**–:ଶୁଭେଚ୍ଛା ସହ:–**
ବନ୍ଧୁ ଓ ଦାସ ପରିବାରବର୍ଗ, ଜୟ ମାତାଦୀ।
ଧ–୬୯୬୫୦

**Happy Birthday**


(Soni)

**Kasturi Priyambada Sahoo**
**Brit Colony, Bhubaneswar**
You are my life, My sunshine, My everything. You give me reason to smile.Wishing you to have a special Birthday.
**Happy Birthday Jhua**
**-:Wishes From:-**
Maa, Bapa, Babuna, Rani, Pua, Friends & Relatives
D-70030

**ଯୁକ୍ତ ୩ ସ୍ପଟ୍ ନାମଲେଖା ଅବଧି ବୃଦ୍ଧି**

ଭୁବନେଶ୍ୱର, ୨୪।୧୧(ବ୍ୟୁରୋ): ୨୦୨୦-୨୧ ଶିକ୍ଷାବର୍ଷ ପାଇଁ ରାଜ୍ୟର ବିଭିନ୍ନ ଡିଗ୍ରୀ କଲେଜରେ ଯୁକ୍ତ ୩ ସ୍ପଟ୍ ନାମଲେଖା ଅବଧି ବୃଦ୍ଧି ପାଇଛି। ଏ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ଡିଗ୍ରୀ କଲେଜର ଅଧକ୍ଷମାନଙ୍କୁ ଚିଠି ଲେଖି ଅବଗତ କରାଯାଇଛି। ଆସନ୍ତା ଡିସେମ୍ବର ୫ତାରିଖ ସନ୍ଧ୍ୟା ୫ଟା ସୁଦ୍ଧା ସ୍ପଟ୍ ନାମ ଲେଖାଉଥିବା ଛାତ୍ରୀଛାତ୍ରମାନେ ଫି' ଦାଖଲ କରିବେ। ସେହିପରି ୯ତାରିଖ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ନାମଲେଖା ସହିତ ଯେଉଁମାନେ ନାମ ଲେଖାଇବେ ସେମାନଙ୍କ ତାଲିକା ପ୍ରକାଶ ପାଇବ।

# ନାଗାର୍ଜୁନ ବେଶ ଦର୍ଶନ ଆଶା ମଉଳିଲା

ପୁରୀ ଅଫିସ,୨୪।୧୧

ଆସନ୍ତା ୨୭ ତାରିଖରେ ମହାପ୍ରଭୁଙ୍କ ନାଗାର୍ଜୁନ ବେଶ। ଦୀର୍ଘ ୨୫ବର୍ଷ ପରେ ଏହି ଦୁର୍ଲଭ ବେଶ ପଡୁଛି। ତେବେ ଏହି ଦୁର୍ଲଭ ବେଶକୁ ଭକ୍ତ ସ୍ୱଚକ୍ଷୁରେ ଦେଖିପାରିବେ ନାହିଁ। ପୂର୍ବରୁ ଯଦିଓ ବିନା ଭକ୍ତରେ ନାଗାର୍ଜୁନ ବେଶ ହେବ ବୋଲି ନିଷ୍ପତ୍ତି ହୋଇଥିଲା କିନ୍ତୁ ମଙ୍ଗଳବାର ବୈଠକ ଉପରେ ସମସ୍ତଙ୍କ ନଜର ରହିଥିଲା। କାରଣ ପରିଚାଳନା କମିଟି ବୈଠକରେ ଉଠିଥିବା ଅନ୍‌ଲାଇନ ଦର୍ଶନ ବ୍ୟବସ୍ଥା ନେଇ କିଛି ନିଷ୍ପତ୍ତି ହୋଇପାରେ ବୋଲି ସମସ୍ତେ ଆଶା ବାନ୍ଧିଥିଲେ। ମାତ୍ର ମଙ୍ଗଳବାର ବୈଠକ ପରେ ଦର୍ଶନର ଶେଷ ଆଶା ମଉଳି ଯାଇଛି। ଅନ୍‌ଲାଇନ ଦର୍ଶନ ହେବ ନାହିଁ ଏବଂ ପତିତପାବନ ବି ନାଗାର୍ଜୁନ ବେଶରେ ସଜେଇ ହେବେ ନାହିଁ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର ସ୍ପଷ୍ଟ କରିଛନ୍ତି।

ନାଗାର୍ଜୁନ ବେଶ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ମଙ୍ଗଳବାର ନୀଳାଦ୍ରି ଭକ୍ତନିବାସରେ ସମ୍ପୃକ୍ତ ସେବାୟତଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ଶେଷରେ ମୁଖ୍ୟ ପ୍ରଶାସକ ଗଣମାଧ୍ୟମକୁ କହିଛନ୍ତି, ୨୫ ବର୍ଷ ପରେ ପଡୁଥିବା ନାଗାର୍ଜୁନ ବେଶକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରାଯିବ। ସମସ୍ତ ସେବାୟତ ଏଥିରେ ସହମତି ପ୍ରକାଶ କରିଛନ୍ତି। ଭକ୍ତଙ୍କୁ ଏହି ବେଶ ଦର୍ଶନ ନେଇ ଆଲୋଚନା ହୋଇଥିଲା। ପୂର୍ବ ବୈଠକରେ ଅନ୍‌ଲାଇନ ଦର୍ଶନ ବ୍ୟବସ୍ଥା ପ୍ରସଙ୍ଗ ଉଠିଥିଲା। କିନ୍ତୁ ପରମ୍ପରାକୁ ଦେଖିଲେ ଏହା ସମ୍ଭବ ନୁହେଁ। ତେଣୁ ଏଥର ଅନ୍‌ଲାଇନ ଦର୍ଶନ ପାଇଁ କୌଣସି ବ୍ୟବସ୍ଥା କରାଯାଇ ପାରିବ ନାହିଁ। ସେହିପରି ପତିତପାବନଙ୍କର ମଧ୍ୟ ନାଗାର୍ଜୁନ ବେଶ ହେବ ନାହିଁ। ଶ୍ରୀମନ୍ଦିର ସତ୍ତ୍ୱଲିପି ଏବଂ ପରମ୍ପରାରେ ଏ ନେଇ କିଛି ବିଧି ବ୍ୟବସ୍ଥା ନାହିଁ। ୧୯୯୩ ଓ ୧୯୯୪ ମସିହାରେ ଯେଉଁ ନାଗାର୍ଜୁନ ବେଶ ହୋଇଥିଲା ସେତେବେଳେ ବି ପତିତପାବନଙ୍କର ବେଶ କରାଯାଇ ନ ଥିଲା। ତେଣୁ ପୂର୍ବ ପରମ୍ପରାକୁ ରକ୍ଷା କରାଯିବ। ପତିତପାବନଙ୍କର ନାଗାର୍ଜୁନ ବେଶ କରାଯାଇ ପାରିବ ନାହିଁ।

ପତିତପାବନଙ୍କ ହେବନି ନାଗାର୍ଜୁନ ବେଶ



- ମନ୍ଦିର ଭିତରକୁ ମୋବାଇଲ ଫୋନ ମନା
- ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯିବ

କରୋନା କଟକଣା ପାଇଁ ଶ୍ରୀମନ୍ଦିର ଭିତରକୁ ଭକ୍ତଙ୍କ ପ୍ରବେଶ ବନ୍ଦ ରହିଛି। ତେଣୁ ନାଗାର୍ଜୁନ ବେଶ ଅବସରରେ କୌଣସି ଭକ୍ତ ମନ୍ଦିରକୁ ଯାଇପାରିବେ ନାହିଁ। ଯଦି କେହି ସେବାୟତ ବେଶ ଧାରଣ କରି କିମ୍ବା ଅନ୍ୟ ଉପାୟରେ ମନ୍ଦିର ଭିତରକୁ ପ୍ରବେଶ କରିବାକୁ ଉଦ୍ୟମ କରିବେ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପୋଲିସ ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ ଏବଂ ସେବାୟତଙ୍କ ପକ୍ଷରୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯିବ।

ସେହିପରି ଶ୍ରୀମନ୍ଦିର ଭିତରକୁ କେହି ମୋବାଇଲ ଫୋନ ନେଇପାରିବେ ନାହିଁ। ଏଥିପାଇଁ ସେବାୟତଙ୍କୁ ଯାଞ୍ଚ କରି ଛଡ଼ାଯିବ। ଏଥିରେ ସେବାୟତମାନେ ସହଯୋଗ କରିବେ। ଫଳରେ ଶ୍ରୀମନ୍ଦିର ପରମ୍ପରା କ୍ଷୁଣ୍ଣ ହେବ ନାହିଁ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ବର୍ତ୍ତମାନ ଭଳି ପତିତପାବନଙ୍କ ଦର୍ଶନ ଚାଲିବ। କିନ୍ତୁ ନାଗାର୍ଜୁନ ବେଶ ଦିନ ୨୪ ଘଣ୍ଟା କ'ଣ କଟକଣା ରହିବ ସେ ବିଷୟରେ ତର୍ଜମା ଚାଲିଛି। ଖୁବଶୀଘ୍ର ସ୍ପଷ୍ଟ କରାଯିବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି କେ. ବିଶାଲ ସିଂ, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା, ପରିଚାଳନା କମିଟି ସଦସ୍ୟଙ୍କ ସମେତ ବିଭିନ୍ନ ସେବାୟତ ନିଯୋଗର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ରାତି ୨ଟାରେ ଶ୍ରୀମନ୍ଦିରକୁ ବେଶ ବିଜେ

ଶ୍ରୀମନ୍ଦିର ସ୍ୱତ୍ୱଲିପି ମୁତାବକ ନାଗାର୍ଜୁନ ବେଶ ସତ୍ତ୍ୱାଧିକାରୀ ବଳରାମ ଖୁଣ୍ଟିଆ ଶିଳ୍ପୀଙ୍କ ଦ୍ୱାରା ବେଶ ତିଆରି କରୁଛନ୍ତି। ଶିଳ୍ପୀ ବସନ୍ତ ରଣାଙ୍କ ନେତୃତ୍ୱରେ ବେଶ ତିଆରି ଚାଲିଥିବା ବେଳେ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତେବେ ବେଶକୁ କିପରି ଶ୍ରୀମନ୍ଦିରକୁ ସୁରକ୍ଷିତ ଭାବେ ଅଣାଯିବ ସେ ନେଇ ମଙ୍ଗଳବାର ବୈଠକରେ ଆଲୋଚନା କରାଯାଇଛି। ବଳରାମଙ୍କ ହରଚଣ୍ଡିସାହିସ୍ଥିତ ବାସଭବନରୁ ୨୬ ତାରିଖ ରାତି ୨ଟାରେ ବେଶ ଶୁଦ୍ଧପୂତ ଭାବେ ଅଣାଯିବ। ବାଟରେ ଯେପରି କେହି ଛୁଇଁବେ ନାହିଁ ସେଥିଲାଗି ପୋଲିସ ଓ ଜେଟିପି ସୁରକ୍ଷା ଯୋଗାଇ ଦେବେ। ସିଂହଦ୍ୱାର ଦେଇ ବେଶ ଶ୍ରୀମନ୍ଦିରକୁ ବିଜେ ପରେ ଗରୁଡ଼ ସ୍ତମ୍ଭ ପାଖରେ ରଖାଯିବ। ଭୋର ୪ଟାରେ ବେଶ ଆରମ୍ଭ କରାଯାଇ ୭ଟାରେ ଶୃଙ୍ଗାର ଶେଷ କରିବାକୁ ନୀତି ନିର୍ଘଣ୍ଟ ହୋଇଛି। ଏହି ବେଶରେ ଠାକୁରଙ୍କର ଅନ୍ୟାନ୍ୟ ନୀତି କରାଯିବ। ପ୍ରଥମ ଭୋଗମଣ୍ଡପ ପରେ ନାଗାର୍ଜୁନ ବେଶ ଓଲାଗି ହେବ ବୋଲି ସ୍ଥିର କରାଯାଇଛି।

# ସୁନ୍ଦରଗଡ଼ରେ ବଢୁଛି କରୋନା ମୃତ୍ୟୁ

ଭୁବନେଶ୍ୱର, ୨୪।୧୧(ବ୍ୟୁରୋ)



- ୫ ଦିନରେ ଗଲାଣି ୨୨ ଜୀବନ
- ରାଜ୍ୟରେ ଦିନକରେ ୧୫ ମୃତ, ୬୪୨ ଆକ୍ରାନ୍ତ ଚିହ୍ନଟ

ରାଜ୍ୟରେ କରୋନା ମୃତ୍ୟୁ ଏବେ ଚିନ୍ତାଜନକ ହେଲାଣି। ଦୈନିକ ସଂକ୍ରମଣ ସଂଖ୍ୟା ହ୍ରାସ ପାଉଥିବାରୁ ଯେତିକି ଆଶ୍ୱସ୍ତି ମିଳିଛି ମୃତ୍ୟୁ ସଂଖ୍ୟା ବୃଦ୍ଧି ସେତିକି ଚିନ୍ତା ବଢ଼ାଉଛି। ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧,୬୭୧ରେ ପହଞ୍ଚିଛି। ଏବେ ସବୁ ଜିଲାରେ କରୋନା ମୃତ୍ୟୁ ହେଉଥିବା ବେଳେ ଖୋର୍ଦ୍ଧାରେ ସର୍ବାଧିକ ୨୮୧ ଜଣଙ୍କ ମୃତ୍ୟୁ ହୋଇଛି। ଗତ ୫ଦିନରେ ରାଜ୍ୟରେ ବିଭିନ୍ନ ଜିଲାରୁ ୭୯ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ କେବଳ ସୁନ୍ଦରଗଡ଼ରୁ ସର୍ବାଧିକ ୨୨ଜଣଙ୍କ ଜୀବନ ଯାଇଛି। ସେହିପରି ଗତ ୨୪ଘଣ୍ଟାରେ ରାଜ୍ୟରେ ୧୪ଜଣଙ୍କ ମୃତ୍ୟୁ ଘଟିଛି। ଏମାନଙ୍କ ମଧ୍ୟରେ ସୁନ୍ଦରଗଡ଼ ଜିଲାରୁ ସର୍ବାଧିକ ୫ଜଣ ରହିଛନ୍ତି। ସେହିପରି ସମ୍ବଲପୁରରୁ ୩, ରାୟଗଡ଼ା, ନୂଆପଡ଼ା, ଖୋର୍ଦ୍ଧା, ଅନୁଗୋଳ, କଟକ, ଜଗତ୍‌ସିଂହପୁରରୁ ଜଣେ ଲେଖାଏ ମୃତକ ରହିଛନ୍ତି।

ସେହିପରି ରାଜ୍ୟରେ ଗତ ୨୪ ଘଣ୍ଟାରେ ଆଉ ୬୪୨ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। କେନ୍ଦୁଝରରେ ସର୍ବାଧିକ ୭୦ଜଣ, ନୂଆପଡ଼ାରେ ୬୯, ସୁନ୍ଦରଗଡ଼ରେ ୬୬, ଖୋର୍ଦ୍ଧାରେ ୬୨ଜଣଙ୍କୁ ଚିହ୍ନଟ କରାଯାଇଛି। ଅନ୍ୟ ସବୁ ଜିଲାରେ ସଂକ୍ରମିତ ସଂଖ୍ୟା ୫୦ ତଳେ ରହିଥିବାବେଳେ ଗଜପତି, ସୋନପୁର ଓ ନୟାଗଡ଼ରେ ସର୍ବନିମ୍ନ ୨ଜଣ ଲେଖାଏ ରହିଛନ୍ତି। ଫଳରେ ରାଜ୍ୟରେ ଏବେ ମୋଟ ସଂକ୍ରମିତ ସଂଖ୍ୟା ୩,୧୫,୨୭୧ରେ ପହଞ୍ଚିଛି। ଅପରପକ୍ଷରେ ରାଜ୍ୟରେ ଆଉ ୬୪୮ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଫଳରେ ରାଜ୍ୟରେ ଏବେ ମୋଟ ଆରୋଗ୍ୟ ସଂଖ୍ୟା ୩,୦୭,୩୭୪କୁ ବୃଦ୍ଧି ପାଇଛି।

## ସଂଗ୍ରହାଳୟରେ ରହିବ ନାଗାର୍ଜୁନ ବେଶ

ପୁରୀ ଅଫିସ,୨୪।୧୧

ନାଗାର୍ଜୁନ ବେଶ ଓଲାଗି ପରେ ଏହି ବେଶ କ'ଣ ହେବ ତାକୁ ନେଇ ଚାଲିଥିବା ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ପରିଚାଳନା କମିଟି ଏବଂ ଛତିଶା ନିଯୋଗ ବୈଠକରେ ଏହା ଆଲୋଚନା ହୋଇଥିଲେ ବି ଚୂଡ଼ାନ୍ତ ହୋଇପାରି ନ ଥିଲା। କିନ୍ତୁ ମଙ୍ଗଳବାର ନାଗାର୍ଜୁନ ବେଶ ସମ୍ପୃକ୍ତ ସେବାୟତଙ୍କ ବୈଠକରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଛି। ଏହି ବେଶ ଓଲାଗି ପରେ ଏହାକୁ କେହି ବ୍ୟକ୍ତିବିଶେଷ ନେବେ ନାହିଁ। ଶ୍ରୀମନ୍ଦିର ପ୍ରଶାସନ ଏହାକୁ ନିଜ ପାଖରେ ରଖିବ। ଅବଢ଼ା ଯୋଜନାରେ ପୁରୀରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ସଂଗ୍ରହାଳୟ ତିଆରି କରାଯିବ। ଏଥିରେ ମହାପ୍ରଭୁଙ୍କ ଏହି ଦୁର୍ଲଭ ବେଶ ରଖାଯିବ। ଏହି ବେଶ ପାଇବାକୁ ଥିବା ସେବାୟତଙ୍କୁ ମନ୍ଦିର ପ୍ରଶାସନ ପକ୍ଷରୁ ଅର୍ଥରାଶି ପ୍ରଦାନ କରାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର କହିଛନ୍ତି। ସଂଗ୍ରହାଳୟରେ ଏହି ବେଶ ରଖାଗଲେ ଶ୍ରଦ୍ଧାଳୁ ଦେଖିପାରିବେ। ଯେହେତୁ ଏଥର ମହାପ୍ରଭୁଙ୍କ ନାଗାର୍ଜୁନ ବେଶ ଭକ୍ତ ଦେଖିପାରିବେ ନାହିଁ ତାହାକୁ ନଜରରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଛି।

## ଡିସେମ୍ବରରେ ଖୋଲିପାରେ ଶ୍ରୀମନ୍ଦିର

ପୁରୀ ଅଫିସ,୨୪।୧୧


ଶ୍ରୀମନ୍ଦିର ଦ୍ୱାର କେବେ ଖୋଲିବ ତାହାକୁ ଉତ୍କଣ୍ଠାର ସହ ଶ୍ରଦ୍ଧାଳୁ ଚାହିଁବସିଛନ୍ତି। କାରଣ କରୋନା କଟକଣା ପାଇଁ ଦୀର୍ଘ ୮ମାସରୁ ଊର୍ଦ୍ଧ୍ୱ ହେଲା ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିଛି। ତେବେ ଆସନ୍ତା ଡିସେମ୍ବରରେ ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟିପାରେ। ଯଦି ସବୁକିଛି ଠିକ୍‌ଠାକ ରହେ ତେବେ ଡିସେମ୍ବର ଦ୍ୱିତୀୟ କିମ୍ବା ତୃତୀୟ ସପ୍ତାହରେ ଭକ୍ତମାନେ କାଳିଆ ଠାକୁରଙ୍କ ଆଖି ସହ ଆଖି ମିଳାଇ ପାରନ୍ତି। ମଙ୍ଗଳବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର ଏହି ସଙ୍କେତ ଦେଇଛନ୍ତି। ଭକ୍ତଙ୍କୁ କେବେ ମନ୍ଦିର ପ୍ରବେଶ ସୁଯୋଗ ମିଳିବ ପ୍ରଶ୍ନରେ ମୁଖ୍ୟ ପ୍ରଶାସକ କହିଛନ୍ତି, ଗତ ପରିଚାଳନା କମିଟି ନିଷ୍ପତ୍ତି ମୁତାବକ ଦର୍ଶନର ରୂପରେଖ ପ୍ରସ୍ତୁତି ଚାଲିଛି। ଏହା ଶେଷ ହେବା ପରେ ଡିସେମ୍ବର ଦ୍ୱିତୀୟ କିମ୍ବା ତୃତୀୟ ସପ୍ତାହରେ ଭକ୍ତଙ୍କ ଦର୍ଶନ ଆରମ୍ଭ କରାଯାଇପାରେ। ତେବେ ଏ ନେଇ ସେବାୟତଙ୍କ ସହିତ ଆଲୋଚନା ହେବ। ଭକ୍ତଙ୍କ ପାଇଁ ସ୍ୱତନ୍ତ୍ର ଏସ୍‌ଓପି ପ୍ରସ୍ତୁତ କରାଯିବ। ଦର୍ଶନ ଆରମ୍ଭ ପୂର୍ବରୁ ସମସ୍ତଙ୍କୁ ଅବଗତ କରାଯିବ।







ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ



ସ୍ୱର୍ଗୀୟ ଗୁଣବନ୍ତରାୟ୍ ବାବୁଲାଲ୍ ସେଠ
(ଆବିର୍ଭାବ : ୨୮.୦୧.୧୯୪୫ – ତୀରୋଧାନ : ୨୩.୧୧.୨୦୨୦)

**ଶ୍ରଦ୍ଧାଞ୍ଜଳି ସଭା :**
ଗୁରୁବାର 26.11.2020 ସକାଳ 9.00 ରେ ଆମ ନିବାସ ସ୍ଥାନରେ

**ଶୋକାକୁଳ ପରିବାର :**
ପତ୍ନୀ : ଚନ୍ଦ୍ରିକା ଦେବୀ, ପୁତ୍ର ଓ ପୁତ୍ରବଧୂ : ହିତେଶ-ମୀତା, ବିକି-ମିନାଲି,
ପୁତ୍ରି-ଜାମାତା : ଜାଗୃତି-ଆନନ୍ଦ ପାରେଖ, ସୋନଲ-ରବୀନ୍ଦ୍ର ବାଜୋରିଆ,
ନୀତା-ଭାବେଶ ବୋରା ଏବଂ ସମସ୍ତ ସେଠ ପରିବାର ବର୍ଗ

ନିବାସ ସ୍ଥାନ : ପାର୍ବତୀ ଭବନ, ବାଲୁ ବଜାର, କଟକ

**ବାବୁଲାଲ୍ ଏଣ୍ଡ କୋ.** ଏବଂ **ସୋନାଲି ଜୁଏଲର୍ସ**
9439388888, 8895099999













**କୋଭିଡ୍-୧୯ ପାଇଁ ସତର୍କତା**

ଘରେ ରୁହନ୍ତୁ। ଜୀବନ ବଞ୍ଚାନ୍ତୁ। | କରୋନାଭାଇରସ୍‌କୁ ରୋକିବାରେ ସାହାଯ୍ୟ କରନ୍ତୁ

ଠିକ୍ ତଥ୍ୟ ଜାଣି ତଥା ଉପଯୁକ୍ତ ପ୍ରାକ୍-ସତର୍କତା ଅବଲମ୍ବନ କରି ନିଜକୁ ଓ ନିଜ ଆଖପାଖର ଅନ୍ୟମାନଙ୍କୁ ସୁରକ୍ଷିତ ରଖନ୍ତୁ । ଆପଣଙ୍କ ସ୍ଥାନୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦତ୍ତ ଉପଦେଶଗୁଡ଼ିକୁ ଅନୁସରଣ କରନ୍ତୁ ।

**କୋଭିଡ୍-୧୯ ବ୍ୟାପିବାକୁ ପ୍ରତିରୋଧ କରିବା ପାଇଁ:**

- ବାରମ୍ବାର ନିଜ ହାତ ଧୁଅନ୍ତୁ । ସାବୁନ ଓ ପାଣି ଅଥବା ଏକ ଆଲକହଲ୍‌ଭିତ୍ତିକ ହ୍ୟାଣ୍ଡ ରବ୍ ବ୍ୟବହାର କରନ୍ତୁ ।
- କାଶୁଥିବା କିମ୍ବା ଛିଙ୍କୁଥିବା ଲୋକମାନଙ୍କଠାରୁ ସୁରକ୍ଷିତ ଦୂରତା ବଜାୟ ରଖନ୍ତୁ।
- ଶାରୀରିକ ଦୂରତା ବଜାୟ ରଖିବା ସମ୍ଭବ ହୋଇ ନ ଥିଲେ ମାସ୍କ ପିନ୍ଧନ୍ତୁ।
- ନିଜ ଆଖି, ନାକ ଓ ପାଟିକୁ ଛୁଅନ୍ତୁ ନାହିଁ ।
- କାଶିବା କିମ୍ବା ଛିଙ୍କିବା ସମୟରେ ପାଟି ଓ ନାକକୁ କହୁଣିର ଭିତର ପାର୍ଶ୍ୱ କିମ୍ବା ଟିସ୍ୟୁ ପେପରରେ ଘୋଡ଼ାଇ ରଖନ୍ତୁ ।
- ଅସୁସ୍ଥ ଅନୁଭବ କରୁଥିଲେ ଘରେ ରୁହନ୍ତୁ ।
- ଯଦି ଆପଣଙ୍କଠାରେ ଜ୍ୱର, କାଶ ଓ ଶ୍ୱାସକ୍ରିୟାରେ ସମସ୍ୟା ଭଳି ଲକ୍ଷଣ ଦେଖାଦିଏ, ତେବେ ଚିକିତ୍ସାଗତ ସହାୟତା ଲୋଡ଼ନ୍ତୁ ।

**ଜଣେ ଶୁଭଚିନ୍ତକ**

ଭାରତରେ ସଂଘବଦ୍ଧ ଜୀବନର ଥିଲା ତିନୋଟି ଦୁର୍ଗ। ଗ୍ରାମ୍ୟ ଗୋଷ୍ଠୀ, ବୃହତ୍ତର ଯୌଥ ପରିବାର – ଏବଂ ସନ୍ନ୍ୟାସୀ-ଆଶ୍ରମ। ଏବେ ସାମାଜିକ ଜୀବନର ଅହଂପ୍ରତିଷ୍ଠ ବ୍ୟବସ୍ଥାର ପ୍ରଚଳନ ଫଳରେ ସେ ତିନୋଟିଯାକ ଦୁର୍ଗ ଭାଙ୍ଗିଯାଇଛି କିମ୍ବା ଭାଙ୍ଗିବାର ଉପକ୍ରମ କରୁଛି। -ଶ୍ରୀଅରବିନ୍ଦ



# ଗୋଟିଏ ପିଲା ପାଇଁ

ବିରୋଧୀ ଦଳଙ୍କ କହିବା ଅନୁଯାୟୀ ଓଡ଼ିଶାରେ ୧୪,୫୦୦ ସ୍କୁଲ (ସରକାରୀ ତଥ୍ୟ କହୁଛି ୭,୭୭୨) ବନ୍ଦ କରିଦେବା ପାଇଁ ସରକାର ନିଷ୍ପତ୍ତି ନେଉଛନ୍ତି। ଏହି ପ୍ରସଙ୍ଗକୁ ନେଇ ବିଧାନସଭାର ଶୀତକାଳୀନ ଅଧିବେଶନରେ ବିରୋଧୀ ୩ ଦିନ ଧରି ଶାସକ ଦଳକୁ ଟାର୍ଗେଟ୍ କରିଥିଲେ। ପରବର୍ତ୍ତୀ ସମୟରେ ସରକାରଙ୍କ ପକ୍ଷରୁ ସଫେଇ ଦିଆଗଲା ଯେ, ସ୍କୁଲଗୁଡ଼ିକୁ ବନ୍ଦ କରାଯାଉ ନାହିଁ ବରଂ ୨୫ ନୁହେଁ, ୧୫ରୁ କମ୍ ପିଲା ଥିଲେ ନିକଟସ୍ଥ ସ୍କୁଲ ସହ ମିଶ୍ରଣ କରାଯିବ। ୨୦୧୩ ନିୟମ ଅନୁସାରେ ନନ୍-ସିଡ୍ୟୁଲ ଅଞ୍ଚଳରେ ୪୦ ପିଲା ଓ ସିଡ୍ୟୁଲ ଅଞ୍ଚଳରେ ୨୫ ପିଲାରୁ କମ୍ ଥିଲେ ସ୍କୁଲ ବନ୍ଦ କରିଦେବାର ବ୍ୟବସ୍ଥା କରାଯାଇଥିଲା। ସରକାରଙ୍କ ପକ୍ଷରୁ ଆହୁରି କୁହାଯାଇଛି ଯେ, ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏକତ୍ରୀକରଣ ପ୍ରକ୍ରିୟାରେ ସ୍ଥାନାନ୍ତରଣ ବାବଦକୁ ବିଦ୍ୟାର୍ଥୀଙ୍କୁ ୩ ହଜାର ଟଙ୍କା ଲେଖାଏ ଏକକାଳୀନ ରାଶି ପ୍ରଦାନ କରାଯିବ। ଛୋଟ ଛୋଟ ବିଦ୍ୟାଳୟକୁ ଏକତ୍ରୀକରଣ କରି ବୃହତ୍ ସ୍କୁଲ କଲେ ଶୈକ୍ଷିକ ବାତାବରଣ ଓ ଗୁଣାତ୍ମକ ଶିକ୍ଷା ବୃଦ୍ଧି ପାଇବ ବୋଲି ସରକାରୀ ଭାବେ କୁହାଯାଇଛି।

ଉପରଲିଖିତ ବିନ୍ଦୁଗୁଡ଼ିକୁ ଆଲୋଚନା କରାଗଲେ ସବୁଠାରୁ ବେଶି କ୍ଷତିଗ୍ରସ୍ତ ହେବେ ଛାତ୍ରୀଛାତ୍ର। କୁହାଯାଉଛି ପାଖ ସ୍କୁଲଗୁଡ଼ିକୁ ମିଶ୍ରଣ କରାଯିବାରେ ତାହା ଯଦି ସର୍ବନିମ୍ନ ଦୂରତା ୩ କିଲୋମିଟର ହୁଏ, ତଥାପି ପିଲାମାନେ ଯିବାଆସିବାରେ ଭୀଷଣ ଅସୁବିଧା ଭୋଗିବେ। ସ୍ଥାନାନ୍ତରଣ ଲାଗି ଏକକାଳୀନ ୩ ହଜାର ଟଙ୍କା ଲେଖାଏ ବିଦ୍ୟାର୍ଥୀଙ୍କୁ ଦିଆଗଲେ ସେହି ଅର୍ଥ ଅଭିଭାବକଙ୍କ ଦ୍ୱାରା ଖର୍ଚ୍ଚ ହୋଇଯିବ। ଭାବିବା ଦରକାର ଯେ, ସବୁ ସମସ୍ୟାର ସମାଧାନ ଅର୍ଥ ଦେଇ କରିହେବ ନାହିଁ। ଗୋଟେ ସ୍କୁଲ ସହ ସମ୍ପୃକ୍ତ ଅଞ୍ଚଳର ଲୋକଙ୍କ ଭାବାବେଗ ଜଡ଼ିତ ଥାଏ। ବିଦ୍ୟାଳୟ ନିକଟରେ ହୋଇଥିବାରୁ ଅଭିଭାବକ ପିଲାକୁ ସେଠାକୁ ଛାଡ଼ିବାକୁ ନିରାପଦ ମଣିଥାଆନ୍ତି। ଏହାଛଡ଼ା ଗ୍ରାମାଞ୍ଚଳରେ ପିଲାମାନଙ୍କୁ ପାଠ ପଢ଼ାଇବା ସକାଶେ ମାତାପିତାଙ୍କ ଆଗ୍ରହ ଯଥେଷ୍ଟ ପରିମାଣରେ ଦେଖିବାକୁ ମିଳେ ନାହିଁ। ପୁଣି ବିଦ୍ୟାଳୟକୁ ଏକତ୍ରୀକରଣ କରି ବୃହତ୍ ସ୍କୁଲ କରାଗଲେ ଶୈକ୍ଷିକ ବାତାବରଣ ଓ ଗୁଣାତ୍ମକ ଶିକ୍ଷା ବୃଦ୍ଧି ପାଇବ ବୋଲି ଯାହା କୁହାଯାଉଛି, ତାହା ମୌଳିକ ଶିକ୍ଷାର ଲକ୍ଷ୍ୟ ପୂରଣ କରିବ ବୋଲି ବିଶ୍ୱାସ ହେଉ ନାହିଁ। କାରଣ ଶୈକ୍ଷିକ ପରିବେଶ ସୁନ୍ଦର ଦିଶୁଥିବା କୋଠାବାଡ଼ିରେ ନ ଥାଏ, ତାହା ଉତ୍ତମ ଶିକ୍ଷକ ଓ ଶୃଙ୍ଖଳିତ ବାତାବରଣ ଯୋଗୁ ହୋଇଥାଏ।

ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଅଣାଯାଉଛି ବୋଲି କେନ୍ଦ୍ରଠାରୁ ରାଜ୍ୟ ପର୍ଯ୍ୟନ୍ତ ସର୍ବଦା କୁହାଚାଲିଛି। କିନ୍ତୁ ବାସ୍ତବତା ଭିନ୍ନ ଚିତ୍ର ଦର୍ଶାଉଛି। ସମସ୍ତେ ଜାଣନ୍ତି ଯେ, ସରକାରୀ ସ୍କୁଲଗୁଡ଼ିକର ଶୈକ୍ଷିକ ବାତାବରଣ ଦୁର୍ବଳ ରହୁଥିବାରୁ ଧନୀ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ଘରୋଇ ବିଦ୍ୟାଳୟରେ ନାମ ଲେଖାଉଛନ୍ତି। ଫଳରେ ସରକାରୀ ସ୍କୁଲର ଉପସ୍ଥାନ କମିଯାଉଛି। ଏଥିସହିତ ସରକାରୀ ସ୍କୁଲରେ ପଢୁଥିବା ପିଲା ଅତି ଦରିଦ୍ର ପରିବାରରୁ ଆସିଥାଆନ୍ତି, ଯେଉଁଥିପାଇଁ ମଧ୍ୟାହ୍ନ ଭୋଜନର ଗୁରୁତ୍ୱ ଦେଖିବାକୁ ମିଳେ। ଯାହା ଜଣାପଡୁଛି, ଉଚ୍ଚ ପଦପଦବୀରେ ଥିବା ଅନେକ ଅମଲାତନ୍ତ୍ରୀ ଓଡ଼ିଆ ସ୍କୁଲ ଓ ଭାଷା ପ୍ରତି ଶ୍ରଦ୍ଧାଶୀଳ ହେଉ ନ ଥିବାରୁ ବ୍ୟବସ୍ଥାରେ ସୁଧାର ଆସିପାରୁ ନାହିଁ। ଏଭଳି ଏକ ସମୟ ୧୫ ବର୍ଷ ତଳେ ଦେଖାଦେଇଥିଲା। ୨୭ ମେ ୨୦୦୫ରେ ଏହି ସ୍ତମ୍ଭରେ 'ପୂର୍ଣ୍ଣ, ମଧୁ ଏବଂ ଫକିରା କିଏ?' ଶୀର୍ଷକରେ ଲେଖା ପ୍ରକାଶ କରିଥିଲୁ। ସେହି ସମୟରେ ଜଣେ ବଙ୍ଗାଳୀ ଲୋକ ରାଜ୍ୟର ଉଚ୍ଚଶିକ୍ଷା ମନ୍ତ୍ରୀ ଥିଲେ। ସେତେବେଳେ ଶିକ୍ଷା ବ୍ୟବସ୍ଥାର ପୁନର୍ଗଠନ ଓ ଖର୍ଚ୍ଚକାଟ କରିବାକୁ ଯାଇ ଶିକ୍ଷା ବିଭାଗ ନିଷ୍ପତ୍ତି ନେଇଥିଲା ଯେ, ବିଭିନ୍ନ ମହାବିଦ୍ୟାଳୟରେ ଥିବା ପାଠ୍ୟକ୍ରମରୁ ଅନର୍ସ ବ୍ୟତୀତ ଯେଉଁ ଇଚ୍ଛାଧୀନ ବିଷୟଗୁଡ଼ିକ ପଢ଼ିବାକୁ ଆବଶ୍ୟକ ସଂଖ୍ୟକ ଛାତ୍ରୀଛାତ୍ର ନାହାନ୍ତି, ସେହି ବିଷୟଗୁଡ଼ିକୁ ପ୍ରତ୍ୟାହାର କରିନିଆଯିବ। ଏଣୁ ସର୍ବାଧିକ ଓଡ଼ିଆ ଭାଷା ଉପରେ ମାଡ଼ ପଡ଼ିବ ବୋଲି ଏହି ସ୍ତମ୍ଭରେ ଦର୍ଶାଇଥିଲୁ। ସେତେବେଳେ ଶିକ୍ଷା ବିଭାଗର ନିଷ୍ପତ୍ତି ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜ, ମଧୁସୂଦନ ଦାସ ଓ ଫକୀର ମୋହନ ସେନାପତିଙ୍କ ଭଳି ଓଡ଼ିଶା ଏବଂ ଓଡ଼ିଆ ଭାଷାର ଟେକ ରଖିଥିବା ମନୀଷୀମାନଙ୍କ ପ୍ରତି ଅପମାନ ବୋଲି କହିଥିଲୁ। ପୂର୍ବସୂରୀମାନେ ଯାହା କରିଯାଇଛନ୍ତି, ତାକୁ ସୁରକ୍ଷିତ ରଖିବାରେ ମଧ୍ୟ ଆମେ ଅପାରଗ ବୋଲି ପ୍ରମାଣିତ କରିଚାଲିଥିବା ବିଷୟ ଏହି ସ୍ତମ୍ଭରେ ଉଲ୍ଲେଖ କରିଥିଲୁ। ଆଜି ଯଦି ଓଡ଼ିଆ ସ୍କୁଲ ଓ ଓଡ଼ିଆ ଭାଷାକୁ ବଞ୍ଚାଇବାକୁ ହେବ, ତାହାହେଲେ ସରକାରଙ୍କୁ ଚିନ୍ତାଧାରା ବଦଳାଇବାକୁ ହେବ। ନ ହେଲେ ଅଣଓଡ଼ିଆ ଅଧିକାରୀ ଓ ଓଡ଼ିଆ ଭାଷା ପ୍ରତି ସମ୍ମାନ ନ ଥିବା ବ୍ୟକ୍ତିମାନେ ଆମକୁ ଖୁବ୍‌ଶୀଘ୍ର ପଙ୍ଗୁ କରିଦେବେ।

ନ୍ୟାୟ ବ୍ୟବସ୍ଥାରେ କୁହାଯାଏ 'ହଜାରେ ଦୋଷୀ ଖସିଯାଆନ୍ତୁ ପଛେ, ଜଣେ ନିର୍ଦ୍ଦୋଷ ଦଣ୍ଡ ନ ପାଉ'। ସେହିଭଳି ଶିକ୍ଷା ବ୍ୟବସ୍ଥାକୁ ମଧ୍ୟ ଦେଖିବାକୁ ହେବ। ଏଠାରେ ଏହା ମଧ୍ୟ ମନେରଖିବାକୁ ହେବ ଯେ, ମାତ୍ର ଗୋଟିଏ ପିଲା ସରକାରୀ ସ୍କୁଲରେ ପାଠପଢ଼ି ଯଦି ଭବିଷ୍ୟତରେ ନିଜ ମାତୃଭାଷା ଜାଣିଥିବା ଭଲ ନାଗରିକ ହୋଇପାରିଲା, ତେବେ ଏହିସବୁ ଖର୍ଚ୍ଚ ଯଥାର୍ଥ ବୋଲି ବିବେଚିତ ହେବ।

# ସତ୍ୟ ଓ ଜୀବନରେ ତା'ର ପ୍ରୟୋଗ



ଡ. ଛାୟାକାନ୍ତ ଷଡ଼ଙ୍ଗୀ

'ସତ୍ୟମେବ ଜୟତେ' ଓ 'ସତ୍ୟଂବଦ' ହେଉଛି ଉପନିଷଦର ବାଣୀ। ମନୁ ସଂହିତାରେ ସତ୍ୟ କଥନକୁ ଧର୍ମାଚରଣର ଲକ୍ଷଣ ଭାବରେ ଗ୍ରହଣ କରାଯାଇଛି। ମନୁ ପରାମର୍ଶ ଦେଇଛନ୍ତି, 'ସତ୍ୟଂ ବ୍ରୂୟାତ୍ ପ୍ରିୟଂ ବ୍ରୂୟାତ ନ ବ୍ରୂୟାତ ସତ୍ୟମପ୍ରିୟମ୍/ ପ୍ରିୟଂ ଚନାନୃତମ୍ ବ୍ରୂୟାତ ଏଷ ଧର୍ମଃ ସନାତନଃ। ଅର୍ଥାତ୍ ସତ୍ୟ କୁହ, ପ୍ରିୟ କଥାକୁହ, ମାତ୍ର ଯେଉଁ ସତ୍ୟ ଅପ୍ରିୟ ତାହା କୁହ ନାହିଁ। ପୁନଶ୍ଚ ପ୍ରିୟକଥା କହିବାକୁ ଯାଇ ଅସତ୍ୟ କୁହନାହିଁ। ସବୁବେଳେ ସତ୍ୟ ସମସ୍ତଙ୍କ ପାଇଁ ପ୍ରିୟ ନ ହୋଇପାରେ। ଏଣୁ ମନୁ ଅନ୍ୟର ସହିତ ସାଧନ କରୁଥିବା ଭଳି ସତ୍ୟ କହିବାକୁ ବାରଣ କରିଛନ୍ତି। ମାତ୍ର ଅନ୍ୟକୁ ଖୁସି କରିବା ପାଇଁ ଅସତ୍ୟ କହିବା ଲାଗି ମଧ୍ୟ ମନା କରିଛନ୍ତି। ସତ୍ୟ ସବୁବେଳେ ସତ୍ୟ। ତାହା ପ୍ରିୟ ହୋଇପାରେ, ଅପ୍ରିୟ ବି ହୋଇପାରେ। ଏଣୁ ଅପ୍ରିୟ ସତ୍ୟ କହିବାକୁ ବାରଣ କରି ମନୁ ସତ୍ୟ ଉପରେ କୁଠାରାଘାତ କରିଛନ୍ତି ବୋଲି ଯୁକ୍ତି କରାଯାଇପାରେ। ମାତ୍ର ବିଶିଷ୍ଟ ଲେଖକ ମନୋଜ ଦାସଙ୍କ ଭାଷାରେ ଏହି ଯୁକ୍ତିକୁ ଖଣ୍ଡନ କରାଯାଇପାରେ। ''ସତ୍ୟକୁ ଏକ ନିଷ୍ପ୍ରାଣ ବା ଅଚେତନ ସୂତ୍ର ଭାବରେ ପ୍ରୟୋଗ କରାଯାଇପାରେନା। ସତ୍ୟ ଚେନତା ନିର୍ଭର ଶକ୍ତି। ଆମ ଚେତନା କୌଣସି ଲୌହବଳୟ ଭିତରେ ଆବଦ୍ଧ ନୁହେଁ। ତାହା ଗତିଶୀଳ ତଥା ପ୍ରଗତିଶୀଳ। ସତ୍ୟ ଯେହେତୁ ଚେତନା ନିର୍ଭର, ତେଣୁ ତାହା ଗତିଶୀଳ ତଥା ପ୍ରଗତିଶୀଳ ହେବା ଅନିବାର୍ଯ୍ୟ।'' ଆମେ ଯେତେବେଳେ କୌଣସି ମୂଲ୍ୟବୋଧରେ ବିଶ୍ୱାସ କରୁ ତା'ର ଭିତ୍ତି ହେଲା ଆମେ ହୃଦୟଙ୍ଗମ କରୁଥିବା ଏକ ସତ୍ୟ। ହୁଏତ ଆସନ୍ତାକାଲି ଆମେ ସେହି ସତ୍ୟରୁ ଉତ୍ତୀର୍ଣ୍ଣ ହୋଇପାରୁ ଓ ଅପେକ୍ଷାକୃତ ମହତ୍ତର ସତ୍ୟ ଉପରେ ନିର୍ଭରଶୀଳ ହୋଇପାରୁ। ଆଧ୍ୟାତ୍ମିକ ସ୍ତରରେ ସତ୍ୟ ପରିବର୍ତ୍ତନଶୀଳ ନୁହେଁ। ମାତ୍ର ସାମାଜିକ ସ୍ତରରେ ସତ୍ୟ ଗତିଶୀଳ କାରଣ ଆଇନକାନୁନ, ପରମ୍ପରା ଓ ନୀତିନିୟମ ସାମାଜିକ ସତ୍ୟର ଅନ୍ତର୍ଭୁକ୍ତ ଓ ଏସବୁ ବିଭିନ୍ନ ସମୟରେ ପରିବର୍ତ୍ତନଶୀଳ। ସ୍ଥାନ କାଳ ପାତ୍ର ଭେଦରେ ସାମାଜିକ ସତ୍ୟ ସ୍ଥିର ରହେ ନାହିଁ। ଥରେ ଜଣେ ଶିକ୍ଷକ ଓ ଛାତ୍ର ଏକ ଗନ୍ତବ୍ୟସ୍ଥଳକୁ ଯିବା ବାଟରେ ଜଣେ ଭଦ୍ରଲୋକଙ୍କ ଘରେ ଅତିଥି ହେଲେ। ଭଦ୍ରଲୋକ ପୋଷିଥାଆନ୍ତି ଅନେକ କୁକୁଡ଼ା। ରାତିରେ ଗୃହସ୍ୱାମୀ ତାଙ୍କ ପରିଚାରକକୁ କହୁଥାଆନ୍ତି ଏହି ଧଳା କୁକୁଡାଟି ଆଉ ଅଣ୍ଡା ଦେଉନାହିଁ। ଏଣୁ ଏହା ଆଉ କାମରେ ଆସୁନାହିଁ। ତାକୁ ଆଜି କାଟିଦିଅ। ଶିକ୍ଷକ ଗୃହସ୍ୱାମୀଙ୍କ ଏହି ମନ୍ତବ୍ୟ ପ୍ରତି ଦୃଷ୍ଟି ଆକର୍ଷଣ କରି ଛାତ୍ରକୁ କହିଲେ, 'ବୁଝିଲୁ, ଯାହା କାମରେ ଆସୁନାହିଁ ତା'ର ବଞ୍ଚିବାର ଅଧିକାର ନାହିଁ।' ଛାତ୍ରଜଣକ ଏହାକୁ ନୀତିବାଣୀ ଭାବରେ ମନେରଖିଲା। ପରଦିନ ଉଭୟ ଶିକ୍ଷକ ଓ ଛାତ୍ର ବଣ ଅତିକ୍ରମ କରୁଥାନ୍ତି। ଦଳେ କାଠୁରିଆଙ୍କୁ ସେମାନଙ୍କ ମୁନୀବ କହୁଥାଏ, 'ଏହି ଗଛଟି ସୁନ୍ଦର ଭାବେ ବଢ଼ିଛି ସିନା, କିନ୍ତୁ କୌଣସି କାମରେ ଆସିବ ନାହିଁ। ଏହାକୁ କାଟ ନାହିଁ।' ଛାତ୍ରଟି ଏହା ଶୁଣି ଶିକ୍ଷକଙ୍କୁ ପଚାରିଲା ''ଆପଣ ଗତ ରାତିରେ କହିଥିଲେ, ଯାହା କାମରେ ଆସେ ନାହିଁ ତା'ର ବଞ୍ଚିବାର ଅଧିକାର ନାହିଁ। ଆଜି ତ ଏହି ଗଛଟି କାମରେ ଆସୁ ନ ଥିବା କାରଣରୁ ବଞ୍ଚିଗଲା। ତା'ହେଲେ କେଉଁଟା ସତ୍ୟ?'' ଶିକ୍ଷକ କହିଲେ, ''ବ୍ୟାବହାରିକ ସ୍ତରରେ ସତ୍ୟର ବହୁଦିଗ ଅଛି। ଏକ ନିର୍ଦ୍ଦିଷ୍ଟ ପରିପ୍ରେକ୍ଷୀରେ ଗୃହସ୍ୱାମୀଙ୍କ କଥା ଯେପରି ସତ୍ୟ ଅନ୍ୟ ପରିପ୍ରେକ୍ଷୀରେ କାଠୁରିଆମାନଙ୍କ ମୁନୀବଙ୍କ କଥା ମଧ୍ୟ ସେହିପରି ସତ୍ୟ। ସାମାଜିକ ଜୀବନରେ ସତ୍ୟ ସ୍ଥିର ରହିପାରେ ନାହିଁ। ପୁଣି ଆମ ନିଜ ଚେତନା ଅପରିପକ୍ୱ ଥାଇପାରେ। ଆମେ ସବୁବେଳେ ଅଜ୍ଞାନ ଅନ୍ଧକାର ଭିତର ଦେଇ ଜୀବନଯାତ୍ରା ଅବ୍ୟାହତ ରଖିଛୁ। ଆମର ଅପରିପକ୍ୱ ଚେନତାରେ କୌଣସି ଏକ ସମସ୍ୟାର ସମାଧାନ ଖୋଜି ଆମେ ଯେଉଁ ସିଦ୍ଧାନ୍ତରେ ପହଞ୍ଚି ଥାଉ ତାହା ଯେ ନିଶ୍ଚୟ ଠିକ୍ ହୋଇଥିବ ସେକଥା ଦୃଢ଼ତାର ସହ କହିହେବ ନାହିଁ। ଆଜି ଯାହା ଭ୍ରାନ୍ତ ମନେହୁଏ, ଦିନେ ତା' ପଛରେ ବି ସତ୍ୟ ଥିଲା। ବ୍ୟବହାରିକ ଜୀବନରେ ସ୍ଥାନ କାଳ ପାତ୍ର ଭେଦରେ ସତ୍ୟ ବଦଳିପାରେ।''

ମନୁଙ୍କ ମତରେ ଅପ୍ରିୟ ସତ୍ୟ କାହିଁକି କୁହାଯିବା ଉଚିତ ନୁହେଁ ଏ ସମ୍ପର୍କରେ ମହାଭାରତରେ ବର୍ଣ୍ଣିତ କୌଶିକ ଋଷିଙ୍କ ଜୀବନର ଏକ ଘଟଣାକୁ ସ୍ମରଣ କରାଯାଇପାରେ। ଦିନେ ଆଶ୍ରମରେ ବସିଥିବା ବେଳେ ତପସ୍ୱୀ ଦେଖିଲେ କେତେଜଣ ପଥିକ ଆତଙ୍କିତ ହୋଇ ନିକଟସ୍ଥ ନିଘଞ୍ଚ ବୁଦାରେ ଆତ୍ମଗୋପନ କରୁଛନ୍ତି। ସେମାନଙ୍କୁ ଅନୁସରଣ କରୁଥାନ୍ତି ଦଳେ ହିଂସ୍ର ଡାକୁ। ସେମାନେ ତପସ୍ୱୀଙ୍କୁ ପଚାରିଲେ, ହେ ମହାତ୍ମା! କେତେଜଣ ପଥିକ ଆପଣଙ୍କ ଆଶ୍ରମ ନିକଟରେ ଲୁଚି ଥିବାର ଆମେ ଜାଣୁ। ଆପଣ ଦୟାକରି ସେମାନେ କେଉଁଠି ଲୁଚିଲେ କହିବେ କି? ତପସ୍ୱୀ ସତ୍ୟକଥନକୁ ଧର୍ମ ଭାବେ ଗ୍ରହଣ କରିଥିବାରୁ ସେହି ଘଞ୍ଚ ବୁଦାଆଡ଼େ ଅଙ୍ଗୁଳି ନିର୍ଦ୍ଦେଶ କଲେ। ଡାକୁମାନେ ପଥିକମାନଙ୍କୁ ସେଠୁ ଟାଣିଆଣି ସେମାନଙ୍କ ମୂଲ୍ୟବାନ ଦ୍ରବ୍ୟ ହରଣ କଲେ ଓ ସେମାନଙ୍କୁ ହତ୍ୟା କଲେ। ତଥ୍ୟଗତ ସ୍ତରରେ ତପସ୍ୱୀ ଅବଶ୍ୟ ସତ୍ୟ ପ୍ରତି ନିଷ୍ଠା ପ୍ରଦର୍ଶନ କଲେ। ମାତ୍ର ତଦ୍ୱାରା ଅନେକ ନିରୀହ ପଥିକଙ୍କ ମୃତ୍ୟୁର କାରଣ ହେଲେ। ଏହି କ୍ଷେତ୍ରରେ ସତ୍ୟ କଥନ କେବଳ ଏକ ଯାନ୍ତ୍ରିକ ଉଚ୍ଚାରଣ ଥିଲା। ଏହାଦ୍ୱାରା କୌଣସି ମହତ୍ତର ଉଦ୍ଦେଶ୍ୟ ସାଧିତ ହୋଇ ନ ଥିଲା। ଶରଣାର୍ଥୀମାନଙ୍କ ଜୀବନକୁ ବିପଦାପନ୍ନ କରିଥିବା ସତ୍ୟ କଥନ କେବେ ବି ଗ୍ରହଣୀୟ ହୋଇ ନ ପାରେ। ତପସ୍ୱୀ ସତ୍ୟ କହି ଧର୍ମାଚରଣ କରିଛନ୍ତି ବୋଲି ଆତ୍ମସନ୍ତୋଷ ଲାଭ କରି ଥାଇପାରନ୍ତି। ମାତ୍ର ସ୍ଥୂଳ କର୍ମ ଓ ନିଷ୍ପ୍ରାଣସୂତ୍ର ଅବଲମ୍ବିତ କର୍ମ ଧର୍ମ ଅଧର୍ମ ନିର୍ଦ୍ଧାରଣ କରେ ନାହିଁ। ପ୍ରତ୍ୟେକ କର୍ମ ଅନ୍ତରାଳରେ ନିହିତ ଥିବା ଚେତନା ହିଁ ଧର୍ମ ଅଧର୍ମର ନିର୍ଦ୍ଧାରକ। ମହାଭାରତର ବନପର୍ବରେ ସତ୍ୟର ସଂଜ୍ଞା ନିର୍ଦ୍ଧାରଣ କରି କୁହାଯାଇଛି ''ସତ୍ୟଂ ଲୋକହିତଂ ପ୍ରୋକ୍ତଂ ଅର୍ଥାତ୍ ଲୋକହିତ ପାଇଁ ସତ୍ୟ କୁହାଯିବା ଉଚିତ।'' ତପସ୍ୱୀଙ୍କ ସତ୍ୟ କଥନ ନିରୀହ ଲୋକଙ୍କ ମୃତ୍ୟୁର କାରଣ ହୋଇଥିବାରୁ ତାହା ଅଧର୍ମ ପଦବାଚ୍ୟ ହେଲା ଓ ସେ ନର୍କଦଣ୍ଡ ଭୋଗ କଲେ। ବେଳେବେଳେ ଉଚ୍ଚାରିତ ଶବ୍ଦରାଶି ମିଥ୍ୟା ହେଲେ ମଧ୍ୟ ତା' ଭିତରେ ସତ୍ୟ ନିହିତ ଥାଇପାରେ। ସେହିଭଳି ମିଥ୍ୟା ଯଦି ଏକ ମହତ୍ତର ଉଦ୍ଦେଶ୍ୟ ସାଧନ କରୁଥାଏ, ତାହା ଗ୍ରହଣୀୟ ହୁଏ। ମନେପଡ଼େ ଏକ କାହାଣୀ। ଜଣେ ତପସ୍ୱୀଙ୍କ କୁଟୀରରେ ପ୍ରବେଶ କଲା ଜଣେ ଡାକୁ। ସେ ସେଠି କୌଣସି ମୂଲ୍ୟବାନ ଦ୍ରବ୍ୟ ନ ପାଇ ଚାଲି ଯାଉଥିବା ବେଳେ ତପସ୍ୱୀ କହିଲେ, 'ଶୁଣ ଆଜି ଜଣେ ଧନୀ ବ୍ୟକ୍ତି ମୋତେ ସୁନାଚେକାଏ ଦେଇଥିଲେ। ମୋର ସୁନା କ'ଣ ହେବ? ତାକୁ ଖୋଜି ନେଇଯାଅ।' ଡାକୁ ତାକୁ ଖୋଜି ପାଇଲା ଓ ପଚାରିଲା, 'ଏହା ଖାଣ୍ଟି ସୁନା ତ?' ତପସ୍ୱୀ ଉତ୍ତର ଦେଲେ 'ଏହା ନକଲି ସୁନା।' ତଥାପି ଡାକୁ ତାକୁ ନେଇଗଲା ଓ ପରୀକ୍ଷା କରି ଜାଣିଲା ଯେ, ତାହା ଥିଲା ପ୍ରକୃତରେ ଖାଣ୍ଟି ସୁନା, ଡାକୁ ତପସ୍ୱୀଙ୍କ ପାଖରେ ଆହୁରି ସେଭଳି ସୁନା ଥାଇପାରେ ଚିନ୍ତାକରି ଆଶ୍ରମକୁ ଆସି ତପସ୍ୱୀଙ୍କୁ ପଚାରିଲା, ''ଆପଣଙ୍କୁ କିଏ କହିଲା ତାହା ନକଲି ସୁନା? ତାହା ତ ଖାଣ୍ଟି ସୁନା।'' ମାତ୍ର ତପସ୍ୱୀ ପୁଣି କହିଲେ 'ତାହା ନକଲି ସୁନା।' ତୁ ଖାଣ୍ଟି ସୁନାରୁ କ'ଣ ପାଇବୁ? ଡାକୁ ଉତ୍ତର ଦେଲା, 'ସୁଖ।' ତପସ୍ୱୀ କହିଲେ, ସୁନା କେବେ କାହାକୁ ସୁଖ ଦେଇ ନାହିଁ। ଏଣୁ ଏହା ଖାଣ୍ଟି ନୁହେଁ। ଖାଣ୍ଟି ସୁନା ଅଛି ତୋ ନିଜ ଭିତରେ। ତା'ର ସନ୍ଧାନର ମାର୍ଗ ଭିନ୍ନ। ଏହି କଥାପଦକ ଡାକୁକୁ ଏତେ ପ୍ରଭାବିତ କଲା ଯେ ପରବର୍ତ୍ତୀ ସମୟରେ ସେ ହେଲା ଅଧ୍ୟାତ୍ମ-ସନ୍ଧାନୀ। ସ୍ଥୂଳ ଦୃଷ୍ଟିରୁ ତପସ୍ୱୀ ମିଛ କହିଥିଲେ, କାରଣ ସୁନା ପ୍ରକୃତରେ ଥିଲା ଅସଲି। ମାତ୍ର ସୂକ୍ଷ୍ମ ଦୃଷ୍ଟିରୁ ତାହା ଥିଲା ସତ୍ୟ, କାରଣ ଜଣେ ତପସ୍ୱୀ ଦୃଷ୍ଟିରେ ସୁନା ଥିଲା ମୂଲ୍ୟହୀନ। ମାତ୍ର ତାଙ୍କର ଏହି ମିଛ କଥା ଜଣେ ଡାକୁର ଜୀବନଧାରାକୁ ପରିବର୍ତ୍ତନ କରିଦେଲା। ଏଣୁ ଶବ୍ଦ ଉଚ୍ଚାରଣରୁ ସତ୍ୟ ମିଥ୍ୟା ଜଣାପଡ଼େ ନାହିଁ। ତା' ପଛରେ ନିହିତ ଥିବା ଚେତନା ଓ ମହତ୍ତର ଉଦ୍ଦେଶ୍ୟ ହିଁ ଧର୍ମ ଅଧର୍ମର ନିର୍ଦ୍ଧାରକ।

ବ୍ୟାବହାରିକ ଜୀବନରେ ସତ୍ୟ ପରିବର୍ତ୍ତନଶୀଳ ହେଲେ ମଧ୍ୟ ମନୁ ପ୍ରିୟ କଥା କହିବାକୁ ଯାଇ ଅସତ୍ୟ କହିବାକୁ ବାରଣ କରିଛନ୍ତି। ମିଥ୍ୟାକଥନ ମଣିଷର କେବଳ ଚାରିତ୍ରିକ ଅଧଃପତନ କରେ ନାହିଁ। ତା'ର ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ କୁପ୍ରଭାବ ପକାଏ। ୨୦୧୨ ମସିହାରେ ଗବେଷକ ଆନାଟି କେଲିଙ୍କ ନେତୃତ୍ୱରେ ଫ୍ରାନ୍ସର ନୋତରଦାମ ବିଶ୍ୱବିଦ୍ୟାଳୟରେ ମିଛ କହିବାର ପ୍ରଭାବ ସମ୍ପର୍କରେ ଗବେଷଣା କରାଗଲା। ଜଣାଗଲା ମିଥ୍ୟାକଥନ ଦ୍ୱାରା ସ୍ୱାସ୍ଥ୍ୟ ଭାଙ୍ଗିପଡ଼େ ଓ ସେହି ମିଥ୍ୟାକଥନ ଅଭ୍ୟାସ ତ୍ୟାଗ କରି ସତ୍ୟ କହିବାକୁ ସ୍ଥିର କଲେ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହୁଏ। ଏହା ଅଧିକାଂଶ ଲୋକଙ୍କ ଅନୁଭୂତିସିଦ୍ଧ ଯେ, ଗୋଟିଏ ମିଥ୍ୟାକୁ ଲୁଚାଇବା ପାଇଁ ଆମକୁ ଅନେକ ମିଥ୍ୟା କହିବାକୁ ପଡ଼େ ଓ ଶେଷରେ ମାନସିକ ସନ୍ତୁଳନ ହରାଇବାକୁ ପଡ଼େ। ପ୍ରକୃତରେ ସତ୍ୟ କହିବା ହେଉଛି ଆମ ବ୍ୟକ୍ତିତ୍ୱର ମୌଳିକ ଧର୍ମ। ଆମେ ଯେତେବେଳେ ମିଛ କହୁ ଆମର ସମଗ୍ର ସତ୍ତା ତାକୁ ଅନୁମୋଦନ କରେ ନାହିଁ। ଏହି ଅସଂହତି ଥାଏ ବୋଲି ମିଥ୍ୟା ଉନ୍ମୋଚନକାରୀ ଯନ୍ତ୍ର(ପଲିଗ୍ରାଫ୍) ପ୍ରୟୋଗ କଲେ ସତ୍ୟ କଥାଟି ଧରାପଡ଼ିଯାଏ। ଏହା ପ୍ରମାଣ କରେ ଯେ, ଆମର ମୌଳିକ ଧର୍ମ ହେଉଛି ସତ୍ୟ କଥନ। ପ୍ରତ୍ୟେକ ମିଥ୍ୟାକଥନ ଏହି ମୌଳିକ ଧର୍ମ ଉପରେ ଗୋଟିଏ ଗୋଟିଏ ଆଘାତ। ମିଥ୍ୟାକଥନ ମଣିଷର ମୌଳିକ ପ୍ରବୃତ୍ତି ହୋଇ ନ ଥିବାରୁ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ଏହାର କୁପ୍ରଭାବ ଥିବାରୁ ମନୁ କହିଥିଲେ, ପ୍ରିୟ କଥା କହିବାକୁ ଯାଇ ମିଥ୍ୟା କୁହ ନାହିଁ।

ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ, ଟିଟିଲାଗଡ଼
ମୋ:୯୪୩୭୩୨୯୨୬୩

# ଗଣତନ୍ତ୍ରର ରକ୍ଷାକବଚ



ରବିନାରାୟଣ ସାମଲ

ଗଣତନ୍ତ୍ରର ଚାରିଟି ସ୍ତମ୍ଭ ନ୍ୟାୟପାଳିକା, କାର୍ଯ୍ୟପାଳିକା, ବ୍ୟବସ୍ଥାପକ ଓ ଗଣମାଧ୍ୟମ ଯେତେବେଳେ ଅଳ୍ପ ବହୁତେ ଆକ୍ରାନ୍ତ ହୁଅନ୍ତି ସେତେବେଳେ ଗଣତାନ୍ତ୍ରିକ ମୂଲ୍ୟବୋଧର ଅବକ୍ଷୟ ଘଟେ। ରାଷ୍ଟ୍ର ଅରାଜକତା ଆଡ଼କୁ ଗତି କରେ। ବ୍ୟକ୍ତିର ଗଣତାନ୍ତ୍ରିକ ଅଧିକାର କ୍ଷୁଣ୍ଣ ହୁଏ। ଦେଶରେ ଆଇନ୍‌ର ଶାସନ ରହେ ନାହିଁ। ଏହି ପରିସ୍ଥିତିକୁ ନିରଙ୍କୁଶତା ବୋଲି କୁହାଯାଏ।

ସ୍ୱିଡେନ୍‌ସ୍ଥିତ ଗବେଷଣା ସଂସ୍ଥା ଭି-ଡେମ୍ ଇନ୍‌ଷ୍ଟିଚ୍ୟୁଟ୍ ନିକଟରେ ବିଶ୍ୱର ୧୭୯ଟି ରାଷ୍ଟ୍ରକୁ ନେଇ ଏକ ସର୍ଭେ କରିଛି। ରାଷ୍ଟ୍ରଗୁଡ଼ିକରେ ଗଣତନ୍ତ୍ର କିଭଳି ଅବସ୍ଥାରେ ଅଛି ତାହାର ରିପୋର୍ଟ ପ୍ରକାଶ କରିଛି। ଏହି ରିପୋର୍ଟ ଅନୁଯାୟୀ ପ୍ରଥମ ସ୍ଥାନରେ ଡେନ୍‌ମାର୍କ, ୭୦ତମ ସ୍ଥାନରେ ଶ୍ରୀଲଙ୍କା, ୭୨ତମ ସ୍ଥାନରେ ନେପାଳ, ୯୦ତମ ସ୍ଥାନରେ ଭାରତ, ୧୨୬ତମ ସ୍ଥାନରେ ପାକିସ୍ତାନ ଓ ୧୫୪ତମ ସ୍ଥାନରେ ବାଂଲାଦେଶ ରହିଛି। ଶ୍ରୀଲଙ୍କା ଓ ନେପାଳର ଅବସ୍ଥା ଭାରତଠାରୁ ଭଲରେ ଅଛି। ଗତ ୧୦ ବର୍ଷ ମଧ୍ୟରେ ହଙ୍ଗେରୀ, ତୁର୍କୀ, ପୋଲାଣ୍ଡ, ସର୍ବିୟା, ବ୍ରାଜିଲ୍ ଓ ଭାରତ ସମେତ ୧୦ଟି ଦେଶ ସର୍ବାଧିକ ନିରଙ୍କୁଶତା ଆଡ଼କୁ ଢଳିଥିବା ବେଳେ ୩୧ଟି ରାଷ୍ଟ୍ରର ଅଭିବ୍ୟକ୍ତି ଓ ଗଣମାଧ୍ୟମର ସ୍ୱାଧୀନତା ଉପରେ ଆକ୍ରମଣ ବୃଦ୍ଧି ପାଇଛି। ଶାନ୍ତିପୂର୍ଣ୍ଣ ସମାବେଶ ଓ ବିକ୍ଷୋଭ ପ୍ରତିବାଦର ଅଧିକାର ଶତକଡ଼ା ୧୪ ଭାଗ ସଙ୍କୁଚିତ ହୋଇଯାଇଛି। ସର୍ବୋପରି ଆମେରିକାର ଉଦାର ଗଣତନ୍ତ୍ର ପଥଭ୍ରଷ୍ଟ ହୋଇଛି ବୋଲି ରିପୋର୍ଟରେ ପ୍ରକାଶ ପାଇଛି।

ପଶ୍ଚିମବଙ୍ଗ ଓ ମହାରାଷ୍ଟ୍ରର ଦୁଇଟି ମାମଲାର ବିଚାର କରି ନାଗରିକର ସ୍ୱାଧୀନ ମତବ୍ୟକ୍ତ କରିବାର ଅଧିକାର ଓ ପ୍ରେସ୍ ସ୍ୱାଧୀନତା ଉପରେ ଆକ୍ରମଣ କରାଯାଉଛି ବୋଲି ସୁପ୍ରିମ୍ କୋର୍ଟ ସରକାରଙ୍କୁ ସତର୍କ କରାଇ ଦେଇଛନ୍ତି। ଭି-ଡେମ୍‌ର ରିପୋର୍ଟ ସାଙ୍ଗକୁ ସୁପ୍ରିମ୍ କୋର୍ଟଙ୍କ ଏହି ମନ୍ତବ୍ୟ ଦେଶର ନିରଙ୍କୁଶତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଡିମନିଟାଇଜେଶନ୍, ଜିଏସ୍‌ଟି ଓ ଲକ୍‌ଡାଉନ୍ ପରି ସରକାରଙ୍କର କେତୋଟି ନିଷ୍ପତ୍ତି ଦେଶ ପାଇଁ ଅଭୂତପୂର୍ବ ଏବଂ ଅପ୍ରତ୍ୟାଶିତ କହିଲେ ଅତ୍ୟୁକ୍ତି ହେବ ନାହିଁ। ଭାରତ ପରି ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ରରେ ନାଗରିକଙ୍କ ଉପରେ ଏଗୁଡ଼ିକ ଲଦି ଦେଲା ଭଳି ଘଟଣା ଘଟିଲା ଏବଂ ସାଧାରଣ ଜନତା ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗ କଲେ। ଏସବୁ ସତ୍ତ୍ୱେ ନିକଟରେ ସମାପ୍ତ ହୋଇଥିବା ବିହାର ବିଧାନସଭା ନିର୍ବାଚନ ଓ ବିଭିନ୍ନ ରାଜ୍ୟର ଉପନିର୍ବାଚନରେ ଏନ୍‌ଡିଏ ଆଶାତୀତ ସଫଳତା ଲାଭ କଲା। ପ୍ରଧାନମନ୍ତ୍ରୀଙ୍କ ଭାଷାରେ ଏହା କୁଆଡ଼େ 'ସାଇଲେଣ୍ଟ୍ ଭୋଟର୍' ଙ୍କ କରିସ୍ମା ଥିଲା।

ବିହାର ନିର୍ବାଚନ ଯଦିଓ ଗଣତାନ୍ତ୍ରିକ ପଦ୍ଧତିରେ ସମାପନ ହୋଇଛି ବାସ୍ତବରେ ସେଠାରେ ଗଣତନ୍ତ୍ରକୁ ହତ୍ୟା କରାଯାଇଛି। ଜାତି, ଧର୍ମ ଓ ଅର୍ଥକୁ ଆୟୁଧ କରି ଅଧିକାଂଶ ରାଜନୈତିକ ଦଳ ନିର୍ବାଚନ ଲଢ଼ିଛନ୍ତି। ଏହା କ'ଣ ଗଣତାନ୍ତ୍ରିକ ମୂଲ୍ୟବୋଧର ପରିପନ୍ଥୀ ନୁହେଁ? ପ୍ରଧାନମନ୍ତ୍ରୀଙ୍କ 'ସାଇଲେଣ୍ଟ ଭୋଟର'କୁ ଯଦି ବ୍ୟବଚ୍ଛେଦ କରାଯାଏ ତେବେ ଆମେ କେବଳ 'ଇନୋସେଣ୍ଟ ଭୋଟର'ଙ୍କୁ ପାଇବା। ସେହି ଇନୋସେଣ୍ଟ ଭୋଟରଙ୍କ ଅସଚେତନତା ଯୋଗୁ ହୁଏତ ଏନ୍‌ଡିଏ ମେଣ୍ଟ ଲାଭବାନ ହୋଇଥାଇ ପାରେ। କିନ୍ତୁ ଏହା ସୁନିଶ୍ଚିତ ନୁହେଁ। ଆମ ଦେଶର ନିର୍ବାଚନ ତ ସଂଖ୍ୟାଧିକ ଅସଚେତନ ନାଗରିକଙ୍କ ମତଦାନରେ ସମାପନ ହୁଏ। ଏହା ଅବଶ୍ୟ ଖୁବ୍ କମ୍ ବ୍ୟକ୍ତି ମୁକ୍ତ କଣ୍ଠରେ ସ୍ୱୀକାର କରିବେ। କାରଣ ପ୍ରାର୍ଥୀ କିମ୍ବା ସମ୍ପୃକ୍ତ ଦଳ ସମ୍ପର୍କରେ ସାଧାରଣ ଭୋଟରଟିଏ ଅବଗତ ନ ଥାଇ ମଧ୍ୟ ମତଦାନ ସାବ୍ୟସ୍ତ କରିବା ଭଳି ଅଭ୍ୟାସ ଆମର ଚିରାଚରିତ। ଏହି ମତଦାନକୁ ଅବାଧ ଓ ନିରପେକ୍ଷ କହିବା ଅପେକ୍ଷା ପ୍ରଲୋଭିତ ଆଉ ପ୍ରରୋଚିତ କହିବା ଅଧିକ ପ୍ରଯୁଜ୍ୟ ହେବ।

ଆମ ମତଦାତାଙ୍କ ମଧ୍ୟରୁ ରାଜନୈତିକ ଭାବେ ସଚେତନ ବ୍ୟକ୍ତିଙ୍କ ସଂଖ୍ୟା ଖୁବ୍ ନଗଣ୍ୟ। କିଛି ବର୍ଷ ତଳେ କରାଯାଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ ଶହେରେ ମାତ୍ର ପାଞ୍ଚ ଜଣ ମତଦାତା ରାଜନୀତି ସମ୍ପର୍କରେ କିଛି ମାତ୍ରାରେ ସଚେତନ। ଓଡ଼ିଶା ଇଲେକ୍‌ଶନ ୱାଚ୍ ତରଫରୁ ଭୁବନେଶ୍ୱର ବାସିନ୍ଦାଙ୍କୁ ନେଇ ଗୋଟିଏ ସର୍ଭେ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଶତକଡ଼ା ୯୦ ଭାଗ ବାସିନ୍ଦା ସାମାଜିକ ଓ ରାଜନୈତିକ ବିଷୟରେ ସାମାନ୍ୟତମ ଜ୍ଞାନର ଅଧିକାରୀ ବୋଲି ଜଣାପଡ଼ିଥିଲା। ଶତକଡ଼ା ୫୮ ବାସିନ୍ଦା ସେମାନଙ୍କ ଏମ୍‌ପି ଓ ୭୩ ଜଣ ବାସିନ୍ଦା ସେମାନଙ୍କ ଏମ୍‌ଏଲ୍‌ଏଙ୍କୁ ଜାଣି ନ ଥିବା କଥା ପ୍ରକାଶ କରିଥିଲେ। ମାତ୍ର ସେମାନେ ନିୟମିତ ଭାବେ ନିଜ ମତାଧିକାର ସାବ୍ୟସ୍ତ କରି ଆସୁଥିଲେ। ଗ୍ରାମାଞ୍ଚଳ କଥା ନ କହିଲେ ଭଲ। ବିଭିନ୍ନ ରାଜନୈତିକ ଦଳର ସ୍ଥାନୀୟ କର୍ମୀ ଓ ନେତା ଭୋଟରଙ୍କୁ ବିଭିନ୍ନ ଉପାୟରେ ପ୍ରଲୋଭିତ କରି ନିଜ ସପକ୍ଷରେ ନେବାରେ ବେଶ୍ ଧୁରନ୍ଧର। ଭୋଟ ଏଠି କିଣାଯାଏ। ଜଣଙ୍କ ଭୋଟ ଅନ୍ୟ ଜଣେ ବି ଦିଏ। ରାତାରାତି ସାହି ବସ୍ତିର ଚିତ୍ର ବଦଳିଯାଏ। ଏହାକୁ କ'ଣ କିଏ ଅସ୍ୱୀକାର କରିବେ? ବିଶେଷ କରି ପରିବାରର ମୁଖିଆଙ୍କ ନିଷ୍ପତ୍ତି ଅନ୍ୟମାନଙ୍କ ସକାଶେ ବେଦରେ ଗାର ହୋଇଯାଏ। ଅଧିକାଂଶ ମହିଳା ଭୋଟରମାନେ ନିଷ୍ପତ୍ତିକୁ ଅକ୍ଷରେ ଅକ୍ଷରେ ପାଳନ କରୁଥିବା ଦେଖାଯାଏ। ପ୍ରଧାନମନ୍ତ୍ରୀଙ୍କ ସେହି 'ସାଇଲେଣ୍ଟ ଭୋଟର' ନିର୍ଣ୍ଣାୟକ ଭୂମିକା ଗ୍ରହଣ କରନ୍ତି ବୋଲି କୁହାଯିବା ସତ୍ୟର ଅପଳାପ ମାତ୍ର।

ଆମ ଦେଶର ସାତ ଦଶନ୍ଧିର ଗଣତନ୍ତ୍ର ଏଯାବତ୍ ବାଲୁତ ହୋଇ ରହିଛି। ମତଦାତାମାନେ ନିର୍ବାଚନ ବେଳେ ସେମାନଙ୍କ ବିଜ୍ଞତାର ପରିପ୍ରକାଶ କରୁ ନାହାନ୍ତି। ଫଳରେ ଅବାଞ୍ଛିତ ବ୍ୟକ୍ତି ନିର୍ବାଚିତ ହୋଇଯାଉଛନ୍ତି। କେହି ବି ଜଣେ ସାଧାରଣ ଭୋଟର ଚାହେଁ ନାହିଁ ଜଣେ ଅପରାଧୀ ନିର୍ବାଚିତ ହେଉ। କିନ୍ତୁ ତାହା ହେଉଛି। କେହି ବି ଜଣେ ସାଧାରଣ ଭୋଟର ଚାହେଁ ନାହିଁ ଦୁର୍ନୀତିଗ୍ରସ୍ତ ବ୍ୟକ୍ତି ଜଣେ ଆମ ପ୍ରତିନିଧି ହୁଅନ୍ତୁ। କିନ୍ତୁ ତାହା ହେଉଛି। ଏସବୁ ମୂଳରେ ତ କିଛି ଯାଦୁ ନାହିଁ, ଅଛି କେବଳ ମତଦାତାଙ୍କ ଭୋଟ। ମତଦାତାମାନେ ଜାଣିଶୁଣି ଏହି ଭୁଲ୍ କରୁଛନ୍ତି ବୋଲି କହିଲେ ଠିକ୍ ହେବ ନାହିଁ, ସେମାନଙ୍କ ଅବଚେତନରେ ଏହି ଭୁଲ୍ ହେଉଛି। ରାଜନୈତିକ ଭାବେ ଶିକ୍ଷିତ ହୋଇ ନ ଥିବାରୁ ମତଦାତାମାନେ ଏହି ଭୁଲ୍ କରୁଛନ୍ତି। ଏଥିପାଇଁ ବ୍ୟକ୍ତି ନୁହେଁ ବରଂ ବ୍ୟବସ୍ଥାକୁ ଦାୟୀ କରିବା ଯଥାର୍ଥ ହେବ।

ମତଦାତାମାନେ ଯେଉଁଠି ସଚେତନ, ସେଠି ଗଣତନ୍ତ୍ର ସୁରକ୍ଷିତ। ସୁତରାଂ ଆମ ଦେଶରେ ଗଣତନ୍ତ୍ର ବିପନ୍ନ ହେବା ମୂଳରେ ଅସଚେତନ ମତଦାତାମାନଙ୍କ ଭୂମିକା ଯଥେଷ୍ଟ। ଜଣେ ମତଦାତା ଶିକ୍ଷିତ ହେଲେ ସେ ସଚେତନ ହେବେ ସେଥିରେ କିଛି ଗ୍ୟାରେଣ୍ଟି ନାହିଁ। ରାଜନୈତିକ ଭାବେ ଶିକ୍ଷିତ ହେଲେ ସେ ରାଜନୈତିକ ଭାବେ ସଚେତନ ହେବେ ବୋଲି ଆଶା କରାଯାଇପାରିବ। ଆଉ ଏହି ସଚେତନ ନାଗରିକମାନେ ହିଁ ଦେଶରେ ଗଣତନ୍ତ୍ରକୁ ସୁରକ୍ଷିତ ରଖିପାରିବେ। ସେମାନେ ଗଣତନ୍ତ୍ରର ସୁରକ୍ଷା କବଚ ସାଜି ପାରିବେ। ଗଣତନ୍ତ୍ରର ଚାରିଟି ସ୍ତମ୍ଭକୁ ଦୃଢ଼ଭାବେ ଧରି ରଖିପାରିବେ।

ମୋ-୭୯୭୫୦୪୬୪୮୬

## ଏଇ ଭାରତରେ

ଆନ୍ଧ୍ରପ୍ରଦେଶର କାକିନାଡ଼ା ସହରରେ ବର୍ଜ୍ୟ ସମସ୍ୟା ସମାଧାନ ଲାଗି ସେଠାକାର କମିଶନର ସ୍ୱପ୍ନିଲ ପୁଣ୍ଡକର ଅଭିନବ ଉପାୟ ଆପଣାଇଛନ୍ତି। ଯେଉଁମାନେ ମ୍ୟୁନିସିପାଲିଟିର ନିର୍ଦ୍ଧାରିତ ସ୍ଥାନରେ ଅଳିଆ ନ ପକାଇ ରାସ୍ତାରେ ପକାଉଛନ୍ତି ସେମାନଙ୍କୁ କମିଶନର ଓ ତାଙ୍କ ଟିମ୍ ଠାବକରି ସେହି ଅଳିଆକୁ ପୁଣି ସେମାନଙ୍କ ଘରକୁ ଫେରାଇ ଦେଉଛନ୍ତି। ଏହାକୁ କୁହାଯାଉଛି 'ରିଟର୍ନ ଗିଫ୍ଟ'। ଏଭଳି ଅଭିଯାନ ଆରମ୍ଭ ହେବା ପରେ ଲୋକଙ୍କ ଆଚରଣରେ କିଛି ପରିବର୍ତ୍ତନ ହୋଇଛି ବୋଲି କହନ୍ତି ଆଇଏଏସ୍ ଅଧିକାରୀ ସ୍ୱପ୍ନିଲ। ଅଳିଆ ଏଣେତେଣେ ପକାଉଥିବା ଲୋକମାନଙ୍କୁ ଚିହ୍ନଟ କରିବା ପାଇଁ ଜ୍ଞାନକୌଶଳର ଉପଯୋଗ କରାଯାଉଛି। କାକିନାଡାରେ ୧୨୦୦ ସଫେଇ କର୍ମଚାରୀ ରହିଛନ୍ତି। ଏମାନଙ୍କ ମଧ୍ୟରୁ ଦୈନିକ ୯୦୦ ଜଣଙ୍କୁ ଘର ଘର ବୁଲି ବର୍ଜ୍ୟବସ୍ତୁ ସଂଗ୍ରହ କରିବା ଲାଗି ନିୟୋଜିତ କରାଯାଇଛି। ସଫେଇ କର୍ମଚାରୀମାନେ ପ୍ରତି ଘରୁ ଅଳିଆ ସଂଗ୍ରହ କରୁଛନ୍ତି କି ନାହିଁ ତାହା ଜାଣିବା ଲାଗି ସମସ୍ତଙ୍କ ଗେଟ୍‌ରେ ରେଡିଓ-ଫ୍ରିକ୍ୱେନ୍ସି ଆଇଡେଣ୍ଟିଫିକେଶନ (ଆର୍‌ଏଫ୍‌ଆଇଡି) ଟ୍ୟାଗ ଲଗାଯାଇଛି। ଏଥିରୁ ଜଣାପଡେ କେଉଁ ବ୍ୟକ୍ତି ସଫେଇ କର୍ମଚାରୀଙ୍କୁ ଅଳିଆ ଦେଉଛନ୍ତି ଓ ଆଉ କେଉଁମାନେ ଦେଉନାହାନ୍ତି। ଯେଉଁମାନେ ୩/୪ ଦିନ ଅଳିଆ ଦେଇ ନ ଥାନ୍ତି ସେମାନେ ତାହାକୁ ଘରେ ରଖିବା କେବେ ବି ସମ୍ଭବ ନୁହେଁ। ତେଣୁ ସେମାନେ ବାହାରେ ତାହାକୁ ଫିଙ୍ଗୁଥିବା ସନ୍ଦେହ କରାଯାଏ ଓ ଆରଏଫ୍‌ଆଇଡି ମାଧ୍ୟମରେ ସେମାନଙ୍କୁ ଚିହ୍ନଟ କରାଯାଇ 'ରିଟର୍ନ ଗିଫ୍ଟ' ଦିଆଯାଏ।

## ଚିରନ୍ତନୀ

କାନନେ ଡାକେ ମୟୂରୀ
ନଦୀରେ ଡାକେ ଭଉଁରି
ଶିଖରି ବୂକରେ ମେଘ ଡାକିଲାଣି,
ଭୁବନେ ଡାକିଲେ ସକଳ,
ମୋହରି ପାଇଁ ସେ ବିକଳ।

-(ବିଶ୍ୱର ଆହ୍ୱାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | C | 4 | | | | | 3 | | | 8 | | | | |
| D | | 5 | | | | A | | 9 | | | 2 | 4 | E | 6 |
| | | | | B | | | | | | 1 | 6 | | | |
| | 1 | | | 5 | | 6 | | | 0 | | 4 | 8 | B | 9 |
| | B | | 3 | | | | | D | | | | | | |
| 4 | | | | | 0 | | | | | | | | | C |
| | | | | | | | 9 | | | | 0 | | 8 | 7 |
| | 6 | 2 | 5 | 9 | | | | | | | | | | |
| | 9 | 0 | 8 | 3 | | 1 | | 4 | D | E | | B | A | |
| E | A | | | | | 3 | | 7 | | 5 | | | 1 | |
| | D | | | | 7 | C | | | | | 8 | E | | |
| | | | C | | | | | 0 | | | A | | | B |
| | 2 | | 9 | 6 | | | | | 7 | C | D | 1 | | 8 |
| | | 3 | | | | | 6 | A | | | 9 | 0 | | |
| | 4 | 9 | E | | | | | 1 | 3 | 6 | B | C | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | 3 | 2 | B | 4 | 7 | E | D | 0 | 8 | A | 5 | 6 | 1 | 9 |
| 8 | 0 | D | 6 | A | 9 | 4 | C | 7 | 2 | B | 1 | E | 5 | 3 |
| 7 | 6 | E | 5 | 1 | 8 | 3 | A | 2 | 9 | 4 | C | 0 | B | D |
| A | 5 | 1 | D | E | C | 8 | 9 | B | 0 | 6 | 3 | 7 | 2 | 4 |
| 4 | B | 9 | 3 | 0 | 2 | 5 | 6 | 1 | 7 | D | E | 8 | C | A |
| 2 | C | 3 | 4 | 6 | A | 0 | 8 | 9 | E | 5 | B | D | 7 | 1 |
| 9 | 1 | 6 | 7 | B | D | C | 5 | 3 | A | 2 | 8 | 4 | 0 | E |
| D | A | 5 | C | 2 | 0 | 1 | E | 4 | 3 | 7 | 6 | B | 9 | 8 |
| 0 | 4 | 7 | 8 | 3 | E | 2 | B | D | 1 | C | 9 | A | 6 | 5 |
| B | E | 8 | 1 | 9 | 5 | A | 7 | 6 | D | 0 | 4 | C | 3 | 2 |
| 1 | 9 | 4 | 0 | 8 | 6 | D | 3 | C | 5 | E | 7 | 2 | A | B |
| E | 8 | C | 9 | 7 | B | 6 | 1 | A | 4 | 3 | 2 | 5 | D | 0 |
| 3 | 2 | A | E | C | 1 | B | 0 | 5 | 6 | 8 | D | 9 | 4 | 7 |
| 6 | D | 0 | 2 | 5 | 3 | 7 | 4 | E | B | 9 | A | 1 | 8 | C |
| 5 | 7 | B | A | D | 4 | 9 | 2 | 8 | C | 1 | 0 | 3 | E | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମନ୍ଦିର ଖୋଲାରେ ରାଜନୀତି

ମହାଶୟ,

ଦୀର୍ଘଦିନ ହେବ କରୋନା କଟକଣା ପାଇଁ ମନ୍ଦିରଗୁଡିକ ବନ୍ଦ ରହିଛି । କାରଣ ଧର୍ମପ୍ରାଣ ଲୋକମାନେ ଏପରି ବିପର୍ଯ୍ୟୟ ସମୟରେ ଆଗପଛ ବିଚାର ନ କରି ଏକାଧିକ ସଂଖ୍ୟାରେ ମନ୍ଦିରକୁ ଯାଇ ପୂଜା ଓ ପ୍ରାର୍ଥନା କରିବେ । ଏହା ଦ୍ୱାରା କରୋନା ସଂକ୍ରମଣ ଅଧିକ ମାତ୍ରାରେ ନିଶ୍ଚୟ ହେବ । ବିଶେଷକରି ଓଡିଶାରେ ସଂକ୍ରମଣ ହ୍ରାସ ପାଇଥିଲେ ମଧ୍ୟ ଦ୍ୱିତୀୟ ଥର ଏହା ବୃଦ୍ଧି ପାଇବାର ଆଶଙ୍କା କରାଯାଏ । ବିଦେଶ ଦେଶମାନଙ୍କରେ ଦ୍ୱିତୀୟ ଥର ସଂକ୍ରମଣ ଘଟି ଅନେକ ଲୋକ ମୃତ୍ୟୁ ହେବା ଖବର ଲୋକଲୋଚନକୁ ଆସିଲାଣି । ବିଶେଷଜ୍ଞଙ୍କ ମତରେ ଶୀତମାସରେ କରୋନା ସଂକ୍ରମଣ ଅଧିକ ହେବାର ସୂଚନା ମିଳେ । ଏପରି ଭୟାବହ ପରିସ୍ଥିତରେ କିଛି ଲୋକ ଓ ରାଜନେତା କୋଭିଡ କଟକଣା ମାନି ମନ୍ଦିରଗୁଡିକୁ ଖୋଲି ଦେବା ମତ ରଖୁଛନ୍ତି । ଏବେ ସୁଦ୍ଧା ଅନେକ ଅମାନିଆ ନିଜର ବଦଭ୍ୟାସ ଛାଡୁ ନ ଥିବାର ଲକ୍ଷ୍ୟ କରାଯାଏ । ତେବେ ମନ୍ଦିର ଖୋଲିବା ଫଳରେ କୋଭିଡ କଟକଣା ମାନିବ କିଏ ? ସରକାର ନା ଜନସାଧାରଣ ? ତାହାଛଡା ଅନ୍ୟ ଦେଶର ମନ୍ଦିର ଖୋଲିଦେବା ଫଳରେ କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି । ସେହିଭଳି ଭାବରେ ଓଡିଶାର ମନ୍ଦିରଗୁଡିକ ଖୋଲିଦେଲେ ଲୋକମାନଙ୍କୁ ଆୟତ୍ତ କରିବା କଷ୍ଟସାଧ ବ୍ୟାପାର ହୋଇପଡିବ । ତେଣୁ ରାଜନୀତି ଲକ୍ଷ୍ୟହାସଲ ପାଇଁ ମନ୍ଦିର ଖୋଲିବା ପାଇଁ ମତ ଦେବା ଉଚିତ ହେଉନାହିଁ ।

-ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଂକ୍ଷେପରେ**

## 'କେନ୍ଦ୍ର, ରାଜ୍ୟ ସରକାର ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ'

**ଭୁବନେଶ୍ୱର,୨୪।୧୧(ବ୍ୟୁରୋ):** କେନ୍ଦ୍ରରେ ଏବଂ ରାଜ୍ୟରେ ୨ଟି ଭିନ୍ନ ସରକାର ରହିଛନ୍ତି। ହେଲେ ସେମାନେ କର୍ପୋରେଟ୍ ସଂସ୍ଥାଗୁଡିକୁ ସହାୟତା କରିବା ପାଇଁ ଏକ ହୋଇଯାଇଛନ୍ତି। କହିବାକୁ ଗଲେ ରାଜ୍ୟରେ କ୍ଷମତାସୀନ ବିଜେଡି ଏବଂ କେନ୍ଦ୍ରରେ ଏନ୍‌ଡିଏ ନେତୃତ୍ୱାଧିନ ଭାଜପା ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ସଦୃଶ ବୋଲି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି। ନରସିଂହ ତାଙ୍କ ସରକାରୀ ବାସଭବନରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରି ଏହି ଅଭିଯୋଗ କରି କହିଛନ୍ତି, ବିଧାନସଭାରେ ଗୃହୀତ ହୋଇଥିବା କାରଖାନା(ଓଡିଶା ସଂଶୋଧନ) ବିଲ୍-୨୦୨୦ ଜନସ୍ୱାର୍ଥ ବିରୋଧୀ। ରାଜ୍ୟରେ ମହିଳା ବିରୋଧୀ ହିଂସାର ପରିସଂଖ୍ୟାନ କିଛିବର୍ଷ ହେଲା ବୃଦ୍ଧି ପାଇଛି। ଏହି ପରିପ୍ରେକ୍ଷୀରେ ରାତିରେ ମହିଳାମାନଙ୍କୁ କାର୍ଯ୍ୟରେ ଲଗାଇବା ପାଇଁ ଆଇନର ବାଟ ଖୋଲି ଦିଆଯାଇଛି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଲା, କେନ୍ଦ୍ର ସରକାର କରିଥିବା ଆଇନକୁ ସହାୟତା କରିବା ପାଇଁ ରାଜ୍ୟ ଏହି ନିଷ୍ପତ୍ତି ନେଇଛି। ଏହା ସରକାରଙ୍କ ଏକଛତ୍ରବାଦ। କେନ୍ଦ୍ରର ମୋଦି ସରକାର ଏବଂ ଓଡିଶା ଶାସକ ଦଳ ମଧ୍ୟରେ କୌଣସି ପ୍ରଭେଦ ନାହିଁ। ଏହି ଅବସରରେ ବିଧାନସଭା ବାହାରେ ଆତ୍ମହତ୍ୟା ଉଦ୍ୟମ କରିଥିବା ଦମ୍ପତିଙ୍କ କଥା କହି ସରକାରଙ୍କ ଉପରେ ବର୍ଷିଛନ୍ତି। ସେ କହିଛନ୍ତି ଯେ, ସରକାରଙ୍କ ଗୋଇନ୍ଦା ବିଭାଗ ସମ୍ପୂର୍ଣ୍ଣ ଫେଲ ହେବାକୁ ଲାଗିଥିଲା ବେଳେ ଆଇନଶୃଙ୍ଖଳା ବିଷୟରେ ନ କହିବା ଭଲ। ଗୋଟିଏ ୫ ବର୍ଷର ନାବାଳିକାକୁ ନିର୍ମମ ଭାବେ ହତ୍ୟା କରାଯାଇଥିବା ବେଳେ ପୋଲିସ ଏ ପର୍ଯ୍ୟନ୍ତ ଦୋଷୀକୁ ଧରିବାରେ ବିଫଳ ହୋଇଛି। ହାଜତରେ ଅଭିଯୁକ୍ତଙ୍କୁ ଏଭଳି ମରାଯାଉଛି, ସେମାନେ ମରିଯାଉଛନ୍ତି। ଆଇନର ରକ୍ଷକ ବର୍ତ୍ତମାନ ଭକ୍ଷକ ସାଜିଛନ୍ତି। ତେଣୁ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତିର ବିପର୍ଯ୍ୟସ୍ତ ଅବସ୍ଥା ଦେଖି ଜଣାପଡୁଛି ସରକାର ଏବେ ଭୟଭୀତ ଅବସ୍ଥାରେ ଅଛନ୍ତି। ତୁରନ୍ତ ଏସବୁ ଘଟଣାରେ ମନ୍ତ୍ରୀ ନିଜର ଉତ୍ତର ରଖନ୍ତୁ ବୋଲି ସେ କହିଛନ୍ତି।

# କମ୍ପାନୀ କର୍ମଚାରୀ ମାଷ୍ଟରମାଇଣ୍ଡ

**କଟକ ଅଫିସ,୨୪।୧୧**

କଟକ ନୟାସଡ଼କ ଅଞ୍ଚଳରେ ଥିବା ଅର୍ଥ ଲଗାଣକାରୀ ସଂସ୍ଥା ଇଣ୍ଡିଆନ ଇନ୍‌ଫୋଲାଇନ ଫାଇନାନ୍ସ ଲିମିଟେଡ(ଆଇଆଇଏଫ୍‌ଏଲ୍) ଶାଖା କାର୍ଯ୍ୟାଳୟରୁ ୧୨ କୋଟିର ସୁନାଗହଣା ଓ ଟଙ୍କା ଲୁଟ ଘଟଣାର ମଙ୍ଗଳବାର ପର୍ଦ୍ଦାଫାଶ ହୋଇଛି। ଏହି ଲୁଟ ଘଟଣାରେ ସଂସ୍ଥାର କର୍ମଚାରୀ ଲାଲା ଅମ୍ରିତ ରାୟ ମାଷ୍ଟରମାଇଣ୍ଡ ଥିବାବେଳେ ଅନ୍ୟମାନେ ତାଙ୍କର ସମ୍ପର୍କୀୟ ଏବଂ ସାଙ୍ଗ ବୋଲି ଜଣାପଡ଼ିଛି। ପୋଲିସ ଲାଲାଙ୍କ ସମେତ ୭ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରୁଛି। ସେମାନଙ୍କଠାରୁ ୨କିଲୋ ସୁନା ଏବଂ ୨ଟି ବାଇକ୍ ଜବତ କରାଯାଇଛି । ଲୁଟ ସମୟରେ ସିସିଟିଭି କାର୍ଯ୍ୟ କରୁ ନ ଥିଲା। ଆଲାରାମ ବ୍ୟବସ୍ଥା ମଧ୍ୟ ଅଚଳ ଥିଲା। ଏପରିକି ସିକ୍ୟୁରିଟି ଗାର୍ଡ ଛୁଟିରେ ଥିଲେ। ଏହିସବୁ ସୁବିଧାର ସୁଯୋଗ ନେଇ କର୍ମଚାରୀ ଲାଲା ଯୋଜନାବଦ୍ଧ ଭାବେ ଲୁଟ କରିବାରେ ସଫଳ ହୋଇଥିଲେ ବୋଲି ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

କିଶନନଗର ଥାନା ଅନ୍ତର୍ଗତ ଧାରଣପୁର ଗ୍ରାମର ଅଭିଯୁକ୍ତ ଲାଲାଙ୍କ ପ୍ରରୋଚନାରେ ୫ଜଣ ସାଙ୍ଗ ମିଶି ଏହି ଘଟଣା ଘଟାଇଥିଲେ। ଲାଲା ଉକ୍ତ ସଂସ୍ଥାରେ ୫ବର୍ଷ ହେଲା କାମ କରୁଛନ୍ତି। ପୂର୍ବରୁ ତାଙ୍କ ନାମରେ ଏକାଧିକ ହେରଫେର ଅଭିଯୋଗ ମଧ୍ୟ ଆସିଥିଲା। ଏବେ ସଂସ୍ଥାରେ ନୂଆ ଅଡିଟର ଯୋଗ ଦେଇଥିବାରୁ ଧରାପଡ଼ିଯିବାର ସମ୍ଭାବନା ଥିବାରୁ ଲାଲା ଏଭଳି ଲୁଟ ଘଟଣା ଘଟାଇଥିବା ଅଭିଯୋଗ ଜଣାପଡ଼ିଛି। ଘଟଣା ଦିନ ୪ଜଣ ଦୁର୍ବୃତ୍ତ ଲୁଟ୍ କରିବାକୁ ଆଇଆଇଏଫ୍‌ଏଲ୍ ଶାଖା କାର୍ଯ୍ୟାଳୟ ମଧ୍ୟରେ ପ୍ରବେଶ କରିଥିବାବେଳେ ଅନ୍ୟ ଜଣେ ବାହାରେ ରହି ପୂରା ଲୁଟ୍ ପରିଚାଳନା କରିଥିଲେ। ୪ ଦୁର୍ବୃତ୍ତ ହେଲେ କିଶନନଗର ଥାନା ବିଶ୍ୱନାଥପୁର ଅଞ୍ଚଳର ପ୍ରକାଶ ସାହୁ, ପ୍ରଦୀପ୍ତ ବେହେରା, ରାଜକିଶୋର ସାହୁ ଏବଂ ବହୁଗ୍ରାମ ଅଞ୍ଚଳର ସନ୍ତୋଷ ବେହେରା। ପଞ୍ଚମ ବ୍ୟକ୍ତି ଜଣକ ହେଲେ ଲାଲାଙ୍କ ସାଙ୍ଗ ରଞ୍ଜନ ବେହେରା। ଲାଲା ଏବଂ ରଞ୍ଜନ ପିଲାବେଳୁ ସାଙ୍ଗ। ଏପରିକି ଲାଲାଙ୍କ ଭାଇ ରଞ୍ଜନ ରାୟ ମଧ୍ୟ ସୁନା ହେରଫେର ଘଟଣାରେ ସମ୍ପୃକ୍ତ ଅଛନ୍ତି। ସେ କିଛିବର୍ଷ ତଳେ କଟକ ମଙ୍ଗଳାବାଗସ୍ଥିତ ମଣପୁରମ ସଂସ୍ଥାରୁ ଏକ କେଜି ସୁନା ହେରଫେର କରି ଗିରଫ ହୋଇଥିଲେ। ଉକ୍ତ ଘଟଣାରେ ଲାଲା ମଧ୍ୟ ସାମିଲ ଥିଲେ। ପରେ ଜାମିନ୍‌ରେ ଆସିଥିଲେ।

ପ୍ରକାଶ ଯେ, ଗତ ଗୁରୁବାର ପୂର୍ବାହ୍ନ ୯ଟା ୪୫ ମିନିଟ୍‌ରେ ହଠାତ୍ ୪ ଜଣ ଦୁର୍ବୃତ୍ତ ମୁହଁରେ ମାସ୍କ ଓ ହେଲ୍‌ମେଟ୍ ପିନ୍ଧି କାର୍ଯ୍ୟାଳୟ ଭିତରେ ପଶିବା ସହ ବନ୍ଧୁକ ଦେଖାଇ ସମସ୍ତ କର୍ମଚାରୀଙ୍କୁ ଗୋଟିଏ ଜାଗାରେ ଠିଆ କରାଇଥିଲେ। ଭିତରପଟୁ ମୁଖ୍ୟଦ୍ୱାରର ଶଟରକୁ ପକାଇ ଦେଇଥିଲେ। ଏହାଦେଖି ଦୁଇଜଣ କର୍ମଚାରୀ ପ୍ରତିରୋଧ କରିବାରୁ ଦୁର୍ବୃତ୍ତମାନେ ସେମାନଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ପରେ ସେମାନେ ବନ୍ଧୁକ ଦେଖାଇ ଷ୍ଟ୍ରଙ୍ଗରୁମ୍‌ର ଚାବି ମାଗିଥିଲେ। ଦୁର୍ବୃତ୍ତମାନେ ଓଡ଼ିଆ ଓ ହିନ୍ଦୀରେ କଥାବାର୍ତ୍ତା କରୁଥିଲେ। ଷ୍ଟ୍ରଙ୍ଗରୁମ୍ ଚାବି ଦେବା ପରେ ସେଠାରେ ଗଚ୍ଛିତ ଥିବା ସବୁ ସୁନା ଅଳଙ୍କାର ଓ ନଗଦ ୪କୋଟି ଟଙ୍କା ଲୁଟି ନେଇ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ଏହି ଘଟଣାର ତଦନ୍ତ ପାଇଁ କମିଶନରେଟ ପୋଲିସ ଏକ ଟିମ୍ ଗଠନ କରିଥିଲା। ସେମାନଙ୍କ ମଧ୍ୟରେ ଆଡିଶନାଲ ଡିସିପି ପ୍ରମୋଦ ରଥ, ଏସିପି ସୁବ୍ରତ ନାରାୟଣ ମୁଦୁଲି, ଏସିପି ଅମରେନ୍ଦ୍ର ପଣ୍ଡା, ଇନ୍ସେକ୍ଟର ଅଜୟ ଦାସ, ଇନ୍ସପେକ୍ଟର ତାପସ ପ୍ରଧାନ, ରଶ୍ମିରଞ୍ଜନ ମହାପାତ୍ର, ରବୀନ୍ଦ୍ରନାଥ ମେହେର, ବିରଞ୍ଚି ପତି, ରଶ୍ମିରଞ୍ଜନ ସାହୁ, ଏଏସ୍‌ଆଇ ଅବିନାଶ ରାଉତ,କନଷ୍ଟେବଳ ଫିରୋଜ ରାଉତ, ସାଜନ ଜେନା ପ୍ରମୁଖ ସାମିଲ ଥିଲେ।



- ଆଇଆଇଏଫ୍‌ଏଲ୍ ଅର୍ଥ ଲଗାଣ ସଂସ୍ଥାରୁ ଲୁଟ ଘଟଣା
- ୬ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରୁଛି ପୋଲିସ

ଖବରଦାତା ସମ୍ମିଳନୀରେ ପୋଲିସ କମିଶନର ସୂଚନା ଦେଉଛନ୍ତି।

## କୋଭିଡ୍ ଟିକାକରଣ ପାଇଁ ସରକାର ପ୍ରସ୍ତୁତ: ନବୀନ

**ଭୁବନେଶ୍ୱର,୨୪।୧୧(ବ୍ୟୁରୋ)**

କୋଭିଡ୍-୧୯ ଟିକାକରଣ ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ଗର୍ଭବତୀ, କୋଭିଡ୍ ଯୁଦ୍ଧରେ ଆଗଧାଡିରେ ଥିବା ସ୍ୱାସ୍ଥ୍ୟକର୍ମୀ, ବରିଷ୍ଠ ନାଗରିକ ଏବଂ ଅସୁସ୍ଥ ବ୍ୟକ୍ତିଙ୍କୁ ପ୍ରାଥମିକତାଭିତ୍ତିରେ ଟିକା ଦେବାକୁ ନିଷ୍ପତ୍ତି ନିଆଯାଇଛି। ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଭର୍ଚୁଆଲ ବୈଠକରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି।

ଯଦିଓ ଟିକା କେବେ ଆସିବ ସେ ବିଷୟରେ ଏବେ ଅସ୍ପଷ୍ଟ ରହିଛି ତେବେ ସରକାର ଟିକାକରଣ କାର୍ଯ୍ୟକ୍ରମ ପାଇଁ ଆଗୁଆ ପ୍ରସ୍ତୁତି ଚଳାଇଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ କରୋନା ଭୂତାଣୁକୁ ରୋକିବା ଲାଗି ମାସ୍କ ପିନ୍ଧିବା, ଶାରୀରିକ ଦୂରତା ଓ ହାତଧୋଇବା ଉପରେ ଗୁରୁତ୍ୱ ଦେଇଛନ୍ତି। ଏହି ମହାମାରୀକୁ ହାଲୁକା ଭାବେ ନେବା ଉଚିତ ନୁହେଁ। ଆମ ସମସ୍ତଙ୍କୁ ପରିମଳ ଉପରେ ବିଶେଷ ଧ୍ୟାନ ଦେବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଆଇସ୍‌କ୍ରିମ କାଠିରେ ନାଗାର୍ଜୁନ ବେଶ

**ପୁରୀ ଅଫିସ,୨୪।୧୧**



ଦୀର୍ଘ ୨୫ବର୍ଷ ପରେ ପଡୁଛି ମହାପ୍ରଭୁଙ୍କ ନାଗାର୍ଜୁନ ବେଶ। ଆସନ୍ତା ୨୭ ତାରିଖରେ ଏହି ଦୁର୍ଲଭ ବେଶ ଅନୁଷ୍ଠିତ ହେବ। ଏଥର କରୋନା ମହାମାରୀ ପାଇଁ ଏହି ବେଶକୁ ଭକ୍ତମାନେ ଦେଖିପାରିବେ ନାହିଁ। ତେବେ ମହାପ୍ରଭୁଙ୍କର ଏହି ମହାର୍ଘ ବେଶକୁ ନିଆରା ଢଙ୍ଗରେ ପ୍ରସ୍ତୁତ କରିଛନ୍ତି ଜଣେ ଡିପ୍ଲୋମା ଛାତ୍ର। ଏହି ଯୁବ ଶିଳ୍ପୀ ଜଣଙ୍କ ହେଲେ ପୁରୀ କୁମୁଟିପାଟଣାର ବିଶ୍ୱଜିତ ନାୟକ (୧୯)। ୩,୫୭୫ ଖଣ୍ଡ ଆଇସ୍‌କ୍ରିମ୍ କାଠିରେ ନାଗାର୍ଜୁନ ବେଶ ତିଆରି କରି ବିଶ୍ୱଜିତ ଏବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଛନ୍ତି। ଏ ସମ୍ପର୍କରେ ବିଶ୍ୱଜିତ୍ କହିଛନ୍ତି, ଏହି ବେଶ ତିଆରି କରିବାକୁ ତାଙ୍କୁ ୧୬ ଦିନ ସମୟ ଲାଗିଛି। ୩,୫୭୫ ଖଣ୍ଡ ଆଇସ୍‌କ୍ରିମ୍ କାଠିରେ ୪୦ ଇଞ୍ଚ ଉଚ୍ଚତା ଏବଂ ୨୨ ଇଞ୍ଚ ଚଉଡ଼ାର ବେଶ ତିଆରି କରିଛନ୍ତି। ପୂର୍ବରୁ ସେ ଆଇସ୍‌କ୍ରିମ୍ କାଠିରେ ନନ୍ଦିଘୋଷ ରଥ ଏବଂ କୁନି ଗଣେଶ ତିଆରି କରିଥିବାରୁ ନାଗାର୍ଜୁନ ବେଶ ପାଇଁ ତାଙ୍କୁ ବେଶି ସମସ୍ୟା ହୋଇ ନ ଥିଲା। ସୂଚନାଥାଉ କି, ସପ୍ତମ ଶ୍ରେଣୀରେ ପଢୁଥିବାବେଳେ ଆଇସ୍‌କ୍ରିମ୍ କାଠିରେ ସିଂହାସନ କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ବସାଇଥିଲେ ବିଶ୍ୱଜିତ, ଯାହା ବେଶ୍ ଆକର୍ଷଣୀୟ ହୋଇଥିଲା। ପରିବାର, ସମ୍ପର୍କୀୟ ଏହାକୁ ଦେଖିବା ପରେ ତାଙ୍କୁ ପ୍ରେରଣା ଦେଇଥିଲେ। ଆଇସ୍‌କ୍ରିମ କାଠିକୁ ନେଇ ସେ ଆଗକୁ ବଢିବାକୁ ସ୍ୱପ୍ନ ଦେଖିଥିବା ବିଶ୍ୱଜିତ କହିଛନ୍ତି।

## କାରଖାନା ସଂଶୋଧନ ବିଲ୍: ରାତିରେ କାମ କରିପାରିବେ ମହିଳା

**ଭୁବନେଶ୍ୱର,୨୪।୧୧(ବ୍ୟୁରୋ)**

କାରଖାନା ସଂଶୋଧନ ବିଲ୍ ଏବଂ ଠିକା ଶ୍ରମିକ (ନିୟନ୍ତ୍ରଣ ଓ ନିଷେଧ) ସଂଶୋଧନ ବିଲ୍ ମଙ୍ଗଳବାର ବିଧାନସଭାରେ ଅନୁମୋଦନ ଲାଭ କରିଛି। ଉଭୟ ବିଲ୍‌କୁ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂହ ଗୃହରେ ଉପସ୍ଥାପନ କରିଥିଲେ। ରାଜ୍ୟରେ ଶିଳ୍ପାୟନ କ୍ଷେତ୍ରରେ ଅଧିକ ପୁଞ୍ଜି ବିନିଯୋଗ, କରୋନା ଦ୍ୱାରା କବଳିତ ତଥା କ୍ଷତିଗ୍ରସ୍ତ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ (ଏମ୍‌ଏସ୍‌ଏମ୍‌ଇ) ନିମନ୍ତେ ଅନୁକୂଳ ତଥା ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି କରି ଅର୍ଥନୈତିକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବାରେ କାରଖାନା ଓଡ଼ିଶା ସଂଶୋଧନ ବିଲ୍ ସହାୟକ ହେବ। ସେହିଭଳି କାରଖାନାଗୁଡ଼ିକରେ ମହିଳାମାନଙ୍କ ନିଯୁକ୍ତିକୁ ପ୍ରୋତ୍ସାହନ ଦେବା ଲାଗି ଏହି ବିଲ୍‌ରେ ବ୍ୟବସ୍ଥା ହୋଇଥିବା ମନ୍ତ୍ରୀ କହିଥିଲେ। କାରଖାନା ଆଇନ୍ ବଳରେ ଏଣିକି ମହିଳାମାନେ ରାତିରେ କାରଖାନାରେ କାମ କରିପାରିବେ। ତେବେ ଏହି ବିଲ୍‌କୁ ଉଭୟ ବିରୋଧୀ ଭାଜପା ଓ କଂଗ୍ରେସ ବିରୋଧ କରିଥିଲେ। ଏହି ବିଲ୍ ମହିଳା ଓ ଶ୍ରମିକ ବିରୋଧୀ। ଏହି ବିଲ୍ ବଳରେ ମାଲିକମାନେ ଶ୍ରମିକଙ୍କୁ ଅତିରିକ୍ତ କାମ କରାଇବେ। ମହିଳା ନିର୍ଯାତନା ବଢ଼ିବ ବୋଲି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଥିଲେ। ସେହିପରି କଂଗ୍ରେସ ବିଧାୟକ ସନ୍ତୋଷ ସିଂହ ସାଲୁଜା, ଭାଜପା ବିଧାୟକ ମୋହନ ଚରଣ ମାଝୀ ଏବଂ ଜୟନାରାୟଣ ମିଶ୍ର ମଧ୍ୟ ବିଲ୍‌କୁ ବିରୋଧ କରିଥିଲେ।

## ଧର୍ମପୀଠ ଖୋଲିବାକୁ ଦାବିକଲେ ବିରୋଧୀ

**ଭୁବନେଶ୍ୱର,୨୪।୧୧(ବ୍ୟୁରୋ)**

**ନାଗାର୍ଜୁନ ବେଶ ଦଳାଚକଟା ରିପୋର୍ଟ ମାଗିଲା କଂଗ୍ରେସ**

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟରେ ମନ୍ଦିର ଓ ଅନ୍ୟ ଧର୍ମପୀଠକୁ ସର୍ବସାଧାରଣଙ୍କ ପାଇଁ ବନ୍ଦ କରାଯାଇଛି। ଏଥିଯୋଗୁ ପୂଜକ ଓ ଅନ୍ୟମାନଙ୍କ ବୃତ୍ତି ପ୍ରଭାବିତ ହୋଇଛି। ତେଣୁ ସମସ୍ତ ମନ୍ଦିର ଖୋଲିବାକୁ ବିଧାନସଭାରେ ମିଳିତ ସ୍ୱରରେ ଦାବି କରିଛନ୍ତି ଭାଜପା ଓ କଂଗ୍ରେସ ଦଳର ବିଧାୟକ। ଶୂନ୍ୟକାଳରେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ଏହି ପ୍ରସଙ୍ଗ ଗୃହରେ ଉଠାଇଥିଲେ। ଆସନ୍ତା ୨୪ଘଣ୍ଟା ମଧ୍ୟରେ ଶ୍ରୀମନ୍ଦିରକୁ ଭକ୍ତଙ୍କ ପାଇଁ ଖୋଲିବାକୁ ସେ ବାଚସ୍ପତିଙ୍କ ନିକଟରେ ଗୁହାରି କରିଥିଲେ। ଏହାସହ ରାଜ୍ୟର ସମସ୍ତ ମନ୍ଦିର, ମସ୍‌ଜିଦ୍ ଓ ଚର୍ଚ୍ଚକୁ ଖୋଲିବାକୁ ସେ ଦାବି କରିଥିଲେ। ତାରାଙ୍କୁ ସମର୍ଥନ କରିଥିଲେ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ।

କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା ମଧ୍ୟ ପୂଜକମାନଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ମନ୍ଦିର ଖୋଲିବାକୁ ଦାବି କରିଥିଲେ। ୧୯୯୩ ଓ ୨୦୧୬ରେ ଶ୍ରୀଜୀଉଙ୍କ ନାଗାର୍ଜୁନ ବେଶ ସମୟରେ ହୋଇଥିବା ଦଳାଚକଟା ପ୍ରସଙ୍ଗ ଉଠାଇ ସାଲୁଜା ଜଷ୍ଟିସ୍ ପି.କେ. ମହାନ୍ତିଙ୍କ ରିପୋର୍ଟକୁ ରାଜ୍ୟ ଆଇନ ବିଭାଗ ଚପାଇ ଦେଇଥିବା କହିଥିଲେ। ସରକାର କେବଳ ଦୁର୍ଘଟଣା ବେଳେ କମିଟି ବସାଇବା ଜାଣିଛନ୍ତି। ହେଲେ ତଦନ୍ତ ରିପୋର୍ଟକୁ ଗୃହରେ ଉପସ୍ଥାପନ କରିବା ଜାଣିନାହାନ୍ତି। ଶ୍ରୀମନ୍ଦିର ଦଳାଚକଟାର ମୋଟ ୩ଟି ରିପୋର୍ଟକୁ ଚପାଇ ଦିଆଯାଇଥିବା ସେ ଅଭିଯୋଗ କରିଥିଲେ। କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ ପୁଣିଥରେ ଗୃହରେ ସ୍ଥିତିବାନ ସମ୍ପତ୍ତି ଶ୍ରୀଜଗନ୍ନାଥଙ୍କ ନାମରେ ହେବା ପ୍ରସଙ୍ଗ ଉଠାଇଥିଲେ। ଜଟଣୀ ବ୍ଲକ୍‌ରେ ବହୁ ଗ୍ରାମବାସୀଙ୍କ ସ୍ଥିତିବାନ ସମ୍ପତ୍ତି ବେଆଇନ୍ ଭାବେ ଜଗନ୍ନାଥ ମନ୍ଦିର ନାମରେ କରିଦିଆଯାଇଛି। ଫଳରେ ଲୋକେ ରାସ୍ତା, ସ୍କୁଲ୍, ଇନ୍ଦିରା ଆବାସ ଆଦି କରିପାରୁନାହାନ୍ତି। ଏନେଇ ତୁରନ୍ତ ପଦକ୍ଷେପ ନେବାକୁ ସେ ଦାବି କରିଥିଲେ। ତେବେ ବିଜେଡ଼ି ବିଧାୟକ ଅମର ଶତପଥୀ କହିଥିଲେ, କୋଭିଡ୍-୧୯ ଏବେ ଲଗାମରେ ରହିଛି। ଆଗୁଆ ପଦକ୍ଷେପ ନେବା ଦ୍ୱାରା ଓଡ଼ିଶାକୁ ସଫଳତା ମିଳିଛି। ସ୍ଥିତି ଦେଖି ଧର୍ମାନୁଷ୍ଠାନ ଖୋଲିବା ନିଷ୍ପତ୍ତି ନେବାକୁ ରାଜ୍ୟ ସରକାର ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଆମେ ବି ମନ୍ଦିର ଖୋଲିବା ସହ କଳାକାରଙ୍କୁ ସୁଯୋଗ ଦେବାକୁ ଚାହୁଁଛୁ। ହେଲେ ଦିଲ୍ଲୀ ଭଳି ପରିସ୍ଥିତି ଓଡ଼ିଶାର ନ ହେଉ ବୋଲି ସେ କହିଥିଲେ।









ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୫ ନଭେମ୍ବର, ୨୦୨୦

## ଦୁର୍ଘଟଣାରେ ଜଣେ ମୃତ

କଣ୍ଟାପଡା, (ଡି.ଏନ୍.ଏ.): ଫୁଲନଖରା-ନିଆଳି ରାସ୍ତାର ଦାମୋଦରପୁର ଛକ ନିକଟରେ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଣ୍ଟାପଡା ଗ୍ରାମର କାଶୀନାଥ ବେହେରା(୫୨)। କାଶୀନାଥ କାମ ସାରି ସୋମବାର ସନ୍ଧ୍ୟା ୭ଟାରେ ଘରକୁ ଫେରୁଥିବାବେଳେ ଏକ ବାଇକ ତାଙ୍କୁ ଧକ୍କା ଦେଇଥିଲା। ତେବେ ସେ ସେଠାରୁ ଭଲରେ ଘରକୁ ଫେରିଥିଲେ। ଘରେ ପହଞ୍ଚିବାର କିଛି ସମୟ ପରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପ୍ରଥମେ ଅଡଶପୁର ଓ ପରେ କଟକ ବଡଡାକ୍ତରଖାନା ନିଆଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଓଲଟପୁର ପୋଲିସ ଦୁର୍ଘଟଣା ଘଟାଇଥିବା ବାଇକକୁ ଜବତ କରିଛି।



## ସଂକ୍ଷେପରେ

### ଲାଞ୍ଚ ନେଇ ଜେଲ ଗଲେ ବିଏମ୍‌ସି ୱାର୍ଡ ଅଫିସର

ଭୁବନେଶ୍ୱର,୨୪।୧୧(ବ୍ୟୁରୋ): ୨୦ହଜାର ଟଙ୍କା ଲାଞ୍ଚ ନେବାବେଳେ ବିଏମ୍‌ସି ଅଧିକାରୀ ଭିଜିଲାନ୍ସ ହାତରେ ଧରାପଡ଼ି ଜେଲ ଯାଇଛନ୍ତି। ସେ ହେଲେ ବିଏମସି ୱାର୍ଡ ନଂ ୪୨ର ସହକାରୀ ଅଧିକାରୀ ସୁଧାଂଶୁ ମାଝି। ଇଏମଡି ସିକ୍ୟୁରିଟି ଡିପୋଜିଟ ରିଲିଜ ପାଇଁ ସେ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଜାଲରେ ଫସିଯାଇଥିଲେ। ସୂଚନା ମୁତାବକ, ରସୁଲଗଡ ଅଞ୍ଚଳର ପ୍ରଶାନ୍ତ କୁମାର ରାୟଙ୍କ ଠିକା କାର୍ଯ୍ୟର ଇଏମଡି ସିକ୍ୟୁରିଟି ଡିପୋଜିଟ ରିଲିଜ ପାଇଁ ୱାର୍ଡ ଅଫିସର ମାଝି ୨୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ ପ୍ରଶାନ୍ତ ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନରେ ଅଭିଯୋଗ ଜଣାଇଥିଲେ। ଅଭିଯୁକ୍ତଙ୍କୁ ଧରିବା ପାଇଁ ଭିଜିଲାନ୍ସ ବିଭାଗ ଜାଲ ବିଛାଇଥିଲା। ମଙ୍ଗଳବାର ସୁଧାଂଶୁ ରଙ୍ଗବୋଲା ଟଙ୍କା ନେବା ନେବା ବେଳେ ଭିଜିଲାନ୍ସ ଅଧିକାରୀ ମାଡିବସିଥିଲେ। ଏ ନେଇ ପିସି ଆକ୍ଟରେ ଏକ ମାମଲା (ନଂ. ୩୪/୨୦) ରୁଜୁ କରାଯାଇଛି।

### ରାସ୍ତା କାର୍ଯ୍ୟର ସ୍ଥିତି ପରଖିଲେ ପୂର୍ବତନ ବିଧାୟକ

ଚୌଦ୍ୱାର,୨୪।୧୧(ଡି.ଏନ୍.ଏ.): ୫୫ନଂ. ଜାତୀୟ ରାଜପଥର ମଙ୍ଗୁଳିଠାରୁ ଧୁମାବତୀ ପର୍ଯ୍ୟନ୍ତ ରାସ୍ତାର ଦୋହରୀକରଣ କାର୍ଯ୍ୟ ଜାରି ରହିଛି। ହେଲେ ଏହି କାର୍ଯ୍ୟର ମନ୍ଥରତାକୁ ନେଇ ବିଭିନ୍ନ ସଙ୍ଗଠନ ପକ୍ଷରୁ ଅନେକ ସମୟରେ ଅଭିଯୋଗ ହୋଇଥିବାବେଳେ ଚୌଦ୍ୱାରରେ ବନ୍ଦ ଡାକରା ଦିଆଯାଇଥିଲା। ଫଳରେ ମଙ୍ଗଳବାର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ରାସ୍ତା କାର୍ଯ୍ୟର ସ୍ଥିତି ପରଖିଥିଲେ। ଏଥିସହ ଠିକାସଂସ୍ଥାର ନିର୍ଦ୍ଦେଶକ, ଟାଙ୍ଗୀ-ଚୌଦ୍ୱାର ତହସିଲଦାର ଓ ଜାତୀୟ ରାଜପଥ ପ୍ରାଧିକରଣର ଉପସ୍ଥିତ ଅଧିକାରୀଙ୍କୁ ଡାକି ରାସ୍ତା କାମର ବିଳମ୍ବତା ସମ୍ପର୍କରେ ପଚାରି ବୁଝିବା ସହ ତୁରନ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପରାମର୍ଶ ଦେଇଥିଲେ। ଆଗାମୀ ୩ମାସ ଭିତରେ ଆପ୍ରୋଚ୍ ରୋଡ କାର୍ଯ୍ୟ ଶେଷ କରିବା ପାଇଁ ଠିକାସଂସ୍ଥା ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ଏହି ଉପଲକ୍ଷେ ପୌର ସଭାଗୃହରେ ଏକ ବୈଠକର ଆୟୋଜିତ ହୋଇଥିଲା।

### ଖବରଦାତାଙ୍କୁ ଆକ୍ରମଣ ଘଟଣା, ଜଣେ ଗିରଫ

ଭୁବନେଶ୍ୱର,୨୪।୧୧(ବ୍ୟୁରୋ) ଖବର ସଂଗ୍ରହ କରିବାକୁ ଯାଇଥିବା ଜଣେ କାର୍ଯ୍ୟରତ ଖବରଦାତାଙ୍କୁ ଆକ୍ରମଣ କରିବା ଘଟଣାରେ ଯାଁଳା ଫାଣ୍ଡି ପୋଲିସ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଯାଁଳା ଫାଣ୍ଡି ଅନ୍ତର୍ଗତ କାଇମାଟିଆ ଟୁଲୁ ସ୍ୱାଇଁ। ଘଟଣାର ସମ୍ପୃକ୍ତ ଅନ୍ୟ ୫ ଅଭିଯୁକ୍ତଙ୍କୁ ଧରିବା ନେଇ ପୋଲିସ ଚଢ଼ାଉ ଜାରି ରଖିଛି। ସୂଚନା ମୁତାବକ, ଯାଁଳା ଅଞ୍ଚଳର ଜଣେ ବିଲ୍ଡର ଦେଉଳିଆ ପାଟଣା ଗ୍ରାମର ଜଣଙ୍କ ଜମିକୁ ହାତେଇବା ପାଇଁ ଗୁଣ୍ଡା ଲଗାଇ ତାଙ୍କ ଘର ଲୋକଙ୍କୁ ବାରମ୍ବାର ଧମକ ଦେଉଥିଲେ। ଏ ନେଇ ବ୍ୟକ୍ତି ଜଣକ ବିଲ୍ଡରଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ଉକ୍ତ ଖବର ସଂଗ୍ରହ ପାଇଁ କାଇମାଟିଆ ପାଟଣାର ଖବରଦାତା ଚିତ୍ରସେନ ବାରିକ ଯାଇଥିଲେ। ଉକ୍ତ ବ୍ୟକ୍ତିଙ୍କର ସ୍ତ୍ରୀଙ୍କ ମତାମତ ଆଣିବା ସହ ସମ୍ପୃକ୍ତ ବିଲ୍ଡରଙ୍କୁ ଫୋନ୍ କରି ମତାମତ ନେବାକୁ ଚେଷ୍ଟା କରିଥିଲେ। କିନ୍ତୁ ବିଲ୍ଡର ତାଙ୍କୁ ମତାମତ ନ ଦେଇ ଧମକ ଦେଇଥିଲେ। ସୋମବାର ରାତିରେ ହଠାତ୍ ବିଲ୍ଡରଙ୍କ ଗୁଣ୍ଡାମାନେ ଚିତ୍ରସେନଙ୍କ ଘରେ ପଶି ଭଙ୍ଗାରୁଜା କରିବା ସହ ତାଙ୍କ କ୍ୟାମେରାକୁ ମଧ ଛଡ଼ାଇ ନେଇଥିଲେ। ଏନେଇ ଚିତ୍ରସେନ ଅଭିଯୋଗ କରିବା ପରେ ପୋଲିସ ଚଢ଼ାଉ କରି ଜଣଙ୍କୁ ଧରିଥିଲା।

### ପଞ୍ଚକରେ ମନ୍ଦିର ପ୍ରବେଶ କଟକଣା

ବାଲିଅନ୍ତା,୨୪।୧୧(ଡି.ଏନ୍.ଏ.): ଭୁବନେଶ୍ୱର ଉପକଣ୍ଠ ନଖରା ମୌଜାରେ ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ପ୍ରସିଦ୍ଧ ଶୈବ ପୀଠରେ ଶ୍ରୀ ଲକ୍ଷେଶ୍ୱର ମହାଦେବଙ୍କ ମନ୍ଦିରରେ ପ୍ରଥମ ପଞ୍ଚକଠାରୁ ୬ଦିନ ପର୍ଯ୍ୟନ୍ତ ମନ୍ଦିର ପ୍ରବେଶରେ କଟକଣା ଲଗାଯାଇଛି। ଏ ନେଇ ମଙ୍ଗଳବାର ବଂଶୀଧର ଭୋଳଙ୍କ ଅଧକ୍ଷତାରେ ମନ୍ଦିର ପରିସରରେ ଏକ ଜରୁରୀ ବୈଠକ କରି ଏହି ନିଷ୍ପତ୍ତି ନିଆଯାଇଛି। ଏଥିରେ ମନ୍ଦିର ପରିଚାଳନା କମିଟିର ସମସ୍ତ ସ୍ୟ ଓ ସେବାୟତମାନେ ଯୋଗଦେଇଥିଲେ। ମନ୍ଦିର ଭିତରେ ହିଁ ପୂଜା ନୀତିକାନ୍ତି କରାଯିବ।

# ୪ ବର୍ଷ ପରେ ବି ମିଳିଲାନି ପରିଚୟ

ଭୁବନେଶ୍ୱର,୨୪।୧୧(ବ୍ୟୁରୋ)

■କାଠଯୋଡ଼ି ପଠାରୁ ମୁଣ୍ଡବିହୀନ ମୃତଦେହ ଉଦ୍ଧାର ଘଟଣା
■ନାଲି ଫିତା ତଳେ ତଦନ୍ତ

୨୦୧୬ ନଭେମ୍ବର ୨୪ରେ କଟକ ନରାଜ ବ୍ୟାରେଜ ନିକଟ କାଠଯୋଡ଼ି ପଠାରେ ଜଣେ ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ମିଳିଥିଲା। ମହିଳାଙ୍କୁ କେହି ବଳାତ୍କାର କରି ମୁଣ୍ଡ କାଟି ନେଇଥିବା ଚର୍ଚ୍ଚା ହେବା ସହ ଏହି ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ମଙ୍ଗଳବାର ଏହି ଘଟଣାକୁ ୪ବର୍ଷ ବିତିଛି। ମାତ୍ର ଏପର୍ଯ୍ୟନ୍ତ କଟାମୁଣ୍ଡ ମିଳିଲାନି କି ମହିଳାଙ୍କ ପରିଚୟ ପୋଲିସ ପାଇପାରିଲାନି। ଏ ନେଇ ଫେଜ-୨ ଥାନାରେ କେସ୍ ନଂ-୫୮/୨୦୧୬ରେ ଏକ ଏତଲା ରୁଜୁ କରିଥିଲା ପୋଲିସ। ତତ୍କାଳୀନ ଡିସିପି ସଞ୍ଜିବ ଆରୋରାଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ମାତ୍ର ମାମଲା ଏପର୍ଯ୍ୟନ୍ତ ନାଲି ଫିତା ତଳେ ଚାପି ହୋଇ ରହିଛି।

ସୂଚନା ଅନୁଯାୟୀ, ୨୦୧୬ ନଭେମ୍ବର ୨୪ ସକାଳ ୧୧ଟାରେ ଗୌରାଙ୍ଗ ମହାନ୍ତି ନାମକ ବ୍ୟକ୍ତି ପ୍ରଥମେ ଏହି ଘଟଣା ସମ୍ପର୍କରେ ପୋଲିସକୁ ଖବର ଦେଇଥିଲେ। କାଠଯୋଡ଼ି ନଦୀପଠା ନିକଟରେ ପ୍ରାୟ ୩୦ ରୁ ୩୫ ବର୍ଷ ବୟସର ଜଣେ ମହିଳାଙ୍କ ମୁଣ୍ଡ ବିହୀନ ମୃତଦେହ ପଡ଼ିଥିଲା। ଫେଜ-୨ ଥାନାର ପୂର୍ବତନ ଥାନା ଅଧିକାରୀ ଦିଲୀପ ସ୍ୱାଇଁ, ତତ୍କାଳୀନ କଟକ ଡିସିପି ସଞ୍ଜୀବ ଅରୋରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ଫରେନ୍‌ସିକ ଟିମ୍, ସ୍ପେଶାଲ ସ୍କ୍ୱାଡ୍ ଘଟଣାସ୍ଥଳକୁ ଯାଇ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିବା ସହ ନଦୀରେ ପଶି କଟାମୁଣ୍ଡ ଖୋଜିଥିଲେ। ସନ୍ଧାନୀ କୁକୁରର ସାହାଯ୍ୟ ନିଆଯାଇଥିଲା। ମୃତଦେହ ନିକଟରୁ ଏକ ମନିପର୍ସକୁ ପୋଲିସ ଜବତ କରିଥିଲେ ବି କୌଣସି ପ୍ରମାଣ ପାଇପାରି ନ ଥିଲା। ତତ୍କାଳୀନ ଡିସିପି ଆରୋରା ମୃତଦେହର ଡିଏନ୍ଏ ଟେଷ୍ଟ କରିବାକୁ ନିର୍ଦ୍ଦେଶ ଦେବା ସହିତ ନିଖୋଜ ଥିବା ସହରର ସମସ୍ତ ମହିଳାଙ୍କ ତାଲିକା ପ୍ରସ୍ତୁତ କରିବାକୁ କହିଥିଲେ। ସେ ସମୟରେ ୧୨ ରୁ ୧୪ ଜଣ ବ୍ୟକ୍ତି ଥାନାକୁ ଆସି ମୃତା ମହିଳାଙ୍କୁ ନିଜ ସମ୍ପର୍କୀୟା ବୋଲି ଦାବି କରିଥିଲେ। ମାତ୍ର ଡିଏନ୍ଏ ଟେଷ୍ଟରୁ ମୃତା ମହିଳା ସେମାନଙ୍କର କେହି ସମ୍ପର୍କୀୟ ନୁହଁନ୍ତି ବୋଲି ସ୍ପଷ୍ଟ ହୋଇଥିଲା। ଫଳରେ ଧରେ ଧିରେ ସବୁ ତତ୍ପରତା ଶାନ୍ତ ପଡ଼ିଗଲା। ପୋଲିସ ବି ଚୁପ୍ ବସିଲା। ଜଣକ ପରେ ଜଣେ ପୋଲିସ ଅଧିକାରୀ ଆସୁଛନ୍ତି ହେଲେ ଉକ୍ତ ମାମଲାରେ ଅଗ୍ରଗତି ନେଇ କେହି ଚିନ୍ତିତ ଥିବାର ଜଣାପଡୁନାହିଁ। ଯାହାଦ୍ୱାରା ଏତେବଡ଼ ଘଟଣା ଆଜି ପର୍ଯ୍ୟନ୍ତ ରହସ୍ୟବୃତ୍ତ ହୋଇ ରହିଯାଇଛି।



ଭୁବନେଶ୍ୱରର ଏକ ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କ ନାଗାର୍ଜୁନ ବେଶ ପାଇଁ କଟକ ଫିରିଙ୍ଗି ବଜାର ଅଞ୍ଚଳରେ କାରିଗରମାନେ ନାଗାର୍ଜୁନ ଥାଟ, ମୁଖା, ପାଦ ଓ ହସ୍ତ ଆଦି ପ୍ରସ୍ତୁତ କରୁଛନ୍ତି।

## ଗ୍ରାମବାସୀଙ୍କ ବ୍ଲକ୍ କାର୍ଯ୍ୟାଳୟ ଘେରାଉ

ନରସିଂହପୁର,୨୪।୧୧(ସ୍ୱ.ପ୍ର.)

ନରସିଂହପୁର ବ୍ଲକ ଶରଧାପୁର ପଞ୍ଚାୟତ ଅନ୍ତର୍ଗତ ଶରଧାପୁରପାଟଣା ଗ୍ରାମରେ ଥିବା ସମସ୍ୟା ସମାଧାନ ଦାବିରେ ଗ୍ରାମବାସୀଙ୍କ ପକ୍ଷରୁ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଅଭିଯୋଗ ଅନୁଯାୟୀ, ଗ୍ରାମରେ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ସାମିଲ କରାଯାଉ ନାହିଁ। ଗ୍ରାମବାସୀ କରିଥିବା ଆମ୍ବବଗିଚାରୁ ଗଛକାଟି ବ୍ୟକ୍ତିଗତ ମନ୍ଦିର ନିର୍ମାଣ କରାଯାଉଥିବା ବେଳେ ଗ୍ରାମପୋଖରୀରୁ ମାଛ ଭାଗ ଦିଆଯାଉନାହିଁ। ଏସବୁ ସମସ୍ୟାର ସମାଧାନ ଦାବି କରି ରଘୁନାଥ ବାଇ, ଦଣ୍ଡଧର ବେହେରା, ବିଜୟ କୁମାର ସୁବୁଦ୍ଧିଙ୍କ ନେତୃତ୍ୱରେ ମହିଳା ଓ ପୁରୁଷମାନେ ବ୍ଲକ କାର୍ଯ୍ୟାଳୟ ଘେରାଉ କରିଥିଲେ। ବିଡିଓ ପ୍ରଦୀପ କୁମାର ସାହୁ, ତହସିଲଦାର ଆଲୋକ ରଞ୍ଜନ ଦେହୁରୀ ଆନ୍ଦୋଳନକାରୀଙ୍କ ନିକଟରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ। ୭ ଦିନ ମଧ୍ୟରେ ସମସ୍ୟାର ସମାଧାନ କରିବାକୁ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।




ସରକାରୀ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ନିୟମିତ କରିବା ଦାବିରେ ମଙ୍ଗଳବାର ଓଡ଼ିଶା ସରକାରୀ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ।

## ୭ଦିନରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୪।୧୧(ବ୍ୟୁରୋ)

'ଫନୀ' କ୍ଷତିଗ୍ରସ୍ତ ପୁରୀ ଜିଲା ବ୍ରହ୍ମଗିରିସ୍ଥିତ ନୀଳାଚଳ କାଜୁ ସମବାୟ ଲିମିଟେଡ୍‌କୁ ପୁନଃ କାର୍ଯ୍ୟକ୍ଷମ କରିବା ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ୭ଦିନ ମଧ୍ୟରେ କ୍ଷେତ୍ର ପରିଦର୍ଶନ କରି ଏ ସମ୍ପର୍କିତ ସବିଶେଷ ରିପୋର୍ଟ ଦେବାକୁ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର, ରାଜ୍ୟ ସରକାର ଏବଂ ବ୍ରହ୍ମଗିରି ଅଞ୍ଚଳର ୩୨ଜଣ କାଜୁ ପ୍ରକ୍ରିୟାକରଣ ଉଦ୍ୟୋଗୀଙ୍କ ମିଳିତ ଉଦ୍ୟମରେ ପ୍ରତିଷ୍ଠିତ ହୋଇଥିଲା ନୀଳଚକ୍ର କାଜୁ ସମବାୟ ଲିମିଟେଡ୍। ପ୍ରଳୟଙ୍କରୀ 'ଫନୀ' ବାତ୍ୟାରେ ଏହା କ୍ଷତିଗ୍ରସ୍ତ ହୋଇଛି। ବ୍ରହ୍ମଗିରିରେ କାଜୁ ପ୍ରକ୍ରିୟାକରଣ ଶିଳ୍ପର ବୃହତ୍ ସମ୍ଭାବନା ରହିଛି। ତେଣୁ ଏହାର ପୁନଃ କାର୍ଯ୍ୟକ୍ଷମ ଜରୁରୀ ହୋଇପଡ଼ିଛି ବୋଲି ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ବୈଠକରେ ଗୁରୁତ୍ୱାରୋପ କରିଛନ୍ତି। ଏମ୍ଏସ୍ଏମ୍ଇ ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ଏ ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଦେଇଥିଲେ। ସେହିପରି ବ୍ରହ୍ମଗିରି ବ୍ଲକ୍‌ର କପିଳେଶ୍ୱରପୁର ପଞ୍ଚାୟତର ଭାର୍ଗବୀ ନଦୀ ଉପରେ ପଥରପଦାଠାରେ ସେତୁ ନିର୍ମାଣ କାର୍ଯ୍ୟ ଅଗ୍ରଗତି ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା।

## ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ଆରମ୍ଭ

### କଟକ ଜିଲା

କଟକ ଅଫିସ, ୨୪।୧୧

କଟକ ଜିଲାରେ ସମ୍ପ୍ରତି ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଆରମ୍ଭ ହୋଇଛି। ୨୦୨୧ ଜାନୁୟାରୀ ୧ ସୁଦ୍ଧା ଯେଉଁମାନଙ୍କୁ ୧୮ ବର୍ଷ ହେବ ସେମାନେ ଭୋଟର ତାଲିକାରେ ନାମ ପଞ୍ଜୀକରଣ କରିପାରିବେ। ଏଥିନିମନ୍ତେ ବୁଥ୍ ଲେବୁଲ ଅଧିକାରୀ (ବିଏଲଓ)ଙ୍କଠାରୁ ଅଣାଯାଇ ଫର୍ମ-୬ ମାଧ୍ୟମରେ ଆବେଦନ କରାଯାଇପାରିବ। ଭୋଟର ତାଲିକାକୁ ସଂଶୋଧନ ନିମନ୍ତେ ଫର୍ମ -୮ ଏବଂ ନାମ ବାଦ କରିବାକୁ ଫର୍ମ-୭ରେ ଆବେଦନ କରିପାରିବେ। ଏଥିପାଇଁ ସ୍ୱତନ୍ତ୍ର ଅଭିଯାନ ଦିବସ ଆସନ୍ତା ୨୮ ଓ ୨୯ ଏବଂ ଡିସେମ୍ବର ୫ ଓ ୬ ତାରିଖରେ କରାଯିବ। ଏହି ଅଭିଯାନ ସମୟରେ ପ୍ରତି ବୁଥରେ ବୁଥସ୍ତରୀୟ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ରହି ସଂଶୋଧନ ପକ୍ରିୟା କରିବେ। ଭୋଟର ତାଲିକା ସଂଶୋଧନ ନିମନ୍ତେ ଭୋଟରମାନେ ମଧ୍ୟ ନିର୍ବାଚନ ଆୟୋଗଙ୍କ ୱେବସାଇଟ କିମ୍ବା ଭୋଟର ହେଲ୍ପଲାଇନ ଲଗଇନ କରି ନିଜର ନାମ ତନଖି କରିବା ସହ ଫର୍ମ ଡାଉନଲୋଡ କରି ଜିଲା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ନିକଟରେ ସେହିଠାରେ ଆବେଦନ କରିପାରିବେ। ଆସନ୍ତା ଡିସେମ୍ବର ୧୫ ଆବେଦନର ଶେଷ ତାରିଖ ଏବଂ ଜାନୁୟାରୀ ୫ ସଂଶୋଧନର ଶେଷ ତାରିଖ ରଖାଯାଇଛି। ଏହି ସଂଶୋଧନ ତାଲିକା ଜାନୁୟାରୀ ୧୫ ତାରିଖରେ ଜିଲାର ସମସ୍ତ ଭୋଟଗ୍ରହଣ କେନ୍ଦ୍ର, ଜିଲା ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ କାର୍ଯ୍ୟାଳୟ, ତହସିଲ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟରେ ପ୍ରକାଶ ପାଇବ। ସୂଚନାଯୋଗ୍ୟ, ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ନିମନ୍ତେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ଅଧକ୍ଷତାରେ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସଦର ଉପଜିଲାପାଳ ପ୍ରତାପ ଚନ୍ଦ୍ର ବେଉରିଆ, ବିଜେଡି ଜିଲା ସାଧାରଣ ସମ୍ପାଦକ ପ୍ରଶାନ୍ତ ନାୟକ, କଂଗ୍ରେସ ଦଳର ବ୍ଲକ ସଭାପତି ବିଜୟ କୁମାର ବାରିକ, ବିଏସପି ଜିଲା ସଭାପତି ବିଜୟ କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## 'ଛତୁ, ମାଛ ଚାଷରେ ଆର୍ଥିକ ସହାୟତା ମିଳିବ'

ଆଠଗଡ,୨୪।୧୧(ସ୍ୱ.ପ୍ର.)

ଆଠଗଡ଼ ବ୍ଲକ ଇଚ୍ଛାପୁର ପଞ୍ଚାୟତ ଅନ୍ତର୍ଗତ ପତାଣ୍ଡା ଗ୍ରାମସ୍ଥିତ ମିନି ଷ୍ଟାଡିୟମକୁ ଲୋକାର୍ପିତ କରାଯିବା ସହ ଅନ୍ୟ ୪ ପ୍ରକଳ୍ପ ପାଇଁ ଶିଳାନ୍ୟାସ ହୋଇଯାଇଛି। ଏନେଇ ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ରବୀନ୍ଦ୍ରନାଥ ରାଉତ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥିଭାବେ ରାଜ୍ୟ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ କରୋନା ମହାମାରୀ ସମୟରେ ଚାଷୀଙ୍କ ଅଭିବୃଦ୍ଧି ନିମନ୍ତେ ସରକାରଙ୍କ ପକ୍ଷରୁ ଛତୁ ଓ ମାଛ ଚାଷ ନିମନ୍ତେ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ଇଚ୍ଛୁକ ବ୍ୟକ୍ତି ଓ ସ୍ୱୟଂସହାୟକ ଗୋଷ୍ଠୀ ୨୭ ତାରିଖ ସୁଦ୍ଧା ନାମ ପଞ୍ଜିକରଣ କରିବାକୁ ସେ କହିଥିଲେ। ଏହି ଅବସରରେ ସେ ପତଣ୍ଡା ଗ୍ରାମରେ ଆଦର୍ଶ ପୋଖରୀ, ରାଜୀବଗାନ୍ଧୀ ସେବା କେନ୍ଦ୍ର, ମୁକ୍ତାଦେଇପୁର ହରିଜନସାହିରେ ରାମଲୀଳା ମଣ୍ଡପ, ଅରଖପାଟଣାରେ ଜଗନ୍ନାଥ କମ୍ୟୁନିଟି ସେଣ୍ଟର ପାଇଁ ଶିଳାନ୍ୟାସ କରିଥିଲେ।

## ଜାଲ୍ ଜିଏସ୍‌ଟି ରସିଦ୍‌କୁ ଧରିଲା ଅଡିଟ୍

କଟକ ସଦର,୨୪।୧୧(ଡି.ଏନ୍.ଏ.)

କଟକ ମହାନଗର ନିଗମ ଅଞ୍ଚଳର ଅନେକ ଉନ୍ନୟନମୂଳକ କାର୍ଯ୍ୟର ସମ୍ପାଦନା ଦାୟିତ୍ୱ କଟକ ସଦର ବ୍ଲକ ଅଫିସ ଉପରେ ନ୍ୟସ୍ତ କରାଯାଇଛି। ସହର ପାଇଁ ଉଦ୍ଦିଷ୍ଟ ଏମ୍‌ପି ପାଣ୍ଠି, ଉନ୍ନତି କାର୍ଯ୍ୟର ବିଲ୍ କଟକ ସଦର ବ୍ଲକର ଯନ୍ତ୍ରୀମାନେ କରିଥାନ୍ତି। ୨୦୧୯-୨୦ ଆର୍ଥିକ ବର୍ଷର ଫାଇଲ ଲୋକାଲ ଫଣ୍ଡ ଅଡିଟ୍ ଯାଞ୍ଚବେଳେ ଅନେକ ଜାଲ୍ ଜିଏସ୍‌ଟି ନମ୍ବର ଥିବା ରସିଦ ଧରାପଡିଥିଲା। ତେଣୁ ସମ୍ପୃକ୍ତ ଅଡିଟ୍ ସଂସ୍ଥାର ଅଧିକାରୀ ଏ ସମ୍ପର୍କରେ କଟକ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଜଣାଇଥିବା ସୂଚନା ମିଳିଛି। ସିମେଣ୍ଟ ବିକ୍ରି ପାଇଁ ଜିଏସ୍‌ଟି ନମ୍ବର ରସିଦ୍‌ରେ ଲୁହାଛଡ ଓ ରଙ୍ଗ କିଣାଯାଇଛି। ଏହାଛଡା ବୈଦ୍ୟୁତିକ ସାମଗ୍ରୀ ବିକ୍ରି ପାଇଁ ଥିବା ଜିଏସ୍‌ଟି ନମ୍ବର ରସିଦ୍‌ରେ ସିମେଣ୍ଟ କିଣା ଭଳି ଅନିୟମିତତାର ପର୍ଦ୍ଦାଫାଶ ଅଡିଟ୍ କରିଥିବା ଜଣାପଡିଛି। ଏହି ଘଟଣାଟି ବ୍ଲକ କାର୍ଯ୍ୟାଳୟର ମୁଖ୍ୟ ଆଲୋଚନାର ବିଷୟ ହୋଇଛି। ଜିଲାପାଳଙ୍କ କାର୍ଯ୍ୟାଳୟରୁ ସ୍ପଷ୍ଟିକରଣ ସମ୍ପର୍କିତ ଚିଠି ବ୍ଲକରେ ପହଞ୍ଚି ନ ଥିବାରୁ ଏହା ଉପରେ କେହି ମତାମତ ଦେବା ପାଇଁ ଅନିଚ୍ଛା ପ୍ରକାଶ କରିଛନ୍ତି।

## ଭାଜପା (ମଧ୍ୟ) କାର୍ଯ୍ୟାଳୟରେ ସମ୍ବର୍ଦ୍ଧନା ଉତ୍ସବ

ଭୁବନେଶ୍ୱର,୨୪।୧୧

ଭାଜପା ଭୁବନେଶ୍ୱର (ମଧ୍ୟ) ନିର୍ବାଚନ ମଣ୍ଡଳୀର ସଂଗଠନକୁ ଅଧିକ କ୍ରିୟାଶୀଳ କରିବା ପାଇଁ ନବନିଯୁକ୍ତ ମଣ୍ଡଳ ସଭାପତିମାନଙ୍କୁ ଜିଲା ସଭାପତି ବାବୁ ସିଂ ଏବଂ ଭୁବନେଶ୍ୱର ଜିଲା ପ୍ରଭାରୀ ଭୁବନମୋହନ ଜେନାଙ୍କ ଉପସ୍ଥିତିରେ ମଧ୍ୟ ଭାଜପା କାର୍ଯ୍ୟାଳୟ ପରିସରରେ ସମ୍ବର୍ଦ୍ଧିତ କରାଯାଇଛି। ଶ୍ରୀରାମ ମଣ୍ଡଳ ସଭାପତି ଶଶିପ୍ରଭା ରଥ, ବୁଦ୍ଧେଶ୍ୱରୀ ମଣ୍ଡଳ ସଭାପତିସନ୍ତୋଷ କୁମାର ଜେନା, ବନଦୁର୍ଗା ମଣ୍ଡଳ ସଭାପତି ଫିରୋଜ ଖାନ୍, ନୟାପଲ୍ଲୀ ମଣ୍ଡଳ ସଭାପତି ଜଗନ୍ନାଥ ବେହେରାଙ୍କ ନେତୃତ୍ୱରେ ଦଳ ତୃଣମୂଳ ସ୍ତରରେ ସୁଦୃଢ଼ ହେବ ବୋଲି ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପା ମଧ୍ୟମର ବିଭାସ ସେନଗୁପ୍ତ, ରଶ୍ମିରଞ୍ଜନ ମହାପାତ୍ର,ସୁରେଶ ଚନ୍ଦ୍ର ଜେନା, ଆଶିଷ ମହାପାତ୍ର, ନିବାସ ଜେନା, ସୁଶାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ମୁଁ ସଫେଇବାଲା ସ୍ୱଚ୍ଛତା ସର୍ବେକ୍ଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୪।୧୧ (ଡି.ଏନ୍.ଏ.)

ଭୁବନେଶ୍ୱର ସହର ମଧ୍ୟରେ ବିଏମ୍‌ସି କେବଳ କୋଭିଡ୍ ନୁହେଁ, ବରଂ ସହରର ପରିମଳ ବ୍ୟବସ୍ଥାକୁ ଗୁରୁତ୍ୱ ଦେଉଛି। ସ୍ଥାନୀୟ ଜନସହଯୋଗ ଏବଂ ଗୋଷ୍ଠୀ ଭାଗୀଦାରିତା ଅଧିକରୁ ଅଧିକ ମିଳିଲେ ଆମେ ସ୍ୱଚ୍ଛତା ଏବଂ ସୁସ୍ଥତାକୁ ହାତେଇ ପାରିବା ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ ଚୌଧାରୀ କହିଛନ୍ତି। ବର୍ତ୍ତମାନ ସମୟରେ 'ମୁଁ ସଫେଇବାଲା ଏବଂ ସ୍ୱଚ୍ଛ ସର୍ବେକ୍ଷଣ-୨୦୨୧ଅଭିଯାନ' କାର୍ଯ୍ୟକ୍ରମ ସହରରେ ଚାଲିଛି। ଏହି କ୍ରମରେ ମଙ୍ଗଳବାର ସକାଳୁ ସ୍ଥାନୀୟ ଆଚାର୍ଯ୍ୟବିହାର ଛକ ନିକଟରୁ ଏକ ଶୋଭାଯାତ୍ରା ବାହାରି ଆଚାର୍ଯ୍ୟ ବିହାର ଏବଂ ଏହାର ଆଖପାଖ ଅଞ୍ଚଳ ପରିକ୍ରମା କରିଥିଲା। ସେହିଭଳି ୱାର୍ଡ ନଂ-୨୮ ଏବଂ ୨୯ରେ ବର୍ଜ୍ୟର ପୃଥକୀକରଣ ବାବଦରେ ଗୋଷ୍ଠୀ ସଚେତନତା କରାଇବାର ଉଦ୍ଦେଶ୍ୟରେ ଏହି ପଦଯାତ୍ରାରେ ସଫେଇ କର୍ମଚାରୀ, ସ୍ୱଚ୍ଛସାଥୀ, ଏନ୍‌ଜିଓ ପ୍ରତିନିଧିମାନେ ଯୋଗଦେଇଥିବାବେଳେ ଡେପୁଟି କମିଶନର ଗାୟତ୍ରୀ ସାମନ୍ତରାୟ ଏହାକୁ ପରିଚାଳନା କରିଥିଲେ। ପଦଯାତ୍ରାରେ ଅଂଶଗ୍ରହଣକାରୀମାନେ ସ୍ଥାନୀୟ ଆଚାର୍ଯ୍ୟ ବିହାର ହରିହର ପାର୍କ କଲୋନୀ, ନିକୋପାର୍କ ଲେକ୍ ଅଞ୍ଚଳ, ପ୍ରଭା ଆପାର୍ଟମେଣ୍ଟ ଏରିଆ, ସାଇନ୍ସ ପାର୍କ ବସ୍ତି ଅଞ୍ଚଳ, ମହାରାଜା ସିନେମା ହଲ୍ ଅଞ୍ଚଳ, ସରକାରୀ କ୍ୱାର୍ଟର୍ସ ଅଞ୍ଚଳ ଆଦି ଭ୍ରମଣ କରିଥିଲେ। ଏହି ପଦଯାତ୍ରାରେ ବିଏମ୍‌ସି ଏସ୍‌ବିଏ ସେଲ୍‌ର ଏକ୍ସପର୍ଟ ଏବଂ ସାନିଟେଶନ୍ ଏକ୍ସପର୍ଟମାନେ ରହିଥିବାବେଳେ ଏନ୍‌ଜିଓ ସି ଫର୍, ନୟି ଦିଶା, କୋର୍ ଏବଂ ୱିସ୍‌ର ସଦସ୍ୟମାନେ ଉପସ୍ଥିତ ଥିଲେ।

## ଜମିପଟ୍ଟା ଦାବିରେ ଗ୍ରାମବାସୀଙ୍କ ଶାନ୍ତିପୂର୍ଣ୍ଣ ଧାରଣା

ବଡ଼ମ୍ବା,୨୪।୧୧ (ଡି.ଏନ୍.ଏ.)

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ଗ୍ରାମର ସରକାରୀ ଜମିରେ ବସବାସ କରୁଥିବା ବହୁ ଗରିବ ପରିବାର ମଙ୍ଗଳବାର ଜମିପଟ୍ଟା ଦାବି କରି ବଡ଼ମ୍ବା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ। ପରେ ଭାରପ୍ରାପ୍ତ ତହସିଲଦାର ସୁରଥ ଚନ୍ଦ୍ର ରାଉତଙ୍କୁ ଧାରଣାକାରୀ ଦାବିପତ୍ର ପ୍ରଦାନ କରିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଦୀର୍ଘଦିନ ହେବ ସେମାନେ ସରକାରୀ ଜାଗାରେ ସ୍ଥାୟୀ ଭାବେ ବସବାସ କରୁଛନ୍ତି। ମାତ୍ର ଏପର୍ଯ୍ୟନ୍ତ ସେମାନଙ୍କୁ ଜମିପଟ୍ଟା ମିଳିନାହିଁ। ଫଳରେ ବିଭିନ୍ନ ପ୍ରମାଣ ପତ୍ର ପାଇଁ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏସମ୍ପର୍କରେ ଭାରପ୍ରାପ୍ତ ତହସିଲଦାର ରାଉତ କହିଛନ୍ତି, ଦାବିପତ୍ର ମିଳିଛି। ସରକାରୀ ଆଇନ ଅନୁଯାୟୀ ତଦନ୍ତ ପରେ ଆଗାମୀ ପଦକ୍ଷେପ ନିଆଯିବ। ଏହି ଦାବିପତ୍ର ପ୍ରଦାନ ସମୟରେ ଗୋପୀନାଥପୁର ପଞ୍ଚାୟତର ସମିତିସଭ୍ୟା ରୁନୀତା ସାହୁ, ସାମାଜିକ କର୍ମୀ ନଟବର ସେଠୀ ଓ ପ୍ରମୋଦ କୁମାର ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ।




ଅଟୋ, ଟାଟା ମ୍ୟାଜିକ୍ ଓ ଟ୍ୟାକ୍ସି କଳାକାରମାନଙ୍କୁ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦେବା ଦାବିରେ ମଙ୍ଗଳବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଖୋର୍ଦ୍ଧା ଜିଲା ପରିବହନ କର୍ମଚାରୀ ସଂଘ ପକ୍ଷରୁ ବିକ୍ଷୋଭ।

## ଆଚାର୍ଯ୍ୟ ହରିହର କ୍ୟାନ୍‌ସର ହସ୍ପିଟାଲରୁ ୧୫ କର୍ମଚାରୀ ବହିଷ୍କୃତ

କଟକ ଅଫିସ,୨୪।୧୧

କଟକ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନରୁ ୧୫ କର୍ମଚାରୀଙ୍କୁ ମଙ୍ଗଳବାର ବହିଷ୍କୃତ କରାଯାଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଚିଠିନଂ.୪୪୫୮/୨୩।୧୧।୨୦ରେ ବିନା ଅନୁମୋଦନରେ କାମ କରୁଥିବା ୧୫ କର୍ମଚାରୀଙ୍କୁ ବହିଷ୍କାର କରାଯାଉ ବୋଲି ନିର୍ଦ୍ଦେଶ ଦିଆଯାଇଥିଲା। ତଦନୁଯାୟୀ ଅନୁଷ୍ଠାନର ଫାର୍ମାସିଷ୍ଟ, କିରାଣି, ଟାଇପିଷ୍ଟ, ଝାଡୁଦାର ଓ ପିଅନ ଆଦି ପଦବୀରେ ଥିବା ୧୫ ଜଣଙ୍କୁ ନୋଟିସ ଦେଇ ମଙ୍ଗଳବାରଠାରୁ ବହିଷ୍କାର କରାଯାଇଛି। ଏହି କର୍ମଚାରୀମାନେ ୨୦ ବର୍ଷରୁ ଅଧିକ ସମୟ ହେବ ଏଠାରେ କାମ କରୁଥିଲେ।

ବହିଷ୍କୃତ କେତେଜଣ କର୍ମଚାରୀ କହିଛନ୍ତି, ୧୯୯୮ରେ ଆଚାର୍ଯ୍ୟ ହରିହରରେ ପାଲିଏଟିଭ ଏବଂ ଯନ୍ତ୍ରଣା ପରିଚାଳନା ନିମନ୍ତେ ସ୍ୱତନ୍ତ୍ର ଭାବେ ଏକ ପ୍ରକଳ୍ପ ପାଇଁ ଏମାନଙ୍କୁ ରଖାଯାଇଥିଲା। ସେତେବେଳେ ପାଲିଏଟିଭ ଓ ପେନ୍ ମ୍ୟାନେଜମେଣ୍ଟ ଆଚାର୍ଯ୍ୟ ହରିହର କ୍ୟାନ୍‌ସର ହସ୍ପିଟାଲଠାରୁ ଏକ ଭିନ୍ନ ଅଂଶ ଭାବେ କାର୍ଯ୍ୟ କରୁଥିଲା। ୨୦୦୦ରେ ୟୁଜର୍ସ ଫିଁରୁ ଏମାନଙ୍କୁ ଦରମା ଦିଆଯାଉଥିଲା। ୨୦୧୦ରେ ତତ୍କାଳୀନ ନିର୍ଦ୍ଦେଶକ ଡା. ଶୁକଦେବ ସ୍ୱାଇଁ ଏମାନଙ୍କୁ ରେଗୁଲାର କରାଇବା ପ୍ରତିଶ୍ରୁତି ଦେବା ସହ କେତେଜଣ କର୍ମଚାରୀଙ୍କ ବିଭାଗ ପରିବର୍ତ୍ତନ କରିଥିଲେ। ୨୦୧୪ରେ ନିର୍ଦ୍ଦେଶକ ଡା. ଲଲାଟେନ୍ଦୁ ଷଡଙ୍ଗୀ ଦାୟିତ୍ୱ ନେବାପରେ ୨୦୧୫ରେ ପାଲିଏଟିଭ ଓ ପେନ୍ ମ୍ୟାନେଜମେଣ୍ଟକୁ ଆଚାର୍ଯ୍ୟ ହରିହର ସହ ସାମିଲ କରିଥିଲେ। ସେବେଠାରୁ ଏମାନେ ଠିକା କର୍ମଚାରୀର ମାନ୍ୟତା ପାଇ କାମକରି ଆସୁଥିଲେ। ୨୦୧୮ରେ ବିଭିନ୍ନ ପଦବୀରେ ଥିବା ଲୋକଙ୍କୁ ନିୟମିତ କରିବାକୁ ହାଇକୋର୍ଟରେ ମଧ୍ୟ ଆବେଦନ କରାଯାଇଛି ବୋଲି କହିଛନ୍ତି। ସେମାନେ ଆହୁରି କହିଛନ୍ତି, ଆମେ କରୋନା ରୋଗୀଙ୍କ ସେବା କରି ଆକ୍ରାନ୍ତ ହୋଇଥିଲୁ। ଆମମାନଙ୍କ ମଧ୍ୟରୁ କେତେଜଣ ଗୁରୁତର ହୋଇ ଆଇସିୟୁରେ ରହି ଚିକିତ୍ସିତ ହେବା ପରେ ସୁସ୍ଥ ହୋଇଛୁ। ଏବେ ସରକାର ଏହି କରୋନା ସମୟରେ ଚାକିରିରୁ ବହିଷ୍କାର କରୁଛନ୍ତି। ଏମିତି କି ଆମମାନଙ୍କ ମଧ୍ୟରୁ କେତେଜଣ ଅବସର ନେବାର ବୟସ ପାଖାପାଖି ହୋଇ ସାରିଛି। ତେଣୁ ଏହି ସମୟରେ ଚାକିରି ହରାଇବା ଆମକୁ ବ୍ୟଥିତ କରିଛି। ଏ ସମ୍ପର୍କରେ ଅନୁଷ୍ଠାନର ନିର୍ଦ୍ଦେଶକ ଓ ପ୍ରଶାସନିକ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ଉତ୍ତର ମିଳିନାହିଁ।

**ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର**

ଭୁବନେଶ୍ୱର, (ବ୍ୟୁରୋ): ତମାଣ୍ଡୋ ଥାନା ଅନ୍ତର୍ଗତ ନନ୍ଦିଘୋଷ ଆପାର୍ଟମେଣ୍ଟରୁ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ମୃତା ହେଲେ ଅନିଲ ଦାସଙ୍କ ସ୍ତ୍ରୀ ଶୁଭଶ୍ରୀ ଦାସ। ଖବରପାଇ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଛି। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିବାବେଳେ ସ୍ୱାମୀଙ୍କୁ ଅଟକ ରଖିଛି। ନନ୍ଦିଘୋଷ ଆପାର୍ଟମେଣ୍ଟରେ ରହୁଥିବା ଅନିଲ ଓ ଶୁଭଶ୍ରୀଙ୍କ ମଧ୍ୟରେ କିଛି ଦିନ ହେବ ଝଗଡା ହୋଇଥିଲା। ଶୁଭଶ୍ରୀ ବିୟୁଟି ପାର୍ଲର କରିଥିବାରୁ ଅନ୍ୟ ମହିଳାଙ୍କ ସହ ମିଶୁଥିବାରୁ ସ୍ୱାମୀ ସ୍ତ୍ରୀ ଅଲଗା ଶୋଉଥିଲେ। ମଙ୍ଗଳବାର ସକାଳେ ଶୁଭଶ୍ରୀ କବାଟ ଖୋଲି ନ ଥିବାବେଳେ ଭାଙ୍ଗିବାରୁ ଫ୍ୟାନରେ ଝୁଲିଥିବା ଦେଖି ପୋଲିସକୁ ଜଣାଇଥିଲେ।

# ଶିଳ୍ପାଞ୍ଚଳରେ ହେବ ସାମାଜିକ ଭିତ୍ତିଭୂମିର ବିକାଶ

## ପାରିତ ହେଲା ଓଡ଼ିଶା ଔଦ୍ୟୋଗିକ ଭିତ୍ତିଭୂମି ଉନ୍ନୟନ ନିଗମ ବିଲ୍

- ବଦଳିବ ଇଡ୍‌କୋର କାର୍ଯ୍ୟଧାରା
- ଶିଳ୍ପପତିଙ୍କ ପାଇଁ ଏହି ବିଲ୍: ନରସିଂହ

ଭୁବନେଶ୍ୱର,୨୪।୧୧(ବ୍ୟୁରୋ)

ଓଡ଼ିଶା ଔଦ୍ୟୋଗିକ ଭିତ୍ତିଭୂମି ଉନ୍ନୟନ ନିଗମ(ସଂଶୋଧନ) ବିଲ୍ ମଙ୍ଗଳବାର ବିଧାନସଭାରେ ପାରିତ ହୋଇଛି। ପୂର୍ବ ଅଧିନିୟମରେ ନିଗମ ତା' କାର୍ଯ୍ୟକୁ ବ୍ୟାପକ କରିବାରେ ପ୍ରାବଧାନ ନ ଥିବାରୁ ଏହାକୁ ସମୟୋପଯୋଗୀ କରିବା ଉଦ୍ଦେଶ୍ୟରେ ସଂଶୋଧନ କରାଯାଇଛି। ଶିଳ୍ପାଞ୍ଚଳ ଭିତ୍ତିଭୂମି ସମେତ ସାମାଜିକ ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ ଦେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ସାମାଜିକ ଭିତ୍ତିଭୂମିରେ ଶିକ୍ଷାନୁଷ୍ଠାନ, ବିଶ୍ୱବିଦ୍ୟାଳୟ, ଭୋଜନାଳୟ, ମଲ୍ଟିପ୍ଲେକ୍ସ, ବାଣିଜ୍ୟ କେନ୍ଦ୍ର, ସ୍ୱାସ୍ଥ୍ୟସେବା ସୁବିଧା ସୁଯୋଗ, ପର୍ଯ୍ୟଟନସ୍ଥଳୀର ବିକାଶ, କ୍ରୀଡ଼ାକେନ୍ଦ୍ର, ପର୍ଯ୍ୟଟନ ପ୍ରକଳ୍ପ ଆଦି ସାମିଲ ରହିଛି।

ଅନ୍ୟପକ୍ଷରେ ଏହି ଅଧିନିୟମରେ ଇଡ୍‌କୋ ଦ୍ୱାରା କରାଯାଇଥିବା ଜମି ଅଧିଗ୍ରହଣକୁ ନୂତନ ଆଇନ କାର୍ଯ୍ୟକାରୀ କରି କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନରେ ସ୍ୱଚ୍ଛତା, ପୁନର୍ବାସ ଓ ଥଇଥାନ ଆଦି କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ରାଜ୍ୟରେ ବଡ଼ବଡ଼ ଉଦ୍ୟୋଗ ଓ ଏମ୍‌ଏସ୍‌ଏମ୍‌ଇ ପାଇଁ ପ୍ଲଟ୍, ଦୋକାନ ଓ ବିଲ୍ଡିଂ ଅନୁମୋଦନ କରିବାର କାର୍ଯ୍ୟ ଇଡ୍‌କୋ କରିଥାଏ। ରାଜ୍ୟ ସରକାରଙ୍କ ଅଧୀନରେ ଆସୁଥିବା ଉଭୟ ସରକାରୀ ଓ ବେସରକାରୀ ଉଦ୍ୟୋଗରେ ଯେକୌଣସି ପରିବର୍ତ୍ତନ ହେଲେ ପ୍ରଥମେ ଇଡ୍‌କୋର ଅନୁମୋଦନ ଆବଶ୍ୟକ ହୋଇଥାଏ। ଇଡ୍‌କୋ ରାଜ୍ୟରେ କାର୍ଯ୍ୟରତ ଉଦ୍ୟୋଗ ପାଇଁ ସରକାରଙ୍କ ପକ୍ଷରୁ ଏକ ନୋଡାଲ ଏଜେନ୍ସି ଭାବେ କାମ କରେ। ତେବେ ସରକାର ଉଦ୍ୟୋଗଗୁଡ଼ିକର ସାମାଜିକ ଦାୟିତ୍ୱବୋଧ ବଢ଼ାଇବା ଉପରେ ଗୁରୁତ୍ୱ ଦେଇ ଇଡ୍‌କୋ ଆଇନରେ ସଂଶୋଧନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ପୂର୍ବରୁ ଇଡ୍‌କୋ ଦ୍ୱାରା ଅଧିକୃତ ଜମିକୁ କେବଳ ବିକ୍ରି ଓ ବଦଳ କରିବା ପ୍ରାବଧାନ ଥିଲା। ଏହି ନୂଆ ବିଧେୟକରେ ବନ୍ଧକ ରଖିବା ପାଇଁ ବ୍ୟବସ୍ଥା ଯୋଡ଼ା ଯାଇଛି। ମୁଖ୍ୟ କାର୍ଯ୍ୟନିର୍ବାହୀମାନେ ଏଣିକି ନୂତନ ବିଧେୟକ ଅନୁଯାୟୀ ଅନ୍ୟ ଅଧିକାରୀଙ୍କୁ କ୍ଷମତା ହସ୍ତାନ୍ତର କରିପାରିବେ। ସେହିଭଳି ଇଡ୍‌କୋ ନିର୍ଦ୍ଦେଶକ ମଣ୍ଡଳୀରେ ଓଏସ୍‌ଇବି ଚେୟାରମ୍ୟାନ୍‌ଙ୍କ ବଦଳରେ ଗ୍ରୀଡ୍‌କୋ କର୍ପୋରେଶନ୍ ଅଫ୍ ଓଡ଼ିଶାର ଅଧ୍ୟକ୍ଷ ଏବଂ ଜନସ୍ୱାସ୍ଥ୍ୟ ମୁଖ୍ୟଯନ୍ତ୍ରୀ ବଦଳରେ ଯୋଜନା ନିର୍ଦ୍ଦେଶକ ରହିବେ। ସୋମବାର ଏହି ବିଲ୍‌କୁ ଗୃହରେ ଶିଳ୍ପମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଉପସ୍ଥାପନ କରିଥିବାବେଳେ ସମୟ ଅଭାବରୁ ଏହା ଉପରେ ଆଲୋଚନା ହୋଇପାରି ନ ଥିଲା। ମଙ୍ଗଳବାର କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଆଲୋଚନା ଆରମ୍ଭ କରି କେନ୍ଦ୍ର ସରକାରଙ୍କୁ ସନ୍ତୁଷ୍ଟ କରିବା ପାଇଁ ଏ ବିଲ୍ ଆସିଛି। ଜନସାଧାରଣଙ୍କ ପାଇଁ ନୁହେଁ, ଶିଳ୍ପପତିଙ୍କ ପାଇଁ ଏହା ଉଦ୍ଦିଷ୍ଟ ବୋଲି କହିଥିଲେ। ଅପରପକ୍ଷରେ ଓଡ଼ିଶା ସରକାରଙ୍କ ଶିଳ୍ପନୀତି ପାଇଁ ନିବେଶକଙ୍କ ଆଗ୍ରହ ବଢ଼ିଛି। କରୋନାବେଳେ ବି ଓଡ଼ିଶାରେ ନିବେଶ କରିବାକୁ ବହୁ ଶିଳ୍ପସଂସ୍ଥା ଇଚ୍ଛାପ୍ରକାଶ କରିଛନ୍ତି। ଜମି ହରାଉଥିବା ଲୋକଙ୍କୁ କ୍ଷତିପୂରଣ ଓ ଠିକ୍ ଭାବେ କିପରି ଥଇଥାନ କରାଯାଇପାରିବ, ତାହା ଏହି ବିଲ୍‌ରେ ବ୍ୟବସ୍ଥା କରାଯାଇଥିବା ଶାସକ ଦଳ ସଦସ୍ୟ ରୋହିତ ପୂଜାରୀ କହିଥିଲେ। ସେହିପରି ପ୍ରୀତିରଞ୍ଜନ ଘଡ଼ାଇ ମଧ୍ୟ ଏହି ବିଲ୍‌କୁ ସମର୍ଥନ କରିଥିଲେ। ଭାଜପା ବିଧାୟକ ମୁକେଶ ମହାଲିଙ୍ଗ, କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି, ସନ୍ତୋଷ ସିଂ ସାଲୁଜା ଏହି ବିଲ୍ ଉପରେ ଆଲୋଚନା କରିଥିଲେ। ଓଡ଼ିଶାର ସ୍ୱାର୍ଥ ଏବଂ ଓଡ଼ିଶାବାସୀଙ୍କ ପାଇଁ ଏହି ବିଲ୍ ବୋଲି ମନ୍ତ୍ରୀ ତାଙ୍କ ଉତ୍ତରରେ କହିଥିଲେ। ଶେଷରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଗୃହର ମତାମତ ନେଇ ବିଲ୍‌କୁ ପାରିତ କରାଇଥିଲେ।

## ସଂକ୍ଷେପରେ

### ବେଗୁନିଆ ପୂର୍ବତନ ତହସିଲଦାର ନିଲମ୍ବିତ

ଭୁବନେଶ୍ୱର,୨୪।୧୧(ବ୍ୟୁରୋ)-ରାଜ୍ୟ ସରକାର ସାରୁଆ ଜମି କେଳେଙ୍କାରୀ ମାମଲାରେ ବେଗୁନିଆର ପୂର୍ବତନ ତହସିଲଦାର ତଥା ବର୍ତ୍ତମାନର କଟକ ସବ୍ କଲେକ୍ଟର(ରାଜସ୍ୱ) ବିବେକାନନ୍ଦ ପରିଡ଼ାଙ୍କୁ ଚାକିରିରୁ ନିଲମ୍ବିତ କରିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏ ନେଇ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ବେଗୁନିଆ ତହସିଲଦାର ଥିବା ବେଳେ ଓଡ଼ିଶା ଇନ୍‌ଫ୍ରାଟେକ୍ ପ୍ରାଇଭେଟ ଲିମିଟେଡ ଦ୍ୱାରା ଜମି ହଡ଼ପ ଘଟଣାର ତଦନ୍ତ କରିବାକୁ ପରିଡାଙ୍କୁ କୁହାଯାଇଥିଲା। ତେବେ ସେ ତଦନ୍ତ ଠିକ୍ ଭାବେ କରି ନ ଥିବା ଓ ସରକାରୀ ପଦବୀକୁ ବ୍ୟବହାର କରି ଉକ୍ତ କମ୍ପାନୀକୁ କ୍ଲିନ୍‌ଚିଟ ଦେଇଥିବା ଅଭିଯୋଗରେ ତାଙ୍କୁ ନିଲମ୍ବନ କରାଯାଇଛି।

### ଲକ୍‌ଡାଉନରେ ୨୧ହଜାର କୁଇଣ୍ଟାଲ ମାଛ ଉତ୍ପାଦନ

**ମିଶନ ଶକ୍ତି ଏସ୍‌ଏଚ୍‌ଜିଙ୍କ ସଫଳତା**

ଭୁବନେଶ୍ୱର, ୨୪।୧୧(ବ୍ୟୁରୋ): ଲକ୍‌ଡାଉନ୍ ସମୟରେ ମିଶନ ଶକ୍ତି ଏସ୍‌ଏଚ୍‌ଜିଗୁଡ଼ିକ ଦ୍ୱାରା ୨୧ ହଜାର କୁଇଣ୍ଟାଲ ମାଛ ଉତ୍ପାଦନ ହୋଇଛି। ୨୦୧୯-୨୦ ଆର୍ଥିକ ବର୍ଷରେ ୨୪୦୦ ମିଶନ ଶକ୍ତି ଗୋଷ୍ଠୀ ୨୩୪୪ଟି ପଞ୍ଚାୟତ ପୋଖରୀରେ ଉନ୍ନତ ମାଛ ଚାଷ କରି ଲାଭବାନ ହୋଇପାରିଛନ୍ତି। ଲକ୍‌ଡାଉନ୍ ସମୟରେ ୪୩୫୫ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରାୟ ୨୧ ହଜାର କୁଇଣ୍ଟାଲ ମାଛ ଉତ୍ପାଦନ କରିଛନ୍ତି ଯାହାର ବଜାର ମୂଲ୍ୟ ୩୦.୨ କୋଟି ଟଙ୍କା ଏବଂ ଏଥିରୁ ସେମାନେ ୧୫.୧ କୋଟି ଟଙ୍କାର ଲାଭ ପାଇ ପାରିଛନ୍ତି। ସୂଚନାଯୋଗ୍ୟ, ୨୦୧୮-୧୯ ଏବଂ ୨୦୧୯-୨୦ ଆର୍ଥିକ ବର୍ଷରେ ୩୫୬୭.୪୨ ହେକ୍ଟର ପରିମିତ ୪୪୦୧ଟି ପଞ୍ଚାୟତ ପୋଖରୀକୁ ମିଶନ ଶକ୍ତି ମହିଳା ଗୋଷ୍ଠୀଗୁଡ଼ିକୁ ମାଛଚାଷ ପାଇଁ ଲିଜ୍ ସୂତ୍ରରେ ଦିଆଯାଇଛି। ୪୦୩୮ଟି ପଞ୍ଚାୟତ ପୋଖରୀରେ ଏ ପର୍ଯ୍ୟନ୍ତ ପ୍ରାୟ ୮୩ କୋଟି ଟଙ୍କାର ମାଛ ଉତ୍ପାଦନ ହୋଇଛି। ନିଜ ଘର ପାଖରେ ବଜାର ସୁବିଧା ଫଳରେ ଏହି ଜୀବିକା କାର୍ଯ୍ୟକ୍ରମ ବେଶ୍ ସଫଳ ହେବା ସହ ରାଜ୍ୟର ମହିଳା ଏବଂ ଶିଶୁମାନଙ୍କ ପରିପୂରକ ପୁଷ୍ଟିସାଧନକୁ ଅନେକାଂଶରେ ସୁନିଶ୍ଚିତ କରିପାରିଛି।




କରୋନା ଭୟାବହତାରୁ ଭୁବନେଶ୍ୱର ସହରବାସୀଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ରମାଦେବୀ ମହାବିଦ୍ୟାଳୟ ସମ୍ମୁଖରେ ଧରିତ୍ରୀ ପକ୍ଷରୁ ଲଗାଯାଇଥିବା ହୋର୍ଡିଂକୁ ଯୁବତୀମାନେ ଦେଖୁଛନ୍ତି ।

## ଅନ୍ତର୍ଜାତୀୟ ୱେବିନାରରେ ଓଡ଼ିଶା କଳା, ହସ୍ତତନ୍ତର ପ୍ରଶଂସା

ଭୁବନେଶ୍ୱର, ୨୪।୧୧(ବ୍ୟୁରୋ)

'ଉତ୍କଳ ସଂସ୍କୃତି' ଓ ଲଣ୍ଡନସ୍ଥିତ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଆୟୋଜିତ ୱେବିନାରରେ ଓଡ଼ିଶାର କଳା ଓ ହସ୍ତତନ୍ତକୁ ନେଇ ପ୍ରଶଂସା କରାଯାଇଛି। ଓଡ଼ିଶାର ସ୍ୱାତନ୍ତ୍ରତାକୁ ବିଶ୍ୱ ଦରବାରରେ ପହଞ୍ଚାଇବାକୁ ଏହି ପ୍ରୟାସ କରାଯାଇଛି। ପରିଚୟ ଫାଉଣ୍ଡେଶନ ପ୍ରତିଷ୍ଠାତା ରୋଜାଲିନ୍ ପାଟ୍ଟଶାଣୀ ମିଶ୍ର ଏଥିରେ ସାମିଲ ହୋଇ ଇକ୍କତ, କୋଟପାଡ଼, ଖଣ୍ଡୁଆ ଓ ହାବସପୁରୀ ଭଳି ହସ୍ତତନ୍ତର ସ୍ୱାତନ୍ତ୍ରତା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ବୁଣାକାରଙ୍କୁ ସହାୟତା ପାଇଁ ପରିଣୀତି ବ୍ରାଣ୍ଡର ପ୍ରୟାସ ଉପରେ ସେ କହିଥିଲେ। ଶିଳ୍ପୀଗୁରୁ ପଦ୍ମବିଭୂଷଣ ଡ. ରଘୁନାଥ ମହାପାତ୍ର ୱେବିନାରରେ ଯୋଗଦେଇ ପଟ୍ଟଚିତ୍ର ଉପରେ ସୂଚନା ଦେଇଥିଲେ। ମହାପ୍ରସାଦ, ଛପନ ଭୋଗ, ଡାଲ୍‌ମା ଓ କାକେରା ପିଠା ପ୍ରଭୃତି ଉପରେ ଡା. ଜୟଶ୍ରୀ ନନ୍ଦ ଆଲୋଚନା କରିଥିଲେ। ଗୁରୁ ସତ୍ୟପୀର ପଲାଇ ଗୋଟିପୁଅ ପରମ୍ପରା ଉପରେ କହିଥିଲେ। ୱେବିନାରରେ ବିଭିନ୍ନ ପାରମ୍ପରିକ ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ନୈତିଲୀ ରାଉତ ଓଡ଼ିଶୀ ନୃତ୍ୟ, ରାକେଶ ସାଇ ବାବୁ ମୟୂରଭଞ୍ଜ ଛଉ ନୃତ୍ୟ ପ୍ରଦର୍ଶନ କରିଥିଲେ।

**PANACEA INSTITUTE OF PHARMACEUTICAL SCIENCES**
At: Radharamanpur, P.O.- Khuntuni, Cuttack, Odisha - 754029
**APPOINTMENT**
The interested candidates for the Post of Principal and Professor, Associate Professor, Assistant Professor in Pharmaceutics, Pharmachemistry, Pharma Analysis, Pharmacology and Pharmacognosy are to apply online **(e-mail ID: chairmanpipsbdp@gmail.com)** with Resume along with all testimonials, Pharmacy registration, teaching experiences, PAN Card, Aadhaar Card, Colour Passport Size Photograph etc. on or before 01.12.2020 for newly open B.Pharm & D.Pharm course. Qualification, experience & salary as per PCI/BPUT/Govt. of Odisha norms.
Chairman
Panacea Institute of Pharmaceutical Sciences (PIPS)

## ଜେଲ ଗଲେ ଅଧ୍ୟାପକ

**ଆୟ ବହିର୍ଭୂତ ସମ୍ପତ୍ତି ଜବତ ଘଟଣା**

ଭୁବନେଶ୍ୱର,୨୪।୧୧(ବ୍ୟୁରୋ): ୨କୋଟି ୧୯ ଲକ୍ଷ ୬୩ ହଜାର ୨୧୯ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଆବଶ୍ୟକୀୟ କାଗଜପତ୍ର ପେଶ ନ କରିପାରିବାରୁ ଜଣେ ଅଧ୍ୟାପକଙ୍କୁ ଜେଲ ଯିବାକୁ ପଡ଼ିଛି। ସେ ହେଲେ ଖଣ୍ଡଗିରିସ୍ଥିତ ଘାଟିକିଆରେ ଥିବା କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି (ସିଇଟି)ରେ ଗଣିତ ବିଭାଗର ସହକାରୀ ପ୍ରଫେସର ଡ. ପ୍ରସନ୍ନ କୁମାର ମିଶ୍ର। ସୂଚନା ମୁତାବକ ଡ. ମିଶ୍ର ଆୟବର୍ହିଭୂତ ସମ୍ପତ୍ତି ଠୁଳ କରିବା ନେଇ ଅଭିଯୋଗ ଆସିଥିଲା। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ତାଙ୍କ ସମ୍ପତ୍ତି ଯାଞ୍ଚ ନେଇ ସର୍ଚ୍ଚ ୱାରେଣ୍ଟ ଇସ୍ୟୁ କରିଥିଲେ। ସୋମବାର ତାଙ୍କ ଖଣ୍ଡଗିରିସ୍ଥିତ ବାସଭବନ ସମେତ ଟାଙ୍ଗୀ କାଲୁପଡାସ୍ଥିତ ଘରେ ଚଢାଉ କରାଯାଇଥିଲା। ଭିଜିଲାନ୍ସ ପକ୍ଷରୁ ଆବଶ୍ୟକ କାଗଜପତ୍ର ମଗାଯାଇଥିଲା। ହେଲେ ଡ. ମିଶ୍ର କାଗଜପତ୍ର ଉପସ୍ଥାପନ ନ କରିପାରିବାରୁ ଭିଜିଲାନ୍ସ ତାଙ୍କ ବିରୋଧରେ ଏକ ମାମଲା (ନଂ. ୩୫/୨୦) ରୁଜୁ କରି ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

Required Airport Ground staff. (10th to graduate) Air ticketing tag boy, Airhostess, ITI, Diploma, Ex-Army man Guard, Supervisor, Loader Driver, Salary 23700 to 78300 Send your resume. email:- indianaviationacademy33@gmail.com 9311057196, 9311220493

**JOBS IN AIRPORT**
(PERMANENT JOB) ରେ ଡାଇରେକ୍ଟ ଭର୍ତ୍ତି
Air Hostess, Ground Staffs, Supervisors, Checkers, Loaders, Drivers, Guards & Helpers
Quali : ୨ାଠ ପଢିଥିବା + Graduate
Salary : 25000/- to 75000 + Bonus + Cab (ରହିବା + ଖାଇବା Free)
7381891254, 9984845594

**REQUIRED**
for a reputed FURNITURE SHOWROOM at Palasuni
2 Nos - Sales Girl
Experience (Sales)
Timing : 10 AM to 8PM
Salary : 10 - 12 k
Mob : 9337532094

**WANTED**
Audace Fincorp is a fast-growing Non-Banking Financial Company having pan India presence seeks below candidates for our upcoming branches in different districts of Odisha.
WANTED MALE / FEMALE candidates for below positions
ASST. BRANCH MANAGER (5 POSITIONS)
Education: Post Graduate and above
Experience: 5 Years and above
Salary: INR 45000 to INR 55000
TEAM LEAD (10 POSITIONS)
Education: Graduate and above
Experience: 3 Years and above
Salary: INR 35000 to INR 45000
VERIFICATION OFFICER (20 POSITIONS)
Education: Graduate and above
Experience: 1 Year and above
Salary: INR 25000 to INR 35000
Jr. VERIFICATION OFFICER (15 POSITIONS)
Education: HSC/Plus 2 and above
Experience: Freshers Welcome
Salary: INR 15000 to INR 20000
Apply on our website career page: www.audacefincorp.com/career.php
Ph: 8297002024 / 8297102024

**STEEL AND POWER PLANT JOB**
ଓଡ଼ିଶା ଶିଳ୍ପାଞ୍ଚଳ ଢେଙ୍କାନାଳ, ଅନୁଗୁଳ, କଟକ, ରାୟଗଡା, ବଲାଙ୍ଗୀର, ପାରାଦ୍ୱୀପ ଝାରସୁଗୁଡା, ପାଇଁ ତୁରନ୍ତ ପ୍ରାର୍ଥୀ ଆବଶ୍ୟକ
Qualification: 9th/10th to B.Tech
Salary : Rs 9,380/- to Rs 90,800/-
Email your CV to : bpplplants234@gmail.com
7606082800

**APPOINTMENT**
ଭୁବନେଶ୍ୱରରେ ଘରୋଇ ଗାଡ଼ି ଚଳେଇବା ପାଇଁ ଡ୍ରାଇଭର ଆବଶ୍ୟକ। (ରହିବା ସୁବିଧା ଅଛି)
ଯୋଗାଯୋଗ:
9937203178

See Career Appointment on every Wednesday & Saturday

## ରାଜ୍ୟ ପୋଲିସ ବିଭାଗରେ ୧୧,୬୯୮ ପଦବୀ ଖାଲି

ଭୁବନେଶ୍ୱର,୨୪।୧୧(ବ୍ୟୁରୋ): ରାଜ୍ୟ ପୋଲିସ ବିଭାଗର ବିଭିନ୍ନ ପଦବୀରେ ୧୧,୬୯୮ ପଦବୀ ଖାଲି ରହିଛି। ସେହିପରି ଇଣ୍ଟେଲିଜେନ୍ସ ଏଷ୍ଟାବ୍ଲିଶମେଣ୍ଟରେ ୪୪୩ ପଦବୀ ଖାଲି ପଡ଼ିଛି। କଂଗ୍ରେସ ବିଧାୟକ ନରସିଂହ ମିଶ୍ରଙ୍କ ଏକ ପ୍ରଶ୍ନର ଉତ୍ତରରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଏହି ସୂଚନା ଦେଇଛନ୍ତି।

## କୋଭିଡ୍ ଚିକିତ୍ସାରେ ଖର୍ଚ୍ଚ ହୋଇଛି ୨୨୩ କୋଟି

ଭୁବନେଶ୍ୱର,୨୪।୧୧(ବ୍ୟୁରୋ)

ସରକାରୀ ଓ ବେସରକାରୀ ହସ୍ପିଟାଲରେ ହୋଇଥିବା କୋଭିଡ୍ ପରୀକ୍ଷା ଓ ଆକ୍ରାନ୍ତଙ୍କ ମାଗଣା ଚିକିତ୍ସା ବାବଦରେ ୨୨୩ କୋଟି ୮୭ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ୨୩ଟି ଜିଲାର ବିଭିନ୍ନ ହସ୍ପିଟାଲ ପାଇଁ ଏହି ଅର୍ଥ ଖର୍ଚ୍ଚ ହୋଇଛି। ୩୦ଟି ଜିଲାର ଖର୍ଚ୍ଚକୁ ମିଶାଇଲେ ଏହା ଆହୁରି ଅଧିକ ହେବ ବୋଲି ଜଣାପଡ଼ିଛି। ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ମଙ୍ଗଳବାର ବିଧାନସଭାରେ ଦେଇଥିବା ଏକ ଲିଖିତ ଉତ୍ତରରୁ ଏହି ସୂଚନା ମିଳିଛି। ଘରୋଇ ହସ୍ପିଟାଲରେ କୋଭିଡ୍ ପରୀକ୍ଷା, ଏହାର ମୁକାବିଲା ଓ ଆକ୍ରାନ୍ତଙ୍କ ମାଗଣା ଚିକିତ୍ସାରେ ବାବଦରେ ଶଯ୍ୟା ପ୍ରତି ଦୈନିକ ସ୍ଥିରୀକୃତ ଖର୍ଚ୍ଚ ଏବଂ ପ୍ରତ୍ୟେକ ରୋଗୀଙ୍କ ପିଛା ଦୈନିକ ବ୍ୟବହାରିକ ଖର୍ଚ୍ଚର ବିଲ୍ ଭରଣା ନିମନ୍ତେ ସମସ୍ତ ଅଧିକାରୀଙ୍କୁ ଚିଠି ଲେଖାଯାଇଛି।

## ଏସ୍‌ସିବିରେ ୪୧ ପ୍ରଫେସର ପଦବୀ ଖାଲି

ଭୁବନେଶ୍ୱର,୨୪।୧୧(ବ୍ୟୁରୋ)– କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ (ଏସସିବି) ମେଡିକାଲ କଲେଜ ହସ୍ପିଟାଲର ୩୭୯ଟି ମଞ୍ଜୁରୀପ୍ରାପ୍ତ ପ୍ରଫେସର, ଆସୋସିଏଟ୍ ପ୍ରଫେସର ଓ ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ରହିଛି। ସେଥିମଧ୍ୟରୁ ବର୍ତ୍ତମାନ ୪୧ଟି ପଦବୀ ଖାଲିପଡ଼ିଛି। ସେହିଭଳି ୪୯୩ଟି ମଞ୍ଜୁରପ୍ରାପ୍ତ ଅନ୍ୟ ପଦବୀ ମଧ୍ୟରୁ ୧୯୬ଟି ପଦବୀ ଖାଲିପଡ଼ିଛି। ଏମ୍‌ସିଆଇ ମାନଦଣ୍ଡ ଅନୁଯାୟୀ ଖାଲିଥିବା ମଞ୍ଜୁରପ୍ରାପ୍ତ ପଦବୀଗୁଡ଼ିକୁ ଡିପିସି, ରେଗୁଲାର ରିକ୍ରୁଟମେଣ୍ଟ, ଚୁକ୍ତିଭିତ୍ତିକ/ଡେପୁଟେଶନ ପୋଷ୍ଟିଙ୍ଗ୍ ମାଧ୍ୟମରେ ପୂରଣ କରାଯାଉଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି ।

## ଗତବର୍ଷ ତୁଳନାରେ ୧୬.୭୧% କମ୍ କେନ୍ଦ୍ରୀୟ ଟିକସ ମିଳିଛି

ଭୁବନେଶ୍ୱର,୨୪।୧୧(ବ୍ୟୁରୋ)

ଚଳିତ ଆର୍ଥିକ ବର୍ଷରେ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କଠାରୁ କେନ୍ଦ୍ରୀୟ ଟିକସରୁ ରାଜ୍ୟ ଅଂଶ ବାବଦରେ ୩୬,୨୨୯ କୋଟି ଟଙ୍କା ଓ କେନ୍ଦ୍ରୀୟ ଅନୁଦାନ ବାବଦକୁ ୩୨,୦୦୦ କୋଟି ଟଙ୍କା ମିଳିବ ବୋଲି ବଜେଟ ଆକଳନ କରିଛନ୍ତି। ଗତ ସେପ୍ଟେମ୍ବର ସୁଦ୍ଧା କେନ୍ଦ୍ରୀୟ ଟିକସରୁ ରାଜ୍ୟ ଅଂଶ ବାବଦରେ ୧୨,୦୩୨ କୋଟି ଟଙ୍କା ମିଳିଛି। ଏହା ଗତବର୍ଷ ତୁଳନାରେ ୧୬.୭୧% କମ୍। ସେହିଭଳି କେନ୍ଦ୍ରୀୟ ଅନୁଦାନ ବାବଦକୁ ସେପ୍ଟେମ୍ବର ସୁଦ୍ଧା ୧୨,୧୫୯ କୋଟି ଟଙ୍କା ମିଳିଛି, ଯାହା ଗତବର୍ଷ ଠାରୁ ୮.୪୪% କମ୍। ଚଳିତ ଆର୍ଥିକ ବର୍ଷରେ ରାଜ୍ୟ ସରକାର ରାଜ୍ୟର ନିଜସ୍ୱ ଟିକସ ଓ ଅଣଟିକସ ବାବଦକୁ ୩୮,୩୫୦ କୋଟି ଟଙ୍କା ଓ ଅଣଟିକସ ବାବଦକୁ ୧୭,୬୫୦ କୋଟି ଟଙ୍କା ମିଳିବ ବୋଲି ବଜେଟ୍ ଆକଳନ କରିଛନ୍ତି। ତେବେ ସେପ୍ଟେମ୍ବର ସୁଦ୍ଧା ନିଜସ୍ୱ ଟିକସ ବାବଦକୁ ୧୩,୪୧୦ କୋଟି ଟଙ୍କା ଓ ଅଣଟିକସ ବାବଦରେ ୮,୨୬୮ କୋଟି ଟଙ୍କା ମିଳିଛି। ସେହିଭଳି ଚଳିତବର୍ଷ ୨୪,୪୫୦ କୋଟି ଟଙ୍କା ଋଣ ଆଣିବାକୁ ସରକାର ଆକଳନ କରିଥିବା ବେଳେ ସେପ୍ଟେମ୍ବର ସୁଦ୍ଧା ୬,୩୩୦ କୋଟି ଟଙ୍କାର ଋଣ ଆଣିଛନ୍ତି। କୋଭିଡ୍-୧୯ ଯୋଗୁ ରାଜ୍ୟ ଅର୍ଥନୀତି ଅଭିବୃଦ୍ଧି ପ୍ରଭାବିତ ହୋଇଥିବା ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବିଧାନସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ସୂଚନା ଦେଇଛନ୍ତି।

**PARADIP PORT TRUST**
**e-TENDERING NOTICE**
Online tenders in three bid system i.e. (1) EMD Bid (2) Technical Bid (3) Price Bid are invited from manufacturers for supply of **14 Ton Hydra Crane.** The last date and time of submission of the tender is 17.15 Hours on Dt. 08.12.2020. For details log on to website : **https://eprocure.gov.in/eprocure/app.**
**Sr. Dy. Materials Manager**
PPT/PR/311/20-21 Dt. 24.11.2020

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ. MSM-SACP-MRF-SBP-1-20
**କାର୍ଯ୍ୟର ନାମ :** ସମ୍ବଲପୁର ଷ୍ଟେସନ ଠାରେ ଟର୍ଣ୍ଣକି (TURNKEY) ଭିତ୍ତିରେ ଓଜନ କରିବା ସୁବିଧାଯୁକ୍ତ ସାମଗ୍ରୀ ଅସୁଲି ସୁବିଧା (MRF) ର ସ୍ଥାପନା ଏବଂ କାର୍ଯ୍ୟକ୍ଷମ କରିବା।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹6,40,141.28, **EMD** : ₹ 12,800.00, କାର୍ଯ୍ୟ ସମାପ୍ତିର ଅବଧି: ସ୍ୱୀକୃତିପତ୍ର ଜାରି ହେବା ତାରିଖ ଠାରୁ 06 (ଛଅ) ମାସ।
ଟେଣ୍ଡରର ବନ୍ଦ ହେବାର ତାରିଖ ଓ ସମୟ : ତା 09.12.2020 ରିଖ 1100 ଘଟିକା
ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ଏବଂ ଏହି ମାନୁଆଲ ଅଫର ଗୁଡ଼ିକୁ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।
ସିନିୟର ଡ଼ିଭିଜନାଲ ମେକାନିକାଲ ଇଞ୍ଜିନିୟର, ସମ୍ବଲପୁର
PR-367/L/20-21

**ଏସ୍.ଇ. ରେଳପଥ - ଟେଣ୍ଡର**
ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ପୂର୍ବ-୨୦-୨୧-୧୫, ତାରିଖ: ୨୪।୧୧।୨୦୨୦। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଆରଏମ୍/ଇଏନ୍‌ଜିଜି/ସିକେପି/, ଏସ୍.ଇ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ଏହି ଟେଣ୍ଡରଗୁଡ଼ିକ ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ। **କାର୍ଯ୍ୟର ନାମ:** ଡିଇଏନ୍ (ପୂର୍ବ)/ସିକେପିଙ୍କ ଅଧୀନରେ ନିମ୍ନଲିଖିତ କାର୍ଯ୍ୟ ସଂକ୍ରାନ୍ତରେ କୁଶନ୍‌କୁ ୩୫୦ ମିମି (ବିଏସ୍‌ଏମ୍ ମେଶିନ୍ ଦ୍ୱାରା) ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ ଥ୍ରୁ ବାଲାଷ୍ଟ ନବୀକରଣ (i) ଟାଟାନଗର-ବାଦାମପାହାଡ଼ (ଏସ୍‌ଏଲ୍) ପାଇଁ ସଂଶୋଧିତ ଅଟକଳ - ଥ୍ରୁ ସ୍ଲିପର୍ ନବୀକରଣ (ପ୍ରାଇମେରି) ୨୬.୦୦ କିମି, (ii) ଓଏନ୍‌ଡି-ଜିୟୁଏମ୍‌ଆଇ ମଧ୍ୟରେ ଇଲାଷ୍ଟିକ୍ ଫାଷ୍ଟନିଂ ସହିତ ନୂଆ ୬୦ କିଗ୍ରା ୯୦ ୟୁଟିଏସ୍ ରେଳ ଏବଂ ୬୦ କିଗ୍ରା ପିଏସ୍‌ସି ସ୍ଲିପର୍ @୧୬୬୦ ଗୋଟି/କିମି ସହିତ ପିଏସସି ସ୍ଲିପର୍ ଉପରେ ବିଛାଯାଇଥିବା ବିଦ୍ୟମାନ ୫୨ କିଗ୍ରା/୬୦ କିଗ୍ରା ରେଳର ପିକ୍ୟୁଆର୍‌ଏସ୍ ୱାର୍କିଂ ଦ୍ୱାରା ୮.୮୬ କିମି ପାଇଁ ସିଟିଆର୍(ପି), (iii) ଟାଟା-ବିଏମ୍‌ପିଆର୍ ସେକ୍ସନରେ ସେସ୍‌ର ପ୍ରଶସ୍ତୀକରଣ ଏବଂ ବିସିଏମ୍ ୱାର୍କିଂ ଦ୍ୱାରା ଡିପ୍ ସ୍କ୍ରିନିଂ ଏବଂ ବାଲାଷ୍ଟ କୁଶନ୍‌କୁ ୩୫ ସେମି ଉଠାଇବା ସମେତ ଇଲାଷ୍ଟିକ୍ ଫାଷ୍ଟନିଂ ସହିତ ନୂଆ ୬୦ କିଗ୍ରା ୯୦ ୟୁଟିଏସ୍ ରେଳ ଏବଂ ୬୦ କିଗ୍ରା ପିଏସ୍‌ସି ସ୍ଲିପର୍ @ ୧୬୬୦ ଗୋଟି/କିମି ସହିତ ଏସ୍‌ଏସ୍ ପିଏସ୍‌ସି ସ୍ଲିପର୍ ଉପରେ ବିଛାଯାଇଥିବା ବିଦ୍ୟମାନ ୫୨ କିଗ୍ରା/୬୦ କିଗ୍ରା (ଏସ୍‌ଏଚ୍) ରେଳର ପିକ୍ୟୁଆର୍‌ଏସ୍ ୱାର୍କିଂ ଦ୍ୱାରା ପ୍ୟାଚ୍‌ରେ ୩୦.୬୫୮ କିମି ପାଇଁ ସମ୍ପୂର୍ଣ୍ଣ ଟ୍ରାକ୍ ନବୀକରଣ (ପି) । **ଟେଣ୍ଡର ମୂଲ୍ୟ:** ₹୫୭,୪୨,୦୪୫.୩୯ । ଇଏମ୍‌ଡି: ₹୧,୧୪,୯୦୦/-। **ଖୋଲାଯିବାର ତାରିଖ:** ୧୬।୧୨।୨୦୨୦। ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ପର୍କିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ। (PR-389)

**NOTICE INVITING TENDER**
Sealed tenders/bids are hereby invited from manufacturer/ reputed suppliers/reputed distributor regarding procurement for following items to office of the CDM & PHO, Nuapada on annual rate contract basis of ZSS, Nuapada.
- **Tender A** - Empanelment for supply of lunch, tea and snacks.
- **Tender B** - Empanelment for providing loading and boarding services.
- **Tender C** - Empanelment for supply of printing related items.
- **Tender D** - Procurement of Furniture and Electrical items.

Details terms and conditions may be downloaded from **www.nuapada.nic.in**. The sealed tender should reach the Office of the undersigned on or before 03.12.2020 till 5 P.M. along with the required documents. The tender will be opened on 04.12.2020 at 11 A.M. in the office chamber of the undersigned. The undersigned reserves the right to reject any or all the quotation without assigning any reason thereof. Bidders have to apply separately for each tender if applying for more than one tender.
**CDM & PHO cum DMD, Nuapada**

**Govt. OF ODISHA**
**"e"- PROCUREMENT NOTICE**
**Bid Identification No. E.E. PKL(R&B)- 09 /2020-21**
No. B-450 E-mail address- eepwd.pkl@rediffmail.com
1. Name of the work: - Building Work .
2. Numbers of work: - 1 (One)
3. Estimated cost: - Rs. 33.00 Lakh
4. Period of completion: - 3 (Three) calendar months
5. Date & Time of availability of bid document in the portal: - From **11.00 A.M of dt. 25.11.2020 to 05.00 P.M of dt. 09.12.2020**
6. Last Date/ Time for receipt of bids in the portal: - **05.00 P.M of dt. 09.12.2020**
7. Date of opening of Bid: - **11.30 A.M of dt. 10.12.2020**
8. Name and address of the officer inviting Bid: - **Executive Engineer, Panikoili (R&B) Division, Panikoili.**

Further details can be seen from the e-procurement portal **https://tendersodisha.gov.in**
**Sd./- Er. A.K. Pattnaik, Executive Engineer, Panikoili (R&B) Division**
OIPR-34067/11/0013/2021

**OFFICE OF THE BARIPADA MUNICIPAL COUNCIL, BARIPADA**
Phone:- 06792-252703, Fax:- 06792-252703,
Email: baripadam.hud@nic.in; Website- www.baripadamunicipality.in
No./ 7150 Date: 24.11.2020
**DTCN PART-I (TECHNICAL BID) SECTION-II COMPETITIVE BIDDING THROUGH 'e' Procurement**
**No. C-227:-** The Executive Officer on behalf of Baripada Municipality, Baripada invites percentage rate bids in single cover system in **ONLINE MODE** only in conformity with Detailed Tender Call Notice (DTCN).
Bid Documents consisting of Work, Estimated Cost, Cost of Tender Paper, EMD, and time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in
Tender Reference No. **BPDM-08 of 2020-2021** Tender I.D. No.:

| Sl. No. | Description | Critical Dates |
|---|---|---|
| 1 | Procurement Officer - Publisher / Tender Inviting Autority / Bids | Executive Officer, Baripada Municipality, Baripada |
| 2 | Name of the Work | Construction of Civil Work (As per DTCN) |
| 3 | Nos. of Work | As per DTCN |
| 4 | Tendered cost of the works | As per DTCN |
| (i) | Period of availability of tenders on-line for bidding | From Dt.**26/11/2020** (11.00 A.M.) to Dt. **10/12/2020** (5.00 P.M.) |
| (ii) | Last date & time of bidding on-line (Submission of Bids) | Dt. **10/12/2020** (5.00 P.M.) |
| (iii) | Date & time of opening of Bids received on-line | Dt. **11/12/2020** (11.30 A.M. onwards) |
| (iv) | To be intimated later to the bidder(s) found qualified after evaluation of Technical Bids and Price Bid received on-line. | |

5. Detail Tender Call Notice (DTCN) may also be seen from the Baripada Municipality Website i.e. **www.baripadamunicipality.in**
Further details can be seen from the procurement portal i.e. **www.tendersorissa.gov.in**
**Sd./- Executive Officer, Baripada Municipality**
OIPR-13078/11/0011/2021

**THE ODISHA MINING CORPORATION LIMITED** OMC ODISHA NEW OPPORTUNITIES
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
**NOTICE**
**No.14140/OMC//2020** **Date:24/11/2020**
**No. CAD-806:-** Pursuant to the Notice No.52/OMC/2020 dated 12.11.2020 regarding conduct of CBT for recruitment of 128 nonexecutive posts in OMC Ltd against the Advertisement No. 46/OMC dated 26.02.2020, the candidates are advised to note the followings:
1. **"The Score Normalization Procedure / Formula"**, to be adopted for normalization of scores of the candidates appearing for CBT for Jr. Executive Assistant & J.E. (Electrical) in multiple shifts, can be referred in OMC website (http://omcltd.in).
2. The **Letter of Undertaking for using Scribe / Reader**, which needs to be filled up and submitted at the time of entry to CBT centre, can be downloaded from OMC website (http://omcltd.in) for use of PwD candidates.
3. The **Facilitation Counters**, to facilitate candidates for addressing issues related to non-receipt of e-Admit card & any error/ discrepancies related to e-Admit Card, will be functional on **07.12.2020 (10:00 AM to 2:00 PM)** in the following cities:
   • Bhubaneswar • Cuttack • Dhenkanal • Berhampur • Sambalpur
   The address details will be made available in OMC website (http://omcltd.in).
4. For addressing to the standard queries of the candidates, please refer the **FAQ** uploaded in the OMC website (http://omcltd.in).

The candidates are advised to refer Notice No.14141 dtd. 24.11.2020 uploaded in OMC website (http://omcltd.in) to get details on the above.
**Sd./- ADDL. GENERAL MANAGER (PERSNL.)**
OIPR-30005/11/0109/2021

The Largest Primary Handloom Cooperative of the Country
A NATIONAL GOLD MEDAL WINNER
**SAMBALPURI BASTRALAYA**
Bargarh, Odisha, India
Manufacturer and Exporter
SBC
*Celebrating its 66 Glorious Years*
A Handloom Cooperative Unit With:
- An ISO 9001:2015 Certified Organisation
- An Identity of Excellence.
- A Symbol of Odisha Handlooms.
- A team of 6500 skilled weavers.
- A wide range of exclusive Tie & Dye Exportable Products.
- A Large network of Marketing.



Ph.: +910046-233140, 230472, 234223, Fax: 233140
E-mail: sambalpuribastralayabgh@gmail.com
Website: www.sambalpuribastralaya.com

**ନିୟନ୍ତ୍ରିତ ବଜାର କମିଟି, କେନ୍ଦ୍ରାପଡା**
ଜିଲ୍ଲାବାସୀ, ଚାଷୀଭାଇ ଓ ବ୍ୟବସାୟୀ ତଥା ଖାଉଟି ଭାଇମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହିତ କମିଟିର ସମସ୍ତ ସଫଳତା ଓ ଆଗାମୀ ଦିନର ଲକ୍ଷ୍ୟ ପୂରଣ ନିମନ୍ତେ ସଦିଚ୍ଛା ଓ ସହଯୋଗ କାମନା କରୁଅଛି।
୧.ଓଡ଼ିଶା ରାଜ୍ୟ କୃଷିଜାତ ଦ୍ରବ୍ୟ ଉତ୍ପାଦନ ଓ ବିପଣନ ଆଇନ ୧୯୫୬ ଅନୁଯାୟୀ, ୧୯୭୯ ମସିହାରେ କେନ୍ଦ୍ରାପଡା ନିୟନ୍ତ୍ରିତ ବଜାର କମିଟି ଗଠନ କରାଯାଇଅଛି। ଏହା ଚାଷୀ ଭାଇମାନଙ୍କର କୃଷିଜାତ ଦ୍ରବ୍ୟର ବିକ୍ରିବଟାର ସୁବ୍ୟବସ୍ଥା ପାଇଁ ଜିଲ୍ଲାର ବିଭିନ୍ନ ସ୍ଥାନରେ ବଜାର ପ୍ରାଙ୍ଗଣମାନ ନିର୍ମାଣ କରି ଚାଷୀଭାଇମାନଙ୍କୁ ସୁବିଧା ଓ ସୁଯୋଗମାନ ଯୋଗାଇଦେଉଅଛି। ଫଳରେ ଜିଲ୍ଲାର ଅଗଣିତ ଚାଷୀଭାଇ ଓ ଖାଉଟିମାନେ ଉପକୃତ ହେଉଛନ୍ତି।
୨.କେନ୍ଦ୍ରାପଡା ଜିଲ୍ଲାର ଜମଧର ଠାରେ କମିଟିର ମୁଖ୍ୟ ବଜାର ପ୍ରାଙ୍ଗଣ ପ୍ରତିଷ୍ଠା କରାଯାଇଅଛି। ଏଠାରେ ଗତ ୧୮ ବର୍ଷଠାରୁ ସରକାରୀ ଧାନକ୍ରୟ କେନ୍ଦ୍ର ଖୋଲାଯାଇ ଚାଷୀଭାଇମାନଙ୍କ ଠାରୁ ସରକାରୀ ଧାର୍ଯ୍ୟ ମୂଲ୍ୟରେ ଧାନ କ୍ରୟ କରାଯାଇ ଉଚିତ୍ ମୂଲ୍ୟ ପ୍ରଦାନ କରାଯାଉଅଛି। ଚଳିତ ୨୦୨୦-୨୧ ଖରିଫ ଋତୁରେ ଡିସେମ୍ବର ୨୦୨୦ ଠାରୁ ଚାଷୀମାଇମାନଙ୍କ ଠାରୁ ସରକାରୀ ମୂଲ୍ୟରେ ଧାନ କ୍ରୟ କରାଯିବ। ଚଳିତ ଖରିଫ ୨୦୨୦-୨୧ ବର୍ଷରେ ଧାନ ବିକ୍ରୟ ନିମନ୍ତେ ଚାଷୀ ନାମ ପଞ୍ଜୀକରଣ ବାଧ୍ୟତାମୂଳକ ଅଟେ।
୩.କମିଟି ଅଧୀନରେ ଥିବା ୬ ଗୋଟି ଅର୍ଦ୍ଧ ସାପ୍ତାହିକ ପରିବା ହାଟ ଯଥା - ପଟ୍ଟାମୁଣ୍ଡାଇ, ଚାନ୍ଦୋଳ, ଛତା, ମାର୍ଶାଘାଇ, ଇନ୍ଦୁପୁର ଓ ରାଜନଗର ଠାରେ କମିଟି ତରଫରୁ ଖୋଲାପିଣ୍ଡି, ଛାତପିଣ୍ଡି, ଛୋଟ ଗୋଦାମ ଗୃହ ଓ ଦୋକାନ ଗୃହମାନ ସ୍ଥାପନ କରାଯିବା ସହିତ ଚାଷୀଭାଇ ଓ ଖାଉଟିମାନଙ୍କର ବିକ୍ରିବଟା ପାଇଁ ବିଜୁଳି ଆଲୋକ ଓ ଜଳ ଯୋଗାଣର ମଧ୍ୟ ସୁବ୍ୟବସ୍ଥା କରାଯାଇଅଛି।
୪.୫(କ) ନମ୍ବର ଜାତୀୟ ରାଜପଥ, କେନ୍ଦ୍ରାପଡା ସହର ସନ୍ନିକଟ ଗୋପଛକ ଠାରେ କମିଟିର ନିଜସ୍ୱ ବଜାର ପ୍ରାଙ୍ଗଣ ସ୍ଥାପନ କରାଯାଇ ଚାଷୀଭାଇମାନଙ୍କର ବିକ୍ରିବଟା ନିମନ୍ତେ ଉପରୋକ୍ତ ସୁବିଧା ଓ ସୁଯୋଗମାନ ଯୋଗାଇ ଦିଆଯାଇଅଛି। ଚଳିତ ୨୦୨୦-୨୧ (ବିପଣନ) ବର୍ଷରେ କେନ୍ଦ୍ରାପଡା ଜିଲ୍ଲାର ଚାଷୀ ଓ ବ୍ୟବସାୟୀ ଭାଇମାନଙ୍କ ନିମନ୍ତେ ଘାଗରା ପଞ୍ଚାୟତ ଠାରେ କମିଟିର ନିଜସ୍ୱ ବଜାର ପ୍ରାଙ୍ଗଣ ସ୍ଥାପନ କରାଯାଇଅଛି।
୫.ଛତାହାଟ ଠାରେ ୨୦୦୧ ମସିହା ଠାରୁ କୃଷକ ବଜାର ସ୍ଥାପନ କରାଯାଇ କୃଷକ ଭାଇମାନଙ୍କର ବିକ୍ରିବଟା ନିମନ୍ତେ ଉପରୋକ୍ତ ସୁବିଧା ଓ ସୁଯୋଗମାନ ଯୋଗାଇ ଦିଆଯାଇଅଛି।
୬.୨୦୧୯-୨୦ (ବିପଣନ) ବର୍ଷରେ ମୁଖ୍ୟ ବଜାର ପ୍ରାଙ୍ଗଣ, ଜମଧର ଠାରେ ଜିଲ୍ଲାର ଚାଷୀ ଓ ବ୍ୟବସାୟୀ ଭାଇମାନଙ୍କ ନିମନ୍ତେ ରାଷ୍ଟ୍ରୀୟ କୃଷି ବଜାର (e-NAM) ତା ୨୯.୦୪.୨୦୨୦ ରିଖ ଠାରୁ ଉଦ୍‌ଘାଟନ କରାଯାଇ କାର୍ଯ୍ୟକାରୀ ହେଉଅଛି। ଏଥି ନିମନ୍ତେ ଚାଷୀ ଭାଇ ଓ ବ୍ୟବସାୟୀ ଭାଇ ମାନଙ୍କର ନାମ ପଞ୍ଜୀକରଣ କାର୍ଯ୍ୟ ଆରମ୍ଭ ହୋଇଅଛି।
୭.ଚଳିତ ୨୦୨୦-୨୧ (ବିପଣନ) ବର୍ଷରେ କେନ୍ଦ୍ରାପଡା ଜିଲ୍ଲାର ଆଳି ଓ ରାଜକନିକା ଠାରେ ସରକାରୀ ଅନୁଦାନରେ ନୂତନ ବଜାର ପ୍ରାଙ୍ଗଣମାନ ନିର୍ମାଣ କରାଯାଇ ଚାଷୀଭାଇମାନଙ୍କର କୃଷିଜାତ ଦ୍ରବ୍ୟ ବିକ୍ରିବଟାର ସୁବନ୍ଦୋବସ୍ତ କରାଯିବ।
୮.ଚଳିତ ୨୦୨୦-୨୧ (ବିପଣନ) ବର୍ଷରେ ମୁଖ୍ୟ ବଜାର ପ୍ରାଙ୍ଗଣ, ଜମଧର ଠାରେ ଜିଲ୍ଲାର ବ୍ୟବସାୟୀମାନଙ୍କ ନିମନ୍ତେ ଏକ ଆଦର୍ଶ ମଣ୍ଡି ଓ ହୋଲସେଲ୍ ମାର୍କେଟ ନିର୍ମାଣ କରାଯିବା ପାଇଁ ସ୍ଥିର ହୋଇଅଛି।
**ଶ୍ରୀ ଅଜୟ କୁମାର ରାଉତ**, ସଂପାଦକ, ନିୟନ୍ତ୍ରିତ ବଜାର କମିଟି, କେନ୍ଦ୍ରାପଡା
**ଶ୍ରୀ ଜ୍ୟୋତି ଶଙ୍କର ମହାପାତ୍ର**, (ଓ.ପ୍ର.ସେ-୧) ଉପ-ଜିଲ୍ଲାପାଳ, କେନ୍ଦ୍ରପଡା ଓ ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, କେନ୍ଦ୍ରାପଡା

## ସଂକ୍ଷେପରେ

### ମହାପ୍ରଭୁଙ୍କର ହେବ ଲକ୍ଷ୍ମୀନାରାୟଣ ବେଶ

**ଆଜିଠୁ ପଞ୍ଚୁକ ବ୍ରତ**

**ପୁରୀ ଅଫିସ,୨୪।୧୧:** ମହାକାର୍ତ୍ତିକର ପଞ୍ଚୁକ ବ୍ରତ ବୁଧବାରଠାରୁ ଆରମ୍ଭ ହେବ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ କାର୍ତ୍ତିକ ଶୁକ୍ଳ ଏକାଦଶୀଠାରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ପଞ୍ଚୁକ ବେଶ ଅନୁଷ୍ଠିତ ହେବ। ଏଥର ପଞ୍ଚୁକ ୬ ଦିନ ପଡୁଛି। ବୁଧବାର ଶ୍ରୀମନ୍ଦିରରେ ହରି ଉତ୍ଥାପନ ଏକାଦଶୀ ନୀତି ହେବା ସହ ମହାପ୍ରଭୁଙ୍କ ଠିଆକିଆ ତଥା ଲକ୍ଷ୍ମୀନାରାୟଣ ବେଶ ଅନୁଷ୍ଠିତ ହେବ। ସେହିପରି ୨୬ରେ ବାଙ୍କଚୁଡ, ୨୭ରେ ନାଗାର୍ଜୁନ, ୨୮ରେ ତ୍ରିବିକ୍ରମ, ୨୯ରେ ଲକ୍ଷ୍ମୀନୃସିଂହ ଏବଂ ୩୦ ତାରିଖ କାର୍ତ୍ତିକ ପୂର୍ଣ୍ଣିମାରେ ରାଜାଧିରାଜ ବେଶ ତଥା ସୁନାବେଶ ଅନୁଷ୍ଠିତ ହେବ। ଏଥର କୋଭିଡ୍ କଟକଣା ଯୋଗୁ ଶ୍ରୀମନ୍ଦିରକୁ ଭକ୍ତଙ୍କ ପ୍ରବେଶ ବନ୍ଦ ରହିଛି। ତେଣୁ ପଞ୍ଚୁକ ବ୍ରତ ପାଇଁ ଶ୍ରୀକ୍ଷେତ୍ରରେ ଶ୍ରଦ୍ଧାଳୁ ଏବଂ ହବିଷିଆଳିଙ୍କ ସେମିତି ଗହଳି ନାହିଁ। କିନ୍ତୁ ବିଶ୍ୱାସ ରହିଛି ମାସ ସାରା ବ୍ରତ ରଖି ଯେତିକି ପୂଣ୍ୟ ମିଳିଥାଏ ପଞ୍ଚୁକ ପାଞ୍ଚଦିନ ବ୍ରତ ରଖିଲେ ଅଧିକ ପୁଣ୍ୟ ମିଳିଥାଏ।

### କଳାହାଣ୍ଡି ଝିଅ ଜେଏନ୍‌ୟୁ ପ୍ରବେଶିକା ପରୀକ୍ଷାରେ ସଫଳ



ଜୁନାଗଡ଼,୨୪।୧୧(ଡି.ଏନ୍.ଏ.)- କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ପଲାସ ଗ୍ରାମର ଜଣେ ପରିବା ବିକାଳି ଝିଅ ସରିତା ଦୁର୍ଗା (୨୧)ଙ୍କୁ ସଫଳତା ମିଳିଛି। ଜେଏନ୍‌ୟୁ (ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ)ରେ ପଢିବା ଲାଗି ସେ ଯୋଗ୍ୟତା ଅର୍ଜନ କରିଛନ୍ତି। ମଙ୍ଗଳବାର ସର୍ବଭାରତୀୟ ଜେଏନ୍‌ୟୁ ପ୍ରବେଶିକା ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ସରିତା ଚତୁର୍ଥ ସ୍ଥାନ ଅଧିକାର କରି ଜିଲା ପାଇଁ ଗୌରବ ଆଣିଛନ୍ତି। ବାପା ଦିଗାମ୍ବରଙ୍କ ମୃତ୍ୟୁ ପରେ ମା' ସୁନାଫୁଲ ବିଭିନ୍ନ ବଜାର ବୁଲି ପନିପରିବା ବିକ୍ରିକରି ଚଳୁଥିଲେ। ବହୁ କଷ୍ଟକରି ଝିଅ ସରିତାଙ୍କୁ ଭବାନୀପାଟଣା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ପାଠ ପଢାଇଥିଲେ। ଚଳିତବର୍ଷ ସରିତା ଜେଏନ୍‌ୟୁ ପ୍ରବେଶିକା ପରୀକ୍ଷା ଦେଇଥିଲେ। ସର୍ବଭାରତୀୟସ୍ତରରେ ସେ ଏମ୍ଏସ୍‌ସି ଇନ୍ ଫିଜିକ୍ସ ବିଭାଗରେ ୪ର୍ଥ ସ୍ଥାନ ଅଧିକାର କରିଛନ୍ତି। ଭବିଷ୍ୟତରେ ଜଣେ ଅଧାପିକା ହେବା ପାଇଁ ଆଶା ରଖିଛନ୍ତି। ଆର୍ଥିକ ଅନଟନ ଭିତରେ ବଢ଼ିଥିବା ସରିତାଙ୍କୁ ସରକାରୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହାୟତା ପ୍ରଦାନ କଲେ ସେ ତାଙ୍କ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରନ୍ତେ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ସରିତାଙ୍କ ସଫଳତା ଲାଗି ଜିଲାର ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

# ଥାର୍ଡ ଡିଗ୍ରୀ ଅଭିଯୋଗର ତଦନ୍ତ ଆରମ୍ଭ

- ଆଇନର ଦୁରୁପଯୋଗ କଲେ ବରଦାସ୍ତ କରାଯିବ ନାହିଁ
- ହାଜତ ମୃତ୍ୟୁ ତଦନ୍ତରେ ପୋଲିସ ସହଯୋଗ କରିବ

ପୁରୀ ଅଫିସ,୨୪।୧୧

ଥାନାରେ ଅଭିଯୁକ୍ତଙ୍କୁ ଥାର୍ଡ ଡିଗ୍ରୀ ନେଇ ପୁରୀ ଜିଲା ଚର୍ଚ୍ଚାରେ ରହିଛି। ପୁରୀ ହାଜତ ମୃତ୍ୟୁର ତାତି ଥମି ନ ଥିବାବେଳେ ପିପିଲି ଓ ପୁରୀ ଟାଉନ ଥାନା ପୋଲିସ ନିର୍ଯାତନାର ଅଭିଯୋଗ ଆସିଛି। ଏହି ଦୁଇଟି ଥାର୍ଡ ଡିଗ୍ରୀ ଅଭିଯୋଗର ତଦନ୍ତ ଦାୟିତ୍ୱ କେନ୍ଦ୍ରାଞ୍ଚଳ ଡିଆଇଜି ଆଶିଷ ସିଂଙ୍କୁ ଦିଆଯାଇଛି। ମଙ୍ଗଳବାର ଡିଆଇଜି ସିଂ ପୁରୀ ଆସି ତଦନ୍ତ ଆରମ୍ଭ କରିଛନ୍ତି।

ଏହି ଅବସରରେ ଡିଆଇଜି ସିଂ କହିଛନ୍ତି, ପୁରୀ ବିଶ୍ୱର ଏକ ପ୍ରସିଦ୍ଧ ଧାର୍ମିକସ୍ଥଳ। ଏଠାକୁ ଦେଶ ବିଦେଶର ଯାତ୍ରୀ, ପର୍ଯ୍ୟଟକ ଆସିଥାନ୍ତି। ସେମାନଙ୍କୁ ସୁରକ୍ଷା ଯୋଗାଇଦେବା ସହିତ ପୁରୀକୁ ଶ୍ରେଷ୍ଠ ଧାମ ଓ ଅପରାଧମୁକ୍ତ କରିବା ପୋଲିସର ମୂଳ ଲକ୍ଷ୍ୟ। ପୁରୀ ଟାଉନ ଥାନା ଏବଂ ପିପିଲି ପୋଲିସ ବିରୋଧରେ ଆସିଥିବା ଥାର୍ଡ ଡିଗ୍ରୀ ଅଭିଯୋଗର ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ ହୋଇଛି। ଯଦି ଆଇନ ପରିଧି ବାହାରକୁ ଯାଇ ପୋଲିସ କିଛି କରିଥିବାର ପ୍ରମାଣ ମିଳେ ତେବେ ନିଶ୍ଚିତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ଏହା ସମୟ ସାପେକ୍ଷ। ସବୁଦିଗକୁ ତଦନ୍ତ ପରିସରଭୁକ୍ତ କରାଯାଇଛି। ଆଇନର କେହି ଦୁରୁପଯୋଗ କିମ୍ବା ଭଙ୍ଗ କଲେ ବରଦାସ୍ତ କରାଯିବ ନାହିଁ। ଅପରପକ୍ଷେ ଅପରାଧୀ ତଥା ବେଆଇନ ନିଶା କାରବାରରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ପୋଲିସର କାର୍ଯ୍ୟାନୁଷ୍ଠାନ ବଳବତ୍ତର ରହିବ। ଆଇନ ପରିଧି ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପୋଲିସର କର୍ତ୍ତବ୍ୟ। ଏ ଦିଗରେ ପୁରୀ ପୋଲିସ ପ୍ରତିଶ୍ରୁତିବଦ୍ଧ। ସେହିପରି ବାସେଳିସାହି ଥାନା ହାଜତ ମୃତ୍ୟୁ ସଂକ୍ରାନ୍ତରେ ପ୍ରତିକ୍ରିୟା ରଖି ଡିଆଇଜି ସିଂ କହିଛନ୍ତି, ଏନ୍ଏଚ୍ଆର୍‌ସି ଗାଇଡ଼ଲାଇନ ଅନୁଯାୟୀ ଏହାର ତଦନ୍ତ ଚାଲିଛି। ପୋଲିସକୁ ଯେ କୌଣସି ତଥ୍ୟ ମଗାଯିବ ତାହା ଦିଆଯିବ। ପୋଲିସ ସମ୍ପୂର୍ଣ୍ଣ ଭାବେ ଏଥିରେ ସହଯୋଗ କରିବ।



୧୦ ଦଫା ଦାବି ନେଇ ଶ୍ରୀଜଗନ୍ନାଥ ଅଖିଳ ଭାରତ ପାଲା କଳାକାର ମହାସଂଘ ଓଡ଼ିଶା ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଅଭିନବ ବିକ୍ଷୋଭ।

## ଶପିଂ ମଲ୍‌ରେ ଅଗ୍ନିକାଣ୍ଡ

ବାଲୁଗାଁ,୨୪।୧୧(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବାଲୁଗାଁ ବଜାରସ୍ଥିତ କୋଲକାତା ଟ୍ରେଣ୍ଡସ୍ ଶପିଂ ମଲ୍‌ରେ ସୋମବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଲକ୍ଷାଧିକ ଟଙ୍କାର ସାମଗ୍ରୀ ଭସ୍ମୀଭୂତ ହୋଇଯାଇଛି। ସ୍ଥାନୀୟ ଅଗ୍ନିଶମ କର୍ମଚାରୀ ନିଆଁକୁ ଆୟତ୍ତ କରିଥିଲେ। ଶଟର ବନ୍ଦ ଯୋଗୁ ଅଗ୍ନିକାଣ୍ଡ ସମ୍ପର୍କରେ ଜଣା ପଡ଼ି ନ ଥିଲା। ମଙ୍ଗଳବାର ଭୋର ୫ଟାରେ ମଲ୍‌ରୁ ଧୂଆଁ ବାହାରୁଥିବା ଦେଖି ସ୍ଥାନୀୟ ଲୋକେ ଅଗ୍ନିଶମ ସେବାକେନ୍ଦ୍ରକୁ ଜଣାଇଥିଲେ। ଷ୍ଟୋର ରୁମ ମଧ୍ୟରେ ଥିବା ଲକ୍ଷାଧିକ ଟଙ୍କା ସାମଗ୍ରୀ ପୋଡ଼ିଯାଇଛି। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ବିଦ୍ୟୁତ୍ ଶର୍ଟସର୍କିଟରୁ ନିଆଁ ଲାଗିଥିବା ନେଇ ଅଗ୍ନିଶମ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି।

## ମାଲକାନଗିରି ଏସ୍‌ପି, ଆଇଆଇସିଙ୍କ ବଦଳି ଦାବି

ଭୁବନେଶ୍ୱର, ୨୪।୧୧(ବ୍ୟୁରୋ)

ମାଲକାନଗିରି ଜିଲାର ପୂର୍ବତନ ଜିଲାପାଳଙ୍କ ବ୍ୟକ୍ତିଗତ ସହାୟକ ଦେବନାରାୟଣ ପଣ୍ଡା ହତ୍ୟାକାଣ୍ଡ ମାମଲାକୁ ଚପାଇ ଦେବାକୁ ଅପଚେଷ୍ଟା ଖାକିରେ କଳଙ୍କ ବୋଳିଛି। ଏସ୍‌ପି ଏବଂ ଆଇଆଇସିଙ୍କୁ ବଦଳି ନ କରାଗଲେ ମାମଲାର ନିରପେକ୍ଷ ତଦନ୍ତ ହେବା ଅସମ୍ଭବ ବୋଲି କହିଛନ୍ତି ଭାଜପା ଉପସଭାପତି ବଳଭଦ୍ର ମାଝି। ଏ ସଂକ୍ରାନ୍ତରେ ଦଳର ଏକ ପ୍ରତିନିଧି ମଣ୍ଡଳୀ କଟକରେ ପୋଲିସ ମହାନିର୍ଦ୍ଦେଶକଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ମାଲକାନଗିରି ଏସ୍‌ଡିଜେଏମ୍‌ଙ୍କ କୋର୍ଟଙ୍କ ନିର୍ଦ୍ଦେଶ ପରେ ପୋଲିସ ତତ୍କାଳୀନ ଜିଲାପାଳଙ୍କ ସମେତ ୪ ଜଣ ଅଧିକାରୀଙ୍କ ବିରୋଧରେ ଏତଲା ରଖିଥିଲା। ପୂର୍ବରୁ ପୀଡ଼ିତ ପରିବାରକୁ ନ୍ୟାୟ ଦେବାରେ ପୋଲିସର ଅପାରଗତା ପଦାରେ ପଡ଼ିଛି। ଘଟଣାରେ ବରିଷ୍ଠ ଅଧିକାରୀଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ଆସିବା ପରେ ପୋଲିସ ଉପରେ ଚାପ ପଡ଼ିବା ଏବଂ ମାମଲାର ମୋଡ଼ ବଦଳିବା ଆଶଙ୍କା ରହିଛି। ତେଣୁ ଏସ୍‌ପି ଏବଂ ଆଇଆଇସିଙ୍କୁ ବଦଳି କରାଗଲେ ଏହାର ନିରପେକ୍ଷ ତଦନ୍ତ ହୋଇପାରିବ ବୋଲି ଭାଜପା ପ୍ରତିନିଧି ଦଳ ପୋଲିସ ମହାନିର୍ଦ୍ଦେଶକଙ୍କୁ ଅନୁରୋଧ କରିଛନ୍ତି।

# ୩ ଦିନିଆ ଓଡ଼ିଶା ଗସ୍ତରେ ଭାଗବତ



ଭୁବନେଶ୍ୱର,୨୪।୧୧(ବ୍ୟୁରୋ)

ଆର୍ଏସଏସ(ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ) ମୁଖ୍ୟ ମୋହନ ଭାଗବତ ମଙ୍ଗଳବାର ୩ ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ରାଜଧାନୀଠାରେ ଅନୁଷ୍ଠିତ ହେବାକୁ ଥିବା ଆର୍ଏସ୍ଏସ୍‌ର ଅଖିଳ ଭାରତୀୟ କାର୍ଯ୍ୟକାରୀ ମଣ୍ଡଳରେ ଭାଗବତ ଯୋଗଦେବେ। ପୂର୍ବ କ୍ଷେତ୍ର ଲାଗି ଉଦ୍ଦିଷ୍ଟ ଏହି ବୈଠକ ବୁଧବାର ଏବଂ ଏହାର ପରଦିନ ଅନୁଷ୍ଠିତ ହେବ। ଏଥିରେ ଆର୍ଏସ୍ଏସ୍ ମୁଖ୍ୟ ସରକାର୍ଯ୍ୟବାହ ସୁରେଶ ଯୋଶୀ ମଧ୍ୟ ଯୋଗଦେବେ। ପଶ୍ଚିମବଙ୍ଗ, ଓଡ଼ିଶା, ଆଣ୍ଡାମାନ ଓ ନିକୋବର ଅଖିଳ ଭାରତୀୟ କାର୍ଯ୍ୟକାରୀ ମଣ୍ଡଳର ୩୫ଜଣ ସଦସ୍ୟ ବୈଠକରେ ଯୋଗଦେବେ। ଏଥିରେ କୋଭିଡ-୧୯ ମହାମାରୀ ସମୟରେ ସ୍ୱୟଂସେବକଙ୍କ ଦ୍ୱାରା କରାଯାଇଥିବା ସେବା କାର୍ଯ୍ୟର ଆଲୋଚନା ଓ ସମୀକ୍ଷା କରାଯିବ। ଏହାସହ କରୋନାରେ ପ୍ରଭାବିତ ଜନଜୀବନ, ଶିକ୍ଷା, ସ୍ୱାସ୍ଥ୍ୟ, ଆତ୍ମନିର୍ଭରଶୀଳତା ଉପରେ ମଧ୍ୟ ବିସ୍ତୃତ ଆଲୋଚନା ହେବା କାର୍ଯ୍ୟକ୍ରମ ରହିଛି।

# କୋଶଳୀକୁ ସରକାରୀ ଭାଷା ମାନ୍ୟତା ଦାବି

- ଓଡ଼ିଶା ଭାଗ ହେଲେ ସରକାର ଦାୟୀ ରହିବେ: ନରସିଂହ
- ପଶ୍ଚିମ ଓଡ଼ିଶା ବିକାଶ ପରିଷଦ କାର୍ଯ୍ୟକ୍ଷମ ନ ହେଲେ ଆନ୍ଦୋଳନ

ଭୁବନେଶ୍ୱର,୨୪।୧୧(ବ୍ୟୁରୋ)

ସାନ୍ତାଳୀ ଭାଷା ଭଳି କୋଶଳୀ ଭାଷାକୁ ଓଡ଼ିଶାର ଭାଷା ଭାବେ ସାମ୍ବିଧାନିକ ସ୍ୱୀକୃତି ଦେବାକୁ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଦାବି କରିଛନ୍ତି। ମଙ୍ଗଳବାର ବିଧାନସଭାର ଶୂନ୍ୟକାଳରେ ନରସିଂହ ପଶ୍ଚିମ ଓଡ଼ିଶାବାସୀଙ୍କ ଦାବି ପ୍ରସଙ୍ଗ ଗୃହରେ ଉଠାଇଥିଲେ। କୋଶଳୀ ଭାଷାକୁ ସରକାରୀ ଭାଷାର ମାନ୍ୟତା ଦେବାକୁ ବହୁବର୍ଷ ଧରି ଦାବି କରାଯାଉଛି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଏ ନେଇ ବିଧିବଦ୍ଧ ଭାବେ ପ୍ରସ୍ତାବ ପାସ୍ କରି ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଦେଇଛି। ହେଲେ ରାଜ୍ୟ ସରକାର କେବଳ ଚିଠି ଲେଖି ତାଙ୍କ କାମ ସରିଗଲା ବୋଲି ଭାବୁଛନ୍ତି। କୋଶଳୀକୁ ସରକାରୀ ଭାଷା ଭାବେ ଗ୍ରହଣ କରିବାକୁ ସରକାର ଆନ୍ତରିକତାର ସହ ଚାହୁଁନାହାନ୍ତି। ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ। ପଶ୍ଚିମ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ କରିବାକୁ ଦୀର୍ଘଦିନ ହେଲା ଆନ୍ଦୋଳନ କରାଯାଉଛି। ସେ ଆନ୍ଦୋଳନ ଏବେ ବି ମରିନି। ସ୍ୱତନ୍ତ୍ର ରାଜ୍ୟ ପାଇଁ ସହମତି ନୁହେଁ କି ଓଡ଼ିଶା ଭାଗ ଭାଗ ହେଉ ବୋଲି ଚାହୁଁନାହିଁ। ମାତ୍ର ସରକାରଙ୍କ କାର୍ଯ୍ୟକଳାପ ଲୋକଙ୍କୁ ସେମାନଙ୍କ ଆନ୍ଦୋଳନ ତୀବ୍ର କରିବାକୁ ବାଧ କରୁଛି ବୋଲି ନରସିଂହ କହିଥିଲେ।

ଏହି ଅବସରରେ ସେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ପ୍ରସଙ୍ଗ ମଧ୍ୟ ଉଠାଇଥିଲେ। ନରସିଂହ କହିଥିଲେ, ବଲାଙ୍ଗୀରରେ ହାଇକୋର୍ଟ ସ୍ଥାପନ ପାଇଁ ମଧ୍ୟ ରାଜ୍ୟ ସରକାର ଆନ୍ତରିକତାର ସହ ଚାହୁଁନାହାନ୍ତି। ବଲାଙ୍ଗୀରରେ ବାଇପାସ୍ ନିର୍ମାଣ କରାଯାଉନାହିଁ। ରାଜ୍ୟ ସରକାର ପଶ୍ଚିମ ଓଡ଼ିଶା ପ୍ରତି ଚରମ ଅବହେଳା କରୁଛନ୍ତି। ଲୋୟର ସୁକ୍‌ତେଲ କାର୍ଯ୍ୟ ଏପର୍ଯ୍ୟନ୍ତ ଆରମ୍ଭ ହୋଇପାରୁନାହିଁ। ଯଦି ତୁରନ୍ତ କାର୍ଯ୍ୟ ଆରମ୍ଭ ନ ହୁଏ ତା'ହେଲେ ବଲାଙ୍ଗୀରରେ ଆନ୍ଦୋଳନ ଉଗ୍ର ରୂପ ନେବ। ରାଜ୍ୟ ସରକାର ତାକୁ ଆଉ ସମ୍ଭାଳି ପାରିବେ ନାହିଁ ବୋଲି ଚେତାବନୀ ଦେଇଥିଲେ। ସେ କହିଥିଲେ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଏବେ କୋମାରେ ଅଛି। ପରିଷଦର ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲିପଡ଼ିଛି। ଏହାକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରି ପରିଷଦର ହେଡ୍‌କ୍ୱାର୍ଟର ପଶ୍ଚିମ ଓଡ଼ିଶାକୁ ନେବାକୁ ସେ ଦାବି କରିଥିଲେ। ଅନ୍ୟପକ୍ଷରେ ଶୂନ୍ୟକାଳରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ୬ ବର୍ଷ ପରେ ବି ଯେଉଁ ଶିକ୍ଷା ସହାୟକ ଏବଂ ସମସ୍ତ ସରକାରୀ ବିଭାଗର କର୍ମଚାରୀମାନଙ୍କୁ ସରକାର ନିୟମିତ କରିନାହାନ୍ତି ସେମାନଙ୍କୁ ନିୟମିତ କରିବାକୁ ଦାବି କରିଥିଲେ। ବିଜେଡ଼ି ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଯାତ୍ରା ଓ ସାଂସ୍କୃତିକ ଦଳ କଳାକାରଙ୍କ ପାଇଁ ମଞ୍ଚ ଖୋଲିବାକୁ କହିଥିଲେ। ସେହିଭଳି କୋଭିଡ୍‌ରେ ଓଡ଼ିଶାକୁ କିଭଳି ସଫଳତା ମିଳିଛି ତାହାର ସ୍ପଷ୍ଟୀକରଣ ରାଜ୍ୟ ସରକାର ଦିଅନ୍ତୁ ବୋଲି ସେ କହିଥିଲେ।

# ଅନ୍‌ଲାଇନ୍ ଡୋନେଶନ୍‌ରୁ ବଢ଼ିବ ଶ୍ରୀମନ୍ଦିର ଆୟ

**ପ୍ରସ୍ତୁତ ହୋଇଛି ଏଫ୍‌ସିଆର୍ଏ ବ୍ୟବସ୍ଥା**

ପୁରୀ ଅଫିସ,୨୪।୧୧

କରୋନା ପାଇଁ ଦୀର୍ଘ ୮ ମାସରୁ ଉର୍ଦ୍ଧ୍ୱ ହେବ ଶ୍ରୀମନ୍ଦିରକୁ ଭକ୍ତଙ୍କ ପ୍ରବେଶ ଉପରେ କଟକଣା ରହିଛି। କୌଣସି ଦର୍ଶନାର୍ଥୀଙ୍କୁ ମନ୍ଦିର ଭିତରକୁ ଛଡ଼ାଯାଉ ନ ଥିବାବେଳେ ଏହାର ସିଧାସଳଖ ପ୍ରଭାବ ମନ୍ଦିର ହୁଣ୍ଡି ଉପରେ ପଡିଛି। ହୁଣ୍ଡି ଆୟ ଏକପ୍ରକାର ବନ୍ଦ ପଡିଛି। ଏପଟେ ଶ୍ରୀମନ୍ଦିର ଆୟ କମିଯାଇଥିବା ବେଳେ ଖର୍ଚ୍ଚ କିନ୍ତୁ ବଢିଛି। ତେଣୁ ମନ୍ଦିରର ଆୟ ବୃଦ୍ଧି ପାଇଁ ଏକମାତ୍ର ବାଟ ହେଉଛି ଅନ୍‌ଲାଇନ ଡୋନେଶନ। ଏହା ଉପରେ ଗୁରୁତ୍ୱ ଦେଇଛି ମନ୍ଦିର ପ୍ରଶାସନ। ଏ ନେଇ ମଙ୍ଗଳବାର ଅନୁଷ୍ଠିତ ବୈଠକ ପରେ ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର କହିଛନ୍ତି, ଗତ ପରିଚାଳନା କମିଟି ବୈଠକରେ ଅନ୍‌ଲାଇନ ଡୋନେଶନ ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ଇତିମଧ୍ୟରେ ପୁଣି ଏକ ବୈଠକ ବସିଯାଇଥିବାବେଳେ ଅନ୍‌ଲାଇନ ଡୋନେଶନ ପାଇଁ ଏଫ୍‌ସିଆରଏ ବ୍ୟବସ୍ଥା ପ୍ରସ୍ତୁତ କରାଯାଇଛି। ଏହି ବ୍ୟବସ୍ଥା ଦ୍ୱାରା ଦେଶ ବାହାରୁ ଭକ୍ତମାନେ ଦାନ ଅର୍ଥ ପଠାଇ ପାରିବେ। ଏଥିପାଇଁ ଜଣେ ଅଧିକାରୀଙ୍କୁ ନିଯୁକ୍ତ ଦିଆସରିଛି। ଅଧିକାଂଶ ଡୋନେଶନ ଉପରେ କିପରି ଇନ୍‌କମ ଟ୍ୟାକ୍ସ ଛାଡ଼ କରାଯାଇପାରିବ ତାହା ଉପରେ ନିରୀକ୍ଷଣ କରାଯାଉଛି।



ଏହି ଅନ୍‌ଲାଇନ ଡୋନେଶନ ପାଇଁ ଆଉ କି କି ସରଳୀକରଣ ବ୍ୟବସ୍ଥା କରାଯାଇପାରିବ ସେ ନେଇ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

# ବ୍ୟାଙ୍କ ପରିସରରୁ ୭.୩୮ ଲକ୍ଷ ଟଙ୍କା ଲୁଟ୍

**ଅଭିଯୁକ୍ତ ଫେରାର, ପୋଲିସର ତନାଘନା**

କଣ୍ଟାବାଞ୍ଜି,୨୪।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହରର କେନ୍ଦ୍ରସ୍ଥଳରେ ଥିବା ଆନ୍ଧ୍ରାବ୍ୟାଙ୍କ ଶାଖା ପରିସରରୁ ମଙ୍ଗଳବାର ଦିନ ଦ୍ୱିପହରେ ଦୁର୍ବୃତ୍ତମାନେ ୨ ଗ୍ରାହକଙ୍କଠାରୁ ୭ଲକ୍ଷ ୩୮ ହଜାର ଟଙ୍କା ଲୁଟି ନେଇଛନ୍ତି। ଏହି ଘଟଣା ପରେ ଅଭିଯୁକ୍ତମାନେ ବାଇକ୍‌ରେ ଫେରାର ହୋଇଯାଇଛନ୍ତି। ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ତଥାପି ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ପୋଲିସ କାହାକୁ ଧରି ପାରିନାହିଁ।

ସୂଚନା ଅନୁଯାୟୀ, ବେଲପଡା ଥାନା ମଧୁପୁର ଗାଁର ରାଜାରାମ ନାୟକଙ୍କଠାରୁ ଦୁର୍ବୃତ୍ତମାନେ ୭ ଲକ୍ଷ ଟଙ୍କା ଲୁଟି ନେଇଥିବା ବେଳେ କଣ୍ଟାବାଞ୍ଜି ଥାନା ଡୁମେରଚୁଆଁ ଗାଁର ଉମା ପରାଭୁଏଙ୍କଠାରୁ ୩୮ ହଜାର ଟଙ୍କା ଲୁଟି ନେଇଛନ୍ତି। ଏହି ଘଟଣା ପରେ ଦୁର୍ବୃତ୍ତମାନେ ଆସିଥିବା ୨ ବାଇକ୍‌ରେ ଫେରାର ହୋଇଯାଇଛନ୍ତି। କଣ୍ଟାବାଞ୍ଜି ଥାନାରେ ଏ ନେଇ ଅଭିଯୋଗ ହେବା ପରେ ପୋଲିସ ବିଭିନ୍ନ ରାସ୍ତାକୁ ସିଲ୍ କରି ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡି କରିଛି। ବ୍ୟାଙ୍କ ସମ୍ମୁଖରୁ ୨ ଗ୍ରାହକଙ୍କଠାରୁ ଲକ୍ଷାଧିକ ଟଙ୍କା ଲୁଟ୍ ପୋଲିସର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। କିଛିଦିନ ତଳେ କଣ୍ଟାବାଞ୍ଜିର ଜଣେ ଆଡଭୋକେଟ୍ ବ୍ୟାଙ୍କରୁ ୧.୨ ଲକ୍ଷ ଟଙ୍କା ଉଠାଇ ନିଜ ବାଇକ୍ ଡିକିରେ ରଖିବାର କିଛି ସମୟ ପରେ ତାହା ଲୁଟ୍ ହୋଇଯାଇଥିଲା।

# ରାଜ୍ୟରେ ମାଓବାଦୀ ହିଂସା କମିଛି

**ସୈନିକ ସମ୍ମିଳନୀରେ ସିଆର୍‌ପିଏଫ୍ ଆଇଜିଙ୍କ ଉଦ୍‌ବୋଧନ**

ସମ୍ବଲପୁର,୨୪।୧୧(ବ୍ୟୁରୋ)

କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସ (ସିଆର୍‌ପିଏଫ୍) ଓଡ଼ିଶା ସେକ୍ଟର ଆଇଜି ସଂଗ୍ରାମ କେଶରୀ ମହାନ୍ତି ମଙ୍ଗଳବାର ସମ୍ବଲପୁର ଗସ୍ତରେ ଆସି ଜେଲଛକ ନିକଟରେ ଥିବା ୧୨ ବାଟାଲିୟନ କ୍ୟାମ୍ପରେ ଆୟୋଜିତ ସୈନିକ ସମ୍ମିଳନୀରେ ଯୋଗ ଦେଇଥିଲେ। ଏହି ଅବସରରେ ସେ କହିଲେ, ଓଡ଼ିଶାରେ ମାଓବାଦୀଙ୍କ ପ୍ରଭାବ, ହିଂସା କମିଛି। ସମ୍ବଲପୁର ଜିଲାକୁ ମଧ୍ୟ ମାଓବାଦୀ ମୁକ୍ତ ଘୋଷଣା କରାଯାଇଛି। ହେଲେ ଆମମାନଙ୍କ ଦାୟିତ୍ୱ ଏବେ ବି ରହିଛି। ପୂର୍ବ ଭଳି ଲୋକମାନଙ୍କୁ ସେବା ଯୋଗାଇ ଦେବା ସହ ନିଜ କର୍ତ୍ତବ୍ୟ ପାଳନ କରିବାରେ ଅବହେଳା କରାଯିବା ଉଚିତ୍ ନୁହେଁ। ଓଡ଼ିଶାରେ ଅନ୍ୟ ବାଟାଲିୟନକୁ ବିଭିନ୍ନ ସ୍ଥାନକୁ ପଠାଯାଇଛି। ସେମାନେ ଜମ୍ମୁକଶ୍ମୀର,ବିହାର ନିର୍ବାଚନ ଭଳି ପରିସ୍ଥିତିରେ ନିୟୋଜିତ ହୋଇ ଶାନ୍ତିଶୃଙ୍ଖଳା ବଜାୟ ରଖିବାରେ ବଡ଼ ଭୂମିକା ତୁଲାଇଛନ୍ତି। ଏପରି କି ଦକ୍ଷିଣ ଓଡ଼ିଶାରେ ମାଓବାଦୀ ଦମନ ଓ ସେମାନଙ୍କ ବିରୋଧୀ ଅଭିଯାନ ପାଇଁ ସେହି ବାଟାଲିୟନଙ୍କୁ ଦାୟିତ୍ୱ ଦିଆଯାଇଛି। କୋଭିଡ୍ ସମୟରେ ଯବାନମାନେ ସାମାଜିକ ଦାୟିତ୍ୱ ତୁଲାଇଥିଲେ। ସେଥିପାଇଁ ଯବାନମାନଙ୍କୁ ଆଇଜି ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମକୁ ୧୨ ବାଟାଲିୟନ କମାଣ୍ଡେଣ୍ଟ ପ୍ରମୋଦ କୁମାର ସାହୁ ପରିଚାଳନା କରିଥିଲେ।



ସମ୍ବଲପୁର ୧୨ ବାଟାଲିୟନରେ ସିଆର୍‌ପିଏଫ୍ ଆଇଜି ସଂଗ୍ରାମ କେଶରୀ ମହାନ୍ତି।

# 'ଯୁବପିଢ଼ି କୃଷିକ୍ଷେତ୍ରରେ ମନୋନିବେଶ କରନ୍ତୁ'

**ଓୟୁଏଟି କୃଷକ ମେଳା**

ଭୁବନେଶ୍ୱର, ୨୪।୧୧(ବ୍ୟୁରୋ)

କୃଷକଙ୍କ ଆୟ ଦ୍ୱିଗୁଣିତ କରିବା ପାଇଁ ପ୍ରତ୍ୟେକ ସ୍ତରରେ ନିଷ୍ଠାପର ଉଦ୍ୟମ ହେବା ଆବଶ୍ୟକ। ଜଳବାୟୁ ପରିବର୍ତ୍ତନ ଓ ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା ନିମନ୍ତେ ସହନଶୀଳ ଉନ୍ନତ ବିହନ, ନୂତନ ଜ୍ଞାନକୌଶଳ ଏବଂ ଯନ୍ତ୍ରପାତି ବ୍ୟବହାର ଆଦି ଦିଗରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ପକ୍ଷରୁ ନିରନ୍ତର ଗବେଷଣାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପରିବର୍ତ୍ତିତ ଜଳବାୟୁ, ଖାଦ୍ୟାଭ୍ୟାସ ତଥା ବଜାର ଚାହିଦାକୁ ଆଖିରେ ରଖି ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ରାଜ୍ୟର ବିଭିନ୍ନ କୃଷି ଜଳବାୟୁ ମଣ୍ଡଳ ନିମନ୍ତେ ଉପଯୋଗୀ କୃଷି ପଦ୍ଧତିର ବିକାଶ ଏବଂ ପ୍ରସାର ଲାଗି ଉଦ୍ୟମ କରିବା ଆବଶ୍ୟକ ବୋଲି କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି। ମଙ୍ଗଳବାର ଓୟୁଏଟି ପରିସରରେ ଆୟୋଜିତ ଓୟୁଏଟି କୃଷକ ମେଳା-୨୦୨୦କୁ ମନ୍ତ୍ରୀ ସାହୁ ଉଦ୍‌ଘାଟନ କରିଛନ୍ତି। କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ନୂତନ ଜ୍ଞାନକୌଶଳ ଓ କୃଷି ପଦ୍ଧତିକୁ ଚାଷୀମାନେ ଯେପରି ବର୍ଷ ସାରା ଦେଖିପାରିବେ ସେଥିନିମନ୍ତେ ବିଶ୍ୱବିଦ୍ୟାଳୟ ପରିସରରେ ଓୟୁଏଟି ପଦକ୍ଷେପ ନେବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଯୁବପିଢ଼ି ଯେପରି କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପ୍ରତି ଅଧିକ ମନୋନିବେଶ କରିବା ସହ ଏଥିରେ ପୁଞ୍ଜିନିବେଶ ଲାଗି ଅଗେଇ ଆସିବେ ସେଥିପ୍ରତି କୃଷି ଅଧିକାରୀମାନେ ଅଧିକ ଧ୍ୟାନ ଦେବା ପାଇଁ ମନ୍ତ୍ରୀ କହିଛନ୍ତି।

ଓୟୁଏଟି କୁଳପତି ଡ. ପବନ କୁମାର ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ସୌରଭ ଗର୍ଗ ଭର୍ଚ୍ଚୁଆଲ୍ ମାଧ୍ୟମରେ ଯୋଗଦେଇଥିଲେ। 'ଆମ କୃଷି' ମୋବାଇଲ୍ ଫୋନ୍ ପରାମର୍ଶ ସୂଚନା ସେବା ମାଧ୍ୟମରେ ଚାଷୀଙ୍କୁ ପ୍ରତ୍ୟହ ଆବଶ୍ୟକ ପରାମର୍ଶ ଯୋଗାଇ ଦିଆଯାଉଛି। ୨୦୨୦ରେ ୧୦ଲକ୍ଷ କୃଷକ ଏଥିରେ ଅଂଶଗ୍ରହଣ କରିଛନ୍ତି ବୋଲି ଡ. ଗର୍ଗ କହିଛନ୍ତି। ଏହି ଅବସରରେ ମନ୍ତ୍ରୀ କୃଷି ସମ୍ପର୍କିତ ଦୁଇଟି ପୁସ୍ତିକାର ଉନ୍ମୋଚନ କରିଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିବିଶେଷ, ଅଗ୍ରଣୀ ଚାଷୀ, କୃଷି ବୈଜ୍ଞାନିକଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ଉତ୍ସବ ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟର ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ ଅଧ୍ୟକ୍ଷ ଡ. ଲଳିତ ମୋହନ ଗଡ଼ନାୟକ ସ୍ୱାଗତ ଅଭିଭାଷଣ ଏବଂ କୃଷି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. କେ. କେ. ରାଉତ ଧନ୍ୟବାଦ ଦେଇଥିଲେ। ଏହି ମେଳାରେ ରାଜ୍ୟର ବହୁଚାଷୀ ଓ ଅନୁଷ୍ଠାନ ଅନ୍‌ଲାଇନ୍ ମାଧ୍ୟମରେ ଅଂଶଗ୍ରହଣ କରିଥିଲେ।




କୃଷିମନ୍ତ୍ରୀ ଅରୁଣ କୁମାର ସାହୁ ଏବଂ ଅନ୍ୟ ଅତିଥିମାନେ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

# ବ୍ୟାଙ୍କିଙ୍ଗ୍ ଶିଳ୍ପରେ ଏନ୍‌ପିଏ ବଢ଼ିବ

ମୁମ୍ବାଇ,୨୪।୧୧




କରୋନା ମହାମାରୀ ଚାପ ବଜାର ଉପରେ ପଡ଼ିଛି। ବଜାର ବର୍ତ୍ତମାନ ସୁଦ୍ଧା ସ୍ୱାଭାବିକ ସ୍ଥିତିକୁ ଫେରିନାହିଁ। ଭାରତୀୟ ବ୍ୟାଙ୍କିଙ୍ଗ୍ ଶିଳ୍ପରେ ଆଗାମୀ ୧୨ରୁ ୧୮ ମାସରେ ଅନାଦାୟ ଋଣ(ଏନ୍‌ପିଏ) ପରିମାଣ ଆହୁରି ବଢ଼ିବ ବୋଲି ଏସ୍‌ଆଣ୍ଡପି

**ଏସ୍‌ଆଣ୍ଡପିର ଆକଳନ**

ଗ୍ଲୋବାଲ ରେଟିଂ ଏଜେନ୍ସି ମଙ୍ଗଳବାର ଅନୁମାନ ଲଗାଇଛି। ଏନ୍‌ପିଏ ପ୍ରାୟ ୧୧% ଛୁଇଁବା ନେଇ ଏହି ଏଜେନ୍ସି ଆଶଙ୍କା ପ୍ରକାଶ କରିଛି। ମୋରାଟୋରିୟମ ସମୟରେ କୌଣସି ଋଣ ଖାତାକୁ ଏନ୍‌ପିଏ ଘୋଷଣା ନ କରିବା ଲାଗି ସୁପ୍ରିମକୋର୍ଟ ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଦେଖିଲେ ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସରେ ଆର୍ଥିକ ଅନୁଷ୍ଠାନଗୁଡ଼ିକରେ ବେଶି ସଂଖ୍ୟକ ଆକାଉଣ୍ଟ ଏନ୍‌ପିଏ ପରିସରଭୁକ୍ତ ହେବ ନାହିଁ। ଅଗଷ୍ଟ ୩୧ରେ ଋଣ ମୋରାଟୋରିୟମ ଅବଧିଶେଷ ହୋଇଛି।

ମୋଟ ଏନ୍‌ପିଏ କଥା ବିଚାରକୁ ନେଲେ ପ୍ରାୟ ୧୧%କୁ ବଢ଼ିବ ବୋଲି ଏହି ଏଜେନ୍ସି ରିପୋର୍ଟରେ ପ୍ରକାଶ କରିଛି। ଆସନ୍ତା ବର୍ଷ ସୁଦ୍ଧା କ୍ରେଡିଟ କଷ୍ଟ ୨.୨%ରୁ ୨.୯% ବୃଦ୍ଧି ପାଇବା ନେଇ କୁହାଯାଉଛି। ଅର୍ଥ ବ୍ୟବସ୍ଥା ଉପରେ ରହିଥିବା ଚାପକୁ କମାଇବା ଲାଗି ସରକାରଙ୍କ ବିଭିନ୍ନ ପଦକ୍ଷେପ ଯୋଗଦାନ ରଖିବ। ଅର୍ଥ ବ୍ୟବସ୍ଥାକୁ ଖୋଲିବା, ଏମ୍‌ଏସ୍‌ଏମ୍‌ଇ ଲାଗି କ୍ରେଡିଟ ଗ୍ୟାରେଣ୍ଟି ଅର୍ଥ ବ୍ୟବସ୍ଥା ଲାଗି ଲାଭକାରୀ ହେବ। ୨୦୨୩ ସୁଦ୍ଧା ବ୍ୟାଙ୍କିଙ୍ଗ କ୍ଷେତ୍ରର ଦକ୍ଷତା ଫେରିବା କଷ୍ଟକର ବୋଲି ରିପୋର୍ଟରେ କୁହାଯାଇଛି। ବ୍ୟାଙ୍କ ପ୍ରାୟ ୩ରୁ ୮% ଋଣ ପୁନର୍ଗଠନ କରିପାରନ୍ତି। ଇକ୍ୱିଟିକୁ ଉନ୍ନତ କରିବା ଲାଗି ଅଣ ବ୍ୟାଙ୍କ ବିତ୍ତ ପ୍ରତିଷ୍ଠାନଗୁଡ଼ିକ ସେମାନଙ୍କ ବାଲାନ୍ସ ସିଟ୍‌ରେ ଉନ୍ନତୀକରଣ କରିବେ। ସେହିଭଳି ପୁଞ୍ଜି ଗଚ୍ଛିତ କରି ରଖିବା, କୋଭିଡ୍ ଯୋଗୁ ଉପୁଜିଥିବା ସ୍ଥିତିରେ କାରବାରକୁ ଉନ୍ନତ କରିବା ଲାଗି ପ୍ରସ୍ତୁତି କ୍ଷତିକୁ ହ୍ରାସ କରିବା ଦିଗରେ ସହାୟକ ହେବ। ଏନ୍‌ବିଏଫ୍‌ସିର ସ୍ଥିତିରେ ଉନ୍ନତି ଆସୁଥିବା ଏହା ମତ ରଖିଛି।

# ଲ୍ୟାଣ୍ଡଲାଇନରୁ କଲ୍ ତରିକା ବଦଳିବ

ନୂଆଦିଲ୍ଲୀ,୨୪।୧୧

ଜାନୁୟାରୀ ପହିଲାରୁ ଲ୍ୟାଣ୍ଡଲାଇନରୁ କଲ୍‌ର ତରିକା ବଦଳିବ। ସାରା ଦେଶରେ ଲୋକଙ୍କୁ ଲ୍ୟାଣ୍ଡଲାଇନରୁ ମୋବାଇଲକୁ ଫୋନ କରିବାକୁ ହେଲେ ନମ୍ବର ପୂର୍ବରୁ ଶୂନ ଲଗାଇବାକୁ ପଡ଼ିବ। ଏ ନେଇ ଭାରତୀୟ ଟେଲିକମ ନିୟାମକ କର୍ତ୍ତୃପକ୍ଷ(ଟ୍ରାଇ) ଟେଲିକମ୍ ବିଭାଗକୁ ପ୍ରସ୍ତାବ ଦେଇଥିଲା। ଏହି ପ୍ରସ୍ତାବକୁ ଟେଲିକମ୍ ବିଭାଗ ବିଚାରକୁ ନେଇଛି। ୨୯ ମେ ୨୦୨୦ରେ ଟ୍ରାଇ ଏ ସଂକ୍ରାନ୍ତ ପ୍ରସ୍ତାବ ଦେଇଥିଲା। ଏହାଦ୍ୱାରା ଟେଲିକମ ସେବା ଯୋଗାଉଥିବା କମ୍ପାନୀଗୁଡ଼ିକୁ ଅଧିକ ନମ୍ବର ବନାଇବା ସୁବିଧା ହେବ। ଚଳିତ ମାସ ୨୦ରେ ଟେଲିକମ ବିଭାଗ ଜାରି କରିଥିବା ଏକ ଚିଠିରେ କହିଛି ଯେ, ଟ୍ରାଇ ପ୍ରସ୍ତାବକୁ ବିଚାରକୁ ନିଆଯାଇଛି। ଏହାଦ୍ୱାରା ମୋବାଇଲ ଏବଂ ଲ୍ୟାଣ୍ଡଲାଇନ ଲାଗି ପର୍ଯ୍ୟାପ୍ତ ସଂଖ୍ୟକ ନମ୍ବର ବନାଇବା ସହଜ ହେବ ବୋଲି ବିଭାଗ କହିଛି।



# ୬୯ ହଜାର ପେଟ୍ରୋଲ ପମ୍ପ୍‌ରେ ରହିବ ଇ-ଚାର୍ଜିଂ ଷ୍ଟେଶନ



**ନୂଆଦିଲ୍ଲୀ,୨୪।୧୧:** ସାରା ଦେଶର ୬୯ ହଜାର ପେଟ୍ରୋଲ ପମ୍ପରେ ଅନ୍ତତଃ ପକ୍ଷେ ଗୋଟିଏ ଲେଖାଏ ଇ-ଚାର୍ଜିଂ ଷ୍ଟେଶନ ସ୍ଥାପନ କରିବା ଲାଗି କେନ୍ଦ୍ର ସରକାର ଯୋଜନା ରଖିଛନ୍ତି। କେନ୍ଦ୍ର ସଡକ ଏବଂ ପରିବହନ ମନ୍ତ୍ରୀ ନୀତିନ ଗଡକରୀ ଏ ନେଇ ମଙ୍ଗଳବାର ସୂଚନା ଦେଇଛନ୍ତି। ପ୍ରଦୂଷଣକୁ କମାଇବା ଦିଗରେ ଅଟୋମୋବାଇଲ କମ୍ପାନୀଗୁଡ଼ିକ ମିଳିତ ହୋଇ କାମ କରିବାର ଆବଶ୍ୟକତା ରହିଛି। ଏ ଦିଗରେ କମ୍ପାନୀଗୁଡ଼ିକ ଆଗେଇ ଆସିବାକୁ ଗଡକରୀ ଆହ୍ୱାନ ଜଣାଇଛନ୍ତି। ଇଲେକ୍ଟ୍ରିକ ମୋବିଲିଟିର ଏକ ଭର୍ଚୁଆଲ କନ୍‌ଫରେନ୍ସରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି ଯେ, ଆମଦାନୀ ଉପରେ ନିର୍ଭରତା କମାଇବା ଲାଗି ଶିଳ୍ପ ଲିଡରମାନେ ସ୍ଥାନୀୟ ଆନୁଷଙ୍ଗିକ ଶିଳ୍ପଗୁଡ଼ିକୁ ପ୍ରୋତ୍ସାହିତ କରିବା ଉଚିତ। ସାରା ଦେଶରେ ଇ-ଯାନ ଚଳାଚଳକୁ ସରକାର ଉତ୍ସାହିତ କରୁଛନ୍ତି। ଏ ନେଇ ବର୍ତ୍ତମାନ ଏକ ଇକୋସିଷ୍ଟମ ଗଠନ କରିବା ଦିଗରେ କାର୍ଯ୍ୟକ୍ରମ ଜାରି ରହିଛି। ଇ-ମୋବିଲିଟି ବ୍ୟାଟେରି ଚାର୍ଜିଂ ବ୍ୟବସ୍ଥା ଏକ ପ୍ରମୁଖ କାମ। ବର୍ତ୍ତମାନ କେବଳ ମେଟ୍ରୋ ସହରଗୁଡ଼ିକରେ ଏଭଳି ସୁବିଧା ରହିଥିବା ସେ ମତ ଦେଇଛନ୍ତି।

# ୪୪୬ ପଏଣ୍ଟ ବଢ଼ିଲା ସେନ୍‌ସେକ୍ସ

ନୂଆଦିଲ୍ଲୀ,୨୪।୧୧

ମଙ୍ଗଳବାର ଦେଶର ପୁଞ୍ଜିବଜାରରେ କାରବାର ଉନ୍ନତ ରହିଛି। ବମ୍ବେ ଷ୍ଟକ ଏକ୍ସଚେଞ୍ଜ(ବିଏସ୍‌ଇ)ର ସେନ୍‌ସେକ୍ସ ଏହି ସମୟରେ ପ୍ରାୟ ୪୪୬ ପଏଣ୍ଟ ବଢ଼ିଥିବା ନଜରକୁ ଆସିଛି। ବିଶ୍ୱ ବଜାରରେ କାରବାର ଉନ୍ନତ ହେବା ଯୋଗୁ ବିଏସ୍‌ଇରେ ଷ୍ଟକ୍ କାରବାର ବେଶ୍ ଉନ୍ନତ ହୋଇଛି। ଦିନ ମଧ୍ୟରେ ସେନ୍‌ସେକ୍ସ ୪୪,୬୦୨ ପଏଣ୍ଟକୁ ବଢ଼ିଥିଲା। ବିଏସ୍‌ଇ ସୂଚକାଙ୍କ ୪୪୬ ପଏଣ୍ଟ(୧.୦୧%) ବଢ଼ିବା ଯୋଗୁ କାରବାର ଶେଷ ବେଳକୁ ଏହା ୪୪,୫୨୩ ପଏଣ୍ଟ ସ୍ତରରେ ରହିଛି। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ୧୨୯ ପଏଣ୍ଟ ଉଚ୍ଚରେ ରହି ୧୩,୦୫୫ ପଏଣ୍ଟ ସ୍ତରରେ ରହିଛି।

ଆକ୍ସିସ ବ୍ୟାଙ୍କ, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଆଇଟିସି ଏସ୍‌ବିଆଇ, ଆଇସିଆଇସିଆଇ ବ୍ୟାଙ୍କର ଷ୍ଟକ୍ କାରବାର ବେଶ୍ ଭଲ ରହିଥିବା ନଜରକୁ ଆସିଛି। ଏଚ୍‌ଡିଏଫ୍‌ସି, ଟାଇଟାନ, ନେସ୍‌ଲେ ଇଣ୍ଡିଆ, ଭାରତୀ ଏୟାରଟେଲ, ଓଏନ୍‌ଜିସି ଭଳି କମ୍ପାନୀ କାରବାର କ୍ଷତି ସହିଛନ୍ତି। ଏନ୍‌ଏସ୍‌ଇ ପ୍ଲାଟ୍‌ଫର୍ମରେ ବ୍ୟାଙ୍କ, ଘରୋଇ ବ୍ୟାଙ୍କ, ଅଟୋ, ଫାଇନାନ୍ସିଆଲ ସର୍ଭିସ୍‌ର ଶେୟାର ଭଲ କାରବାର ହାସଲ କରିଛି। କୋଭିଡ୍ ୧୯ ଟିକା ଆସିବା ଖବର ବଜାରରେ ଆଶା ଭରି ଦେଇଛି। ସେହିଭଳି ଅର୍ଥ ବ୍ୟବସ୍ଥାଗୁଡ଼ିକୁ ଖୋଲିବା ଲାଗି ପଦକ୍ଷେପ ନିଆଯାଉଥିବାରୁ ଏହା ନିବେଶକଙ୍କ ଉପରେ ସକାରାତ୍ମକ ମନୋଭାବ ସୃଷ୍ଟି କରିଛି।

# ୧୨ ଶହ ଟଙ୍କା କମିଲା ସୁନା

ଭୁବନେଶ୍ୱର,୨୪।୧୧



ମଙ୍ଗଳବାର ସୁନା ଦର ୧୨ ଶହ ଟଙ୍କା ହ୍ରାସ ଘଟିଛି। ଫଳରେ ଭୁବନେଶ୍ୱର ଓ ଏହାର ଦର ୪୯,୪୨୦ ଟଙ୍କା ସ୍ତରକୁ ଖସିଛି। ସପ୍ତାହ ମଧ୍ୟରେ ସୁନା ଦର ପ୍ରାୟ ପ୍ରାୟ ୩୨ ଶହରୁ ୩୫ ଶହ ଟଙ୍କା କମିଛି। ଏହା ପୂର୍ବରୁ ସୁନା ଏବଂ ରୁପା ଦରରେ ଲଗାତର ବୃଦ୍ଧି ହୋଇ ଆସୁଥିଲା। ସାରା ଦେଶରେ ସୁନା ପ୍ରାୟ ୧ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହ୍ରାସ ହୋଇଛି। ସେହିଭଳି ରୁପା ଦର କିଲୋ ପିଛା ୧୫୮୮ ଟଙ୍କା ହ୍ରାସ ହୋଇଛି। କିଛି ସ୍ଥାନରେ ସୁନା ଦର ୪୯ ହଜାରଠାରୁ ନିମ୍ନରେ ରହିଛି। ଏହାବାଦ ରୁପା ଦର ୫୯,୩୦୧ ସ୍ତରକୁ ଖସିଥିବା ଜଣାପଡ଼ିଛି। ବିଶ୍ୱ ବଜାରରେ ସୁନା ଦର କମିବା ଯୋଗୁ ଭାରତ ବଜାରରେ ଦରରେ ଏଭଳି ପରିବର୍ତ୍ତନ ଆସିଛି। କରୋନା ଭାକ୍ସିନ ଆସିବା ନେଇ ଆଶା ଜନ୍ମିବାରୁ ସୁନା ଦର ହ୍ରାସ ହେଉଥିବା ବିଶେଷଜ୍ଞ କହିଛନ୍ତି। ସୂଚନାଯୋଗ୍ୟ, ଅନ୍ତର୍ଜାତୀୟ ବଜାରରେ ସୁନା ଦର ପ୍ରାୟ ୨% ହ୍ରାସ ହୋଇଛି।


## ନିଲାମ ଇସ୍ତାହାର

**No. MM-89:-** ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଧୀନରେ ଥିବା କାକୁ ଜଙ୍ଗଲରୁ କାକୁମଞ୍ଜି, ୨୦୨୦-୨୧ (୨୦୨୧ ମସିହା) ସଂଗ୍ରହ କରିବା ନିମନ୍ତେ କାକୁ ଜଙ୍ଗଲ ଗୁଡ଼ିକ ନିମ୍ନଲିଖିତ ତାରିଖରେ ପ୍ରକାଶ୍ୟଭାବେ ନିଲାମ କରାଯିବ। ନିଲାମ ଦିନ ବିକ୍ରୟ ହୋଇ ନ ଥିବା ତଥା ନାକଚ, ବାଜ୍ୟାପ୍ତି ଓ ଅନ୍ୟାନ୍ୟ ଲଟ୍‌ଗୁଡ଼ିକ ଅତିରିକ୍ତ ନିଲାମ ଦ୍ୱାରା ବିକ୍ରୟ କରାଯିବ। ଇଚ୍ଛୁକ ବ୍ୟକ୍ତିବିଶେଷ ତଥା ଅନୁଷ୍ଠାନ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରେ ନିର୍ଦ୍ଧାରିତ ତାରିଖ ତଥା ସମୟରେ ନିମ୍ନୋକ୍ତ ପ୍ରଣାଳୀ ମାଧ୍ୟମରେ ଯୋଗଦାନ କରିପାରିବେ।

ନିଲାମ ଠିକା ପଦ୍ଧତି ସମ୍ବନ୍ଧୀୟ ସବିଶେଷ ବିବରଣୀ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ, ଗୋପୀନାଥପୁର, ବାଲୁଗାଁ, ଜିଲ୍ଲା- ଖୋର୍ଦ୍ଧାଙ୍କ କାର୍ଯ୍ୟାଳୟରେ ଇସ୍ତାହାର ପ୍ରକାଶ ହେବା ଦିନଠାରୁ ପ୍ରତ୍ୟେକ କାର୍ଯ୍ୟଦିବସରେ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା ସମୟ ମଧ୍ୟରେ ମିଳିପାରିବ। ନିର୍ଦ୍ଧାରିତ ଅମାନତ ଜମା ଏବଂ ଗୋଟିଏ ଫଟୋଗ୍ରାଫ ତଥା ସଲ୍‌ଭେନ୍‌ସି ପ୍ରମାଣପତ୍ର ନିଲାମ ତାରିଖର ଦୁଇ ଦିନ ପୂର୍ବରୁ ଉକ୍ତ କାର୍ଯ୍ୟାଳୟରେ ଦାଖଲ କରି ନିଲାମରେ ଅଂଶଗ୍ରହଣ କରିପାରିବେ।

| ନିଲାମ ତାରିଖ | ନିଲାମ ସ୍ଥାନ | କେଉଁ ଅଞ୍ଚଳର ଜଙ୍ଗଲ | ସମୟ |
|---|---|---|---|
| ତା ୧୪।୧୨।୨୦୨୦ | ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଗୋପୀନାଥପୁର, ବାଲୁଗାଁ | ରମ୍ଭା ବନ୍ୟପ୍ରାଣୀ ବନକ୍ଷେତ୍ର | ଦିବା ୧୧ ଘଟିକା |

### ଅତିରିକ୍ତ ନିଲାମ

ବିକ୍ରୟ ହୋଇ ନ ଥିବା ତଥା ନାକଚ, ବାଜ୍ୟାପ୍ତି ଓ ଅନ୍ୟାନ୍ୟ ଲଟମାନ ନିମ୍ନଲିଖିତ ଦିନମାନଙ୍କରେ ପ୍ରକାଶ୍ୟ ନିଲାମ କରାଯିବ।

| ନିଲାମ ତାରିଖ | ନିଲାମ ସ୍ଥାନ | କେଉଁ ଅଞ୍ଚଳର ଜଙ୍ଗଲ | ସମୟ |
|---|---|---|---|
| ତା ୨୧।୧୨।୨୦୨୦<br>ତା ୨୮।୧୨।୨୦୨୦ | ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଗୋପୀନାଥପୁର, ବାଲୁଗାଁ | ରମ୍ଭା ବନ୍ୟପ୍ରାଣୀ ବନକ୍ଷେତ୍ର | ଦିବା ୧୧ ଘଟିକା |

OIPR-08015/11/0002/2021 **ସ୍ୱା./- ବନଖଣ୍ଡ ଅଧିକାରୀ, ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ, ବାଲୁଗାଁ**



## CUTTACK MUNICIPAL CORPORATION
### TENDER CALL NOTICE
No.9791/Dt.24.11.2020

Cuttack Municipal Corporation invites sealed tenders from interested Agencies/NGO/Caterer/Food Business Operators/Individuals for supplying diet to dogs under Animal Birth Control Programme for the year 2020-21.

The details can be downloaded from the official website: www.cmccuttack.gov.in. The last date of submission of tender documents is upto 4.00 P.M. dt.04.12.2020.

**Sd./- Commissioner**
**Cuttack Municipal Corporation**



## ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
O/o . GENERAL MANAGER (ELECT.), EHT O&M CIRCLE, BURLA
OPTCL Lifeline of Odisha
No. CAD-805 CIN: U40102OR2004SGC007553

### OPEN TENDER NOTICE NO.-BRL-16/2020-21

For and on behalf of OPTCL, General Manager(El.), EHT O&M Circle, Burla invites tenders from reputed manufacturers/authorized distributors/ dealers having valid dealership certificate, PAN, GST Registration certificate, for **"Supply of different types of Fire Extinguishers for different Grid S/S under EHT O&M Division, Barpali"** in single part bidding system.

**Cost of the tender paper:** Rs.4480/-(Non refundable, Including GST)
**EMD:**@1% of quoted value.
**Sale of Tender Paper** :26.11.2020(10.00Hr.)to 03.12.2020(17.00Hr.)
**Last date of submission:**04.12.2020(Up to 13.00Hr.)
**Date of Tender opening:** 04.12.2020 at 17.00Hr.
For more details/corrigendum please visit : www.optcl.co.in.
FIPR-34/2020-21 **OIPR-04011/11/0048/2021** Sd/-**GM (Elect.)**


# ନୂଆ ବ୍ୟାଙ୍କିଙ୍ଗ୍ ପ୍ରସ୍ତାବକୁ ରାହୁଲ ଗାନ୍ଧୀଙ୍କ ସମାଲୋଚନା

**ନୂଆଦିଲ୍ଲୀ,୨୪।୧୧:** କର୍ପୋରେଟ ହାଉସ୍‌ଗୁଡ଼ିକ ଦେଶ ମଧ୍ୟରେ ବ୍ୟାଙ୍କ ସ୍ଥାପନା ଲାଗି ରିଜର୍ଭ ବ୍ୟାଙ୍କର ଏକ ଆନ୍ତଃ କାର୍ଯ୍ୟକାରୀ କମିଟି ନିକଟରେ ପ୍ରସ୍ତାବ ଦେଇଛି। ଏଭଳି ପ୍ରସ୍ତାବକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। କର୍ପୋରେଟ ହାଉସ୍‌ଗୁଡ଼ିକ ଏ କ୍ଷେତ୍ରରେ ସୁଯୋଗ ଦେବା ପ୍ରସ୍ତାବକୁ ରିଜର୍ଭ ବ୍ୟାଙ୍କ ପୂର୍ବତନ ଗଭର୍ନର ରଘୁରାମ ରାଜନ ଏବଂ ପୂର୍ବତନ ଡେପୁଟି ଗଭର୍ନର ବିରଳ ଆଚାର୍ଯ୍ୟ ସମାଲୋଚନା କରିଥିଲେ। ସେମାନଙ୍କ ପରେ ପରେ ରାହୁଲ ଗାନ୍ଧୀ ଏହି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ରାହୁଲ କହିଛନ୍ତି, କ୍ରୋନୋଲୋଜିକୁ ବୁଝିବାକୁ ହେବ। ପ୍ରଥମେ ବଡ଼ କମ୍ପାନୀଗୁଡ଼ିକର ଋଣକୁ ସରକାର ମାଫ୍ କରିଛନ୍ତି। ଏହା ପରେ ବଡ କମ୍ପାନୀଗୁଡ଼ିକ ଲାଗି ବୃହତ୍ ପରିମାଣର ଟିକସ କାଟ ହୋଇଛି। ମାତ୍ର ସରକାର ଏତିକିରେ ନ ଅଟକି ବର୍ତ୍ତମାନ ଲୋକଙ୍କ ଟଙ୍କା କର୍ପୋରେଟ ହାଉସ୍‌ଗୁଡ଼ିକ ହାତରେ ଟେକିଦେବାକୁ ଚାହୁଁଛନ୍ତି। ସୁଟ୍‌ବୁଟ୍‌ର ସରକାର ଏଭଳି କରୁଥିବା କହି ରାହୁଲ କଟାକ୍ଷ କରିଛନ୍ତି।

# ବିଶ୍ୱର ଦ୍ୱିତୀୟ ଧନୀଶାଳୀ ହେଲେ ଏଲନ୍ ମସ୍କ

**ନୂଆଦିଲ୍ଲୀ,୨୪।୧୧:** ଟେସ୍‌ଲା କମ୍ପାନୀର ମୁଖ୍ୟ ଏଲନ୍ ମସ୍କ ବିଶ୍ୱର ଦ୍ୱିତୀୟ ଧନୀ ବ୍ୟକ୍ତି ସ୍ଥାନ ହାସଲ କରିଛନ୍ତି। ଏହି ସ୍ଥାନରେ ମାଇକ୍ରୋସଫ୍ଟର ସହ ପ୍ରତିଷ୍ଠାତା ବିଲ୍ ଗେଟ୍‌ସ ରହିଥିଲେ। ଏଲନ୍ ମସ୍କ ତାଙ୍କୁ ଟପି ବିଶ୍ୱର ଦ୍ୱିତୀୟ ଧନୀ ବ୍ୟକ୍ତି ହୋଇଛନ୍ତି। ବ୍ଲୁମ୍‌ବର୍ଗ ପକ୍ଷରୁ ପ୍ରକାଶିତ ବିଶ୍ୱର ଧନୀଶାଳୀ ବ୍ୟକ୍ତିଙ୍କ ସୂଚୀ ମୁତାବକ ମସ୍କଙ୍କ ସମ୍ପତ୍ତିର ମୂଲ୍ୟ ପ୍ରାୟ ୧୨୮ ବିଲିୟନ ଡଲାର (୯.୪୭ ଲକ୍ଷ କୋଟି ଟଙ୍କା) ରହିଛି। ଏହି ତାଲିକାର ପ୍ରଥମ ସ୍ଥାନରେ ଆମାଜନ ସିଇଓ ଜେଫ୍ ବେଜୋସ ରହିଛନ୍ତି। ବେଜୋସଙ୍କ ନିକଟରେ ୧୮୨ ବିଲିୟନ ଡଲାର(୧୩.୪୭ ଲକ୍ଷ କୋଟି ଟଙ୍କା) ରହିଥିବା ରିପୋର୍ଟରୁ ଜଣାପଡ଼ିଛି। ପ୍ରତିଦିନ ହେଉଥିବା ଆୟକୁ ବିଚାରକଲେ ମସ୍କ ସମସ୍ତଙ୍କୁ ଟପିଯାଇଛନ୍ତି। ଚଳିତ ବର୍ଷ ତାଙ୍କ ସମ୍ପତ୍ତିରେ ୧୦୦ ବିଲିୟନ ଡଲାର ବୃଦ୍ଧି ଘଟିଛି। ୨୦୨୦ରେ ସେ ପ୍ରତିଦିନ ୨.୨୫ ହଜାର କୋଟି ସମ୍ପତ୍ତି ଯୋଡ଼ିଛନ୍ତି। ଟେସ୍‌ଲାର ଶେୟାର କାରବାର ବଢ଼ିବା ଯୋଗୁ ଏଭଳି ସ୍ଥିତି ଉପୁଜିଛି।

# ପ୍ରାଇମ୍ ରେସିଡେନ୍ସିଆଲ ମାର୍କେଟ ତାଲିକାରେ ଦିଲ୍ଲୀ, ମୁମ୍ବାଇ

**ନୂଆଦିଲ୍ଲୀ,୨୪।୧୧:** ବିଶ୍ୱର ପ୍ରାଇମ୍ ରେସିଡେନ୍ସିଆଲ ମାର୍କେଟ ବା ବିଳାସପୂର୍ଣ୍ଣ ପ୍ରପର୍ଟି ବଜାର ତାଲିକାରେ ନୂଆଦିଲ୍ଲୀ ୨୭ତମ,ମୁମ୍ବାଇ ୩୩ ଏବଂ ବାଙ୍ଗାଲୋର ୩୪ ତମ ସ୍ଥାନରେ ରହିଛି। ସାରା ବିଶ୍ୱର ଦାମୀ ପ୍ରପର୍ଟି କ୍ଷେତ୍ରରେ ମୂଲ୍ୟ ବୃଦ୍ଧିକୁ ନେଇ ନାଇଟ ଫ୍ରାଙ୍କ ନାମକ ସଂସ୍ଥା ଏହି ତାଲିକା ପ୍ରସ୍ତୁତ କରିଥାଏ। ଏହି ସୂଚୀରେ ୧୨.୯% ମୂଲ୍ୟ ବୃଦ୍ଧି ସହ ଅଷ୍ଟ୍ରେଲିଆର ଅକ୍‌ଲାଣ୍ଡ ଅଞ୍ଚଳ ପ୍ରଥମ ସ୍ଥାନରେ ରହିଛି। ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ମାନିଲା ଏବଂ ସେଞ୍ଜହେନ୍ ରହିଛି। ଏଠାରେ ୧୦.୨% ଏବଂ ୮.୯% ମୂଲ୍ୟ ବୃଦ୍ଧି ଘଟିଥିବା ଜଣାପଡ଼ିଛି। ଚଳିତ ବର୍ଷର ତୃତୀୟ ତ୍ରୈମାସ ଲାଗି ନାଇଟ ଫ୍ରାଙ୍କ ପ୍ରାଇମ ଗ୍ଲୋବାଲ ସିଟି ଇଣ୍ଡେକ୍ସ ପ୍ରକାଶ କରିଛି। ଦ୍ୱିତୀୟ ତ୍ରୈମାସରେ ବାଙ୍ଗାଲୋର ଏବଂ ଦିଲ୍ଲୀ ୨୬ ଏବଂ ୨୭ତମ ସ୍ଥାନରେ ରହିଥିଲା। ଏହି ସମୟରେ ମୁମ୍ବାଇ ୩୨ ତମ ସ୍ଥାନରେ ରହିଥିଲା।


## DISTRICT PROJECT OFFICE
## SAMAGRA SIKSHYA (SS), JAGATSINGHPUR
Email : dpcjspurssa.opepa@nic.in

### QUOTATION CALL NOTICE

Sealed quotations in plain papers are invited from the suppliers / frims to supply and install CCTV and other accessories at DPO, SS, Jagatsinghpur. The quotations should reach the undersigned (Only by means of Speed Post/Courier) on or before 12 Noon on 02.12.2020 and shall be opened on the same day at 1.00 PM at DPO, SS, Jagatsinghpur in presence of bidders or thier authorised representatives. The bidder shall have valid GST and a EMD of Rs. 1500.00 shall be paid only through DD drawn in favour of District Project Co-ordinator, SS, Jagatsinghpur payable at Jagatsinghpur. For details regarding specification pl refer the Office Notice No. 1900/ Dated 23.11.2020 in District NIC Website and DPO Notice Board.

**Sd./- District Project Co-ordinator**
**SS, Jagatsinghpur**



## COLLECTORATE, MALKANGIRI
## (ST & SC DEV. SECTION)
e-mail: mkgdwo@gmail.com, Phone No. 06861-230408
No. 1614/IV-8/2020 Date: 24.11.2020

### AUCTION SALE NOTICE

Sealed tender is hereby invited from the intending bidders for purchase of condemned vehicle No. OR-10 D 9969 (Mahindra Commander, Model - 2006) of District Welfare Officer, Malkangiri through Speed Post on or before Dt.08.12.2020 by 5.30 P.M.
Tender paper received beyond the time limit shall not be considered. For details of application with term and condition log on to **www.malkangiri.nic.in**.

**Sd./- District Welfare Officer, Malkangiri**



## ପୌରପାଳିକା କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା
### ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଆମର ସଫଳତା ଓ ଲକ୍ଷ୍ୟ

ଓଡ଼ିଶାର ସର୍ବ ପୁରାତନ ତଥା ଐତିହାସିକ ପୌରସଂସ୍ଥା ଆପଣମାନଙ୍କୁ ପବିତ୍ର ଗଜଲକ୍ଷ୍ମୀ ପୂଜା ୨୦୨୦ ଉପଲକ୍ଷେ ଅଭିନନ୍ଦନ ଜଣାଉଅଛି। କେନ୍ଦ୍ରାପଡ଼ା ସହରକୁ ଏକ ଆଦର୍ଶ ସହରରେ ପରିଣତ କରିବା ପାଇଁ ପୌରସଂସ୍ଥା ତରଫରୁ ନିମ୍ନଲିଖିତ କାର୍ଯ୍ୟଗୁଡ଼ିକର ଉନ୍ନତି ନିମନ୍ତେ ସହଯୋଗ କାମନା କରୁଅଛି।

୧. କୋଭିଡ୍-୧୯ ସଂକ୍ରମଣ ରୋକିବା ନିମନ୍ତେ ପ୍ରତ୍ୟେକ ୱାର୍ଡ଼ରେ ନିୟମିତ ଭାବେ କୋଭିଡ୍ ପରୀକ୍ଷା କରାଯାଉଅଛି।
୨. ପୌରପାଳିକାର ଗୃହ ଓ ଆଲୋକ ଟିକସ ତଥା ବ୍ୟବସାୟିକ ଟିକସ ପ୍ରତ୍ୟେକ ବର୍ଷ ଠିକ୍ ସମୟରେ ପଇଠ କରନ୍ତୁ।
୩. ପୌରପାଳିକା ଦ୍ୱାରା ନିର୍ମିତ ଟାଉନ୍ ହଲ୍, କଲ୍ୟାଣ ମଣ୍ଡପ ଏବଂ କମ୍ୟୁନିଟି ହଲ୍‌ରେ ସଭା କିମ୍ବା ଆନୁଷ୍ଠାନିକ କାର୍ଯ୍ୟ ନିମନ୍ତେ ସୁଯୋଗ ନିଅନ୍ତୁ।
୪. ହଜାରିବଗିଚାସ୍ଥିତ ରାତ୍ର ଆଶ୍ରୟ ସ୍ଥଳୀ ସମ୍ପୂର୍ଣ୍ଣ କରାଯାଇଅଛି। ଏହାର ସଦୁପଯୋଗ କରନ୍ତୁ।
୫. ୩୫ ଲକ୍ଷ ଟଙ୍କା ବ୍ୟୟରେ ୨ ଗୋଟି ନୂତନ ପାର୍କ ନିର୍ମାଣ ଓ କେନ୍ଦ୍ରାପଡ଼ା ମହାବିଦ୍ୟାଳୟ ନିକଟସ୍ଥ ବିଜୁ ପଟ୍ଟନାୟକ ପାର୍କର ନିର୍ମାଣ କାର୍ଯ୍ୟ ଚାଲୁଅଛି।
୬. ୭୧ ଲକ୍ଷ ଟଙ୍କା ବିନିମୟରେ ଉଦୟନଗରଠାରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ନିମନ୍ତେ ଟେଣ୍ଡର ଆହ୍ୱାନ କରାଯାଇ ଏହାର ଚୂଡ଼ାନ୍ତ ପଦକ୍ଷେପ ନିମନ୍ତେ ସରକାରଙ୍କୁ ପ୍ରେରଣ କରାଯାଇଅଛି।
୭. ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧୨୦୦ ଜଣ ହିତାଧିକାରୀଙ୍କର ଗୃହ ନିର୍ମାଣ କାର୍ଯ୍ୟ ଚାଲୁଅଛି।
୮. ୨ କୋଟି ୭୨ ଲକ୍ଷ ଟଙ୍କା ବ୍ୟୟରେ ମହାଭୋଇ ପୁଷ୍କରିଣୀର ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ଟେଣ୍ଡର ଆହ୍ୱାନ କରାଯାଇ କାର୍ଯ୍ୟ ଚାଲୁଅଛି।

ଶ୍ରୀଯୁକ୍ତ ଦେବ ପ୍ରସାଦ ବଳ, ନିର୍ବାହୀ ଅଧିକାରୀ, କେନ୍ଦ୍ରାପଡ଼ା ପୌରପାଳିକା
ଶ୍ରୀଯୁକ୍ତ ଜ୍ୟୋତିଶଙ୍କର ମହାପାତ୍ର, ଓ.ପ୍ର.ସେ. (ଏସ୍.ବି), ଉପଜିଲ୍ଲାପାଳ, କେନ୍ଦ୍ରାପଡ଼ା



## OFFICE OF THE
## ASKA COOP. SUGAR INDUSTRIES LTD., NUAGAM (ASKA)
P.O.: Nuagam (Aska) - 761111, Ganjam District, Odisha
Phones: 06822-273464, e-mail: askasugar@yahoo.co.in
website: askasugar.com

### QUOTATION CALL NOTICE

No. Mktg./4352 Date: 24.11.2020

The Aska Cooperative Sugar Industries Ltd., at Nuagam (Aska) in Ganjam District of Odisha State intends to procure the **Extra Neutral Alcohol (ENA)** till 31.03.2021 for production of country Liquor. Please visit our website: **www.askasugar.com** for detailed QUOTATION CALL NOTICE. The last date for submission of tender till 5.00 P.M. of 09.12.2020 and the same will be opened at 11.30 A.M. on 10.12.2020.

**Sd./- Managing Director**



## ପ୍ରଗତି ପଥେ ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି

- ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାଗୁଡ଼ିକର ସଫଳ ରୂପାୟନ ନିମନ୍ତେ ବିଡିଓ ସର୍ବଦା କାର୍ଯ୍ୟରତ ।
- ମହାମାରୀ କରୋନା ପରିଚାଳନା କରିବାରେ ବ୍ଲକ୍ କର୍ମଚାରୀ, ଅଧିକାରୀମାନଙ୍କ ପଦକ୍ଷେପ ସ୍ୱାଗତଯୋଗ୍ୟ ।
- ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ସାମାଜିକ ସୁରକ୍ଷା, ଖାଦ୍ୟ ସୁରକ୍ଷା ବଣ୍ଟନ, ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସୁପରିଚାଳନା ।
- ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଏବଂ ସୁରକ୍ଷା ଯୋଗାଇଦେବାରେ ରାଜ୍ୟ ସରକାରଙ୍କ ମିଶନ ଶକ୍ତିର କାର୍ଯ୍ୟକାରିତା କରିବାରେ ସଫଳ ପଦକ୍ଷେପ ।

— ଧନ୍ୟବାଦ ସହ —

| ବ୍ଲକ ଅଧକ୍ଷା | ଉପାଧକ୍ଷ | ବ୍ଲକ ଉନ୍ନୟନ ଅଧିକାରୀ |
|---|---|---|
| ଜ୍ୟୋତିର୍ମୟୀ ବେହେରା | ସୁଶାନ୍ତ କୁମାର ଦାସ | ଭରତ ଚନ୍ଦ୍ର ପରିଡ଼ା |
| ପଞ୍ଚାୟତ ସମିତି, ପଟ୍ଟାମୁଣ୍ଡାଇ | ପଞ୍ଚାୟତ ସମିତି, ପଟ୍ଟାମୁଣ୍ଡାଇ | ବିଡିଓ, ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି |



## ପୌର ପରିଷଦ କାର୍ଯ୍ୟାଳୟ, ବେଲପାହାଡ଼
ଫୋନ : ୨୫୦୪୫୮, Email : nacbelpahar@gmail.com, ସଂ. ୨୨୦୮ / ତା. ୨୩.୧୧.୨୦୨୦

### ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କେନ୍ଦ୍ର ପରିଚାଳନା ନିମନ୍ତେ ଆବେଦନ ପତ୍ର

ଏତଦ୍ୱାରା ବେଲପାହାଡ ପୌର ପରିଷଦ ଅନ୍ତର୍ଗତ ସମସ୍ତ ସ୍ୱୟଂ ସହାୟିକ ଗୋଷ୍ଠି /ଏ.ଏଲ୍.ଏଫ୍‌ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ବେଲପାହାଡ ପୌରପରିଷଦ ଅଧୀନରେ ଥିବା ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କେନ୍ଦ୍ର ପରିଚାଳନା ନିମନ୍ତେ ଆବେଦନ ନିମନ୍ତ୍ରଣ କରାଯାଉଅଛି। ତେଣୁ ଇଚ୍ଛୁକ ଏବଂ ଦକ୍ଷ ସ୍ୱୟଂ ସହାୟିକା ଗୋଷ୍ଠି / ଏ.ଏଲ୍.ଏଫ୍ ମାନେ ତା. ୨୫.୧୧.୨୦୨୦ରିଖରୁ ତା. ୧୦.୧୨.୨୦୨୦ରିଖ ଅପରାହ୍ନ ୩.୦୦ ଘଟିକା ମଧ୍ୟରେ ଆବେଦନ ପତ୍ର ପୂରଣ କରି ଆବଶ୍ୟକ ଦସ୍ତାବିଜ ସହିତ ବନ୍ଦ ଲଫାପାରେ ବେଲପାହାଡ ପୌର ପରିଷଦ କାର୍ଯ୍ୟାଳୟ ଠାରେ ଦାଖଲ କରିବାକୁ ଅବଗତ କରାଗଲା ଓ ଏହି ଆବେଦନ ପତ୍ର ତା. ୧୦.୧୨.୨୦୨୦ରିଖ ଦିନ ଅପରାହ୍ନ ୩.୩୦ ଘଟିକାରେ ଖୋଲା ହେବ। ଏହାର ସବିଶେଷ ତଥ୍ୟ ତଥା ଆବେଦନ ପତ୍ର ସ୍ୱୟଂ ସହାୟିକା ଗୋଷ୍ଠୀ/ଏ.ଏଲ୍.ଏଫ୍ ତାଙ୍କର ପ୍ରମାଣପତ୍ର ଦେଖାଇ ପୌରପରିଷଦର ଗୋଷ୍ଠୀ ସଂଗଠିକା ଓ ପରିମଳ ବିଶେଷଜ୍ଞଙ୍କ ଠାରୁ ସମସ୍ତ କାର୍ଯ୍ୟ ଦିବସରେ ନିଃଶୁଳ୍କ ପ୍ରାପ୍ତ କରିପାରିବେ।
ସ୍ୱୟଂ ସହାୟିକା ଗୋଷ୍ଠୀ/ଏ.ଏଲ୍.ଏଫ୍‌ର ନିମ୍ନଲିଖିତ ଯୋଗ୍ୟତା ଥିବା ଆବଶ୍ୟକ :
୧. ସ୍ୱୟଂ ସହାୟିକା ଗୋଷ୍ଠୀ/ଏ.ଏଲ୍.ଏଫ୍‌କୁ ତା. ୦୧.୧୦.୨୦୨୦ରିଖ ସୁଦ୍ଧା ସର୍ବନିମ୍ନ ଏକ ବର୍ଷ ହୋଇଥିବା ଆବଶ୍ୟକ।
୨. ସ୍ୱୟଂ ସହାୟିକା ଗୋଷ୍ଠୀ/ଏ.ଏଲ୍.ଏଫ୍ ମାନେ ବସ୍ତୁ ପୁନଃପ୍ରାପ୍ତି କେନ୍ଦ୍ରର (ୱାର୍ଡ ନଂ.୧୧)ର ନିକଟବର୍ତ୍ତୀ ଅଞ୍ଚଳର ହୋଇଥିବା ଆବଶ୍ୟକ।
୩. ସ୍ୱୟଂ ସହାୟିକା ଗୋଷ୍ଠୀ / ଏ.ଏଲ୍.ଏଫ୍ ର ଏକ ସକ୍ରିୟ ବ୍ୟାଙ୍କ ଖାତା ଜମାଥିବା ଯେଉଁଥିରେ କି ନିୟମିତ ମାସିକ ସଞ୍ଚୟ ହେଉଥିବ। ଅଣୁ ଜୈବ ପ୍ରସ୍ତୁତି କେନ୍ଦ୍ରର ପରିଚାଳନା ପାଇଁ ଆର୍ଥିକ ଦକ୍ଷତା ଥିବା ଆବଶ୍ୟକ।
୪. ସ୍ୱୟଂ ସହାୟିକା ଗୋଷ୍ଠୀ/ଏ.ଏଲ୍.ଏଫ୍‌ର ନିୟମିତ ସଭା ବିବରଣୀ ଲିପିବଦ୍ଧ ହେଉଥିବା ଏବଂ ଅନ୍ୟାନ୍ୟ ଖାତାପତ୍ର ଅପ୍‌ଡେଟ୍ ଥିବ।
ଉପରୋକ୍ତ ଯୋଗ୍ୟତା ଥିବା ସ୍ୱୟଂ ସହାୟିକା ଗୋଷ୍ଠୀ/ଏ.ଏଲ୍.ଏଫ୍‌କୁ ଅଣୁ ଜୈବ ଖତ ପ୍ରସ୍ତୁତି କେନ୍ଦ୍ରର ପରିଚାଳନା ନିମନ୍ତେ ଗ୍ରେଡିଂ କରାଯାଇ ସର୍ବାଧିକ ମାର୍କ ରଖିଥିବା ସ୍ୱୟଂ ସହାୟିକା ଗୋଷ୍ଠୀ/ଏ.ଏଲ୍.ଏଫ୍‌କୁ ଚୟନ କମିଟି ଦ୍ୱାରା ଚୟନ କରାଯିବ।

ସ୍ୱା./- ନିର୍ବାହୀ ଅଧିକାରୀ, ବେଲପାହାଡ ପୌର ପରିଷଦ



## OFFICE OF THE EXECUTIVE ENGINEER, RWS&S DIVISION, BALASORE
Tel.: 06782-262249, Fax: 262931, email: eerwss_bls@nic.in, eerwssbls@gmail.com
NATIONAL COMPETITIVE BIDDING THROUGH e-Tendering
No. O-585

### Identification No.14 Dt.17.11.2020

| | | |
|---|---|---|
| 1. | Nos. of work | 19 Nos RPWS schemes in Balasore district. |
| 2. | Estimated cost | Rs.15.51 lakhs to Rs.244.44 lakhs |
| 3. | Period of completion | 180 days to 330 days |
| 4. | Availability of bid document in portal | Dt.26.11.2020 at 10.00 hours to 05.12.2020 upto 17.00 hours through online. |
| 5. | Seeking of clarification | Dt.26.11.2020 at 10.00 hours to Dt.03.12.2020 upto 15.00 hours. |
| 6. | Date of opening of bid | Dt.11.12.2020 at 11.00 hours in the O/o EE, RWSS Division, Balasore |
| 7. | Name and address of the Officer Inviting Tender | Executive Engineer, RWS&S Division, Balasore |

Bid cost & bid security will be receipt through electronic payment by NEFT/RTGS.

Further details can be seen from the e-Procurement Portal: http://tendersodisha.gov.in

**Sd./- EXECUTIVE ENGINEER, RWS&S DIVISION, BALASORE**
OIPR-25013/11/0005/2021



## ପୌରପରିଷଦ, ସୁନ୍ଦରଗଡ଼

ଧରିତ୍ରୀ ଖବରକାଗଜର ଜନ୍ମଦିନ ଉପଲକ୍ଷେ ପୌର ପରିଷଦ, ସୁନ୍ଦରଗଡ଼ ତରଫରୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସଙ୍ଗେ ସଙ୍ଗେ ଆସନ୍ତୁ ସମସ୍ତେ ମିଳିମିଶି ସହରକୁ ସଫା ସୁତୁରା ଓ ରଖିବା ସହିତ ସୁନ୍ଦରଗଡ଼ ସହରକୁ ସବୁଜ ସୁନ୍ଦର କରିବା ପାଇଁ ଶପଥ ନେବା।

୧. ଠିକ୍ ସମୟରେ ପୌରପରିଷଦ ଟିକସ ପଇଠ କରନ୍ତୁ। ୨. ନକ୍ସା ଅନୁମୋଦନ କରାଇ ଗୃହ ନିର୍ମାଣ କରନ୍ତୁ। ୩. ବିନା ଲାଇସେନ୍ସରେ କୌଣସି ବ୍ୟବସାୟ କରନ୍ତୁନାହିଁ। ୪. ରାସ୍ତାର ପାଣିକଳ, ଆଲୋକ, ନଳକୂପଗୁଡ଼ିକର ସୁରକ୍ଷା କରନ୍ତୁ। ୫. ସରକାରୀ ଓ ଜନସାଧାରଣ ଜମିକୁ ଜବରଦଖଲ ମୁକ୍ତ ରଖନ୍ତୁ। ୬. ବୃକ୍ଷ ରୋପଣ କରି ପରିବେଶକୁ ନିର୍ମଳ ରଖନ୍ତୁ। ୭. ଗୃହପାଳିତ ପଶୁମାନଙ୍କୁ ରାସ୍ତା ଉପରେ ଏଣେତେଣେ ବୁଲିବା ପାଇଁ ଛାଡନ୍ତୁ ନାହିଁ। ୮. ଅଳିଆ ଆବର୍ଜନା ଏଣେତେଣେ ନ ପକାଇ ନିର୍ଦ୍ଦିଷ୍ଟ ସ୍ଥାନରେ ପକାନ୍ତୁ। ୯. ପ୍ଲାଷ୍ଟିକର ବ୍ୟବହାର କରନ୍ତୁ ନାହିଁ। ୧୦. ଠିକ୍ ସମୟରେ ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ କରାଇ ନିଅନ୍ତୁ। ୧୧. ଶିଶୁ ଶ୍ରମିକଙ୍କୁ କାର୍ଯ୍ୟରେ ନିୟୋଜିତ କରାନ୍ତୁ ନାହିଁ।

**ସ୍ୱା./- ନିର୍ବାହୀ ଅଧିକାରୀ, ସୁନ୍ଦରଗଡ଼ ପୌରପାଳିକା**



## ZILLA SWASTHYA SAMITI, GANJAM
Advt.No.17635 Date:23.11.2020

### NOTICE

In pursuance to the advertisement No.4328 Dtd.24.02.2020, the name of the provisinally shortlisted candidates for empanelment of Lab Technican, YOGA Teacher was published vide No.5357 dtd. 07.03.2020 in the district website https://ganjam.nic.in.

Further provisionally shortlisted candidates of Lab Technicians & Yoga teacher are requested to attend this office (Pragyan Conference Hall), Berhampur on dtd.08.12.2020 at the time mentioned against their name for counselling with all original documents for verification. For more detail district website https://ganjam.nic.in can be referred. Candidates remain absent on the scheduled date will not be considered for further selection process. No TA/DA will be provided for the purpose.

**Sd./- CDM & PHO, Ganjam**
**Berhampur**



## ZILLA SWASTHYA SAMITI, GANJAM
Advt.No.17628 Date:23.11.2020

### NOTICE

Applications are invited from the contractual employees of NHM working in the same post under OSH&FW Society in other district against the vacant post through in house selection. Fresh candidates need not apply.

Interested candidates may log on to https://ganjam.nic.in for details (Vacancies, terms and conditions & application form etc.). Eligible candidates fulfilling the eligibility criteria are to apply in the prescribed application form to the undersigned by Regd. Post/Speed Post on or before 14.12.2020 with all relevant documents. The undersigned is not responsible for any postal delay. Application received after due date will be rejected.

Number of vacancies under this advertisement is provisional which may increase or decrease depending upon the actual vacancy. Time to time notification regarding status of selection process will be web hosted in district website. The undersigned reserves the right to cancel/reject any or all the applications without assigning any reason thereof.

**Sd./- CDM & PHO cum DMD, Ganjam**

# ଭଉଣୀଙ୍କୁ ହତ୍ୟା: ଜେଲଗଲେ ଭାଇ

**ନୟାଗଡ଼ ଅଫିସ,୨୪।୧୧**

■ ଗ୍ରୁପ କରଜ ଟଙ୍କା ମାଗିବା ହେଲା କାଳ
■ ଫାଶୀଦଣ୍ଡ ଦେବାକୁ ବାପା, ବଡ଼ଭାଇଙ୍କ ଦାବି

ଭଉଣୀ ହତ୍ୟା ଘଟଣାରେ ସାନଭାଇ କାମାକ୍ଷା ପ୍ରସାଦ ରାଉତ(୨୪)ଙ୍କୁ ଗଣିଆ ଥାନା ପୋଲିସ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ କାମାକ୍ଷାଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। କାମାକ୍ଷାଙ୍କୁ ଫାଶୀଦଣ୍ଡ ଦେବାକୁ ବାପା ଓ ବଡ଼ଭାଇ ଅନୁରୋଧ କରିଛନ୍ତି।

ସୋମବାର ଭୋର ସମୟରେ ବିଜୟନଗର ଗ୍ରାମରେ ପ୍ରହଲ୍ଲାଦ ରାଉତଙ୍କ ଝିଅ ମମତା(୨୬)ଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କଲେ ଏହା ଅନରକିଲିଂ ପରି ଜଣାପଡୁଥିଲା। ହେଲେ ପୋଲିସ ହତ୍ୟାକାଣ୍ଡର ସୁରାକ ପାଇବା ପରେ ହତ୍ୟାକାରୀଙ୍କ ଯୋଜନା ସ୍ପଷ୍ଟ ହୋଇଥିଲା। ଗଣିଆ ଥାନା ଅଧିକାରୀ ଜୟପ୍ରକାଶ ପରିଡାଙ୍କ ସୂଚନା ଅନୁସାରେ, ମମତା ସ୍ୱୟଂସହାୟିକା ଗୋଷ୍ଠୀରୁ ଭାଇ ପାଇଁ ଟଙ୍କା ଋଣ କରିଥିଲେ। ହେଲେ ଭାଇ କାମାକ୍ଷା ମୂଳ କି ସୁଧ ପରିଶୋଧ କରି ନ ଥିଲେ। ଏଥିପାଇଁ ୩ରୁ ୪ମାସ ହେଲା ଉଭୟଙ୍କ ମଧ୍ୟରେ ବିବାଦ ଉପୁଜିଥିଲା। ଏପରିସ୍ଥଳେ କାମାକ୍ଷା ଭଉଣୀଙ୍କୁ ଜୀବନରେ ମାରିଦେବାକୁ ଯୋଜନା କରିଥିଲେ। ରବିବାର ସନ୍ଧ୍ୟାରେ କାମାକ୍ଷା ସାଙ୍ଗମାନଙ୍କ ସହ ଭୋଜିକରି ଜଣେ ସାଙ୍ଗଙ୍କ ଘରେ ଶୋଇଥିଲେ। ବିଳମ୍ବିତ ରାତିରେ ଘରକୁ ଆସି ଭଉଣୀଙ୍କୁ ହତ୍ୟା କରିଥିଲେ। କଟୁରିରେ ୮ରୁ ୧୦ ଥର ହାଣିଥିଲେ। ରାତି ପ୍ରାୟ ସାଢ଼େ ୧ଟାରେ ମରିଗଲା ପରେ ରକ୍ତଭିଜା ଶାର୍ଟ ବଦଳାଇ ସାଙ୍ଗ ଘରେ ଶୋଇପଡିଥିଲେ। ପରେ ଭଉଣୀଙ୍କୁ କେହି ହତ୍ୟା କରିବା ନେଇ ବାପାଙ୍କ ସହ ଥାନାକୁ ଆସି ଅଭିଯୋଗ କରିଥିଲେ।




# ଦାରିଙ୍ଗବାଡିରେ ବଢ଼ିଲା ଶୀତ

**ଦାରିଙ୍ଗବାଡ଼ି,୨୪।୧୧(ଡି.ଏନ.ଏ)**

ଓଡ଼ିଶାର କଶ୍ମୀର କୁହାଯାଉଥିବା କନ୍ଧମାଳ ଜିଲା ଦାରିଙ୍ଗବାଡ଼ିରେ ଗତ କିଛିଦିନ ହେଲା ମେଘୁଆ ପାଗ ହେଉଥିଲା। ଚଳିତବର୍ଷର ଶୀତ ଆସିବାରେ ବିଳମ୍ବ ହେବା ସହ ତାପମାତ୍ରା ୧୫ ଡିଗ୍ରୀରୁ ଖସୁ ନ ଥିଲା। ସୋମବାର ସର୍ବନିମ୍ନ ତାପମାତ୍ରା ୧୨.୫ ଡିଗ୍ରୀ ରହିଥିବା ବେଳେ ମଙ୍ଗଳବାର ପାରଦ ୧୦ଡିଗ୍ରୀ ତଳକୁ ଖସିଛି। ସକାଳ ୮ଟାରେ ସର୍ବନିମ୍ନ ତାପମାତ୍ରା ୯ ଡିଗ୍ରୀ ରହିଥିବା ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ସକାଳୁ ପାଗ ଶୁଖିଲା ରହିବା ସହ ଘନକୁହୁଡ଼ି ଓ ଶୀତ ବୃଦ୍ଧି ପାଇଛି। ସ୍ଥାନୀୟ ଅଞ୍ଚଳରେ ଲୋକେ ଶୀତର ମଜା ନେଉଛନ୍ତି। ଘନ କୁହୁଡ଼ିରେ ଦାରିଙ୍ଗବାଡ଼ିର ପର୍ଯ୍ୟଟନ କେନ୍ଦ୍ର କଫି ବଗିଚା, ପାଇନବଣ, ମିଡ଼ିୟୁବାନ୍ଦା ଜଳପ୍ରପାତ, ଲଭର୍ସ ପଏଣ୍ଟ, ନେଚରପାର୍କ, ସାଇଲେଣ୍ଟ ଭ୍ୟାଲି ଆଦିର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଛି। ତେବେ କରୋନା ପାଇଁ କଟକଣା ଜାରି ହୋଇଥିବାରୁ ପର୍ଯ୍ୟଟକମାନେ ପର୍ଯ୍ୟଟନ କେନ୍ଦ୍ରର ସୌନ୍ଦର୍ଯ୍ୟ ଉପଭୋଗ କରିବାରୁ ବଞ୍ଚିତ ହୋଇଛନ୍ତି। ତଥାପି ହୋଟେଲ ସମେତ କଟେଜଗୁଡ଼ିକରେ ଭିଡ଼ ଦେଖିବାକୁ ମିଳିଛି।

ଧରିତ୍ରୀର ସ୍ୱନକ୍ଷତ୍ର ଉତ୍ସବ ଶୁଭଅବସରରେ ସମସ୍ତ ଜନସାଧାରଣ, ପାଠକ ପାଠିକାଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।



ଭାରତର ପ୍ରଧାନମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କ ଜନହିତକର କାର୍ଯ୍ୟପାଇଁ ଦଳେ ଦଳେ ବିଜେପିରେ ଯୋଗଦେବା ସଙ୍ଗେ ସଙ୍ଗେ ନୂତନ ଓଡ଼ିଶା ଓ ଧର୍ମଶାଳାର ଉନ୍ନତି ପାଇଁ ସଂକଳ୍ପ ନେବା ।
ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ପରିଡ଼ା
ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଭ୍ୟ

ଧରିତ୍ରୀର ସ୍ୱନକ୍ଷତ୍ର ଉତ୍ସବ ଶୁଭ ଅବସରରେ
୧. ଅଭୟପୁର ସେବା ସମବାୟ ସମିତି, ୨. ଆରୁହା ସେବା ସମବାୟ ସମିତି, ୩. ଅରେଇକଣା ସେବା ସମବାୟ ସମିତି, ୪. ଚୋରମୁହାଁ ସେବା ସମବାୟ ସମିତି, ୫. ଦେଓଦା ସେବା ସମବାୟ ସମିତି, ୬. ଜେନାପୁର ସେବା ସମବାୟ ସମିତି, ୭. କୋଟପୁର ସେବା ସମବାୟ ସମିତି, ୮. କଣ୍ଟିଗଡ଼ିଆ ସେବା ସମବାୟ ସମିତି, ୯. ମଧୁପୁରଗଡ଼ ସେବା ସମବାୟ ସମିତି, ୧୦. ମଧୁସୂଦନପୁର ସେବା ସମବାୟ ସମିତି, ୧୧. ମହିଶରା ସେବା ସମବାୟ ସମିତି, ୧୨. ମିର୍ଜାପୁର ସେବା ସମବାୟ ସମିତି, ୧୩. ରେଖିଦେଇପୁର ସେବା ସମବାୟ ସମିତି –
ଧର୍ମଶାଳାର ଚାଷୀଭାଇମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ କୃଷି ଓ କୃଷକମାନଙ୍କର ଉନ୍ନତି କାମନା କରୁଛି। ସମିତିର ସଭ୍ୟ ହୋଇ ୫୦ ହଜାର ଟଙ୍କାର ଋଣ ବିନା ସୁଧରେ ନେବାର ସୁବିଧା ଉପଲବ୍ଧ।

With Best Compliments from :
ପାତ୍ର ଜୁଏଲାରୀ
ପ୍ରୋ.-ଶରତ ଚନ୍ଦ୍ର ପାତ୍ର
ଲକ୍ଷ୍ମୀ ମାର୍କେଟ୍ (ବସ୍ ଷ୍ଟାଣ୍ଡ)
ଜାରକା, ଯାଜପୁର

ଆଜି ହିଁ ପଦାର୍ପଣ କରନ୍ତୁ।
ଅତ୍ୟାଧୁନିକ ଡିଜାଇନ୍‌ର ୨୨ କ୍ୟାରେଟ୍ ଖାଣ୍ଟି ଗିନି ସୁନା ଓ ରୁପାର ନିର୍ଭରଯୋଗ୍ୟ ପ୍ରତିଷ୍ଠାନ।

ଧରିତ୍ରୀର ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଅଭିନନ୍ଦନ....
ସରୋଜିନୀ ସ୍ମୃତି ସଂସଦ
ଶାନ୍ତିବଜାର କଲୋନୀ, ଜାରକା, ଯାଜପୁର



ଡ. ଚିତ୍ତରଞ୍ଜନ ମହାନ୍ତି
ଅଧ୍ୟକ୍ଷ, ସରୋଜିନୀ ମେମୋରିଆଲ ଟ୍ରଷ୍ଟ ଓ କାର୍ଯ୍ୟକାରୀ ସଭାପତି ଅଖିଳ ଭାରତ ହିନ୍ଦୁ ମହାସଭା, ଓଡ଼ିଶା ଶାଖା
ଇଂ. ସିଦ୍ଧାର୍ଥ ସ୍ୱୟଂଦୀପ୍ତ ମହାନ୍ତି
ସମ୍ପାଦକ, ସରୋଜିନୀ ମେମୋରିଆଲ ଟ୍ରଷ୍ଟ

With Best Compliments from :

PREMIER ROCK PRODUCTS PVT. LTD.
Dankari, Dharmasala, Jajpur (Odisha)
ଏଠାରେ ଉନ୍ନତ ଧରଣର କଳା ଚିପ୍‌ସ, ମେଟାଲ, ବଜୁରି ଇତ୍ୟାଦି ସୁଲଭ ମୂଲ୍ୟରେ ମିଳେ।

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ସମସ୍ତ ଜନସାଧାରଣ, ପାଠକ ପାଠିକାଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।


ଧରିତ୍ରୀର ସ୍ୱନକ୍ଷତ୍ର ଶୁଭ ଅବସରରେ ଧର୍ମଶାଳା ପ୍ରଗତି ରଥର ସାରଥି ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ହାତମୁଠାକୁ ମଜଭୁତ୍ କରି ସଂଗଠନକୁ ସୁଦୃଢ଼ କରିବା।

ଶ୍ରୀଯୁକ୍ତ ଜଳଧର ସାହୁ
ସଭାପତି, ଧର୍ମଶାଳା ନିର୍ବାଚନ ମଣ୍ଡଳୀ

With Best Compliments from :
Sj. Tapan Kumar Mishra
Principal & Staffs

ଏହି କଲେଜ ଦୁଇଥର ନାକ୍‌ର ସ୍ୱୀକୃତି ପାଇଛି। ଏଠାରେ ୨୫୦୦ ଛାତ୍ରଛାତ୍ରୀ ଅଧ୍ୟୟନ ରତ। ସବୁ ବିଷୟରେ ସମ୍ମାନର ସହ ଉତ୍କୃଷ୍ଟ ପାଠାଗାର, ପ୍ରାଶସନିକ ଗୃହ, ୨ଟି ଛାତ୍ରୀନିବାସ, ନିୟନ୍ତ୍ରିତ ଭାଷା ଲାଭକରିଛି।
DHARMASALA MAHAVIDYALAYA
JARAKA, DHARMASALA, JAJPUR


With best compliments from :-
On occasion of Dharitri Birth Anniversary
TAHASILDAR & SATFF
DHARMASALA

PRASANTA KUMAR SAMANTARAY
Tahasildar, Dharmasala

With best complements from :-

SJ. SAROJ KUMAR SAHOO
Inspector Incharge
Dharmasala Police Station
AMA Police
Dharmasala, Jajpur

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ସମସ୍ତ ଜନସାଧାରଣ, ପାଠକ ପାଠିକାଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।



ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଧର୍ମଶାଳାର ସୁଦକ୍ଷ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଦୃଢ଼ ନେତୃତ୍ୱକୁ ସୁଦୃଢ଼ କରି ଧର୍ମଶାଳାକୁ ପ୍ରଗତି ପଥରେ ଆଗେଇନେବା....
ଶ୍ରୀଯୁକ୍ତ ଜଳଧର ମହାନ୍ତି
ବ୍ଲକ୍ ବିଜେଡି ସଭାପତି

With Best Compliments from :

M/S. ASUTOSH CONSTRUCTION
KAIMA, DHARMASALA, JAJPUR
PROP. - SARAT CHANDRA NAYAK
Special Work in : Irrigation, R. D., R & B
R.W.S. & S. Department



ଧରିତ୍ରୀର ସ୍ୱନକ୍ଷତ୍ର ଶୁଭ ଅବସରରେ ଧର୍ମଶାଳାର ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ହାତମୁଠାକୁ ମଜଭୁତ୍ କରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ସହଯୋଗ କରିବା।

ଶ୍ରୀଯୁକ୍ତ ନଗେନ୍ ଦାସ
ସରପଞ୍ଚ
ପାଟପୁର ଗ୍ରାମପଞ୍ଚାୟତ

# ସୋରିଷ ଫସଲରେ ଜଳସେଚନ



ଜଳସେଚିତ ଅଞ୍ଚଳରେ ମାଟିର ବତର ଦେଖି ସୋରିଷ ବୁଣିବା କାମ ଶେଷ କରନ୍ତୁ। ବତର ନ ଥିଲେ ବୁଣିଲା ପରେ ହାଲକା ଜଳସେଚନ କରନ୍ତୁ। ଏହି ଅଞ୍ଚଳରେ ଏବେ ସୋରିଷ ବୁଣାଯାଇପାରିବ। ସୋରିଷର ଉନ୍ନତ କିସମଗୁଡିକ ମଧ୍ୟରେ ରହିଛି–ପାର୍ବତୀ, ଅନୁରାଧା, ପୁଷା ବୋଲଡ୍, ପୁଷା ବାହାର, ପୁଷା ଜୟ କିଷାନ, ପିଟି–୩୦୩, ପିଟି–୫୦୭ ଏବଂ ପୁଷା ଅଗ୍ରଣୀ। ଏକର ପ୍ରତି ୩–୪ କିଗ୍ରା ବିହନ ବୁଣନ୍ତୁ। ବୁଣିବା ପୂର୍ବରୁ ପ୍ରତି ଏକ କିଗ୍ରା ବହନକୁ ୧.୫ କିଗ୍ରା କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ ଥିରାମ ଗୋଳାଇ ବିଶୋଧନ କରନ୍ତୁ। ବିହନ ବିଶୋଧନର ଏକ ସପ୍ତାହ ଆଗରୁ ଏକ ଏକର ପାଇଁ ଆବଶ୍ୟକ ବିହନ ସହିତ ୨୦୦ ଗ୍ରାମ ପି.ଏଚ.ବି. କଲଚର ମିଶାଇ ଉପଚାର କରନ୍ତୁ। ବୁଣାର ଠିକ୍ ପୂର୍ବରୁ ଏକର ପ୍ରତି ୨ ଟନ୍ ଶଢ଼ା ଗୋବର ଖତ କିମ୍ବା କମ୍ପୋଷ୍ଟ ସହିତ ଏକର ପ୍ରତି ୧୨ କିଗ୍ରା ଯବକ୍ଷାରଜାନ, ୧୨ କିଗ୍ରା ଫସଫରସ ଓ ୧୨ କିଗ୍ରା ପଟାସ୍ ସାର ଶେଷ ଓଡ ବେଳେ ମିଶାଇ ଦିଅନ୍ତୁ। ଫସଫରସ ସାର ପାଇଁ ସୁପର ଫସଫେଟ୍ ସାର ବ୍ୟବହାର କରନ୍ତୁ ଏବଂ ଅବଶିଷ୍ଟ ୧୨ କିଗ୍ରା ଯବକ୍ଷାରଜାନ ସାର ଘାସ ବଛା ପରେ ପ୍ରୟୋଗ କରିବେ। ସୋରିଷ ବୁଣିବା ସମୟରେ ଧାଡିକୁ ଧାଡି ୩୦ ସେମି ଓ ଗଛକୁ ଗଛ ୧୦ ସେମି ବ୍ୟବଧାନ ରଖନ୍ତୁ।


# ଅଧିକ ଅମଳ ପାଇଁ..



ଆଳୁ ଏବେ ଲଗାଇ ପାରିବେ। ଏଥିଲାଗି ପ୍ରଥମେ ଭଲଭାବରେ କୋଡା ଖୁସା କରି ଘାସ ବାଛନ୍ତୁ। ଏହାଦ୍ୱାରା ଆଳୁଗଛ ମୂଳର ମାଟି ହାଲୁକା ହୋଇଯିବ। ତା'ପରେ ଜମିରେ କିସମ ଦେଖି ବଳକା ୩୦–୪୫କି.ଗ୍ରା ଯବକ୍ଷାରଜାନ ସାରକୁ ଆଳୁ ଗଛ ଧାଡିର ଦୁଇ ପାଖରେ ୩–୪ସେ.ମି ଦୂରତାରେ ୨–୩ସେ.ମି ଗଭୀରରେ ଦେଇ ହୁଡା ଦିଅନ୍ତୁ।

–ବର୍ତ୍ତମାନ ଆଳୁ ଲଗାଇଲେ ଭଲ ଅମଳ ମିଳିଥାଏ କାରଣ ଆଳୁ ଫଳିବା ଓ ବଢ଼ିବା ପାଇଁ ଉପଯୁକ୍ତ ପାଗ ମିଳିଥାଏ। ଏକ ଏକର ଜମିରେ ଆଳୁ ଲଗାଇବା ଲାଗି ୬–୮କୁଇଣ୍ଟାଲ(୨୫ଗ୍ରାମ୍ ଓଜନର ବିହନ ଆଳୁ) ସଂଗ୍ରହ କରି ଅନ୍ଧାରରେ ୭ଦିନ ଚଟାଣରେ ରଖି ଦିଅନ୍ତୁ। ପରେ ଲଗାଇବା ପୂର୍ବରୁ ବିହନକୁ ୧୦ଲିଟର ପାଣିରେ ୨୦ଗ୍ରାମ୍ ମାଙ୍କୋଜେବ୍ ସହିତ ଏକ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ମିଶାଇ ଦ୍ରବଣ ପ୍ରସ୍ତୁତ କରି ୩୦ମିନିଟ୍ ଭିଜାଇ ଛାଇରେ ଶୁଖାଇ ଦିଅନ୍ତୁ। ଜମି ପ୍ରସ୍ତୁତି ବେଳେ ସାଧାରଣ ଜମି ପାଇଁ ଏକର ପ୍ରତି ୮ଟନ୍ କମ୍ପୋଷ୍ଟ ଓ ନଈ ବାଲିରେ ୧୦ଟନ୍ କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ସାଧାରଣ ଜମି ପାଇଁ ଅନୁମୋଦିତ ସାର ଯଥା: ୬୦–୩୦–୪୦ଯବକ୍ଷାରଜାନ, ଫସଫରସ ଓ ପଟାସ ଏବଂ ନଈ ବାଲିରେ ୯୦–୪୫–୬୦ଯବକ୍ଷାରଜାନ, ଫସଫରସ ଓ ପଟାସ ପ୍ରୟୋଗ କରନ୍ତୁ। ଆଳୁ ଲଗାଇବା ବେଳେ ସବୁତକ ଫସଫରସ ଓ ପଟାସ ଏବଂ ଅଧା ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ତା' ସହିତ ଏକର ପ୍ରତି ୫ କିଗ୍ରା ବ୍ଲିଚିଂ ପାଉଡର ଓ ୪କି.ଗ୍ରା ଫୋରେଟ୍ ପ୍ରୟୋଗ କଲେ ପ୍ରାଥମିକ ଅବସ୍ଥାରେ ପୋକ ଝାଉଁଳା, ଯାଦୁରା ରୋଗ ଦମନ ହୋଇଥାଏ।

# କରୋନାମୁକ୍ତ ଶୀତଦିନିଆ କନ୍ଦମୂଳ ଚାଷ



ମାନସରଞ୍ଜନ ପଟ୍ଟନାୟକ



ବର୍ତ୍ତମାନ ସମୟରେ କରୋନା ଭାଇରସ୍ ସମଗ୍ର ଦେଶ ତଥା ବିଶ୍ୱବାସୀଙ୍କୁ ଡରାଇ ଚକିତ କରି ଦେଇଛି। ଏପରିକି ସାରା ପୃଥିବୀରେ ଦୈନିକ ଲକ୍ଷ ଲକ୍ଷ ଲୋକ ଆକ୍ରାନ୍ତ ହେବା ସହିତ ହଜାର ହଜାର ଲୋକ ମୃତ୍ୟୁବରଣ କରୁଛନ୍ତି। ତା' ସାଙ୍ଗକୁ ପ୍ରାୟ ଅଧିକାଂଶ ଲୋକ କରୋନାରୁ ସୁସ୍ଥ ହୋଇ ଫେରୁଛନ୍ତି। କରୋନା ଏକ ନିର୍ଜୀବ ପ୍ରୋଟିନ ଭୂତାଣୁ, ଏହା ଇଲେକ୍ଟ୍ରୋନିକ୍ ଅଣୁବିକ୍ଷଣ ଯନ୍ତ୍ର ଦ୍ୱାରା ଦେଖାଯାଏ। ତେଣୁ ଉକ୍ତ କଣିକା ଗୁଡିକ ରୋଗୀର ଲାଳ, ଛେପ, ଖଙ୍କାରରେ ଥାନ୍ତି। ରୋଗୀ ଛିଙ୍କିଲେ, କାଶିଲେ ଏବଂ ଛେପ ପକାଇଲେ ସେଥିରୁ ଜଳୀୟ ଅଂଶ ନିକଟ ସୁସ୍ଥ ଲୋକର ନାକ, ପାଟି ଓ ଆଖି ବାଟେ ଶରୀର ଭିତରକୁ ପ୍ରବେଶ କରେ। ଫୁସ୍‌ଫୁସ୍‌ରେ ପ୍ରବେଶ କରି ରୋଗୀକୁ ମରଣ ମୁଖକୁ ପହଞ୍ଚାଇ ଦିଏ। କେବଳ ସଙ୍ଗରୋଧ, ମୁହଁରେ ମାସ୍କ ପିନ୍ଧିବା ଏବଂ ସାବୁନରେ ହାତ ଧୋଇବା ଆବଶ୍ୟକ। ତେଣୁ ଆମେ କନ୍ଦମୂଳ ଚାଷ ଆରମ୍ଭରୁ ଅମଳ ପର୍ଯ୍ୟନ୍ତ କୋଭିଡ ନିୟମକୁ ମାନି ବଜାରକୁ ପଠାଇବା ପର୍ଯ୍ୟନ୍ତ ସତର୍କ ରହିବା ଜରୁରୀ। ଶରୀରକୁ ସୁସ୍ଥ ଓ କାର୍ଯ୍ୟକ୍ଷମ କରିବାକୁ ହେଲେ ସୁଷମ ଖାଦ୍ୟ ଦରକାର। ପନିପରିବାରେ ସମସ୍ତ ଖାଦ୍ୟ ମିଳିଥାଏ ଯଥା– ଶ୍ୱେତସାର, ସ୍ନେହସାର, ପୁଷ୍ଟିସାର ଓ ଧାତବ ଲବଣ ଏବଂ ଭିଟାମିନ୍। ଖାଦ୍ୟ ଉପାଦାନର ଅଭାବ ହେଲେ ମନୁଷ୍ୟ ଦେହରେ ବିଭିନ୍ନ ପ୍ରକାର ରୋଗ ଦେଖାଯାଏ। ତେଣୁ ପନିପରିବା ଆମ ଖାଦ୍ୟର ଏକ ମୁଖ୍ୟ ଅଂଶ। ବୈଜ୍ଞାନିକଙ୍କ ମତରେ ପ୍ରତ୍ୟେକ ବ୍ୟକ୍ତି ଅନ୍ୟ ଖାଦ୍ୟ ଦ୍ରବ୍ୟ ସହିତ ପ୍ରତିଦିନ ପ୍ରାୟ ୩୦୦ ଗ୍ରାମ୍ ପନିପରିବା ଖାଇବା ଆବଶ୍ୟକ। ତା' ମଧ୍ୟରୁ ୧୦୦– ୧୨୫ ଗ୍ରାମ୍ ଶାଗ ଜାତୀୟ, ୮୫ ଗ୍ରାମ୍ ମୂଳ ପରିବା ଏବଂ ୮୫ ଗ୍ରାମ୍ ଫଳ ପରିବା ଦରକାର ହୋଇଥାଏ।

ମାତ୍ର ଆମ ଦେଶରେ ମୁଣ୍ଡପିଛା ୧୭୫ ଗ୍ରାମ୍ ପନିପରିବା ପ୍ରତିଦିନ ଆବଶ୍ୟକ ପଡିଥାଏ। ପନିପରିବା ଏକ ଅର୍ଥକରୀ ଫସଲ। ଏହାର ଚାଷ ଦ୍ୱାରା କୃଷକ ନିଜକ୍ଷେତକୁ ବର୍ଷସାରା ବିନିଯୋଗ କରି ଲାଭ ପାଏ। ଅନ୍ୟ ଫସଲ ଅପେକ୍ଷା ପନିପରିବା ଚାଷରୁ ଅଧିକ ଲାଭ ମିଳିପାରିବ। ଆମ ରାଜ୍ୟର ମୃତ୍ତିକା ଓ ଜଳବାୟୁ ପନିପରିବା ଚାଷ ପାଇଁ ବିଶେଷ ଉପଯୋଗୀ। ପନିପରିବା ମଧ୍ୟରେ କନ୍ଦମୂଳ ଏମ ଅର୍ଥକରୀ ମୂଳ ଫସଲ। ଏହାକୁ ଚାଷ କଲେ ବର୍ତ୍ତମାନ ସମୟରେ ଚାଷୀଭାଇମାନେ ବିଶେଷ ଉପକୃତ ହୋଇପାରିବେ।

"ପନିପରିବା ଏକ ଅର୍ଥକରୀ ଫସଲ। ଏହାର ଚାଷ ଦ୍ୱାରା କୃଷକ ନିଜ କ୍ଷେତକୁ ବର୍ଷସାରା ବିନିଯୋଗ କରି ଲାଭ ପାଏ। ଅନ୍ୟ ଫସଲ ଅପେକ୍ଷା ପନିପରିବା ଚାଷରୁ ଅଧିକ ଲାଭ ମିଳିପାରିବ।

**ମୃତ୍ତିକା–** ନିଗିଡା, ଉର୍ବର ଦୋରସାରୁ ବାଲି ଦୋରସା, ଯାହାର ପିଏଚ ୫.୫ରୁ ୬.୮ ଥିବା ଉଚିତ ।

**ବିହନ କିସମ–** ସମରାଟ, ପୁଷାସଫେଦ, ପୁଷାରେଡ।

**ବିହନ ବିଶୋଧନ–** ବିଶୋଧନ ପାଇଁ ଗୋଟିଏ ବଡ ପାତ୍ରରେ ପାଣି ନେଇ ପ୍ରତି ଲିଟର ପିଛା ୧ ଗ୍ରାମ୍ ବାଭିଷ୍ଟିନ ନେଇ ଦ୍ରବଣ ତିଆରି କରି ଏଥିରେ କନ୍ଦମୂଳ ଡଙ୍କକୁ ୩୦ ମିନିଟ୍ ବୁଡାଇ ରଖି କାଢି କରି ଲଗାଇ ପାରିବେ।

**ଲଗାଇବା ପଦ୍ଧତି**

**ଅଧିକ ଅମଳକ୍ଷମ କନ୍ଦମୂଳ –** ୨୮୦୦୦ ଡଙ୍କ/ଏକର ପ୍ରତି।

**ସଙ୍କର ଜାତୀୟ ପାଇଁ–**ବୁଦା ସଂଖ୍ୟା ଗଛ ସଂଖ୍ୟା–୨୬, ୬୬୬।

**ଗଛକୁ ଗଛ ଦୂରତା–** ୨୫ ସେ.ମି. ହେବା ଦରକାର।

**ଧାଡିକୁ ଧାଡି ଦୂରତା–** ୬୦ ସେମି ହେବା ଆବଶ୍ୟକ।

**ଖତସାର –** ୬ ଶଗଡ଼ ଖତ ଦେଇ ମାଟିକୁ ମିଶାଇବା ପ୍ରୟୋଜନ। ଯବକ୍ଷାରଯାନ – ୨୦:୨୦:୩୦ କିଗ୍ରା (ଏକର ପ୍ରତି)।

**ପରବର୍ତ୍ତୀ ଯତ୍ନ:** ଲଗାଇବା ପରେ ୧୮–୨୦ ଦିନରେ କୋଡ଼ାଖୁସା କରି ଅନ୍ୟାନ୍ୟ ଗଛ ମାଟିରେ ମିଶାଇ ଦିଅନ୍ତୁ। ତା'ପରେ ପ୍ରତି ଗଛରେ ମାଟି ଟେକନ୍ତୁ। ଋତୁ ଓ ପାଗ ଅନୁସାରେ ୫–୧୦ ଦିନରେ ଜଳସେଚନ କରନ୍ତୁ।

**ରୋଗପୋକ ପରିଚାଳନା:** ଜଉ ପୋକ ଦେଖାଯାଏ। ସେଥିପାଇଁ ମେଟାସିଷ୍ଟ/ ମାଲାଥିଅନ ୨ ମି.ଲି/୧ ଲିଟର ପାଣିରେ ସ୍ପ୍ରେ କରନ୍ତୁ।

**ଅମଳ:** ପ୍ରାୟ ସବୁ ଦିଗକୁ ଧ୍ୟାନ ଦେଇ ତଥା ବୈଜ୍ଞାନିକ ପଦ୍ଧତିରେ ଚାଷ କଲେ ଆମେ ପ୍ରାୟ ୮୦ରୁ ୯୦ କୁଇଣ୍ଟାଲ କନ୍ଦମୂଳ ସହଜରେ ପାଇପାରିବେ। ଏଥିପାଇଁ ୪୦ରୁ ୬୦ ଦିନ ସମୟ ଲାଗିଥାଏ।

**ଆୟ:** ଯଦି ଆମେ ୯୦ କୁଇଣ୍ଟାଲ କନ୍ଦମୂଳ ପାଇବା ତେବେ ଆଜିର ବଜାର ଦର ଅନୁସାରେ ପ୍ରତି କୁଇଣ୍ଟାଲ ଟ. ୨୪୦୦ ହିସାବରେ ବିକ୍ରିକଲେ ଆମକୁ ଟ. ୨,୧୬,୦୦୦ ଟଙ୍କା ମିଳିପାରିବ। ମାତ୍ର ଆମର ଖର୍ଚ୍ଚ ପ୍ରତି ଏକର ପାଇଁ ଲାଗୁଛି ପ୍ରାୟ ଟ. ୭୨,୦୦୦। ତେବେ ପ୍ରତି ଏକରରୁ ଆମେ ପାଇପାରିବା ଆୟ ଅଟକଳ (ପ୍ରାୟ) – ବ୍ୟୟ ଅଟକଳ = ଟ. ୨,୧୬,୦୦୦ – ଟ. ୭୨,୦୦୦ = ୧,୪୪,୦୦୦ ଟଙ୍କା।



–ପ୍ରିନ୍ସିପାଲ, ଆଗ୍ରୋପଲିଟେକ୍ନିକ୍ ସେଣ୍ଟର, ଓୟୁଏଟି, ବୌଦ୍ଧ, ମୋ : ୯୪୩୯୬୩୮୦୦୪

# ଗେଣ୍ଡୁ ଫୁଲ ଲଗାଇବା ସମୟରେ...

ଶୀତଦିନିଆ ଗେଣ୍ଡୁଫୁଲ ଚାଷ ପାଇଁ ବର୍ତ୍ତମାନ ଉପଯୁକ୍ତ ସମୟ। ଉନ୍ନତ କିସମ ବିହନ ଯଥା ଆଫ୍ରିକାନ୍ ଜାଏଣ୍ଟ୍ ଡବଲ ୟେଲୋ, ଡବଲ ଅରେଞ୍ଜ, ଫ୍ରେଞ୍ଚ୍ କିସମ ସେରାକୋଲା, ଏନ୍‌କା ୟେଲୋ ଓ ଏନ୍‌କା ଗୋଲ୍ଡ ଆଦି କିସମ ବ୍ୟବହାର କରନ୍ତୁ। ଏକର ପ୍ରତି ୬୦୦ ଗ୍ରାମ୍ ବିହନ ବ୍ୟବହାର କରନ୍ତୁ କିମ୍ବା ଗଛଖଣ୍ଡରୁ ଚାରା ପ୍ରସ୍ତୁତ କରି ଧାଡିକୁ ଧାଡି ୩୦ରୁ ୪୦ ସେମି ଓ ଗଛକୁ ଗଛ ୩୦ ସେମି ବ୍ୟବଧାନରେ ରଖନ୍ତୁ। ଏକର ପ୍ରତି ଶେଷ ଓଡ ଚାଷ ସମୟରେ ଅନୁମୋଦିତ ୪୦ କେଜି ଯବକ୍ଷାରଜାନର ଅଧା, ୮୦ କେଜି ଫସ୍‌ଫରସ୍ ଓ ୮୦ କେଜି ପଟାସ୍ ସାର ବ୍ୟବହାର କରନ୍ତୁ। ଗେଣ୍ଡୁ ଗଛରେ ହେଲିଓଥିସ୍ ଏବଂ ଆମେରିକୀୟ ପତ୍ର, ସୁଡଙ୍ଗକାରୀ ପୋକ ତଥା ଅଷ୍ଟପଦୀ ଲାଗିବାର ଆଶଙ୍କା ଅଛି। ଏଥିପାଇଁ ଏକର ପ୍ରତି ୪୦୦ ମିଲି ଏଣ୍ଡୋସଲ୍‌ଫାନ୍ ଏବଂ ଅଷ୍ଟପଦୀ ଦମନ ପାଇଁ ଏକର ପ୍ରତି ୬୦୦ ମିଲି ଡିକୋଫଲ୍ ସ୍ପ୍ରେ କରନ୍ତୁ।



ପୁସ୍ତକ ସମୀକ୍ଷା

## ଶ୍ୟାମଳ ସୁବର୍ଣ୍ଣ

କୃଷିସମ୍ପର୍କିତ ଅନେକ ଉପାଦେୟ ତଥ୍ୟକୁ ନେଇ ପ୍ରକାଶ ପାଇଛି ତ୍ରୈମାସିକ ପତ୍ରିକା 'ଶ୍ୟାମଳ ସୁବର୍ଣ୍ଣ'। ଏଥିରେ ସ୍ଥାନୀତ ବିଷୟବସ୍ତୁ ଚାଷୀମାନଙ୍କ ପାଇଁ ବେଶ୍ ଶିକ୍ଷଣୀୟ ହେବ ବୋଲି ଆଶା କରାଯାଏ। ଚଳିତବର୍ଷ 'ଅକ୍ଟୋବର–ଡିସେମ୍ବର' ସଂଖ୍ୟାରେ ପ୍ରକାଶିତ ବିଷୟଗୁଡିକର ଉପସ୍ଥାପନା ବେଶ୍ ଉପାଦେୟ। ପତ୍ରିକାର ସମ୍ପାଦକ ଡି. ଶୁଭମ୍।

ଯୋଗାଯୋଗ : 'ଶ୍ୟାମଳ ସୁବର୍ଣ୍ଣ', ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ପାଖ, ବାସୁଦେବପୁର, ଭଦ୍ରକ, ମୋ : ୯୪୩୮୪୬୭୦୬୯




# ଖଣି ସମ୍ପ୍ରସାରଣ ଜନଶୁଣାଣି ବାତିଲ

ରାୟଗଡ଼ା ଅଫିସ/ଟକିରି,୨୪।୧୧(ଡି.ଏନ୍.ଏ.)

କୋଡ଼ିଙ୍ଗାମାଳି ଖଣି ଖନନ ସମ୍ପ୍ରସାରଣ ନେଇ ବୁଧବାର ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ପୋଡ଼ାପାଡ଼ିଠାରେ ହେବାକୁ ଥିବା ଜନଶୁଣାଣିକୁ ମଙ୍ଗଳବାର ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରା ବାତିଲ କରିଛନ୍ତି। ଏ ନେଇ ଜିଲାପାଳ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ମେମ୍ବର ସେକ୍ରେଟାରିଙ୍କ ନିକଟକୁ ଚିଠି ଲେଖି ଜଣାଇଥିବା ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ରାୟଗଡ଼ା ଜିଲାରେ ଖଣି ସମ୍ପ୍ରସାରଣକୁ ଅଞ୍ଚଳବାସୀ ବିରୋଧ କରୁଥିବାରୁ ଆଇନଶୃଙ୍ଖଳା ପରିସ୍ଥିତିକୁ ଏଡ଼ାଇବା ପାଇଁ ଜନଶୁଣାଣିକୁ ଘୁଞ୍ଚାଇଥିବା ଚିଠିରେ ଉଲ୍ଲେଖ ରହିଛି। ପରବର୍ତ୍ତୀ ଦିନ ଧାର୍ଯ୍ୟ ହେବାପରେ ଅବଗତ କରାଯିବ ବୋଲି କୁହାଯାଇଛି। ସୂଚନାଯୋଗ୍ୟ କୋରାପୁଟ ଏବଂ ରାୟଗଡ଼ା ଜିଲାରେ ରହିଥିବା କୋଡ଼ିଙ୍ଗାମାଳି ଖଣିରୁ ବକ୍ସାଇଟ ଉତ୍ତୋଳନର ପରିମାଣ ୩ ମେଟ୍ରିକ୍‌ଟନ୍‌ରୁ ୬ ମେଟ୍ରିକ୍‌ଟନକୁ ବୃଦ୍ଧି କରିବା ନିମନ୍ତେ ବୁଧବାର ଓଏମ୍‌ସି ପକ୍ଷରୁ ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ପୋଡ଼ାପାଡ଼ି ପଞ୍ଚାୟତର ପୁହୁଣ୍ଡି ଗ୍ରାମ ଉତ୍କଳମଣି ଗୋପବନ୍ଧୁ ହାଇସ୍କୁଲ ପଡ଼ିଆଠାରେ ଜନଶୁଣାଣି କାର୍ଯ୍ୟକ୍ରମ ରହିଥିଲା। ଏହାକୁ ନେଇ ରାୟଗଡ଼ା ଏବଂ କୋରାପୁଟ ଜିଲାରେ ତୀବ୍ର ବିରୋଧ କରାଯାଉଛି। ଜନଶୁଣାଣି ହେଲେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟିହେବ ବୋଲି ଚେତାବନୀ ଦିଆଯାଇଥିଲା। ତେବେ ବୁଧବାର ହେବାକୁ ଥିବା ଜନଶୁଣାଣିକୁ ସ୍ଥଗିତ ରଖାଯାଇଥିବା ଜଣାପଡ଼ିଛି।

# ଗାତରେ ଫସିଲେ ଯୁବକ

## ୩ ଘଣ୍ଟା ପରେ ଉଦ୍ଧାର କଲା ଅଗ୍ନିଶମ ବିଭାଗ

ଆନନ୍ଦପୁର,୨୪। ୧୧(ସ୍ୱ.ପ୍ର.)



ଗାତରେ ଫସିରହିଥିବା ଯୁବକ।

କେନ୍ଦୁଝର ଜିଲା ଆନନ୍ଦପୁର ଡଙ୍ଗା ଘାଟ ନିକଟ ରିଙ୍ଗ୍ ରୋଡ ପାର୍ଶ୍ୱରେ ବିଦ୍ୟୁତ୍‌କରଣ ନିମନ୍ତେ ଖୋଳାଯାଇଥିବା ଏକ ୭ ଫୁଟିଆ ଗାତରେ ସ୍ଥାନୀୟ ଜଣେ ଯୁବକ ମଙ୍ଗଳବାର ଫସି ଯାଇଥିଲେ। ଦୀର୍ଘ ସମୟ ପ୍ରଚେଷ୍ଟା ପରେ ସନ୍ଧ୍ୟା ୬ଟା୩୦ରେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଆନନ୍ଦପୁର ୭ ନଂ. ୱାର୍ଡର ପ୍ରେମାନନ୍ଦ ରଣା (୪୧) ରିଙ୍ଗ୍ ରୋଡ ରାସ୍ତାରେ ଅପରାହ୍ନ ପ୍ରାୟ ୩.୩୦ ସମୟରେ ଘରକୁ ଫେରୁଥିବା ବେଳେ ଗୋଡ଼ ଖସିଯିବାରୁ ଉକ୍ତ ଗାତରେ ପଡ଼ି ଯାଇଥିଲେ। ଗାତଟି ଅଣ ଓସାରିଆ ହୋଇଥିବାରୁ ସେଠାରୁ ସେ ବାହାରି ପାରି ନ ଥିଲେ। ଦୀର୍ଘ ସମୟ ପରେ ସେହି ରାସ୍ତା ଦେଇ ଯାଉଥିବା କେତେକ ଲୋକ ଏହା ଦେଖି ଆନନ୍ଦପୁର ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ, ସ୍ଥାନୀୟ ଲୋକ ଏବଂ ଏକ ଜେସିବି ମେଶିନ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇଥିଲା। ଏହି ଘଟଣା ପ୍ରଚାରିତ ହେବା ପରେ ଘଟଣାସ୍ଥଳରେ ବହୁ ଲୋକ ଜମା ହୋଇଥିଲେ। ଆନନ୍ଦପୁର ଥାନା ଅଧିକାରୀ ବିରଞ୍ଚି ବାଗ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିବା ସହିତ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ବିଦ୍ୟୁତ୍‌କରଣ ନିମନ୍ତେ ଦୀର୍ଘ ଦିନ ହେବ ଉକ୍ତ ଗାତ ଖୋଳା ହୋଇପଡ଼ିଥିବାରୁ ଏଭଳି ଅଭାବନୀୟ ଘଟଣା ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି।

# ଭିଜିଲାନ୍ସ ଜାଲରେ ବିଇଓ କାର୍ଯ୍ୟାଳୟ ମୁଖ୍ୟ କିରାଣି

ଦାରିଙ୍ଗବାଡ଼ି,୨୪।୧୧(ଡି.ଏନ.ଏ.)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଗୋଷ୍ଠୀ ଶିକ୍ଷାଅଧିକାରୀ (ବିଇଓ)ଙ୍କ କାର୍ଯ୍ୟାଳୟର ମୁଖ୍ୟ କିରାଣି ଚିତ୍ତ ସିଂ ମଙ୍ଗଳବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ସେ ଜଣେ ଦିବଂଗତ ଶିକ୍ଷକଙ୍କ ପୁଅଙ୍କୁ ବାପାଙ୍କ ସ୍ଥାନରେ ନିଯୁକ୍ତି ନିମନ୍ତେ କାଗଜପତ୍ର କରାଇ ଦେବାକୁ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ କର୍ମଚାରୀମାନେ ତାଙ୍କୁ ଧରିଛନ୍ତି। ମୁଖ୍ୟ କିରାଣିଙ୍କଠାରୁ ଉକ୍ତ ଟଙ୍କା ଜବତ ସହ ତାଙ୍କୁ ଗିରଫ କରାଯାଇଛି। ଏ ନେଇ ନଂ.୨୨/୨୦ରେ ମାମଲା ରୁଜୁ ହୋଇଛି।



ଚିତ୍ତ ସିଂ

୨୦୧୫ରେ ଶ୍ରୀନିକେତା ବିଦ୍ୟାଳୟର ତତ୍କାଳୀନ ଶିକ୍ଷକ ପ୍ରଫୁଲ ଚନ୍ଦ୍ର ପଟ୍ଟନାୟକଙ୍କ ମୃତ୍ୟୁ ଘଟିଥିଲା। ସରକାରଙ୍କ ଥଇଥାନ ନୀତି ଅନୁସାରେ ଦିବଙ୍ଗତ ଶିକ୍ଷକଙ୍କ ପୁଅ ଶିବଶଙ୍କରଙ୍କୁ ତାଙ୍କ ବାପାଙ୍କ ଚାକିରିରେ ଥଇଥାନ କରିବା ନିମନ୍ତେ ବିଇଓ କାର୍ଯ୍ୟାଳୟ ମୁଖ୍ୟ କିରାଣି କାଗଜପତ୍ର କାମ କରିବାକୁ ଟଙ୍କା ଦାବି କରିଥିଲେ। ଶିବଶଙ୍କର ଟଙ୍କା ଦେଇ ନ ପାରିବାରୁ ତାଙ୍କୁ ବାରମ୍ବାର କାର୍ଯ୍ୟାଳୟକୁ ଦୌଡ଼ାଉଥିଲେ। ଏ ନେଇ ଶିବଶଙ୍କର ବ୍ରହ୍ମପୁର ଭିଜିଲାନ୍ସ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ପୂର୍ବ ଯୋଜନା ପ୍ରକାରେ ଭିଜିଲାନ୍ସ ଇନ୍ସପେକ୍ଟର ଏସ.ଏନ ବାରିକଙ୍କ ନେତୃତ୍ୱରେ ଫୁଲବାଣୀ ଏବଂ ବ୍ରହ୍ମପୁର ଟିମ୍ ମଙ୍ଗଳବାର ବିଇଓ କାର୍ଯ୍ୟାଳୟ ନିକଟରେ ଛକି ରହିଥିଲେ। ମୁଖ୍ୟ କିରାଣି ସିଂଙ୍କୁ ଶିବଶଙ୍କର ରାସାୟନିକ ବୋଳା ୫ହଜାର ଟଙ୍କା ଦେବା ପରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରି ତାହା ଜବତ କରିଥିଲେ। ଗିରଫ ପରେ ମୁଖ୍ୟ କିରାଣିଙ୍କୁ ଭିଜିଲାନ୍ସ ଟିମ୍ ବ୍ରହ୍ମପୁର ନେଇଛନ୍ତି।

# ବାମିୟାନ୍‌ରେ ବିସ୍ଫୋରଣ: ୧୭ ନିହତ

କାବୁଲ,୨୪।୧୧(ପି.ଟି.)

ଲଗାତର ଦୁଇଟି ବିସ୍ଫୋରଣ ଆଫଗାନିସ୍ତାନକୁ ଥରାଇଦେଇଛି। କେନ୍ଦ୍ରୀୟ ଆଫଗାନିସ୍ତାନର ସୁରକ୍ଷିତ ସହର କୁହାଯାଉଥିବା ବାମିୟାନ୍‌ରେ ମଙ୍ଗଳବାର ଦୁଇଟି ବିସ୍ଫୋରଣ ଘଟିଛି। ଏଥିରେ ୧୭ ଜଣଙ୍କ ଜୀବନ ଯାଇଥିବାବେଳେ ୫୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଆଫଗାନିସ୍ତାନରେ ନିରନ୍ତର ଶାନ୍ତି ପ୍ରତିଷ୍ଠା ପାଇଁ ରାଷ୍ଟ୍ରପତି ଅଶ୍ରଫ୍ ଗନି ଆଞ୍ଚଳିତ ସହଯୋଗ ନେଇ ବୈଠକ କରୁଥିବାବେଳେ ମଙ୍ଗଳବାର ଅପରାହ୍ନରେ ବମିୟାନ୍ ପ୍ରଦେଶର କେନ୍ଦ୍ରରେ ଥିବା ବାମିୟାନ୍ ସିଟିର ଏକ ବଜାରରେ ଆତଙ୍କବାଦୀମାନେ ବିସ୍ଫୋରଣ ଘଟାଇଛନ୍ତି। ଏଥିରେ କେତେଜଣ ପୋଲିସ କର୍ମଚାରୀଙ୍କ ସମେତ ୧୭ ନିହତ ହୋଇଛନ୍ତି। ବିସ୍ଫୋରଣରେ ଅନେକ ଦୋକାନ ଓ ଯାନବାହନ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଆକ୍ରମଣ ପାଇଁ କୌଣସି ଆତଙ୍କବାଦୀ ସଙ୍ଗଠନ ନିଜକୁ ଦାୟୀ କରିନାହିଁ।

# ବାଇଡେନ୍ ଟ୍ରାଞ୍ଜିଶନ: ୟୁଏସ୍ ଶେୟାର ବଜାରରେ ଉତ୍ସାହ

ୱାଲ୍‌ଷ୍ଟ୍ରିଟ୍,୨୪।୧୧: ରାଷ୍ଟ୍ରପତି ଭାବେ ନିର୍ବାଚିତ ଜୋ ବାଇଡେନ୍‌ଙ୍କ ଟ୍ରାଞ୍ଜିଶନ ଖବର ଆସିବା ପରେ ଆମେରିକାର ଶେୟାର ବଜାର ରେକର୍ଡ ସ୍ତରରେ ବନ୍ଦ ହୋଇଛି। ବିଦାୟୀ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବାଇଡେନ୍‌ଙ୍କୁ ଶୀଘ୍ର କ୍ଷମତା ହସ୍ତାନ୍ତର କରିବେ ବୋଲି ଜଣାପଡିଛି। ଏହି ଖବର ଆସିବା ପରେ ୱାଲ୍‌ଷ୍ଟ୍ରିଟ୍‌ର ପ୍ରମୁଖ ସୂଚକାଙ୍କରେ କାରବାର ବେଶ୍ ଉନ୍ନତ ରହିଛି। ବ୍ଲୁ ଚିପ୍ ଡାଉ ରେକର୍ଡ ଉଚ୍ଚ ସ୍ତରରେ ରହିଛି। ସେହିଭଳି ଏସ୍‌ଆଣ୍ଡପିର ସମସ୍ତ ୧୧ ସୂଚକାଙ୍କ ଉର୍ଦ୍ଧ୍ୱଗାମୀ ରହିଛି। ଏହି ସମୟରେ ଟେସ୍‌ଲା କମ୍ପାନୀର ଶେୟାର କାରବାର ୩.୩% ବୃଦ୍ଧି ହୋଇଥିବା ନଜରକୁ ଆସିଛି। ୟୁଏସ୍ ଶେୟାର ବଜାରରେ ବ୍ୟାଙ୍କ, ଶକ୍ତି ଏବଂ ଶିଳ୍ପ କ୍ଷେତ୍ର ଶେୟାର କାରବାର ଉନ୍ନତ ରହିଛି।



ପଞ୍ଜାବୀ ଷ୍ଟାର ବଲିଉଡ୍‌ରେ ପ୍ରବେଶ ଲାଗି ପ୍ରୟାସ କରୁଥିବା କଥା ସମସ୍ତେ ଜାଣନ୍ତି। ହେଲେ ଭେଟେରାନ୍ ଅଭିନେତ୍ରୀ ଜୟାପ୍ରଦା ଏବେ ପଲିଉଡ୍‌ରେ ଡେବ୍ୟୁ କରିବେ ବୋଲି ଜଣାପଡ଼ିଛି। କେ. ସି. ବୋକାଡିଆଙ୍କ ଫିଲ୍ମ 'ଭୁତ୍ ଅଙ୍କଲ ତୁସି ଗ୍ରେଟ୍ ହୋ' ରେ ସେ ଅଭିନୟ କରିବେ। ଏହି ମଲ୍ଟି ଟାଲେଣ୍ଟେଡ୍ ଆକ୍ଟ୍ରେସଙ୍କ ଅଭିନୟ ଯାଦୁ ଏବେ ଦେଖିବାକୁ ମିଳିବ ପଞ୍ଜାବୀ ଫିଲ୍ମରେ। ଏହି ଫିଲ୍ମରେ ରାଜ୍ ବାବର ମଧ୍ୟ ଅଭିନୟ କରୁଛନ୍ତି।

# ଇଲେକ୍‌ଟ୍ରିକ୍ ମସ୍‌ରୁମ୍

**ପୁଷ୍ଟିକର ଖାଦ୍ୟ ତାଲିକାରେ ଛତୁ ବା ମସ୍‌ରୁମ୍‌ର ସ୍ଥାନ ସ୍ୱତନ୍ତ୍ର। ଭୋଜିଭାତ, ପାର୍ଟି, ଫଙ୍କସନ୍‌ରେ ଖାଇବା ଥାଳିରେ ପ୍ରଥମେ ଖୋଜା ପଡ଼ିଥାଏ ସ୍ୱାଦିଷ୍ଟ ଛତୁ ବ୍ୟଞ୍ଜନ। ତେବେ ପୂର୍ବ ଭାରତୀୟ ରାଜ୍ୟ ମେଘାଳୟର ବାଉଁଶ ବଣରେ ଏକ ଆଶ୍ଚର୍ଯ୍ୟଜନକ ଛତୁର ସନ୍ଧାନ କରିଛନ୍ତି ବିଶେଷଜ୍ଞ। ରାତିରେ ଏହି ଛତୁରୁ ବାଇଗଣି ରଙ୍ଗର ଆଲୋକ ବିଚ୍ଛୁରିତ ହୁଏ, ଯାହା ବେଶ୍ ଆକର୍ଷଣୀୟ। ଖାସ୍ ଏହି କାରଣରୁ ସ୍ଥାନୀୟ ବାସିନ୍ଦା ଏହାକୁ 'ଇଲେକ୍‌ଟ୍ରିକ୍ ମସ୍‌ରୁମ୍' ନାମରେ ନାମିତ କରିଛନ୍ତି।**



**ନୂଆଦିଲ୍ଲୀ:** ଫାଇଭର, ମିନେରାଲ ସମେତ ୧୨ରୁ ଉର୍ଦ୍ଧ୍ୱ ଉପାଦେୟ ଖଣିଜରେ ଭରପୂର ଛତୁ ସ୍ୱାସ୍ଥ୍ୟପକ୍ଷେ ବେଶ୍ ଉପାଦେୟ। ହେଲେ ମେଘାଳୟରେ ଠାବ କରାଯାଇଥିବା 'ଲାଇଟ୍ ଏମିଟିଂ ମସ୍‌ରୁମ୍'କୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। ବୈଜ୍ଞାନିକମାନେ ଏହାର ନାମ ଦେଇଛନ୍ତି 'ରୋରିଡୋମାଇସେସ୍ ଫାଇଲୋଷ୍ଟେଚିଡିସ୍'। ମେଘାଳୟର ଘଞ୍ଚ ଜଙ୍ଗଲରେ ଫଙ୍ଗଲ ବାୟୋଡାଇଭର୍ସିଟି ଉପରେ ଗବେଷଣା ଚାଲିଥିବାବେଳେ ଏଭଳି ଆଶ୍ଚର୍ଯ୍ୟଜନକ ଛତୁ ବିଶେଷଜ୍ଞଙ୍କ ନଜରକୁ ଆସିଥିଲା। ଦିନରେ ସାଧାରଣ ଦେଖାଯାଉଥିବା ଏହି ଛତୁର ରଙ୍ଗ ରାତି ହେଲେ ବଦଳିଯାଏ। ସେଥିରୁ ନୀଳ, ସବୁଜ ରଙ୍ଗର ମିଶ୍ରିତ ରଶ୍ମି ବାହାରିଥାଏ, ଯାହା ଚକ୍‌ଚକ୍ କରେ। ଜଣେ ଦୂରରୁ ଦେଖିଲେ ଏହାକୁ ସହଜରେ ଚିହ୍ନି ପାରିବ। ଚାଇନିଜ୍ ଏକାଡେମୀ ଅଫ୍ ସାଇନ୍ସ ଏବଂ ଆସାମର ଏକ ଏନ୍‌ଜିଓର ମିଳିତ ସହଯୋଗରେ ଚାଲିଥିବା ଅଭିଯାନରେ ଜଇନ୍ତିଆ ଏବଂ ଖାସି ଜଙ୍ଗଲରୁ ଏହି ପ୍ରଜାତିର ଛତୁ ଠାବ କରାଯାଇଛି।

ଦୀର୍ଘ ୧୫ବର୍ଷ ଧରି ବିଭିନ୍ନ ପ୍ରଜାତିର ଛତୁ ଉପରେ ଅଧ୍ୟୟନ କରୁଥିବା ଫଟୋଗ୍ରାଫର ତଥା ଉକ୍ତ ବିଶେଷଜ୍ଞ ଦଳର ସଦସ୍ୟ ଷ୍ଟିଫେନ୍ ଏକ୍ସଫୋର୍ଡ କହିଛନ୍ତି, ମେଘାଳୟରେ ଏଭଳି ଆଶ୍ଚର୍ଯ୍ୟଜନକ ଛତୁ ସମ୍ପର୍କରେ ଆଲୋଚନା ହେଉଥିଲା। ତେବେ ଏହାକୁ ଠାବ କରିବା ଏତେ ସହଜ ନ ଥିଲା। ଏଥିଲାଗି ସ୍ଥାନୀୟ ଲୋକଙ୍କ ସହାୟତା ନିଆଯାଇଥିଲା। ସେମାନଙ୍କ ସୂଚନା ଆଧାରରେ ଜଙ୍ଗଲରେ ଖୋଜାଖୋଜି କରିବା ପରେ ଏହି ଛତୁ ମିଳିଥିଲା।

ଅଧ୍ୟୟନରେ ସାମିଲ ହୋଇଥିବା ବୈଜ୍ଞାନିକ ସାମନ୍ଥା କରୁଣାରତ୍ନ କହିଛନ୍ତି, ସାରା ପୃଥିବୀରୁ ୯୬ ପ୍ରଜାତିର ଇଲେକ୍‌ଟ୍ରିକ୍ ମସ୍‌ରୁମ୍ ଠାବ ହୋଇସାରିଥିଲା। ମେଘାଳୟରୁ ଚିହ୍ନଟ ଏହି ପ୍ରଜାତିର ଛତୁ ୯୭ତମ ସ୍ଥାନ ଅଧିକାର କରିଛି। ସାଧାରଣତଃ ସାମୁଦ୍ରିକ ଜଳବାୟୁରେ ଏହି ଛତୁ ଭଲ ବଢ଼ିପାରନ୍ତି। ପାହାଡ଼ ପର୍ବତରେ ମଧ୍ୟ ଏହାର ଅନେକ ପ୍ରଜାତି ରହିଛି। ଛତୁରେ ସୃଷ୍ଟି ହେଉଥିବା ରାସାୟନିକ ପ୍ରତିକ୍ରିୟା ଅନୁଯାୟୀ ଏଥିରୁ ବିଭିନ୍ନ ରଙ୍ଗର ଆଲୋକ ବାହାରିଥାଏ। ମେଘାଳୟରୁ ମିଳିଥିବା ଛତୁ ସାଧାରଣତଃ ବାଉଁଶ ବୁଦା ମୂଳରେ ଫୁଟିଥାଏ। ଏଥିରୁ ସ୍ୱତନ୍ତ୍ର ଧରଣର ଏନ୍‌ଜାଇମ୍ ନିର୍ଗତ ହୋଇଥାଏ। ଅକ୍ସିଜେନ ସହ ପ୍ରତିକ୍ରିୟା ପରେ ସେଥିରୁ ରଙ୍ଗବେରଙ୍ଗ ଆଲୋକ ଉତ୍ପନ୍ନ ହୋଇଥାଏ। ହାରାହାରି ୨୧ ଡିଗ୍ରୀରୁ ୨୭ ଡିଗ୍ରୀ ତାପମାତ୍ରା ଏଥିଲାଗି ଉତ୍କୃଷ୍ଟ। ମେଘାଳୟ, କେରଳ, ଗୋଆରେ ବର୍ଷା ଦିନେ ଏହି ଛତୁ ପ୍ରଚୁର ମାତ୍ରାରେ ଫୁଟିଥାଏ, ଯାହା ସହ ସମ୍ପୃକ୍ତ ଅଞ୍ଚଳବାସୀ ବେଶ୍ ପରିଚିତ।

## ଆକ୍ସନ ସିନ୍‌ରେ ନଜର ଆସିବେ ସଞ୍ଜନା





**ମୁମ୍ବାଇ:** ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ଶେଷ ଫିଲ୍ମ 'ଦିଲ୍ ବେଚାରା'ରୁ ନିଜର କ୍ୟାରିୟର ଆରମ୍ଭ କରିଥିବା ଅଭିନେତ୍ରୀ ସଞ୍ଜନା ସାଙ୍ଘି ଆଦିତ୍ୟ ରୟ କପୁରଙ୍କ ସହ ଫିଲ୍ମ ଓମ୍ ଦ ବ୍ୟାଟେଲ'ରେ ନଜର ଆସିବେ ବୋଲି ଜଣାପଡ଼ିଛି। ଫିଲ୍ମ ନିର୍ମାତା ଅହମ୍ମଦ ଖାଁ କହିଛନ୍ତି, ପ୍ରଥମ ଅଭିନୟ ହିଁ ସଞ୍ଜନାଙ୍କର ଥିଲା ଏକ ପରିପକ୍ୱ ଅଭିନୟ। ତେଣୁ ଏହି ଫିଲ୍ମରେ ତାଙ୍କୁ ନେବାକୁ ଉଚିତ୍ ମଣିଛନ୍ତି ନିର୍ମାତା। ଏଥିରେ ସଞ୍ଜନାଙ୍କର ଆକ୍ସନ ସିନ୍ ରହିବ ବୋଲି ଜଣାପଡ଼ିଛି । ଏହାକୁ ନେଇ ଅଭିନେତ୍ରୀ କହିଛନ୍ତି, ଆକ୍ସନ ମୁଭିରେ ଅଭିନୟ କରିବାର ସୁଯୋଗ ମିଳିବା ବଡ଼ ଭାଗ୍ୟର କଥା। ଏଥିପାଇଁ ସେ ନିର୍ଦ୍ଦେଶକଙ୍କୁ ଧନ୍ୟବାଦ ଦେଇଛନ୍ତି । ଏହି ଫିଲ୍ମରେ ସଞ୍ଜନା କାବ୍ୟା କ୍ୟାରେକ୍ଟରରେ ଆସୁଥିବା ବେଳେ ଏହା ଦେଶର ଯୁବତୀଙ୍କୁ ପ୍ରେରଣା ନିଶ୍ଚୟ ଦେବ। ତେବେ ଏଥିରେ ସେ ଯେଉଁ ଚରିତ୍ରରେ ଆସୁଛନ୍ତି ତାହା ତାଙ୍କ ପାଇଁ ସମ୍ପୂର୍ଣ୍ଣ ଅଲଗା ବୋଲି ସେ କହିଛନ୍ତି। ଆସନ୍ତା ବର୍ଷ ମାର୍ଚ୍ଚ ସୁଦ୍ଧା ଏହାର ଶୁଟିଂ ଶେଷ କରିବାକୁ ନିର୍ମାତା ଲକ୍ଷ୍ୟ ରଖିଥିବା ବେଳେ ଜୁନ୍-ଜୁଲାଇରେ ଏହା ରିଲିଜ୍ ହେବାର ଯୋଜନା ରହିଛି । ଦେଶର ତିନୋଟି ପ୍ରମୁଖ ସ୍ଥାନରେ ଏହାର ଶୁଟିଂ କରାଯିବା ସହ ବିଦେଶରେ ମଧ୍ୟ କିଛି ଅଂଶ ଶୁଟିଂ କରାଯିବ।

## ଲେଗୋ ବ୍ରିକ୍‌ରେ ଚାଲି ରେକର୍ଡ

**ନୂଆଦିଲ୍ଲୀ:** ଲେଗୋ ବ୍ରିକ୍ ( ବିଭିନ୍ନ ରଙ୍ଗର ପ୍ଲାଷ୍ଟିକ୍ ଆବୁଡ଼ାଖାବୁଡ଼ା ଇଟା ଭଳି ଖେଳନା) ଉପରେ ଚାଲିବା ଯେ କୌଣସି ଲୋକଙ୍କ ପାଇଁ କଷ୍ଟକର। ତେଣୁ ଭୁଲ୍‌ରେ ବି କେହି ଯଦି ଲେଗୋ ବ୍ରିକ୍ ଉପରେ ଚାଲନ୍ତି ତେଣୁ କଷ୍ଟ ସହି ନ ପାରି ବାହାରି ଆସନ୍ତି। କିନ୍ତୁ ଏଭଳି ଏକ ରାସ୍ତାରେ ବି ଜଣେ ୩ ଘଣ୍ଟା ପର୍ଯ୍ୟନ୍ତ ଚାଲିପାରେ। ଏଭଳି ଏକ କାମ କରି ଏବେ ରେକର୍ଡ କରିଛନ୍ତି ଆମେରିକାର ଏଲ୍.ଏ ବିଷ୍ଟ। ଲେଗୋ ବ୍ରିକ୍ ଉପରେ ଦୀର୍ଘ ସମୟ ଚାଲି ରେକର୍ଡ କରିଛନ୍ତି ଏଲ୍.ଏ ବିଷ୍ଟ। ଏଭଳି ଏକ କଷ୍ଟକର ରାସ୍ତାରେ ଚାଲିବା ପାଇଁ ବିଷ୍ଟ ପ୍ରଥମେ ଏକ ଚ୍ୟାଲେଞ୍ଜ



ନେଇଥିଲେ। ଚାଲିବା ସମୟରେ ହେଉଥିବା କଷ୍ଟକୁ ସେ ବେଶ୍ ସମୟ ସହିପାରିବେ ବୋଲି ଚ୍ୟାଲେଞ୍ଜରେ କହିଥିଲେ। ତେଣୁ ଏହି ସବୁ ପ୍ଲାଷ୍ଟିକ୍ ବ୍ରିକ୍ ପକାଇ ସେ ଏକ ରାସ୍ତା ତିଆରି କରି ତା' ଉପରେ ବାରମ୍ବାର ଚାଲିଥିଲେ। ଏମିତି କି ଏଭଳିଭାବେ ସେ ମୋଟ ୩୮୮୬.୨୦ ମିଟର ବା ୧୨, ୭୫୦ ଫୁଟ ରାସ୍ତା ଖାଲି ପାଦରେ ଚାଲିଥିଲେ। ଆଉ ଚାଲିବା ସମୟରେ ସେ ଆଦୌ ଥକି ନ ଥିଲେ। ଦୀର୍ଘ ୩ ଘଣ୍ଟା ପର୍ଯ୍ୟନ୍ତ ଖାଲି ପାଦରେ ଏଭଳି ଲେଗୋ ବ୍ରିକ୍ ଉପରେ ଚାଲିବା ଫଳରେ ସେ ଗିନିଜ୍ ବୁକ୍ ରେକର୍ଡ କରିଛନ୍ତି। ତେବେ ଏହା ପୂର୍ବରୁ ବିଷ୍ଟଙ୍କର ଖାଦ୍ୟ ସମ୍ପର୍କିତ ଅନେକଗୁଡ଼ିଏ ରେକର୍ଡ ବି ରହିଛି। କମ୍ ସମୟରେ ଅଧିକ ଖାଇବାରେ ତାଙ୍କର ବିଭିନ୍ନ ପ୍ରକାରର ରେକର୍ଡ ଅଛି। ଏବେ ସେ ତାଙ୍କର ଏହି ରେକର୍ଡ ନେଇ ଫେସ୍‌ବୁକ୍‌ରେ ଶେୟାର କରିଛନ୍ତି, ଯାହାକୁ ଲୋକେ ଖୁବ୍ ପ୍ରଶଂସା କରିଛନ୍ତି।


## ହିମ ପାହାଡ଼ ତରଳିଲେ ଭୟଙ୍କର ସଙ୍କଟ



**ୱାଶିଂଟନ:** ପୃଥିବୀରେ କରୋନା ମହାମାରୀ ସଙ୍କଟ ଜାରି ରହିଥିବାବେଳେ ଏବେ ବୈଜ୍ଞାନିକମାନେ ଅନ୍ୟ ଏକ ବିପଦ ମାଡ଼ି ଆସୁଥିବା ସମ୍ପର୍କରେ ଚେତାବନୀ ଦେଇଛନ୍ତି। ଉତ୍ତରମେରୁରେ ହିମ ପାହାଡ଼ ତରଳିଲେ ମାନବ ସଭ୍ୟତା ପ୍ରତି ବିପଦ ମାଡ଼ି ଆସିବ ବୋଲି ବୈଜ୍ଞାନିକ କହିଛନ୍ତି। ମେରୁ ଅଞ୍ଚଳରେ ରୋଗ ସୃଷ୍ଟିକାରୀ ଅସଂଖ୍ୟ ଅଣୁଜୀବ ବରଫ ତଳେ ପୋତି ହୋଇ ନିଷ୍କ୍ରିୟ ଭାବେ ରହିଛନ୍ତି। ମାତ୍ର ଜାରି ରହିଥିବା ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ହିମ ପାହାଡ଼ ତରଳିଲେ ଏସବୁ ଅଣୁଜୀବ ବାହାରକୁ ବାହାରି ସକ୍ରିୟ ହେବେ। ଫଳରେ କରୋନାଠାରୁ ଅଧିକ ଭୟଙ୍କର ମହାମାରୀ ଯୋଗୁ ମାନବ ସମାଜରେ ମୃତ୍ୟୁର ତାଣ୍ଡବ ସୃଷ୍ଟି ହେବାର ଆଶଙ୍କା ରହିଥିବା ବୈଜ୍ଞାନିକ ସୂଚନା ଦେଇଛନ୍ତି। ଏନେଇ ଆମେରିକାନ୍ ସାଇଣ୍ଟିଫିକ୍ ପତ୍ରିକାରେ ଏକ ରିପୋର୍ଟ ପ୍ରକାଶ ପାଇଛି। ୟୁନିଭରସିଟି ଅଫ୍ ମାଇନ୍ କ୍ଲାଇମେଟ୍ ଚେଞ୍ଜ ଇନଷ୍ଟିଚ୍ୟୁଟ୍‌ର ପ୍ରଫେସର କିମ୍ବରଲେ ମାଇନର, ଏବଷ୍ଟବିଥ୍ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଏଡ୍‌ୱିନ୍ ଏଡ୍‌ୱର୍ଡ ଏବଂ ଚାଲର୍ସ ମିଲର ମିଳିତ ଭାବେ ଏହି ରିପୋର୍ଟ ପ୍ରସ୍ତୁତ କରିଛନ୍ତି।

## ଜନ୍ମହେଲେ ହ୍ରିତିକ୍

ଇମ୍ଫାଲ: ଜନ୍ମ ନେଇଛନ୍ତି ହ୍ରିତିକ୍। ଏଭଳି ଏକ କଥା ଶୁଣି ଆଶ୍ଚର୍ଯ୍ୟ ହୋଇଗଲେ କି! ବଲିଉଡ୍ ଅଭିନେତା ହ୍ରିତିକ୍ ରୋଶନ ପୁଣି ଜନ୍ମନେବେ, ଏକଥା ଶୁଣିଲେ ଯେ କେହି ବି ଆଶ୍ଚର୍ଯ୍ୟ ହେବେ। କିନ୍ତୁ ପ୍ରକୃତ କଥା ହେଉଛି ଇମ୍ଫାଲରେ ଏକ ଶିଶୁ ଜନ୍ମ ନେଇଛି, ଯାହାର ନାଁ ରଖାଯାଇଛି ହ୍ରିତିକ୍। ଏଭଳି ନାମକରଣ ପଛରେ ଏକ କାରଣ ବି ରହିଛି। ବଲିଉଡ୍ ଅଭିନେତାଙ୍କ ପରି ନବଜାତ ଶିଶୁଟି ହାତରେ ରହିଛି ୬ଟି ଆଙ୍ଗୁଠି। ଏଥିପାଇଁ ଏହି ଶିଶୁର ନାଁ ହ୍ରିତିକ୍ ରଖାଯାଇଛି। ଇମ୍ଫାଲର ହୃଷୀକେଶ ଆନଙ୍ଗମ୍ ନାମକ ଜଣେ ବ୍ୟକ୍ତି ବଲିଉଡ୍ ଅଭିନେତା ହ୍ରିତିକ୍ ରୋଶନଙ୍କର ଜଣେ ବଡ଼ ପ୍ରଶଂସକ। ହ୍ରିତିକଙ୍କର ସେ ପ୍ରତ୍ୟେକ ଫିଲ୍ମକୁ ନ ଦେଖି ରହିପାରନ୍ତି ନାହିଁ। ହ୍ରିତିକ୍ ରୋଶନ୍ ତାଙ୍କୁ ଏତେ ଭଲ ଲାଗନ୍ତି ଯେ



ତାଙ୍କର ପୁତ୍ର ସନ୍ତାନ ହେଲେ ସେ ତା'ର ନାଁ ହ୍ରିତିକ୍ ରଖିବେ ବୋଲି ବହୁ ଆଗରୁ ନିଷ୍ପତ୍ତି ନେଇଥିଲେ। ସଂଯୋଗ ବଶତଃ ଗତ ୨୩ ତାରିଖରେ ତାଙ୍କର ଏକ ପୁତ୍ର ସନ୍ତାନ ଜନ୍ମଲାଭ କରିଛି, ଯାହାର ମଧ୍ୟ ଗୋଟିଏ ହାତର ଆଙ୍ଗୁଠି ୬ଟି। ଅଭିନେତା ହ୍ରିତିକ୍ ରୋଶନଙ୍କ ମଧ୍ୟ ଗୋଟିଏ ହାତରେ ୬ଟି ଆଙ୍ଗୁଠି ରହିଛି। ହ୍ରିତିକ୍ ରୋଶନଙ୍କର ଯେଉଁଭଳି ବୁଢ଼ା ଆଙ୍ଗୁଠି ଦୁଇଟି ଠିକ୍ ସେହିଭଳି ହୃଷୀକେଶଙ୍କ ପୁଅର ମଧ୍ୟ ଦୁଇଟି ବୁଢ଼ା ଆଙ୍ଗୁଠି ରହିଛି। ତେଣୁ ଏଭଳି ଏକ ପୁତ୍ର ଜନ୍ମ ହୋଇଥିବା ଦେଖି ସେ ବହୁତ ଖୁସି ହୋଇଯାଇଥିଲେ ଏବଂ ତୁରନ୍ତ ତାଙ୍କ ପୁଅର ନାଁ ହ୍ରିତିକ୍ ବୋଲି ଘୋଷଣା କରି ଦେଇଥିଲେ। ଏହା ସହିତ ସେ, ସୋସିଆଲ ମିଡିଆରେ ମଧ୍ୟ ତାଙ୍କର ଏଭଳି ଏକ ପୁତ୍ର ଓ ତା'ର ନାଁ ସମ୍ପର୍କରେ ସୂଚନା ଦେଇଥିଲେ। ସୋସିଆଲ ମିଡିଆରେ ତାଙ୍କର ଏଭଳି ଏକ ପୋଷ୍ଟ ଏବେ ଭାଇରାଲ ହେବାରେ ଲାଗିଛି। ଲୋକେ ସୋସିଆଲ ମିଡିଆରେ ହୃଷୀକେଶଙ୍କର ପୋଷ୍ଟକୁ ଖୁବ୍ ପସନ୍ଦ କରିଛନ୍ତି ଏବଂ ସୁନ୍ଦର କମେଣ୍ଟ ବି କରୁଛନ୍ତି।

## ମନେ ପଡ଼ନ୍ତି

**୩୦ତମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ନଟବର ଦେବତା
ମୀନାବଜାର, ଢେଙ୍କାନାଳ
ଆବିର୍ଭାବ: ୨୦।୧୨।୧୯୧୮
ତିରୋଧାନ: ୩୦।୧୦।୧୯୯୦
ଚାହୁଁଚାହୁଁ ୩୦ବର୍ଷ ବିତିଗଲା। ତୁମର ଅନାବିଳ ସ୍ନେହ, ପରୋପକାର ଓ ଶ୍ରଦ୍ଧା ଆମମାନଙ୍କର ପ୍ରେରଣାର ଉତ୍ସ ହୋଇ ରହିବ। ଆପଣଙ୍କ ଅମରାତ୍ମା ସଦା ଶାନ୍ତି ଲାଭ କରୁ। ଏତିକି ଭଗବାନଙ୍କ ନିକଟରେ ପ୍ରାର୍ଥନା।
-:ଆପଣଙ୍କର ସମସ୍ତ ପରିବାରବର୍ଗ:-
ମେସର୍ସ ନଟବର ଦେବତା, ଓମ୍ ଟେକ୍ସଟାଇଲ, ବଳରାମ ଫେବ୍ରିକ୍ସ ।
ଧ-୬୬୮୯୮

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତା ଭାବେନି ମହାରଣା
ସ୍ଥାନ: ଲିଙ୍ଗିପୁର, ଭୁବନେଶ୍ୱର
ଆବିର୍ଭାବ: ୦୬।୦୩।୧୯୪୨
ତିରୋଧାନ: ୧୫।୧୧।୨୦୨୦
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ ପରିବାର:-
ସ୍ୱାମୀ: ଜୟକୃଷ୍ଣ ମହାରଣା, ପୁତ୍ର: ଦିଲିପ୍, ପ୍ରଦୀପ୍, ପ୍ରଶାନ୍ତ, ପୁତ୍ରବଧୂ, ନାତି, ନାତୁଣୀ ।
ଧ-୬୯୫୪

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଚତୁର୍ଭୁଜ ସାହୁ
ଅବସରପ୍ରାପ୍ତ ଓଡ଼ିଶା ଅର୍ଥସେବା ଅଧିକାରୀ
ଗ୍ରାମ: ସିଙ୍ଗ୍‌ଲା, ଜି: ବାଲେଶ୍ୱର
ଆବିର୍ଭାବ: ତା ୨୫।୦୬।୧୯୫୧
ତିରୋଧାନ: ତା ୧୫।୧୧।୨୦୨୦
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ। ନ ଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ତୁମ ଆତ୍ମାର ସଦ୍‌ଗତି ପ୍ରାପ୍ତି ପାଇଁ ଆମ୍ଭେ ଶ୍ରୀଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କୁ ପ୍ରାର୍ଥନା କରୁଅଛୁ।
-:ଶୋକସନ୍ତପ୍ତ:-
ଧର୍ମପତ୍ନୀ, ପୁତ୍ର: ବାବୁ, ଦେବୁ, ଟୁନା, ଝିଅ: କାଙ୍ଗୁ, ଝୁନୀ, ରୁନୀ, ଟୁନୀ ତଥା ଆତ୍ମୀୟସ୍ୱଜନ ଏବଂ ଗଭୀର ମର୍ମାହତ ଶ୍ରୀସୁଶୀଲ୍ କୁମାର ରଣା, ଓଡ଼ିଶା ସଚିବାଳୟ ସେବା ଅଧିକାରୀ ।
ଧ-୬୯୬୫୧

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ କୈଳାସ ଚନ୍ଦ୍ର ପରିଡ଼ା
ଶଗଡ଼ାଇଲେ, ନିଆଳୀ, କଟକ
ଆବିର୍ଭାବ: ୦୪।୦୬।୧୯୪୦
ତିରୋଧାନ: ୦୮।୧୧।୨୦୧୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ ପରିବାର:-
ଧର୍ମପତ୍ନୀ: (ଲୋଜା), ପୁଅ-ବୋହୂ: କଳ୍ପତରୁ, କଳ୍ପନା, ନୀଳମଣି- ବିଶ୍ୱମୟୀ, ଇନ୍ଦ୍ରମଣି, ନାତି-ନାତୁଣୀ: କୁନୁ, କାହ୍ନା, ମାମା, ରୀମା, ରୋମିଓ ।
ଧ-୧୧୦୨୮

**୨୫ ବର୍ଷ ଶ୍ରାଦ୍ଧବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳୀ**



✓ବନଲତା ଦେବୀ
ଆବିର୍ଭାବ : ୦୮/୧୧/୧୯୨୬
ତିରୋଧାନ : ୦୩/୧୧/୧୯୯୫
ଆଜକୁ ପଚିଶ ବର୍ଷ ବିତିଗଲା ତୁମେ ଏ ତେଲ ଲୁଣ ସଂସାରରୁ ଚାଲିଗଲ । ହେଲେ ତୁମର ଉପସ୍ଥିତି ଆଜି ବି ଅନୁଭୂତ ହେଉଛି। ଆଜିର ଏହି ପବିତ୍ର ବଡ଼ ଏକାଦଶୀ ତିଥିରେ ତୁମର ଆତ୍ମା ପରମାତ୍ମାରେ ଲୀନ ହେଉ, ଏହା ମୋର ମା' ଦୁର୍ଗାଙ୍କ ନିକଟରେ ପ୍ରାର୍ଥନା।
ଦେବୀ ପ୍ରସାଦ ମହାପାତ୍ର
ଧ-୬୯୯୩୮

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

RIDHI FINANCE
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

ମୋର ଶକ୍ତି ପ୍ରଦର୍ଶନ ନିଜେ ଦେଖନ୍ତୁ ଖୋଲା ଚ୍ୟାଲେଞ୍ଜ୍
ଆଖି ଆଗରେ ୩ ଘଣ୍ଟାରେ ୧୦୧% ସମସ୍ୟାର ସମାଧାନ
ବାବା ଅଘୋରୀ ତାନ୍ତ୍ରିକ
(ତନ୍ତ୍ର ମନ୍ତ୍ର ର ସମ୍ରାଟ୍)
ଯାହାର ଥିବ ଜ୍ଞାନ ସେହିଁ କରିବ ସମାଧାନ
ଭଗବାନ ଚାହିଁଲେ ସବୁକିଛି ସମ୍ଭବ କରିପାରିବି ।
ସ୍ପେଶାଲିଷ୍ଟ ବଶୀକରଣ, ମନ ଚାହୁଁଥିବା ପ୍ରେମ, ପ୍ରେମ ବିବାହ, ପ୍ରେମରେ ଧୋକା, ରାଗିଥିବା ଲୋକଙ୍କୁ ମନେଇବା, ପତୀ ପତ୍ନୀ ମଧ୍ୟରେ ଝଗଡ଼ା, ଶତ୍ରୁଠାରୁ ମୁକ୍ତି, ବ୍ୟବସାୟରେ ବାଧା, A-Z ସମସ୍ୟାର ସମାଧାନ ।
8882348054
ପ୍ରକୃତ ପ୍ରେମୀମାନେ କାହିଁକି ନିରାଶ ହେଉଛନ୍ତି, ପ୍ରେମର ଅସମ୍ପୂର୍ଣ୍ଣ ସ୍ୱପ୍ନକୁ ବଶୀକରଣ ଦ୍ୱାରା ଜୀବନସାଥି କରନ୍ତୁ । ଘରେବସି କାମକରିଥିବା କଥାଗୁପ୍ତ ରହିବ ।

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
BALAJI FINANCE
(Reg. No. KA08FGD557S113)
(ବିନା କୌଣସୀ ସାକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
08763569043

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

JANODAYA Finance
ପର୍ସନାଲ୍, ପ୍ରପୋର୍ଟି, ଗ୍ରୁପ୍, ମାର୍କସିଟ୍, ବ୍ୟବସାୟ, କୃଷି ପଶୁପାଳନ, କୁକୁଡା ପାଳନ ଓ ଗୃହଋଣ ଇତ୍ୟାଦି ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ ।
ମାତ୍ର ୨% ସୁଧ ହାରରେ
Bharatpur, Badahkole,Sambalpur
9438082179
8480403308

ଅଗରବତି ମେସିନ
କମ୍ ଖର୍ଚ୍ଚରେ ନିଜ ଘରେ ଧୂପକାଠି ମେସିନ ବସାଇ ଦୈନିକ ୧୦୦୦ରୁ ୧୫୦୦ ଟଙ୍କା ରୋଜଗାର କରନ୍ତୁ ।
ପ୍ରତ୍ୟେକ ମେସିନ ସହ RAW MATERIAL FREE
Mob.-9078729199, 8018493464

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପ୍ରଥମ ଦୁଇ ଟେଷ୍ଟରୁ ରୋହିତ, ଈଶାନ୍ତ ବାଦ୍



ରୋହିତ ଶର୍ମା ଓ ଈଶାନ୍ତ ଶର୍ମା।

**ନୂଆଦିଲ୍ଲୀ,୨୪।୧୧(ପି.ଟି.):** ଭାରତୀୟ ତାରକା ଓପନର ରୋହିତ ଶର୍ମା ଓ ଅଭିଜ୍ଞ ଦ୍ରୁତ ବୋଲର ଈଶାନ୍ତ ଶର୍ମା ଆଗାମୀ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜର ପ୍ରଥମ ଦୁଇଟି ମ୍ୟାଚ୍‌ରୁ ବାଦ୍ ପଡିଛନ୍ତି। କେବଳ ସେତିକି ନୁହେଁ ସିରିଜର ବାକି ଦୁଇଟି ଟେଷ୍ଟରେ ଏହି ଦୁହେଁ ଖେଳିବା ନେଇ ଆଶଙ୍କା ସୃଷ୍ଟି ହୋଇଛି ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସୂତ୍ରରୁ ଜଣାଯାଇଛି। ମ୍ୟାଚ୍ ଖେଳିବା ପାଇଁ ଏହି ଦୁଇ ଖେଳାଳି ସମ୍ପୂର୍ଣ୍ଣ ରୂପେ ଫିଟ୍ ହେବା ପାଇଁ ଆହୁରି ପାଖାପାଖି ଗୋଟିଏ ମାସ ସମୟ ଲାଗିବ ବୋଲି ବିସିସିଆଇକୁ ସୂଚନା ଦିଆଯିବା ପରେ ଏହା ସ୍ପଷ୍ଟ ହୋଇଛି।

ଆଘାତ ଲାଗି ଏହି ଦୁଇ ଖେଳାଳି ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ ଏକାଡେମୀରେ ରିହାବିଲିଟେଶନ ପ୍ରକ୍ରିୟାରେ ସାମିଲ ରହିଛନ୍ତି ଓ ଫିଟ୍ ହେବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ଏହି ଦୁଇ ଖେଳାଳି ଅଷ୍ଟ୍ରେଲିଆ ଗସ୍ତରେ ଖେଳାଯିବାକୁ ଥିବା ସୀମିତ ଓଭର ସିରିଜରୁ ବାଦ୍ ପଡିସାରିଛନ୍ତି। ପ୍ରଥମେ ଦିନିକିଆ ସିରିଜ ଖେଳାଯିବ ଓ ଏହା ଶୁକ୍ରବାରଠାରୁ ଆରମ୍ଭ ହେବ। ତେବେ ଡିସେମ୍ବର ୧୭ ତାରିଖରୁ ଆରମ୍ଭ ହେବାକୁ ଥିବା ଟେଷ୍ଟ ସିରିଜରେ ଏମାନେ ଖେଳିବା ପାଇଁ ଦଳରେ ସ୍ଥାନ ବଜାୟ ରଖିଛନ୍ତି। ତେବେ କ୍ୱାରାଣ୍ଟାଇନ୍ ନିୟମ କାରଣରୁ ରୋହିତ ଓ ଈଶାନ୍ତ ଖେଳିବା ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି।

ମ୍ୟାଚ୍ ଫିଟ୍ ହେବା ପାଇଁ ରୋହିତ ଓ ଈଶାନ୍ତ ଅତିକମ୍‌ରେ ଆଉ ୩ରୁ ୪ ସପ୍ତାହ ସମୟ ନେବେ ବୋଲି ଏନ୍‌ସିଏ ବିସିସିଆଇକୁ ରିପୋର୍ଟ ଦେବା ସହ ଅବଗତ କରାଇଛି। ରୋହିତ ହାମ୍‌ଷ୍ଟ୍ରିଙ୍ଗ୍ ଇଞ୍ଜୁରିରୁ ମୁକ୍ତ ହୋଇ ଏବେ ବେଶ୍ ଭଲ ଅନୁଭବ କରୁଛନ୍ତି। ତେବେ ଷ୍ଟ୍ରେନ୍ଥ ଓ କଣ୍ଡିଶନିଂ ଉପରେ କାର୍ଯ୍ୟକରୁଛନ୍ତି ବୋଲି ରୋହିତ ଗତ ସପ୍ତାହରେ ପିଟିଆଇକୁ ସାକ୍ଷାତକାର ଦେବା ଅବସରରେ କହିଥିଲେ। ଅନ୍ୟପଟେ ଈଶାନ୍ତ ସାଇଡ୍ ଷ୍ଟ୍ରେନ୍ ଇଞ୍ଜୁରିରୁ ମୁକ୍ତ ହେବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ଶକ୍ତ କ୍ୱାରାଣ୍ଟାଇନ ନିୟମ କାରଣରୁ ଟେଷ୍ଟ ସିରିଜ ଖେଳିବାକୁ ହେଲେ ଖେଳାଳିମାନଙ୍କୁ ଆଗାମୀ ୩ରୁ ୪ ଦିନ ମଧ୍ୟରେ ଅଷ୍ଟ୍ରେଲିଆରେ ପହଞ୍ଚିବାକୁ ହେବ। ନ ହେଲେ ଟେଷ୍ଟ ସିରିଜ ଖେଳିବା କଷ୍ଟକର ହେବ ବୋଲି ଭାରତୀୟ କୋଚ୍ ରବି ଶାସ୍ତ୍ରୀ କହିଛନ୍ତି।

# ପୁରସ୍କାର ଦୌଡ଼ରେ କୋହଲି, ଅଶ୍ୱିନ

**ଦୁବାଇ,୨୪।୧୧(ପି.ଟି.):** ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି ଓ ରବିଚନ୍ଦ୍ରନ ଅଶ୍ୱିନ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ୍ (ଆଇସିସି) ପ୍ଲେୟର ଅଫ୍ ଦି ଡିକେଡ୍ ଅର୍ଥାତ୍ ଦଶନ୍ଧିର ସର୍ବଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଁ ଦୌଡ଼ରେ ସାମିଲ ହୋଇଛନ୍ତି। ଗତ ଏକ ଦଶନ୍ଧିରେ ଦୃଷ୍ଟାନ୍ତମୂଳକ ପ୍ରଦର୍ଶନ କରିଥିବାରୁ ଆଇସିସି ଏହି ପୁରସ୍କାର ପାଇଁ ଏହି ଦୁଇ ଖେଳାଳିଙ୍କୁ ପୁରସ୍କାର ଦୌଡ଼ରେ ସାମିଲ କରିଛି। ଗତ ୧୦ ବର୍ଷରେ କୋହଲି ବହୁ ସଂଖ୍ୟାରେ ରନ୍ ସଂଗ୍ରହ କରି ୫ଟି ବର୍ଗରେ ପୁରସ୍କାର ପାଇଁ ନାମିତ ହୋଇଛନ୍ତି।

ଏହି ସମ୍ମାନଜନକ ପୁରସ୍କାର ପାଇଁ କୋହଲି ଓ ଅଶ୍ୱିନଙ୍କ ସମେତ ମୋଟ ୭ ଜଣ ଖେଳାଳି ଦୌଡ଼ରେ ସାମିଲ ହୋଇଛନ୍ତି। ଏହି ଦୁଇ ଖେଳାଳିଙ୍କୁ ବାଦ୍ ଦେଲେ ଇଂଲଣ୍ଡ ଜୋ ରୁଟ୍, ନ୍ୟୁଜିଲାଣ୍ଡର କେନ୍ ୱିଲିୟମସନ, ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥ୍, ଦକ୍ଷିଣ ଆଫ୍ରିକାର ଏବି ଡି'ଭିଲର୍ସ ଓ ଶ୍ରୀଲଙ୍କାର କୁମାର ସଙ୍ଗକାରା ମଧ୍ୟ ଏହି ପୁରସ୍କାର ଦୌଡ଼ରେ ରହିଛନ୍ତି। ସେହିପରି ଦଶନ୍ଧିର ପୁରୁଷ ଦିନିକିଆ ଖେଳାଳି ପୁରସ୍କାର ବର୍ଗରେ ଭାରତୀୟ ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଓ ରନ୍ ମେଶିନ ରୋହିତ ଶର୍ମା କୋହଲି, ଲାସିଥ ମାଲିଙ୍ଗା (ଶ୍ରୀଲଙ୍କା), ମିଚେଲ ଷ୍ଟାର୍କ (ଅଷ୍ଟ୍ରେଲିଆ), ଏବି ଡି'ଭିଲର୍ସ ଓ ସଙ୍ଗକାରା ସ୍ଥାନ ପାଇଛନ୍ତି।

 କୋହଲି ଓ ରୋହିତ ପୁରୁଷ ଟି୨୦ ପ୍ଲେୟର ଅଫ୍ ଦି ଡେକାଡ ବର୍ଗରେ ସାମିଲ ହୋଇଛନ୍ତି। ଏହି ବର୍ଗରେ ସାମିଲ ହୋଇଥିବା ଅନ୍ୟ ଖେଳାଳିମାନେ ହେଲେ ଆଫଗାନିସ୍ତାନର ରସିଦ ଖାଁ, ଦକ୍ଷିଣ ଆଫ୍ରିକାର ଇମ୍ରାନ ତାହିର, ଅଷ୍ଟ୍ରେଲିଆର ଆରୋନ ଫିଞ୍ଚ, ଶ୍ରୀଲଙ୍କାର ଲାସିଥ୍ ମାଲିଙ୍ଗା ଓ ୱେଷ୍ଟଇଣ୍ଡିଜର କ୍ରିସ୍ ଗେଲ। ସେହିପରି କୋହଲି ପୁରୁଷ ଟେଷ୍ଟ ପ୍ଲେୟର ଅଫ୍ ଦି ଡିକେଡ୍ ଓ ଆଇସିସି ସ୍ପିରିଟ୍ ଅଫ୍ କ୍ରିକେଟ ଆୱାର୍ଡ ଅଫ୍ ଦି ଡେକାଡ୍ ବର୍ଗ ଦୌଡ଼ରେ ସାମିଲ ହୋଇଛନ୍ତି। କୋହଲିଙ୍କ ସମେତ ଧୋନୀ ମଧ୍ୟ ଆଇସିସି ସ୍ପିରିଟ୍ ଅଫ୍ କ୍ରିକେଟ ଆୱାର୍ଡ ଅଫ୍ ଦି ଡିକେଡ୍ ବର୍ଗରେ ସାମିଲ ହୋଇଛନ୍ତି।

### ଦଶନ୍ଧିର ସର୍ବଶ୍ରେଷ୍ଠ ଖେଳାଳି



ବିରାଟ କୋହଲି ଓ ରବିଚନ୍ଦ୍ରନ୍ ଅଶ୍ୱିନ।

### ପୁରସ୍କାର ଦୌଡ଼ରେ ଖେଳାଳି

**ପୁରୁଷ ପ୍ଲେୟର ଅଫ୍ ଦି ଡିକେଡ୍**
ବିରାଟ କୋହଲି, ରବିଚନ୍ଦ୍ରନ ଅଶ୍ୱିନ, ଜୋ ରୁଟ୍, କେନ୍ ୱିଲିୟମଶନ, ଷ୍ଟିଭ ସ୍ମିଥ୍, ଏବି ଡି'ଭିଲର୍ସ ଓ କୁମାର ସଙ୍ଗକାରା।

**ପୁରୁଷ ଓଡିଆଇ ପ୍ଲେୟର ଅଫ୍ ଦି ଡିକେଡ୍**
ବିରାଟ କୋହଲି , ଲାସିଥ ମାଲିଙ୍ଗା, ମିଚେଲ ଷ୍ଟାର୍କ, ଡି'ଭିଲର୍ସ, ରୋହିତ ଶର୍ମା, ମହେନ୍ଦ୍ର ସିଂ ଧୋନୀ ଓ କୁମାର ସଙ୍ଗକାରା।

**ପୁରୁଷ ଟେଷ୍ଟ ପ୍ଲେୟର ଅଫ୍ ଦି ଡିକେଡ୍**
ବିରାଟ କୋହଲି, କେନ୍ ୱିଲିୟମସନ, ଷ୍ଟିଭ୍ ସ୍ମିଥ୍, ଜେମ୍ସ ଆଣ୍ଡରସନ, ରଙ୍ଗନା ହେରାଥ ଓ ୟାସିର ଶାହା।

**ପୁରୁଷ ଟି୨୦ ପ୍ଲେୟର ଅଫ୍ ଦି ଡିକେଡ୍**
ରସିଦ ଖାଁ, ବିରାଟ କୋହଲି, ଇମ୍ରାନ ତାହିର, ଆରୋନ ଫିଞ୍ଚ, ଲାସିଥ ମାଲିଙ୍ଗା, କ୍ରିସ୍ ଗେଲ ଓ ରୋହିତ ଶର୍ମା।

**ଆଇସିସି ସ୍ପିରିଟ୍ ଅଫ୍ କ୍ରିକେଟ ଆୱାର୍ଡ ଅଫ୍ ଦି ଡିକେଡ୍**
ବିରାଟ କୋହଲି, କେନ୍ ୱିଲିୟମସନ, ବ୍ରେଣ୍ଡନ ମ୍ୟାକୁଲମ, ମିସବା-ଉଲ- ହକ୍, ମହେନ୍ଦ୍ର ସିଂ ଧୋନୀ, ଅନ୍ୟା ଶ୍ରୁବୋସ୍‌ଲେ, କାଥେରାଇନ୍ ବ୍ରଣ୍ଟ, ମାହେଲା ଜୟବର୍ଦ୍ଧନେ ଓ ଡାନିଏଲ ଭିଟୋରୀ।

# ଫିଟ୍‌ନେସ୍ ପ୍ରୋଟୋକଲ ଓଡ଼ିଆ ପୁସ୍ତକ ଲୋକାର୍ପିତ



ପୁସ୍ତକ ଲୋକାର୍ପଣ ଅବସରରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା।

**ଭୁବନେଶ୍ୱର, ୨୪।୧୧ (ସ୍ପୋର୍ଟ୍ସ ବ୍ୟୁରୋ):** ରାଜ୍ୟ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ମଙ୍ଗଳବାର ଏକ ଭର୍ଚୁଆଲ କନଫରେନ୍ସ ଜରିଆରେ ଓଡ଼ିଆ ଭାଷାରେ ବିଭିନ୍ନ ବୟସବର୍ଗ ପାଇଁ ଫିଟ୍‌ନେସ୍ ପ୍ରୋଟୋକଲ ଲୋକାର୍ପଣ କରିଛନ୍ତି। ଜନସାଧାରଣ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା କିପରି ମୂଲ୍ୟାୟନ କରିପାରିବେ ଏଥିରେ ତାହାର ବ୍ୟାଖ୍ୟା କରାଯାଇଛି। ଦୈନନ୍ଦିନ ରୁଟିନ୍‌ରେ ସହଜ ବ୍ୟାୟାମ ଦ୍ୱାରା କିପରି ସୁସ୍ଥ ଜୀବନଯାପନ କରିହେବ ତାହା ମଧ୍ୟ ଏଥିରେ ଉଲ୍ଲେଖ କରାଯାଇଛି। ବିଭିନ୍ନ ବୟସ ପାଇଁ ଫିଟ୍‌ନେସ୍ ପ୍ରୋଟୋକଲ ଏବଂ ଗାଇଡ୍‌ଲାଇନ୍‌କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ମିଳିତ ଭାବେ ବିକଶିତ କରିଛନ୍ତି। ୫ରୁ ୧୮ ବର୍ଷ, ୧୮ରୁ ୬୫ବର୍ଷ ଏବଂ ୬୫ବର୍ଷରୁ ଉର୍ଦ୍ଧ୍ୱ ଆଦି ସମାଜର ସମସ୍ତ ବୟସବର୍ଗ ପାଇଁ ବିଶେଷଜ୍ଞମାନେ ଡିଜାଇନ୍ ପ୍ରସ୍ତୁତ କରିଛନ୍ତି। ତିନୋଟି ପୁସ୍ତକର ଲୋକାର୍ପଣ କରି ମନ୍ତ୍ରୀ ବେହେରା କହିଛନ୍ତି, ଆଞ୍ଚଳିକ ଭାଷାରେ ପ୍ରୋଟୋକଲ ପ୍ରକାଶନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ବର୍ତ୍ତମାନ ଏହାର ରାଜ୍ୟରେ ଉଭୟ ଓଡ଼ିଶା ଏବଂ ଇଂଲିଶ ଭାଷାରେ ଉପଲବ୍ଧ ହେବ। ଏହି ବିଶେଷଭାବେ ଆଦୃତ ହେବ ବୋଲି ତାଙ୍କର ଆଶା। ଏହି ଅବସରରେ କ୍ରୀଡ଼ା କମିଶନର ତଥା ସଚିବ ବିଶାଲ ଦେବ, ନିର୍ଦ୍ଦେଶକ ତଥା ଅତିରିକ୍ତ ସଚିବ ଆର୍. ଭିନିଲ କ୍ରିଷ୍ଣା ସାଇର ପୂର୍ବାଞ୍ଚଳ ଆଞ୍ଚଳିକ ନିର୍ଦ୍ଦେଶକ, କୋଲକାତା ଭିନିତ କୁମାର ଏବଂ କ୍ରୀଡ଼ା ଉପଶାସନ ସଚିବ ଶୈଳେନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଫିଟ୍ ଇଣ୍ଡିଆ ମୁଭମେଣ୍ଟର ପ୍ରଥମ ବାର୍ଷିକୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେପ୍ଟେମ୍ବର ୨୪ରେ ଫିଟ୍ ଇଣ୍ଡିଆ ଏଜ୍ ଆପ୍ରୋପ୍ରିଏଟ୍ ଫିଟ୍‌ନେସ୍ ପ୍ରୋଟୋକଲର ଲୋକାର୍ପଣ କରିଥିଲେ।

With Best Compliments from :
Sj. Akshaya Kumar Nayak
Managing Partner
M/S. BHUBANESWARI CONSTRUCTION
At : Bhuban, Po : Dharmasala
Dist : Jajpur, Pin : 755008
Office : At : Jaraka, Jajpur-755050
E-mail : bhubaneswariconstruction@gmail.com

MAKE A POST GRADUATE CAREER AFTER +2
Integrated Programme under Biju Patnaik University of Technology (BPUT), Odisha
• M.Sc. Physics - 18 seats
• M.Sc. Chemistry - 18 seats
• M.Sc. Mathematics & Computing - 18 seats
Facility to opt out after completion of 3 years with B.Sc. Degree
Join Vikash
To Aim High in Life.
Eligiblity
• Candidate must have appeared JEE Main/OJEE Examination.
• Passed 10+2 examination with Physics and Mathematics as compulsory subjects along with one of the Chemistry/ Biotechnology/ Biology/ Technical Vocational subject/ Computer Science/ Information Technology/ Informatics Practices/ Agriculture/ Engineering Graphics/ Business Studies.
• Obtained at least 45% marks (40% marks in case of candidates belonging to reserved category) in the above subjects taken together.
Vikash Institute of Technology
(Approved by A.I.C.T.E., New Delhi, Affiliated to B.P.U.T., Odisha)
For Admission Contact:
82800 08111, 94372 41170, 96580 75491
BARGARH: Vikash Knowledge Hub, AH-46, Barahaguda Canal Chowk, Mob.: 94393 49333. www.odishavikash.com

KOSHAL ANM & GNM TRAINING SCHOOL
Permitted by: Health & Family Welfare Deptt. Govt. of Odisha
Affiliated by: Indian Nursing Council, New Delhi & Odisha Nursing Council, Bhubaneswar
ADMISSION OPEN
A.N.M. Duration 2 Years
Eligibility: +2 in any Stream or its equivalent
Age: 17 to 30 Years
G.N.M. Duration 3 Years
Eligibility: +2 Arts, Science & Commerce
Age: Both Male & Female Students of 17 to 30 years
Clinical Training at: District Head Quarters Hospital, SBP, VIMSAR, Burla
At./Po: Naxapali, Dhanupali, Sambalpur- 768005 (Odisha).
Phone: (0663) 2546997, Mob:7735135408, 9938569414

With Best Compliments from :
PRINCIPAL & STAFFS
ପର୍ବତ ଶୀର୍ଷରେ ଜଙ୍ଗଲ ପରିବେଶ ମଧ୍ୟରେ ସ୍ଥାପିତ ଏହି କଲେଜର ପରିବେଶରେ ଉନ୍ନତମାନର ଶିକ୍ଷାଦାନ କରାଯାଉଛି।
BAJRAGIRI MAHAVIDYALAYA
Kotapur, Dharmasala,
Jajpur- 755008

CHANAKYA HOSPITAL
Find a solution
"Great health care begins with an infrastructure you can trust...."
Facilities Available
Joint Replacement | Surgery | Uro Surgery
Optical Uri Surgery (PCVL)
General & Laparoscopic Surgery
Orthopaedic and Traunia Surgery
BEST HOSPITAL IN THE CITY | 24 HRS AMBULANCE | 24 HRS PHARMACY
RANIHAT, CANAL ROAD, CUTTACK - 753009

ଧରିତ୍ରୀର ସ୍ୱନକ୍ଷତ୍ର ଉତ୍ସବ ଶୁଭ ଅବସରରେ
ଯାଜପୁର ଜିଲ୍ଲା କ୍ରସର ମାଲିକ ସଂଘ
ଚଣ୍ଡିଖୋଲ, ଯାଜପୁର
ଯାଜପୁରର ସମସ୍ତ ସଭ୍ୟ ଓ ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇବା ସହ ସୁଖ ସମୃଦ୍ଧି କାମନା କରୁଛି।
ଦିଲ୍ଲୀପ କୁମାର ବଳ
ସମ୍ପାଦକ
ଚନ୍ଦନ କୁମାର ନାୟକ
ସଭାପତି

ଧରିତ୍ରୀର ଜନ୍ମଦିନ ଅବସରରେ 'ଧରିତ୍ରୀ' ପରିବାର ଓ ଚନ୍ଦ୍ରପୁର ବ୍ଲକର ଚାଷୀଭାଇମାନଙ୍କୁ ଆନ୍ତରିକ ଶୁଭେଚ୍ଛା।
ରାମଲାଲ ସାମାଡ଼
ସହକାରୀ କୃଷି ଅଧିକାରୀ
ଚନ୍ଦ୍ରପୁର ବ୍ଲକ, ରାୟଗଡ଼ା

With Best complements from:
Committed for the inclusive growth of socio - economic development of the District.
Sundargarh District Central Cooperative Bank
ODISHA

ପିଲାଙ୍କ ଧରିତ୍ରୀ, ଛୁଟିଦିନ, ସାହିତ୍ୟାୟନ, ସମ୍ପାଦକୀୟ, କ୍ରୀଡ଼ା, ସ୍ୱାସ୍ଥ୍ୟ, କୃଷି, ଅଞ୍ଚଳର ସମସ୍ୟା ଖବର ପ୍ରସାରଣ କ୍ଷେତ୍ରରେ 'ଧରିତ୍ରୀ' ପୃଷ୍ଠା ମଣ୍ଡନର ସ୍ୱତନ୍ତ୍ରତା ରହିଛି। ଜନ୍ମଦିନ ପାଇଁ ଶୁଭେଚ୍ଛା।
ମମତା ପ୍ରଧାନ
ପ୍ରଧାନ ଶିକ୍ଷୟିତ୍ରୀ, କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ, ଡାଙ୍ଗସୋରଡ଼ା, ଚନ୍ଦ୍ରପୁର ବ୍ଲକ, ରାୟଗଡ଼ା

See Career Appointment on every Wednesday & Saturday

With Best Compliments from :
JAJPUR SAW MILL OWNERS' ASSOCIATION
Ratikanta Samal
President
Sk. Majharbux
Deepak Ku. Behera
Joint Secy.
LOVE INDUSTRY SAVE FOREST
JARAKA INDUSTRIAL ESTATE,
DHARMASALA, JAJPUR

With best compliments from :-
DHARMASALA PUBLIC SCHOOL
SANKHARIDIHA, JARAKA
DHARMASALA, JAJPUR
Affiliated to CBSE
(New Delhi) upto STD-X
DR. BHIKARI SAMAL
Director

ଅଭିନନ୍ଦନ
ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ଧରିତ୍ରୀ ପରିବାର ସଦସ୍ୟଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସଙ୍ଗେ ସଙ୍ଗେ କରୋନା ମହାମାରୀରୁ ରାଜ୍ୟବାସୀଙ୍କୁ ରକ୍ଷା କରିବା ପାଇଁ ଭଗବାନ୍‌ଙ୍କ ନିକଟରେ ପ୍ରାର୍ଥନା କରୁଛି।
ରବି ଲାବଣ୍ୟ
ପୂର୍ବତନ ବିଧାୟକ, ଧର୍ମଶାଳା,
ପ୍ରତିଷ୍ଠାତା ସଭ୍ୟ, ବିଜୁ ଜନତା ଦଳ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବୁଧବାର, ନଭେମ୍ବର ୨୫/୨୦୨୦ Wednesday, November 25/ 2020

# ଆଇଏସ୍ଏଲ୍: ଚେନ୍ନାଇନ୍‌ର ବିଜୟ ଅଭିଯାନ



ଚଳିତ ଆଇଏସ୍ଏଲ୍‌ରେ ଦ୍ରୁତତମ ଗୋଲ ସ୍କୋରର ଚେନ୍ନାଇନ୍ ଏଫ୍‌ସିର ଅନିରୁଦ୍ଧ ଥାପ୍ପା।

**ଭାସ୍କୋ, ୨୪।୧୧**

ସ୍ଥାନୀୟ ତିଳକ ମଇଦାନରେ ମଙ୍ଗଳବାର ଅନୁଷ୍ଠିତ ଇଣ୍ଡିଆନ ସୁପରଲିଗ୍(ଆଇଏସ୍ଏଲ୍) ମ୍ୟାଚରେ ଚେନ୍ନାଇନ୍ ଏଫ୍‌ସି ୨-୧ ଗୋଲରେ ଜାମସେଦପୁର ଏଫ୍‌ସିକୁ ପରାସ୍ତ କରିଛି। ଫଳରେ ଦୁଇଥର ଚାମ୍ପିୟନ ଚେନ୍ନାଇନ ଚଳିତ ସଂସ୍କରଣରେ ପୁରା ୩ ପଏଣ୍ଟ ସହ ଅଭିଯାନ ଆରମ୍ଭ କରିଛି। ଚେନ୍ନାଇନ୍‌ର ଇସମାଇଲ ଗନକାଲ୍ଭସ ପାସ୍ ଅଫ୍ ଦି ମ୍ୟାଚ୍ ଏବଂ ଅନିରୁଦ୍ଧ ଥାପା ହିରୋ ଅଫ୍ ଦି ମ୍ୟାଚ ପୁରସ୍କାର ଲାଭ କରିଥିଲେ।

ନୂଆ କୋଚ୍ କସାବା ଲାଜ୍‌ଲୋଙ୍କ ପ୍ରଶିକ୍ଷଣପ୍ରାପ୍ତ ଚେନ୍ନାଇନ୍ ରେଫରିଙ୍କ ହ୍ୱିସିଲ ବାଜିବାମାତ୍ରେ ଆକ୍ରମଣାତ୍ମକ ଆରମ୍ଭ କରିଥିଲା। ଫଳ ସ୍ୱରୂପ ମ୍ୟାଚର ୧ମ ମିନିଟରେ ଅନିରୁଦ୍ଧ ଥାପ୍ପା ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ଚଳିତ ସିଜନରେ ପ୍ରଥମ ଭାରତୀୟ ଭାବେ ଥାପା ଏହି ଗୋଲ ଦେଇଥିଲେ। ଏହା ବ୍ୟତୀତ ଚଳିତ ସିଜନର ଏହାଥିଲା ଦ୍ରୁତତମ ଗୋଲ। ଥାପା ଅତି ନିଖୁଣଭାବେ ବଲ୍‌କୁ ଆଗେଇ ନେଇ ଜାମସେଦପୁର ଗୋଲପୋଷ୍ଟରେ ପ୍ରବେଶ କରି ଗୋଲ ଦେଇଥିଲେ। ଡାହାଣ ପଟରୁ ଇସମାଇଲ ଗନକାଲ୍ଭସ ଚମତ୍କାରଭାବେ ତାଙ୍କୁ ସହାୟତା କରିଥିଲେ। ୨୫ତମ ମିନିଟରେ ଜାମସେଦପୁର ଏଫସିର ଇସାକ ବନମାଲାସ୍ୱାମା ଛକଚ୍ଛୁଆକ ଚେନ୍ନାଇନ୍ ଖେଳାଳିଙ୍କୁ କହୁଣିରେ ଠେଲିଥିଲେ। ଏହା ରେଫରିଙ୍କ ନଜରକୁ ଆସିବାପରେ ଫାଉଲ୍ ଦେଇଥିଲେ ଏବଂ ଚେନ୍ନାଇନ୍‌କୁ ପେନାଲ୍ଟି ସୁଯୋଗ ମିଳିଥିଲା। ଏହାର ସଦ୍‌ବ୍ୟବହାର କରି ଇସମାଇଲ ୨୬ତମ ମିନିଟରେ ଚେନ୍ନାଇନ୍ ଅଗ୍ରଣୀକୁ ୨-୦ରେ ପହଞ୍ଚାଇଥିଲେ। ଜାମସେଦପୁର ଗୋଲକିପର ରେହେନେଶ ତୁମ୍ବିରୁମ୍ଭୁ ପରମ୍ବାଙ୍କୁ ଚକ୍‌ମା ଦେଇ ଡାହାଣ କର୍ନରରେ ବଲକୁ ନେଟ୍ ସ୍ପର୍ଶ କରାଇଥିଲେ ଏହି ବିଦେଶୀ ଖେଳାଳି। ଗୋଲ ପରିଶୋଧ ପାଇଁ ଜାମସେଦପୁର ଆକ୍ରମଣକୁ ଜୋରଦାର କରିଥିଲା। ୩୭ତମ ମିନିଟରେ ଜାକିଚାନ୍ଦ ସିଂଙ୍କଠାରୁ ପାଇଥିବା ପାସ୍‌କୁ ହେଡ୍ ଜରିଆରେ ଗୋଲରେ ପରିଣତ କରିଥିଲେ ଗତ ସିଜନର ଗୋଲ୍ଡେନ ବୁଟ୍ ବିଜେତା ନେରିଜୁସ ଭାଲ୍ସକିସ୍। ଚେନ୍ନାଇନ୍ ରକ୍ଷଣଭାଗର ଦୁର୍ବଳତାରୁ ସେ ଫାଇଦା ଉଠାଇଥିଲେ। ଫଳରେ ଜାମସେଦପୁର ପ୍ରଥମାର୍ଦ୍ଧ ଶେଷରେ ଗୋଲ ବ୍ୟବଧାନକୁ ୧-୨କୁ ଆଣିବାକୁ ସକ୍ଷମ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ଜାମସେଦପୁର ଏକାଧିକ ସୁଯୋଗ ପାଇଥିଲେ ହେଁ ଏହାର ସଦୁପଯୋଗ କରିପାରି ନ ଥିଲା।


# ଗୋଆ-ମୁମ୍ବାଇ ସିଟି ମ୍ୟାଚ ଆଜି

**ମାର୍ଗାଓ, ୨୪।୧୧(ପି.ଟି.)**

ଇଣ୍ଡିଆନ ସୁପରଲିଗ୍ (ଆଇଏସ୍ଏଲ୍)ରେ ବୁଧବାର ଏଫସି ଗୋଆ ଓ ମୁମ୍ବାଇ ସିଟି ଏଫସି ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ନିଜର ପ୍ରଥମ ମ୍ୟାଚରେ ନର୍ଥଇଷ୍ଟ ୟୁନାଇଟେଡ ନିକଟରୁ ହାରିଥିବାରୁ ମୁମ୍ବାଇ ସଫଳ ପ୍ରତ୍ୟାବର୍ତ୍ତନ ପଥରେ ରହିଛି। ଅନ୍ୟପକ୍ଷରେ ମ୍ୟାଚର ଅର୍ଦ୍ଧାଧିକ ସମୟ ୦-୨ରେ ପଛୁଆ ରହିବା ସତ୍ତ୍ୱେ ବେଙ୍ଗାଲୁରୁ ଏଫସି ବିପକ୍ଷ ମ୍ୟାଚକୁ ଡ୍ର ରଖି ଗୋଆ ଏହାର ମନୋବଳ ଦୃଢ଼ କରିଛି। ତେଣୁ ଆଗାମୀ ମ୍ୟାଚ ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଉଛି। ବର୍ତ୍ତମାନ ମୁମ୍ବାଇ ଦଳର ମୁଖ୍ୟ କୋଚ୍ ଥିବା ସର୍ଗିଓ ଲୋବେରା ପୂର୍ବରୁ ଗୋଆ ଦଳର କୋଚ୍ ଥିଲେ। ଟୁର୍ନାମେଣ୍ଟରେ ଲୋବେରା ପ୍ରଥମଥରପାଇଁ ନିଜର ପୂର୍ବ ଦଳକୁ ଭେଟିବାକୁ ଯାଉଛନ୍ତି। ଗତ ସିଜନରେ ଗୋଆ ଲିଗ୍ ବିଜେତା ଶିଲ୍ଡ ହାସଲ କରିଥିବାବେଳେ ଏଏଫସି ଚାମ୍ପିୟନ୍ସ ଲିଗ୍‌ର ଗ୍ରୁପ ପର୍ଯ୍ୟାୟ ଖେଳିଥିଲା। ଆଗାମୀ ମ୍ୟାଚରେ ଅଧିକ ପାସ୍ ଦେଖିବାକୁ ମିଳିବା ସମ୍ଭାବନା ରହିଛି। କାରଣ ଲୋବେରା ନିଜ ଦଳର ଖେଳାଳିଙ୍କୁ ବଲ୍ ଅଧିକ ସମୟ ନିଜ ପାଖରେ ନ ରଖି ଗ୍ରାଉଣ୍ଡର ଯେ କୌଣସି ସ୍ଥାନରେ ହେଉ ନା କାହିଁକି ପାସ୍ ଦେବାକୁ ନିଜ ଖେଳାଳିଙ୍କୁ ପରାମର୍ଶ ଦେଇଥାନ୍ତି। ଏଫସି ଗୋଆ କୋଚ୍ ଥିବାବେଳେ ମ୍ୟାଚ ପିଛା ପାସ୍ ହାର ଥିଲା ୫୩୫। ଲୋବେରା ଯଦିଓ ମୁମ୍ବାଇ ଟିମ୍ ସହିତ ଅଧିକ ସମୟ ବିତାଇପାରି ନାହାନ୍ତି ତେବେ ନିଜ ଆଭିମୁଖ୍ୟ ସହିତ ଖେଳାଳିଙ୍କୁ ଅଭ୍ୟସ୍ତ କରାଇଛନ୍ତି। ନର୍ଥଇଷ୍ଟ ନିକଟରୁ ପ୍ରଥମ ମ୍ୟାଚରେ ହାରିଥିଲେ ହେଁ ୧୦ ଜଣିଆରେ ପରିଣତ ହୋଇଥିବା ମୁମ୍ବାଇ ଦଳ ୬୦ ପ୍ରତିଶତରୁ ଅଧିକ ବଲ୍ ନିଜ ପାଖରେ ରଖିବାରେ ସକ୍ଷମ ହୋଇଥିଲା ଏବଂ ୪୫୧ ପାସ୍ ଦେଇଥିଲା, ଯାହାକି ବର୍ତ୍ତମାନର ଟୁର୍ନାମେଣ୍ଟରେ ଅନ୍ୟ ଦଳଗୁଡ଼ିକ ତୁଳନାରେ ସର୍ବାଧିକ। ନର୍ଥଇଷ୍ଟର ପାସ୍ ସଂଖ୍ୟା ଥିଲା ୨୧୭। ବେଙ୍ଗାଲୁରୁ ବିପକ୍ଷରେ ୨-୨ରେ ମ୍ୟାଚ ଡ୍ର ରଖିଥିବା ଜୁଆନ ପେରାଣ୍ଡୋଙ୍କ ଏଫସି ଗୋରେ ୪୪୮ ପାସ୍ ଦେଇ ଏହାର ନିକଟତର ହୋଇଥିଲା। ପ୍ରଥମ ମ୍ୟାଚରେ ପରାଜୟ ସତ୍ତ୍ୱେ ନିଜ ଦଳର ପ୍ରଦର୍ଶନରେ ସନ୍ତୁଷ୍ଟ ଅଛନ୍ତି ଲୋବେରା।

କ'ଣ ଆପଣ ବି ଅଛନ୍ତି ଠିକ୍ ଆଇ ଡ୍ରପ୍ ସନ୍ଧାନରେ... ?

- ଆଖିର କ୍ଲାନ୍ତି
- ବ୍ୟଥା
- ଆଖି ଉପରେ ଚାପ
- ଆଖି ଫୁଲିବା
- ଆଖି ଧରିବା



ନିତିଦିନିଆ ଧାଁଦଉଡ଼ରେ ଆମ ଆଖିରେ କେତେ ଧୂଳିମଳି ପଡ଼ିଥାଏ, ଆମେ ଜାଣିପାରି ନ ଥାଉ। ଯେଉଁମାନେ କମ୍ପ୍ୟୁଟର ସ୍କ୍ରିନ୍ ସାମ୍ନାରେ ୫ ଘଣ୍ଟା କାମ କରନ୍ତି, ଅଧିକ ଟିଭି ଦେଖନ୍ତି କିମ୍ବା ଦିନସାରା ମୋବାଇଲରେ ବ୍ୟସ୍ତ ରହିଥାନ୍ତି, ସେମାନଙ୍କ ଆଖିର ଆର୍ଦ୍ରତା କମିଯାଇଥାଏ। କେବଳ ଏତିକି ନୁହେଁ, ବଢ଼ିଚାଲିଥିବା ପ୍ରଦୂଷଣ, ଆଖିରେ ଜ୍ୱଳନ, କୁଣ୍ଡିଆ, ଆଖିର କ୍ଲାନ୍ତି ଓ ଆଖି ଉପରେ ପଡୁଥିବା ଚାପ ସାଧାରଣ କଥାରେ ପରିଣତ ହୋଇଯାଇଛି। ଆଖି ପାଇଁ ଆମେ ବିଭିନ୍ନ ପ୍ରକାର ଦେଶୀ-ବିଦେଶୀ ଉପାୟ ମଧ୍ୟ ପ୍ରୟୋଗ କରି ଦେଖିଥାଉ। କିନ୍ତୁ ଆୟୁର୍ବେଦରେ ଉପଲବ୍ଧ ଔଷଧୀ ବ୍ୟବହାରକରି ଆମେ ବିନା କୌଣସି ପାର୍ଶ୍ୱ ପ୍ରତିକ୍ରିୟାରେ ନିଜ ଆଖିକୁ ଉପରୋକ୍ତ ସମସ୍ୟାରୁ ରକ୍ଷା କରିପାରିବା ।

ଏଥିପାଇଁ ଦିବିସା ହର୍ବାଲ୍ କେୟାର୍ ଆପଣଙ୍କ ଲାଗି ଆଣିଛନ୍ତି ଆୟୁର୍ବେଦିକ 'ଆଇ ମନ୍ତ୍ରା' ଆଇ ଡ୍ରପ୍‌ସ। ଯାହା ପ୍ରସ୍ତୁତ ହୋଇଛି ଗୋଲାପ, ଦାରୁହଳଦୀ, ମହୁ, ଅଁଳା, ତୁଳସୀ ଓ ପୋଦିନା ଭଳି 12 ଆୟୁର୍ବେଦିକ ଔଷଧୀରୁ। ଆୟୁର୍ବେଦିକ ହୋଇଥିବାରୁ ଏହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ମଧ ନାହିଁ ।

ଦିଗ୍‌ନିର୍ଦ୍ଦେଶ: 2ରୁ 3 ଡ୍ରପ୍‌ସ ଦିନରେ ତିନି ଥର କିମ୍ବା ଚିକିତ୍ସକୀୟ ପରାମର୍ଶ ଅନୁଯାୟୀ ବ୍ୟବହାର କରନ୍ତୁ।

24x7 HELPLINE : 8196822222 • Available at all leading medical stores.

Dr. Juneja's
EYE Mantra
Ayurvedic EYE Drops



MARUTI SUZUKI ARENA

ଉତ୍ସବ ପାଳନର ସମୟ ସବୁବେଳେ ଏମିତି ଚାଲିଥିବ।

ଘରକୁ ନେଇ ଆସନ୍ତୁ ନିଜର ମନ ପସନ୍ଦର ମାରୁତି ସୁଜୁକୀ କାର, ବିଶେଷ ଅଫର ସହିତ ।



5 ଟି ଆକର୍ଷକ ଫାଇନାନ୍ସ-ଅଫର୍ସ

• ଏବେ କିଣନ୍ତୁ, ପରେ ଟଙ୍କା ଦେବେ^ • 100% ଅନ-ରୋଡ଼ ଲୋନ ଉପଲବ୍ଧ^
• 7.1% କମ୍ ସୁଧର ହାର^ • ଅତିକମର ଅଗ୍ରିମ ଚୁକତ^ • ₹899 ର କମ ମାସିକ କିସ୍ତି^

BIG SAVINGS
ALTO ₹46 000* WAGONR ₹36 000* CELERIO ₹51 000*

ALTO WAGONR CELERIO

E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Pradosh.Jena@maruti.co.in

**ODYSSEY MOTORS**
ANGUL: 7752076136, 9776901481.
PALLAHARA: 7873565435, 9437831123.

**TUSHI MOTORS**
CUTTACK: 9078076450.

**SKY AUTOMOBILES**
BHUBANESWAR: 9776645711.
CUTTACK: 9776677771, 7381873818.
DHENKANAL: 9776900005.
JAJPUR: 9776900777.

**JYOTE MOTORS**
BHUBANESWAR: LEWIS ROAD: 9798190190. NAYAPALLI: 9798190190.
KEONJHAR: 9798190190. BARIPADA: 9798190190.
BHADRAK: 9798190190. NAYAGARH: 9798190190.
BALASORE: 9798190190.

**NARAYANI MOTORS**
BHUBANESHWAR: 9583022019, 9583022012, 9583022013. NIMAPARA: 7381093626
JAGATSINGHPUR: 9583022090
PARADEEP: 9583022034/48 PURI: 9583022035.

*Offer includes consumer offer, exchange bonus and corporate offer (Wherever Applicable) on New Alto (all variants), WagonR (all variants) and Celerio (all variants). Above mentioned savings amount is the value of maximum savings on selected models. Terms and conditions apply. ^Finance scheme details mentioned in the advertisement are at the sole discretion of financier and terms and conditions as specified by the financier shall apply. Credit at sole discretion of Bank. ^Low interest rate at 7.1% is provided by Bank of Baroda. The terms and conditions are subject to change without any prior notice. All offers are brought to you by Maruti Suzuki dealers only. Offers may vary from city to city and variant to variant for all models. For more details, please contact your nearest ARENA dealership. Maruti Suzuki India Limited reserves the right to discontinue offers without notice. Parts and accessories shown may not be a part of standard equipment. Colours shown may vary from actual body colour due to printing on paper. Images used are for illustration purposes only. Offers valid till 30th November 2020.



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ DHARITRI
ଭୁବନେଶ୍ୱର, ବୁଧବାର, ୨୫ ନଭେମ୍ବର, ୨୦୨୦

## ୮ ହଜାର ଟଙ୍କା ଜରିମାନା ଆଦାୟ

ବାଲୁଗାଁ,(ଡି.ଏନ୍.ଏ.): ବାଲୁଗାଁ ପୋଲିସ ପକ୍ଷରୁ ମଙ୍ଗଳବାର ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଇ ୮୦୦୦ଟଙ୍କା ଜରିମାନା ଆଦାୟ କରାଯାଇଛି। ଆଇଆଇସି ରମାକାନ୍ତ ମହାଲିକଙ୍କ ତତ୍ତ୍ୱାବଧାନରେ ବାଲୁଗାଁ ବଜାର, ଥାନା ସମ୍ମୁଖ ଓ ଧୂଆଁଳ ଛକଠାରେ ବିନା ହେଲମେଟ ଧାରୀ, ରେଜିଷ୍ଟ୍ରେଶନ, ବୀମାକରଣ ଓ ଅନ୍ୟାନ୍ୟ ଆନୁଷଙ୍ଗିକ କାଗଜପତ୍ର ନ ଥିବା ଗାଡ଼ିକୁ ଯାଞ୍ଚ କରାଯାଇଥିଲା। ୧୬ଟି ଗାଡ଼ି ଚାଳକଙ୍କ ନିକଟରୁ ୫୦୦ଟଙ୍କା ଲେଖାଏ ଜରିମାନା ଆଦାୟ କରାଯାଇଛି। ଡିସେମ୍ବର ୧ରୁ ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡ଼ି କରାଯିବ ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି।



## ସଂକ୍ଷେପରେ

### ୩୩ ଗ୍ରାମ ବ୍ରାଉନ୍‌ସୁଗାର ଜବତ, ଜଣେ ଗିରଫ

ପୁରୀ ଅଫିସ,୨୪।୧୧: ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ପୁରୀ ଅଞ୍ଚଳରେ ଚଢ଼ାଉ କରି ୩୩ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରାଯାଇଥିବା ବେଳେ ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ ସତ୍ୟବାଦୀ ଥାନା ଅନ୍ତର୍ଗତ ବାସୁକେରା ଗ୍ରାମର ଅର୍ଜୁନ ବେହେରା। ସୂଚନା ଅନୁଯାୟୀ, ସାତଶଙ୍ଖ ମେଡିକାଲ ନିକଟରେ ବ୍ରାଉନସୁଗାର କାରବାର ହେଉଥିବା ନେଇ ଅବକାରୀ ବିଭାଗକୁ ବିଶେଷ ସୂତ୍ରରୁ ଜଣାପଡ଼ିଥିଲା। ଏ ନେଇ ଅବକାରୀ ଅଧୀକ୍ଷକ ଅବରେନ୍ଦ୍ର କୁମାର ଜେନାଙ୍କ ତତ୍ତ୍ୱାବଧାନରେ ପିପିଲି ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ରଙ୍କନିଧି ମଲ୍ଲିକ ଏବଂ ଏଏସ୍ଆଇ ସୁଶାନ୍ତ ମହାପାତ୍ର, କନଷ୍ଟେବଳ ସନ୍ତୋଷ ନାୟକ, ଦୀନବନ୍ଧୁ ବାରିକ, ତପନ ପ୍ରଧାନ, ମୀନତି ପରିଡ଼ା ପ୍ରମୁଖ ସେଠାରେ ଚଢ଼ାଉ କରି ଅର୍ଜୁନଙ୍କୁ ଗିରଫ କରିଥିଲେ।

### ଟ୍ରେନ୍ ଆଗକୁ ଡେଇଁ ଯୁବକଙ୍କ ମୃତ୍ୟୁ

ପୁରୀ ଅଫିସ,୨୪।୧୧: ମାଳତୀପାଟପୁର ଷ୍ଟେଶନ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଟ୍ରେନ୍ ଆଗକୁ ଡେଇଁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ପୁରୀ ଜିଆର୍‌ପି ପୋଲିସ ସୂଚନା ମୁତାବକ, ସନ୍ଧ୍ୟା ସାଢେ ୬ଟାରେ ପୁରୀ ରେଳ ଷ୍ଟେଶନରୁ ପୁରୀ-ଦୁର୍ଗ ଏକ୍ସପ୍ରେସ୍ ଛାଡ଼ିଥିଲା। ମାଳତୀପାଟପୁର ନିକଟରେ ପାଖାପାଖି ସନ୍ଧ୍ୟା ୭ଟାରେ ଟ୍ରେନ୍ ଯାଉଥିବା ବେଳେ ବାମପାର୍ଶ୍ୱ ରେଳ ଧାରଣା କଡ଼ରେ ବସିଥିବା ଜଣେ ଯୁବକ ହଠାତ୍ ଟ୍ରେନ୍ ଆଗକୁ ଆସିଯାଇଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ତେବେ ରିପୋର୍ଟ ଲେଖା ହେବା ବେଳକୁ ସମ୍ପୃକ୍ତ ଯୁବକଙ୍କ ପରିଚୟ ମିଳିପାରି ନ ଥିବାବେଳେ ଜିଆର୍‌ପି ମୃତଦେହ ଜବତ କରି ନ ଥିଲା। ଯୁବକ ଜଣଙ୍କ ଜିନ୍ ପ୍ୟାଣ୍ଟ ଏବଂ ହଳଦିଆ ଟି ଶାର୍ଟ ପିନ୍ଧିଛନ୍ତି। କିନ୍ତୁ ତାଙ୍କ ପାଖରୁ ଆଉ କିଛି ସାମଗ୍ରୀ ମିଳି ନାହିଁ। ତେବେ କାହିଁକି ଏବଂ କେଉଁ ପରିସ୍ଥିତିରେ ସମ୍ପୃକ୍ତ ଯୁବକ ଆତ୍ମହତ୍ୟା କରିଛନ୍ତି ତାହାର ତଦନ୍ତ କରାଯିବ ବୋଲି ଜିଆର୍‌ପି କହିଛି।

### ୨ ବଖରା ଜଳିଗଲା

ଖୋର୍ଦ୍ଧା ଅଫିସ,୨୪।୧୧: ଖୋର୍ଦ୍ଧା ବ୍ଲକ ମଲ୍ଲିପୁର ପଞ୍ଚାୟତ ଅନ୍ତର୍ଗତ ବାଉଁଶପୁଟ ଗ୍ରାମରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି ଅଜିତ୍ ମାଝୀଙ୍କ ଦୁଇ ବଖରା ଜଳିଯାଇଛି। ଏହା ସହ ଘରେ ଥିବା ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ଅଜିତ୍‌ଙ୍କ ପରିବାରଙ୍କୁ ସହାୟତା ଯୋଗାଇଦେବା ପାଇଁ ସରପଞ୍ଚ ବିଜୟ ନାୟକ ପ୍ରଶାସନ ନିକଟରେ ଅନୁରୋଧ କରିଛନ୍ତି।

### ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଏସ୍‌ପିଙ୍କୁ ଫେରାଦ

ପୁରୀ ଅଫିସ,୨୪।୧୧: ପିପିଲି ଥାନା ଅନ୍ତର୍ଗତ ଭବାନୀପୁରର ନଜମା ବେଗମ୍ ତାଙ୍କ ପୁଅକୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କୁ ଗିରଫ କରିବା ଲାଗି ମଙ୍ଗଳବାର ଏସ୍‌ପିଙ୍କୁ ଗୁହାରି କରିଛନ୍ତି। ପିପିଲି ପୋଲିସ ଏହି ଅଭିଯୁକ୍ତଙ୍କୁ ଧରିବାରେ ଅବହେଳା କରୁଥିବା ସେ ତାଙ୍କ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ନଜ୍‌ମା ଦର୍ଶାଇଛନ୍ତି ଯେ, ଗତ ୧୩ ତାରିଖରେ ବ୍ରାଉନ୍‌ସୁଗାର ବେପାରୀଙ୍କ ମରଣାନ୍ତକ ଆକ୍ରମଣରେ ତାଙ୍କ ପୁଅ ସାଜିଦ୍ ହୁସେନ ଏବେ କଟକ ମେଡିକାଲରେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଧରକରଜ କରି ସେ ୪ ଲକ୍ଷ ଟଙ୍କା ଖର୍ଚ୍ଚ କରିସାରିଲେଣି। ଆହୁରି ଅନେକ ଟଙ୍କା ଖର୍ଚ୍ଚ ହେବ ବୋଲି ଡାକ୍ତର କହୁଛନ୍ତି। ଆକ୍ରମଣକାରୀଙ୍କ ମଧ୍ୟରୁ ପିପିଲି ପୋଲିସ ୬ ଜଣଙ୍କୁ ଗିରଫ କରିଥିଲେ ମଧ୍ୟ ଆଉ ୨ ଜଣ ଖୋଲାଖୋଲି ବୁଲୁଛନ୍ତି। ସେମାନେ ବନ୍ଧୁକ ଧରି ବୁଲୁଥିଲେ ବି ପୋଲିସ ଗିରଫ କରୁନାହିଁ। ତେଣୁ ସେମାନଙ୍କୁ ଗିରଫ କରିବାକୁ ନଜମା ଏସ୍‌ପିଙ୍କୁ ଅନୁରୋଧ କରିଛନ୍ତି।

### ଏଆଇଡିଏସ୍‌ଓ ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା ଅଫିସ,୨୪।୧୧: କେନ୍ଦ୍ରୀୟ ଶିକ୍ଷା ନୀତି ଓ ଶ୍ରମିକ ମାରଣ ନୀତିକୁ ବିରୋଧ କରି କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ପକ୍ଷରୁ ନଭେମ୍ବର ୨୬ରେ ସର୍ବଭାରତୀୟ ଧର୍ମଘଟ ଡାକରା ଦିଆଯାଇଛି। ଏହାକୁ ସଫଳ କରିବା ଉଦ୍ଦେଶ୍ୟରେ ଖୋର୍ଦ୍ଧା ଅଲ୍ ଇଣ୍ଡିଆ ଡିଏସଓର ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଖୋର୍ଦ୍ଧାଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାରେ ଧର୍ମଘଟକୁ ସଫଳ ଲାଗି ବହୁମାତ୍ରରେ ଯୋଗାଦାନ ଲାଗି ନିଷ୍ପତ୍ତି ହୋଇଥିଲା। ରାଜ୍ୟ ଉପସଭାପତି ଜୟନ୍ତ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଛାତ୍ରନେତା ଅବିନାଶ ପ୍ରଧାନ, ଶ୍ରୀକାନ୍ତ ନାଏକ, ଏସ୍.କେ ଆରଜାଦ, ଦେବୀ ନାୟକ,ମାମି ବେଗମ ପ୍ରମୁଖ ଉପସ୍ଥିତ ଥିଲେ।

# ହାତୀ ଉପଦ୍ରବ, ଫସଲ ନଷ୍ଟ

ଖୋର୍ଦ୍ଧା ଅଫିସ,୨୪।୧୧



- ବଢୁଛି ଅସନ୍ତୋଷ, ବନ ବିଭାଗ ନୀରବ
- ପାଳି କରି ଜଗୁଛନ୍ତି ଚାଷୀ

ଖୋର୍ଦ୍ଧା ବନଖଣ୍ଡ ଅଧୀନ ଖୋର୍ଦ୍ଧା, ଟାଙ୍ଗୀ, ବେଗୁନିଆ ଓ ବୋଲଗଡ଼ ବନାଞ୍ଚଳରେ ହାତୀପଲଙ୍କ ଉପଦ୍ରବ ଲାଗି ରହିଛି। ଚନ୍ଦକା ଅଞ୍ଚଳରୁ ଆସିଥିବା ୨୮ଟିକିଆ ହାତୀପଲ ଏହି ଅଞ୍ଚଳରେ ରହିଛନ୍ତି। ସନ୍ଧ୍ୟା ହେଲେ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହେଉଛନ୍ତି। ଲୋକମାନଙ୍କ ଘର ଭାଙ୍ଗିବା ଏବଂ ଚାଷୀଙ୍କ ଏକର ଏକର ଫସଲ ଖାଇବା ସହ ନଷ୍ଟ କରୁଛନ୍ତି। ଗତ ଦୁଇ ସପ୍ତାହ ହେବ ଏକ ହାତୀପଲ ଖୋର୍ଦ୍ଧା ବନାଞ୍ଚଳ ଅନ୍ତର୍ଗତ ଜରିପୁଟ ଜଙ୍ଗଲରେ ରହିଛନ୍ତି। ଏହି ହାତୀପଲ ଧାନଫସଲ ଖାଇବା ସହ ନଷ୍ଟ କରୁଛନ୍ତି। ଧାନ କ୍ଷେତକୁ ଚାଷୀମାନେ ପାଳି କରି ରାତିରେ ମଞ୍ଚା ବାନ୍ଧି ଜଗୁଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ହାତୀଙ୍କୁ ନିୟନ୍ତ୍ରଣ ଲାଗି ବନ ବିଭାଗ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିଭାଗୀୟ କର୍ତ୍ତୃପକ୍ଷ ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଜରିପୁଟ ଗ୍ରାମର ଚିତ୍ତରଞ୍ଜନ ସାମନ୍ତରାୟ ଓ ମନୋରଞ୍ଜନ ସାମନ୍ତରାୟଙ୍କ ୪ ଏକର ଜମିରେ ଧାନ ଫସଲ ହାତୀ ନଷ୍ଟ କରିଥିବା କହିଛନ୍ତି। ଗ୍ରାମର କାଶୀନାଥ ଜଗଦେବ, ନଳିନୀକାନ୍ତ ଛୋଟରାୟ, ଶିବଶଙ୍କର ଦାସ, ସୁକାନ୍ତ ଛୋଟରାୟ, ଶିବ ଚମ୍ପତି ପ୍ରମୁଖଙ୍କ ଏକର ଏକର ଧାନ ଫସଲ ଖାଇବା ସହ ନଷ୍ଟ କରିଛନ୍ତି। ହାତୀଙ୍କ ଗତିପଥ ଉପରେ ନଜର ରଖାଯାଇଛି ବୋଲି ଖୋର୍ଦ୍ଧା ବନ ଅଧିକାରୀ ଅସିତ ମିଶ୍ର କହିଛନ୍ତି। ଅନ୍ୟପକ୍ଷେ ଅତିରିକ୍ତ ବନ ସଂରକ୍ଷକ ଗୌରଗୋପାଳ ସ କହିଛନ୍ତି, ହାତୀପଲ ନିୟନ୍ତ୍ରଣ ଲାଗି ଏକ ସ୍କ୍ୱାଡ୍ ହାତୀ ଚଳାବୁଲା କରୁଥିବା ଅଞ୍ଚଳରେ ପଇଁତରା ମାରୁଛି। ହାତୀ ଫସଲ ନଷ୍ଟ କରୁଥିବା ନେଇ ଅଭିଯୋଗ ଆସିଲେ, ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଦିଆଯିବ ବୋଲି ସେ କହିଛନ୍ତି।

## ‘ସାହିତ୍ୟ ସମାଜର ପଥ ପ୍ରଦର୍ଶକ’

ଖୋର୍ଦ୍ଧା ଅଫିସ,୨୪।୧୧

ଅନଙ୍ଗ ନରେନ୍ଦ୍ର ସାହିତ୍ୟ ସଂସଦର ବାର୍ଷିକୋତ୍ସବ ମଙ୍ଗଳବାର ବାଙ୍କୋଇସ୍ଥିତ ଅନଙ୍ଗ ନରେନ୍ଦ୍ର ଶିକ୍ଷା ପ୍ରଶିକ୍ଷଣ ବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ସତ୍ୟବାଦୀ ବଳିଆରସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ମୁଖ୍ୟ ଅତିଥି, ପ୍ରାଧ୍ୟାପକ ଡ.ରମଣୀରଞ୍ଜନ ମୁଖ୍ୟବକ୍ତା, ନାଟ୍ୟକାର ବିଜୟ ଦାସ ଓ ପ୍ରଶାସନିକ ଅଧିକାରୀ ଅଭୟ କୁମାର ମଲ୍ଲିକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ମାଣିକାଗୋଡ଼ାର ମୁସଲମାନ ଦଳବେହେରା, ମୁଜିବୁର ରହମାନଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ସାରସ୍ୱତ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ସାହିତ୍ୟ ସମାଜର ପଥ ପ୍ରଦର୍ଶନ କରିଥାଏ ବୋଲି ମତ ପ୍ରକାଶ ପାଇଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ସୁବୁଦ୍ଧି ସ୍ୱାଗତ ଭାଷଣ, ଶିକ୍ଷକ ପଦ୍ମନାଭ ଖଟେଇ ଧନ୍ୟବାଦ ଦେଇଥିଲେ । ସାହିତ୍ୟିକ ଡ.ସୁରେଶ ଚନ୍ଦ୍ର ଛୋଟରାୟ, ଲେଖକ ରବୀନ୍ଦ୍ର ପରିଡ଼ା, କୁମୁଦିନୀ ଜୟସିଂହ, ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ସଂସଦ ସମ୍ପାଦକ ଅଧ୍ୟାପକ ରଙ୍କନିଧି ବଳିଆରସିଂହ, ବିଜୟ ତ୍ରିପାଠୀ, ପ୍ରମୋଦ ମହାପାତ୍ର, ପ୍ରଶାନ୍ତ ଜୟସିଂହ, ପ୍ରଜ୍ଞା କୁମାର ଜୟସିଂହ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



ପୁରୀ: ମହାପ୍ରଭୁଙ୍କ ନାଗାର୍ଜୁନ ବେଶ ପାଇଁ ଶିଳ୍ପୀମାନେ ଜରି, ସୋଲ ଆଦିରେ ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି।

## ଅପରାଧମୁକ୍ତ ପୁରୀ ପାଇଁ କେନ୍ଦ୍ରାଞ୍ଚଳ ଡିଆଇଜିଙ୍କୁ ସ୍ମାରକପତ୍ର

ପୁରୀ ଅଫିସ,୨୪।୧୧

ପୁରୀ ସହରକୁ ଅପରାଧମୁକ୍ତ କରିବା ଲାଗି ପୋଲିସ ପକ୍ଷରୁ ଯେଉଁ ଅଭିଯାନ ଚାଲିଥିଲା ତାହା ଜାରି ରହୁ। ସହର ଏବେ ଧଳାଜହର ବ୍ୟବସାୟୀଙ୍କ କବ୍‌ଜାକୁ ଚାଲିଯାଇଥିବାରୁ ଏଣିକି ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ କେନ୍ଦ୍ରାଞ୍ଚଳ ଡିଆଇଜି ଆଶିଷ ସିଂଙ୍କ ନିକଟରେ ପୁରୀ ନଗର ବିଜେଡି ଦାବି କରିଛି। ପ୍ରଥମେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟ ବିଜେଡି ଶାଖା କାର୍ଯ୍ୟାଳୟ ନିକଟରୁ ମଙ୍ଗଳବାର ଏକ ପଦଯାତ୍ରା ବାହାରିଥିଲା। ଏସ୍‌ପିଙ୍କ କାର୍ଯ୍ୟାଳୟ ନିକଟରେ ପଦଯାତ୍ରା ପହଞ୍ଚିବା ପରେ ସେଠାରେ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଏବଂ ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ଡା. ସମ୍ବିତ୍ ପାତ୍ରଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ପରେ ଡିଆଇଜି ସିଂଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଦର୍ଶାଯାଇଛି ଯେ, ପୁରୀ ସହର ଧଳା ଜହର ଅପରାଧୀଙ୍କ ହାତରେ କବଳିତ। ଏହାକୁ ରୋକିବାକୁ ତଥା ଅଭ୍ୟାସଗତ ଅପରାଧୀଙ୍କୁ ଦମନ ପାଇଁ ପୂର୍ବତନ ଏସ୍‌ପି ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଥିଲେ। ପୁରୀ ଏକ ଅନ୍ତର୍ଜାତୀୟ ପର୍ଯ୍ୟଟନସ୍ଥଳୀ। ଏହା ଅପରାଧମୁକ୍ତ ରହିବା ଦରକାର। କିନ୍ତୁ ଅପରାଧୀଙ୍କ ବିରୋଧରେ ପୋଲିସର କାର୍ଯ୍ୟାନୁଷ୍ଠାନକୁ ନିର୍ଦ୍ଦିଷ୍ଟ ରାଜନୈତିକ ସଙ୍ଗଠନ ଓ ସ୍ଥାନୀୟ ଜନପ୍ରତିନିଧି ଦୃଢ଼ ବିରୋଧ କରୁଥିବା ଦେଖିବାକୁ ମିଳୁଛି। ଏହାପଛରେ ଯେଉଁ ରହସ୍ୟ ରହିଛି ତାହାର ତଦନ୍ତ କରିବାକୁ ନଗର ବିଜେଡି ଦାବି କରିଛି। ନଗର ବିଜେଡି ସଭାପତି ସବ୍ୟସାଚୀ ମହାପାତ୍ରଙ୍କ ନେତୃତ୍ୱରେ ରାଜ୍ୟ ସମ୍ପାଦକ କୃଷ୍ଣଚନ୍ଦ୍ର ପଣ୍ଡା, ଶ୍ରୀପ୍ରକାଶ ମିଶ୍ର, ପୂର୍ବତନ ନଗରପାଳ ଶାନ୍ତିଲତା ପ୍ରଧାନ, ବେଣୁଧର ସେଠୀ, ଜିଲା ଉପସଭାପତି ଭକ୍ତଚରଣ ଦାସ, ବିଜୟ ମିଶ୍ର, ସାଧାରଣ ସମ୍ପାଦକ ଭଗବାନ ପଢିଆରୀ, ପ୍ରସନ୍ନ ମହାପାତ୍ର ପ୍ରମୁଖ ଏଥିରେ ସାମିଲ ଥିଲେ।

## ସିଫାରେ ବିଶ୍ୱ ମତ୍ସ୍ୟ ଦିବସ

ପିପିଲି,୨୪।୧୧(ସ୍ୱ.ପ୍ର.)

କୌଶଲ୍ୟାଗଙ୍ଗସ୍ଥିତ ସିଫା ଓ ଦରବାର ସାହିତ୍ୟ ସଂସଦର ମିଳିତ ସହଯୋଗରେ ବିଶ୍ୱ ମତ୍ସ୍ୟ ଦିବସ ପାଳନ ଅବସରରେ ଏକ କୃଷକ ବୈଜ୍ଞାନିକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ବାଲିପାଟଣା ନିକଟସ୍ଥ ନରଦାରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସମ୍ପାଦକ କେଦାରଶ୍ୱର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ସିଫା ନିର୍ଦ୍ଦେଶକ ଡ. ସରୋଜ ସ୍ୱାଇ ଯୋଗଦେଇ ଏକ ଫିଶ୍ ଫାର୍ମର କାର୍ଯ୍ୟାଳୟ ଗୃହ ଉଦ୍‌ଘାଟନ କରି ଉପସ୍ଥିତ ଚାଷୀମାନଙ୍କୁ ଇକୋ- ଫ୍ରେଣ୍ଡଲି ମାଛଚାଷ ପାଇଁ ଉତ୍ସାହିତ କରିଥିଲେ। ଅନ୍ୟ ଅତିଥି ଭାବେ ସିଫାର ପ୍ରଧାନ ବୈଜ୍ଞାନିକ ଡଃ ପ୍ରିୟବ୍ରତ ସ୍ୱାଇଁ, ଖୋର୍ଦ୍ଧା କେଭିକେ ଅଧିକାରୀ ଅଜୟ ଦାଶ, ଜାତୀୟ ମତ୍ସ୍ୟ ଉନ୍ନୟନ ପରିଷଦର କାର୍ଯ୍ୟନିର୍ବାହୀ ଡ. ମାନସ ସିହ୍ନା, ସିଫାର ସାମାଜିକ ବିଜ୍ଞାନ ବିଭାଗ ମୁଖ୍ୟ ତଥା ପ୍ରଧାନ ବୈଜ୍ଞାନିକ ଡ.ଗୌର ସୁନ୍ଦର ସାହା, ଏଫିପିଓ ନିର୍ଦ୍ଦେଶକ ପଦ୍ମନାଭ ଚୌଧୁରୀ ଓ ସୁରେନ୍ଦ୍ର ନାଥ ଭୋଳ ପ୍ରମୁଖ ଉପସ୍ଥିତ ଥିଲେ। ପରେ ରୋଗ ପରୀକ୍ଷଣ, ମୃତ୍ତିକା ଓ ଜଳପରୀକ୍ଷଣ ଶିବିର ଅନୁଷ୍ଠିତ ହେବା ସହ ଚାଷୀମାନଙ୍କୁ ତତ୍‌କାଳ ପ୍ରତିକାର ସମ୍ବନ୍ଧରେ ସୂଚନା ଦିଆଯାଇଥିଲା। ବୈଜ୍ଞାନିକ ଶ୍ୱାତାଶ୍ରୀ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଓଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ ହେଲେ ମହିଳା

ଭୁବନେଶ୍ୱର,୨୪।୧୧(ବ୍ୟୁରୋ)

**ମରଣାନ୍ତକ ଆକ୍ରମଣ ଓ ଘର ପୋଡ଼ି ଘଟଣା**

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଧୀନ କଡ଼ବ ଗ୍ରାମ ଫାଳିକିଆ ସାହିର ଜଣେ ଅସହାୟା ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ଓ ତାଙ୍କ ଘର ପୋଡ଼ିଦେବା ଘଟଣାରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ଅବହେଳା ପ୍ରଦର୍ଶନ କରୁଛି। ମଙ୍ଗଳବାର ଏହି ଅଭିଯୋଗ ନେଇ ସମ୍ପୃକ୍ତ ମହିଳା ରୀନା ନାୟକ ରାଜ୍ୟ ମାନବ ଅଧିକାର କମିଶନ (ଓଏଚ୍‌ଆର୍‌ସି)ଙ୍କ ଦ୍ୱାରସ୍ଥ ହୋଇଛନ୍ତି। ରୀନାଙ୍କ ଅଭିଯୋଗ ମୁତାବକ, ତାଙ୍କ ଘର ସମ୍ମୁଖ ଏକ ଚାନ୍ଦିନିରେ ଅସାମାଜିକ ଯୁବକମାନେ ରାତି ସାରା ବସି ନିଶା କାରବାର କରିବା ସହ ଅସଭ୍ୟ ଭାଷାରେ କଥା ହୁଅନ୍ତି। ଏ ନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଉକ୍ତ ଚାନ୍ଦିନି ଭାଙ୍ଗିବାକୁ ତହସିଲଦାରଙ୍କୁ କହିଥିଲେ। ଏଥିରେ କ୍ଷୁବ୍ଧ ହୋଇ କେତେକ ବ୍ୟକ୍ତି ରୀନାଙ୍କ ପରିବାରକୁ ବିଭିନ୍ନ ସମସ୍ୟାରେ ଛନ୍ଦିବାକୁ ଆରମ୍ଭ କରିଥିଲେ। ଗତ ୧୬ତାରିଖରେ ତାଙ୍କ ବାପା ଓ ଭାଇ ନ ଥିବା ବେଳେ ସମ୍ପୃକ୍ତ ଯୁବକମାନେ ତାଙ୍କୁ ଗାଳି ଦେବା ସହ ମରଣାନ୍ତକ ଆକ୍ରମଣ କରିଥିଲେ। ଏପରି କି ତାଙ୍କ ଘର ପୋଡ଼ି ଦେଲେ। ଅଭିଯୋଗ ସତ୍ତ୍ୱେ ପୋଲିସ ଚୁପ୍ ବସିଛି। ମାତ୍ର ୨ଜଣଙ୍କୁ ଥାନାକୁ ନିଆଯାଇଥିବାବେଳେ ଅନ୍ୟମାନେ ଖୋଲମଖୋଲା ବୁଲୁଛନ୍ତି। ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଉଛନ୍ତି। ତେଣୁ ତାଙ୍କ ପରିବାର ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି ବୋଲି ରୀନା କହିଛନ୍ତି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ କମିଶନଙ୍କୁ ରୀନା ନିବେଦନ କରିଛନ୍ତି।

## ସ’ ମିଲରେ ବନ ବିଭାଗ ଚଢ଼ାଉ



ଜବତ କରାଯାଇଥିବା କାଠ ଏବଂ ଯନ୍ତ୍ରାଂଶ।

ନିରାକାରପୁର,୨୪।୧୧(ଡି.ଏନ୍.ଏ.)

**ଶାଗୁଆନ ପଟା, କାଠ ଓ ଟ୍ରାକ୍ଟର ଜବତ**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବନାଞ୍ଚଳ ଅଧୀନ କୁହୁଡି ତରାପିଠା ଅଞ୍ଚଳର ଏକ ବେଆଇନ ସ’ ମିଲ୍ ଉପରେ ମଙ୍ଗଳବାର ବିନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଚଢ଼ାଉ ବେଳେ ଏକ ଟ୍ରାକ୍ଟର, ଶାଗୁଆନ ପଟା ଓ ଅନ୍ୟାନ୍ୟ କାଠ ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୫ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଭୂଷଣ୍ଡପୁର ଫରେଷ୍ଟର ସିନ୍ଧୁ ଚରଣ ସିଂ କହିଛନ୍ତି। ସୂଚନା ମୁତାବକ, କୁହୁଡି ତରାପିଠା ଅଞ୍ଚଳର ଏକ କାଜୁ ପଡ଼ିଆରେ ଦିର୍ଘଦିନ ହେବ ବେଆଇନ ଭାବେ ସ’ ମିଲ ଚାଲୁଥିବା ନେଇ ଖୋର୍ଦ୍ଧା ବନ ବିଭାଗକୁ ସୂଚନା ମିଳିଥିଲା। ଖୋର୍ଦ୍ଧା ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ଟାଙ୍ଗୀ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ରନାଥ ପଣ୍ଡାଙ୍କ ନେତୃତ୍ୱରେ ଭୂଷଣ୍ଡପୁର ଫରେଷ୍ଟର ସିଂ, ଟାଙ୍ଗୀ ଫରେଷ୍ଟର ଗୋଲା ସେଠୀଙ୍କ ସମେତ ବନ କର୍ମଚାରୀମାନେ ଚଢ଼ାଉ କରିଥିଲେ। ଚଢ଼ାଉ ପୂର୍ବରୁ ମିଲ୍ ମାଲିକ ଓ କର୍ମଚାରୀମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଜବତ ଟ୍ରାକ୍ଟର, ଶାଗୁଆନ ପଟା ଏବଂ ଅନ୍ୟାନ୍ୟ କାଠକୁ ଟାଙ୍ଗୀ ବନାଞ୍ଚଳ କାର୍ଯ୍ୟାଳୟରେ ରଖାଯାଇଛି।

## ୭ଦିନରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୪।୧୧(ବ୍ୟୁରୋ)

**ପୁନଃ କାର୍ଯ୍ୟକ୍ଷମ ହେବ ନୀଳାଚଳ କାଜୁ ସମବାୟ ଲିମିଟେଡ୍**

‘ଫନୀ’ କ୍ଷତିଗ୍ରସ୍ତ ପୁରୀ ଜିଲା ବ୍ରହ୍ମଗିରିସ୍ଥିତ ନୀଳାଚଳ କାଜୁ ସମବାୟ ଲିମିଟେଡ୍‌କୁ ପୁନଃ କାର୍ଯ୍ୟକ୍ଷମ କରିବା ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ୭ଦିନ ମଧ୍ୟରେ କ୍ଷେତ୍ର ପରିଦର୍ଶନ କରି ଏ ସମ୍ପର୍କିତ ସବିଶେଷ ରିପୋର୍ଟ ଦେବାକୁ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର, ରାଜ୍ୟ ସରକାର ଏବଂ ବ୍ରହ୍ମଗିରି ଅଞ୍ଚଳର ୩୨ଜଣ କାଜୁ ପ୍ରକ୍ରିୟାକରଣ ଉଦ୍ୟୋଗୀଙ୍କ ମିଳିତ ଉଦ୍ୟମରେ ପ୍ରତିଷ୍ଠିତ ହୋଇଥିଲା ନୀଳଚକ୍ର କାଜୁ ସମବାୟ ଲିମିଟେଡ୍। ପ୍ରଳୟଙ୍କରୀ ‘ଫନୀ’ ବାତ୍ୟାରେ ଏହା କ୍ଷତିଗ୍ରସ୍ତ ହୋଇଛି। ବ୍ରହ୍ମଗିରିରେ କାଜୁ ପ୍ରକ୍ରିୟାକରଣ ଶିଳ୍ପର ବୃହତ୍ ସମ୍ଭାବନା ରହିଛି। ତେଣୁ ଏହାର ପୁନଃ କାର୍ଯ୍ୟକ୍ଷମ ଜରୁରୀ ହୋଇପଡ଼ିଛି ବୋଲି ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ବୈଠକରେ ଗୁରୁତ୍ୱାରୋପ କରିଛନ୍ତି। ଏମ୍‌ଏସ୍‌ଏମ୍‌ଇ ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ଏ ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଦେଇଥିଲେ। ସେହିପରି ବ୍ରହ୍ମଗିରି ବ୍ଲକ୍‌ର କପିଳେଶ୍ୱରପୁର ପଞ୍ଚାୟତର ଭାର୍ଗବୀ ନଦୀ ଉପରେ ପଥରପଦାଠାରେ ସେତୁ ନିର୍ମାଣ କାର୍ଯ୍ୟ ଅଗ୍ରଗତି ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ବ୍ରିଜ୍ କାମ ସାରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି।

## ପୋଷ୍ୟସନ୍ତାନ ଗ୍ରହଣ ସଚେତନତା ରଥ ଗଡ଼ିଲା

ପୁରୀ ଅଫିସ,୨୪।୧୧

ପୁରୀ ଜିଲା ପ୍ରଶାସନ ପକ୍ଷରୁ ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ଅଭିଯାନ ଆରମ୍ଭ ହୋଇଛି। ଏହା ସପ୍ତାହ ବ୍ୟାପୀ ଚାଲିବାକୁ ଥିବାବେଳେ ଏଥିଲାଗି ଏକ ରଥ ଜିଲା ପରିକ୍ରମା କରିବ। ଏହି ରଥକୁ ମଙ୍ଗଳବାର ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଶୁଭାରମ୍ଭ କରିଛନ୍ତି। ଏହି ରଥ ପୁରୀ ସହର ସମେତ ଜିଲାର ୧୧ଟି ବ୍ଲକ ପରିକ୍ରମା କରିବ। ଏଥିରେ ପୋଷ୍ୟ ସନ୍ତାନ ଗ୍ରହଣ ଆଇନ ସମ୍ପର୍କରେ ଭିଡିଓ ପ୍ରଦର୍ଶନ କରାଯିବ। ପୋଷ୍ୟ ସନ୍ତାନ ପତ୍ରିକା ବଣ୍ଟନ, ପଥପ୍ରାନ୍ତ ସଭା ଜରିଆରେ ପୋଷ୍ୟ ସନ୍ତାନ ଗ୍ରହଣ ନିୟମାବଳୀ-୨୦୧୭, କିଶୋର ନ୍ୟାୟ ଅଧିନିୟମ-୨୦୧୫ରେ ରହିଥିବା ସରଳ ଓ ସ୍ୱଚ୍ଛ ପୋଷ୍ୟ ସନ୍ତାନ ଗ୍ରହଣ ବ୍ୟବସ୍ଥା ସମ୍ପର୍କରେ ଲୋକଙ୍କୁ ଅବଗତ କରାଯିବ ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ କହିଛନ୍ତି। ଏହି ଅବସରରେ ସମଗ୍ର ଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜିକା ସୌନ୍ଦର୍ଯ୍ୟ ମଞ୍ଜରୀ ଦାସ, ଡେପୁଟି କଲେକ୍ଟର ସୁମନ୍ତ କର, ଜିଲା ସମାଜ କଲ୍ୟାଣ ଅଧିକାରୀ ପୁଷ୍ପାଞ୍ଜଳି ମହାପାତ୍ର, ଜିଲା ଶିଶୁ କଲ୍ୟାଣ କମିଟି ଅଧ୍ୟକ୍ଷ ମହାବୀର ରୁଦ୍ରନାରାୟଣ ସାହୁ, କିଶୋର ନ୍ୟାୟ ପରିଷଦର ସଦସ୍ୟ ବିଜୟାନନ୍ଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅପରାହ୍ନରେ ଜିଲା ପୌରାଞ୍ଚଳ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅଙ୍ଗନୱାଡ଼ି କର୍ମୀ ଓ ସୁପରଭାଇଜରଙ୍କୁ ପୋଷ୍ୟ ସନ୍ତାନ ବ୍ୟବସ୍ଥା ସମ୍ପର୍କରେ ସଚେତନ କରାଯାଇଥିଲା। ସେହିପରି ଜିଲା ଆଇନସେବା ପ୍ରାଧିକରଣ କାର୍ଯ୍ୟାଳୟଠାରେ ଜିଲା ଜଜ୍ ବିଦ୍ୟୁତ୍ କୁମାର ମିଶ୍ର ସଚେତନତା ରଥକୁ ସ୍ୱାଗତ କରିଥିଲେ। ଏଠାରେ ପ୍ରାଧିକରଣର ସମ୍ପାଦକ ଅମରେଶ ମହାପାତ୍ର, ଜିଲା କିଶୋର ନ୍ୟାୟ ଅଧ୍ୟକ୍ଷ ଅରୁଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଇସାଣପୁରରେ ଭତ୍ତା ହଡ଼ପ ଅଭିଯୋଗ

ଗୋପ,୨୪।୧୧(ଡି.ଏନ୍.ଏ.)

**କାର୍ଯ୍ୟାନୁଷ୍ଠାନ ଦାବିରେ କଂଗ୍ରେସ, ସିପିଆଇର ଧାରଣା**



ଗୋପ ବ୍ଲକ ଅଧୀନ ଇସାଣପୁର ପଞ୍ଚାୟତରେ ବିଭିନ୍ନ ସରକାରୀ ଯୋଜନାରେ ଦୁର୍ନୀତି ହେବା ସହ ମୃତ୍ୟୁ ଓ ବଞ୍ଚିତ ଲୋକଙ୍କ ନାମରେ ଭତ୍ତା ହଡ଼ପ ହେଉଥିବା ନେଇ ଅଭିଯୋଗ ହୋଇଛି। ଏହାସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ମଙ୍ଗଳବାର କଂଗ୍ରେସ ଓ ସିପିଆଇ ଦଳ ପକ୍ଷରୁ ବ୍ଲକ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଖବରପାଇ ବିଡିଓ ଦୀପ୍ତିରାଣୀ ଦାସ ଧାରଣାସ୍ଥଳରେ ପହଞ୍ଚି ଖୁବଶୀଘ୍ର ଏହାର ତଦନ୍ତ କରି ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ଇସାଣପୁର ପଞ୍ଚାୟତରେ ଭତ୍ତା, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହ ବିଭିନ୍ନ ସରକାରୀ ଯୋଜନାରେ ବ୍ୟାପକ ଦୁର୍ନୀତି ହେବା ନେଇ ଅଭିଯୋଗ ହୋଇ ଆସୁଥିଲା। ମାତ୍ର ବ୍ଲକ ପ୍ରଶାସନ ଏହାକୁ ଗୁରୁତ୍ୱ ଭାବେ ନ ନେବାରୁ ଦୁର୍ନୀତି ବଢ଼ିବାରେ ଲାଗୁଥିଲା। ଏହି ପଞ୍ଚାୟତର ନିରଞ୍ଜନ ଦଳାଇଙ୍କ ଭତ୍ତା ଟଙ୍କା ଆସୁଥିଲେ ମଧ୍ୟ ସେ ପାଉ ନ ଥିବା ନେଇ ଅଭିଯୋଗ କରିଥିଲେ। ପରେ ଏ ନେଇ ପଞ୍ଚାୟତର ଜଣେ ବ୍ୟକ୍ତି ଆର୍‌ଟିଆଇ ମାଧ୍ୟମରେ ତଥ୍ୟ ମାଗିବା ପରେ ଏହା ପଛରେ ଏକ ବଡ଼ ହରିଲୁଟ୍ ହେଉଥିବା ଜଣାପଡ଼ିଥିଲା। ଏହିଭଳି ଦେସୁଷ୍ଠି ଗ୍ରାମର ମୃତକ ବାସି ସାହୁ, ମହନିପୁର ଗ୍ରାମର ରାମଚନ୍ଦ୍ର ଖଟୋଇ ଓ ସୀତା ରାଉତଙ୍କ ନାମରେ ଭତ୍ତା ଟଙ୍କା ହଡ଼ପ ହେଉଥିବା ବେଳେ ବଞ୍ଚିତ ଥିବା ଶୈଳବାଳା ପରିଡ଼ା, ଶାନ୍ତି ଖଟୋଇଙ୍କ ନାମରେ ମଧ୍ୟ ଭତ୍ତା ଟଙ୍କା ଉଠାଯିବା ଘଟଣା ପଦାକୁ ଆସିଥିଲା। ଏହା ଜଣାପଡ଼ିବା ପରେ ଏହି ପଞ୍ଚାୟତ ଦାୟିତ୍ୱରେ ଥିବା ଅଧିକାରୀମାନେ ତତ୍‌କ୍ଷଣାତ୍ କେତେଜଣ ଭତ୍ତା ହିତାଧିକାରୀଙ୍କ ଘରେ ପହଞ୍ଚି ୧୪ ମାସର ଭତ୍ତା ଟଙ୍କା ଦେଇଥିଲେ। ଏହାର କିଛିଦିନ ପରେ ପୁଣି ସେଭଳି କାର୍ଯ୍ୟ ହେଉଥିବାର ଗ୍ରାମବାସୀ ଅଭିଯୋଗ କରିଥିଲେ। ତେବେ ଏହାର ତଦନ୍ତ ଦାବିରେ ମଙ୍ଗଳବାର ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ, ପୁରୀ ଜିଲା କୃଷକ ସଭା ସଭାପତି ମନୋରଞ୍ଜନ ପରିଡ଼ା, ସିପିଆଇ ଜିଲା ସମ୍ପାଦକ ପ୍ରଦୀପ ମହାନ୍ତି, ପ୍ରସନ୍ନ ଦାସଙ୍କ ସମେତ କଂଗ୍ରେସର କର୍ମୀ ଓ ଶତାଧିକ ଲୋକ ବ୍ଲକ ସମ୍ମୁଖରେ ବିଭିନ୍ନ ନାରାବାଜି ଦେଇ ଧାରଣା ଦେଇଥିଲେ। ପ୍ରାୟ ୩ ଘଣ୍ଟା ପରେ ବିଡିଓ ଦାସ, ବ୍ଲକ ଅଧ୍ୟକ୍ଷ ପ୍ରକାଶ ପରିଡ଼ା ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ଧାରଣାରୁ ଓହରିଥିଲେ। ଏ ନେଇ ବିଡିଓ ଦାସ କହିଛନ୍ତି, ଏହି ଅଭିଯୋଗ ସମ୍ପର୍କରେ ତୁରନ୍ତ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ।